


କେର୍‌ଙ୍କ ଶତକ: ନ୍ୟୁଜିଲାଣ୍ଡର ବିଶ୍ୱ ରେକର୍ଡ


▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-274 ◆THURSDAY ◆02 APRIL 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୨୭୪ ◆ଗୁରୁବାର ◆୦୨ ଏପ୍ରିଲ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## କ୍ରିମିଆରେ ରୁଷ ସାମରିକ ବିମାନ ଦୁର୍ଘଟଣା; ୩୫ ମୃତ



■ ମସ୍କୋ, ୧।୪ (ଏଜେନ୍ସି): ରୁଷର ଏକ ସାମରିକ ପରିବହନ ବିମାନ ଏଏନ୍-୨୬ କ୍ରିମିଆରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ୩୫ ଜଣଙ୍କର ମୃତ୍ୟୁ ଘଟିଛି। ବିମାନରେ ୨୯ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟ ଥିଲେ। ରୁଷର ନ୍ୟୁଜ ଏଜେନ୍ସି ତାସ୍ ଅନୁଯାୟୀ, ପ୍ରଥମେ ବିମାନ ସହ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିଲା ଏବଂ ପରେ ଏହା ଏକ ପାହାଡ଼ ବା ପଥର ଦେହରେ ପିଟି ହୋଇ ଚୂରମାର ହୋଇଥିଲା। ପ୍ରାଥମିକ ତଦନ୍ତରୁ ଏହା ଏକ ବୈଷୟିକ ତ୍ରୁଟି ଯୋଗୁଁ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଅନୁମାନ କରାଯାଉଛି। ତଥାପି ଏହାର ତଦନ୍ତ ଜାରି ରହିଛି। ଏଏନ୍-୨୬ ବିମାନ ସୋଭିଏତ ସମୟର ଏକ ପୁରୁଣା ସାମରିକ ପରିବହନ ବିମାନ, ଯାହାକୁ ଏଣ୍ଟୋନୋଭ କମ୍ପାନୀ ତିଆରି କରିଥିଲା। ଏହି ବିମାନ ପ୍ରଥମେ ୧୯୬୯ରେ ଉଡ଼ାଣ ଭରିଥିଲା। ଏହି ବିମାନ ସାଧାରଣତଃ ସୈନ୍ୟ ଓ ଯୁଦ୍ଧାସ୍ତ୍ର ପରିବହନ ପାଇଁ ବ୍ୟବହୃତ ହୋଇଥାଏ। ଏହା ଖରାପ ରନୱେରୁ ମଧ୍ୟ ଉଡ଼ାଣ ଭରିବାର କ୍ଷମତା ରଖିଥାଏ। ବିମାନର ଡିଜାଇନ୍ ୫୦ ବର୍ଷରୁ ଅଧିକ ପୁରୁଣା ହୋଇଥିବାରୁ ଏହାର ସୁରକ୍ଷାକୁ ନେଇ ବାରମ୍ବାର ପ୍ରଶ୍ନ ଉଠୁଛି। ଅନେକ ଦେଶ ଏବେ ଏହା ବଦଳରେ ଆଧୁନିକ ବିମାନ ବ୍ୟବହାର କରିବା ଆରମ୍ଭ କଲେଣି।

## ଭାରତ ହେବ ଦୁନିଆର ଡାଟା ହବ୍

**୫ ଲକ୍ଷ କୋଟିର ପୁଞ୍ଜିନିବେଶ ଆଶା**

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ଆଗାମୀ ଦିନରେ ଭାରତର ଡାଟା ସେଣ୍ଟର କ୍ଷେତ୍ର ନିବେଶକମାନଙ୍କ ପାଇଁ ଏକ ଆକର୍ଷଣୀୟ ସ୍ଥାନ ହୋଇ ରହିବ। କାରଣ ଇତି ମଧ୍ୟରେ ଭାରତ ସାରା ଦୁନିଆର ଡାଟା ହବ୍‌ରେ ପରିଣତ ହେବାକୁ ଯାଉଛି। ରିଅଲ୍ ଇଷ୍ଟେଟ୍ ପରାମର୍ଶଦାତା ସିବିଆର୍‌ଇ ପକ୍ଷରୁ ଏକ ରିପୋର୍ଟରେ ଏହା କୁହାଯାଇଛି। ରିପୋର୍ଟ ଅନୁଯାୟୀ, ଚଳିତ କ୍ୟାଲେଣ୍ଡର ବର୍ଷରେ ଭାରତ ଏହାର ଡାଟା ସେଣ୍ଟରରେ ୫୪ ବିଲିୟନ (ପ୍ରାୟ ୫ ଲକ୍ଷ କୋଟି ଟଙ୍କା)ରୁ ଅଧିକ ମୂଲ୍ୟର ନିବେଶ ଆକର୍ଷିତ କରିବ। ଇଣ୍ଡିଆ ଅଲଟରନେଟ୍ ସେକ୍ଟର ଆଉଟଲୁକ୍ ୨୦୨୬ ଶୀର୍ଷକ ଏହି ରିପୋର୍ଟରେ କୁହାଯାଇଛି ଯେ, ଚଳିତବର୍ଷ ଭାରତର ପ୍ରମୁଖ ସହରଗୁଡ଼ିକରେ ମୋଟ ଡାଟା ସେଣ୍ଟର ଷ୍ଟକ୍ ବାର୍ଷିକ ୩୦ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଏହି ସମୟ ମଧ୍ୟରେ ପ୍ରାୟ ୫୦୦ ମେଗାୱାଟ୍ ନୂତନ ଯୋଗାଣ ଯୋଡାଯିବାର ଆଶା କରାଯାଉଛି। ମୁଖ୍ୟତଃ ରେକର୍ଡ ୪୪୦ ମେଗାୱାଟ୍ ନୂତନ ଯୋଗାଣ ଯୋଡାଯିବା ଯୋଗୁଁ ୨୦୨୫ରେ ଦେଶର ମୋଟ ଡାଟା ସେଣ୍ଟର କ୍ଷମତା ୧୭୦୦ ମେଗାୱାଟରେ ପହଞ୍ଚିଛି।

### ଦିଲ୍ଲୀ ଗଲେ କଂଗ୍ରେସର ୬ ବିଧାୟକ

## ବଦଳିବେ ବିଧାୟକ ଦଳ ନେତା !

■ ଭୁବନେଶ୍ୱର, ୧।୪ (ସମିସ): ଦିଲ୍ଲୀ ଗସ୍ତରେ ଯାଇଛନ୍ତି କଂଗ୍ରେସର ୬ ବିଧାୟକ। ବୁଧବାର କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି, ମଙ୍ଗୁ ଖିଲ, ସତ୍ୟଜିତ ଗମାଙ୍ଗ, ସିଏସ୍ ରାଜନ ଏକ୍କା, ସାଗର ଦାସ, କାଦ୍ରାକା ଆପାଲା ସ୍ୱାମୀ ପ୍ରମୁଖ ଦିଲ୍ଲୀ ଗସ୍ତ କରିଛନ୍ତି। ହଠାତ କଂଗ୍ରେସ ବିଧାୟକଙ୍କ ଏହି ଦିଲ୍ଲୀ ଗସ୍ତ ପରେ କଂଗ୍ରେସ ରାଜନୀତି ସରଗରମ ହୋଇଛି। ଯଦିଓ ଠୋସ୍ ଭାବେ ଏହି ଗସ୍ତ ପଛର କାରଣ କିଛି ଜଣାପଡ଼ି ନାହିଁ, ହେଲେ ଦୁଇଟି ପ୍ରମୁଖ କାରଣ ପାଇଁ କଂଗ୍ରେସ ବିଧାୟକମାନେ ଦିଲ୍ଲୀ ଗସ୍ତ କରିଛନ୍ତି।

ଏହି ଗସ୍ତରେ ବିଧାୟକମାନେ ଏଆଇସିସି ସଂଗଠନ ସମ୍ପାଦକଙ୍କ ସମେତ ଏଆଇସିସି ଅଧ୍ୟକ୍ଷଙ୍କ ସହ ସାକ୍ଷାତ ଆଲୋଚନା ହୋଇପାରେ ବୋଲି ସୂଚନା ମିଳିଛି। ଏହି ଆଲୋଚନା ସମୟରେ ନିକଟରେ ଓଡ଼ିଶାରେ ସରିଥିବା ରାଜ୍ୟସଭା ନିର୍ବାଚନ ପ୍ରସଙ୍ଗରେ ମଧ୍ୟ ଆଲୋଚନା ହୋଇପାରେ। ତେବେ ପ୍ରମୁଖ ପ୍ରସଙ୍ଗ ଭାବେ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ତଥା କଂଗ୍ରେସ ବିଧାୟକ ନେତା ପଦ ପରିବର୍ତ୍ତନ ନେଇ ଦାବି ହୋଇପାରେ ବୋଲି ସୂଚନା ମିଳିଛି। ୨୦୨୪ ନିର୍ବାଚନରେ କଂଗ୍ରେସ ଦଳରୁ ମୋଟ୍ ୧୪ ଜଣ ବିଧାୟକ ଜିତିଥିବା ବେଳେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ ପାଇଁ ୩ ଜଣ ବିଧାୟକଙ୍କୁ ଦଳ ନିଲମ୍ବନ କରିଛି। ଏବେ କଂଗ୍ରେସ ବିଧାୟକ ଦଳରେ ୧୧ ଜଣ ସଦସ୍ୟ ରହିଛନ୍ତି। ତେବେ ଏହି ଗସ୍ତରେ ୬ ବିଧାୟକ ସାମିଲ ହୋଇଥିବା ବେଳେ ବର୍ତ୍ତମାନର କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ବିଧାୟକ ଦଳ ଉପନେତା ଅଶୋକ ଦାସ ଯାଇନାହାନ୍ତି। ସେମାନଙ୍କର ଦିଲ୍ଲୀ ଯିବାର କାର୍ଯ୍ୟକ୍ରମ ମଧ୍ୟ ନ ଥିବା ଜଣାପଡ଼ିଛି। ତେବେ ଏହି ଦୁଇ ବିଧାୟକଙ୍କ ବ୍ୟତୀତ ▶ପୃଷ୍ଠା-୭

# ଇରାନ ଯୁଦ୍ଧ ବନ୍ଦ ନେଇ ଅନିଶ୍ଚିତତା

## ଟ୍ରମ୍ପଙ୍କ ଯୁଦ୍ଧବିରତି ଦାବିକୁ ଇରାନର ପ୍ରତ୍ୟାଖ୍ୟାନ

■ ୱାସିଂଟନ, ୧।୪ (ଏଜେନ୍ସି): ମଧ୍ୟପ୍ରାଚ୍ୟରେ ଚାଲିଥିବା ଇରାନ-ଆମେରିକା-ଇସ୍ରାଏଲ ଯୁଦ୍ଧର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଦୁଇ ତିନି ସପ୍ତାହ ମଧ୍ୟରେ ଯୁଦ୍ଧରୁ ଆମେରିକା ଓହରିଯିବ ବୋଲି ରାଷ୍ଟ୍ରପତି ଟ୍ରମ୍ପ ସୂଚନା ଦେଲା ପରେ ଆଜି କହିଥିଲେ ଯେ ଇରାନ ଯୁଦ୍ଧବିରତି ପାଇଁ ପ୍ରସ୍ତାବ ଦେଇଛି। ତେବେ ହର୍ମୁଜ ଖୋଲିଲେ ଯାଇ ଯୁଦ୍ଧବିରତି ସମ୍ଭବ ବୋଲି କହିଥିଲେ। କିନ୍ତୁ ଇରାନ ଆଜି ଟ୍ରମ୍ପଙ୍କ



**ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତଭେଦ**

**ଚୁକ୍ତି ବିନା ଇରାନ ଛାଡ଼ିବାକୁ ଟ୍ରମ୍ପ ପ୍ରସ୍ତୁତ**

**ଇରାନ ଉପରେ ଆକ୍ରମଣ ଜାରି ରହିବ: ଇସ୍ରାଏଲ**

ଏହି ଦାବିକୁ ଖାରଜ କରିଦେଇ କହିଛି ଯେ ଯୁଦ୍ଧବିରତି ପାଇଁ ଇରାନ କୌଣସି ପ୍ରସ୍ତାବ ଦେଇନାହିଁ। ଟ୍ରମ୍ପ ମିଛ କହୁଛନ୍ତି ବୋଲି ଇରାନ ବୈଦେଶିକ ମନ୍ତ୍ରୀ କହିବା ପରେ ପରିସ୍ଥିତି ପୁଣି ଜଟିଳ ହୋଇପଡ଼ିଛି। ସେ କହିଛନ୍ତି ଯେ କେବଳ ଇରାନ ସର୍ତ୍ତରେ ହିଁ ଯୁଦ୍ଧବିରତି ସମ୍ଭବ। ଟ୍ରମ୍ପଙ୍କ ନାଲିଆଖିରେ ଡରିଯିବ ନାହିଁ। ହର୍ମୁଜ ସମ୍ପୂର୍ଣ୍ଣ ରୂପେ ଇରାନ ନିୟନ୍ତ୍ରଣରେ ରହିଛି। ଏହା ଉପରେ ହମଲା ହେଲେ ଏହାର ▶ପୃଷ୍ଠା-୭

# କାଳର କଷଟିରେ ଚମକିଲେ ବିଜୁ

## କ୍ଷମାପ୍ରାର୍ଥନା କଲେ ନିଶିକାନ୍ତ, ଭୂୟସୀ ପ୍ରଶଂସା କଲେ ମୋଦୀ

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧।୪ (ସମିସ): ନିଆଁରେ ପୋଡ଼ିଲେ ସୁନାର ଶୁଦ୍ଧତା କମି ଯାଏ ନାହିଁ, ବରଂ ଏହା ଅଧିକ ଜାଜ୍ୱଲ୍ୟମାନ ହୁଏ। ଏବେ ବିଜୁ ପଟ୍ଟନାୟକଙ୍କ କ୍ଷେତ୍ରରେ ଠିକ୍ ତାହାହିଁ ଘଟିଛି। ପ୍ରଖର ରାଷ୍ଟ୍ରବାଦୀ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଅସ୍ମିତାର ପ୍ରଚଣ୍ଡ ପ୍ରବକ୍ତା, ଓଡ଼ିଶା ପ୍ରାଣ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପରଲୋକର ତିନି ଦଶନ୍ଧି ପରେ ବିଜେପି ସାଂସଦ ନିଶିକାନ୍ତ ଦୁବେ ତାଙ୍କ ସମ୍ପର୍କରେ ଦେଇଥିବା ଅକଥ୍ୟ ଓ ଘୃଣ୍ୟ ମନ୍ତବ୍ୟ ବିଜୁ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱକୁ ଅଧିକ ଉଜ୍ଜ୍ୱଳ କରିଛି। ଓଡ଼ିଶାରେ ଏହାକୁ ନେଇ ଦଳମତ ନିର୍ବିଶେଷରେ ତୀବ୍ର ବିରୋଧ ହୋଇଛି। ବିଧାନସଭାରେ ଏହାକୁ ନେଇ ନିନ୍ଦା ପ୍ରସ୍ତାବ ଆସିଛି। ଦେଶର ପ୍ରାୟ ସବୁ ରାଜନୈତିକ ଦଳ, ଏପରିକି ନିଶିକାନ୍ତଙ୍କ ଦଳର ଅନେକ ନେତା ମଧ୍ୟ ବିଜୁଙ୍କ ପ୍ରତି ଏପରି ମନ୍ତବ୍ୟକୁ ଗ୍ରହଣ କରିନାହାନ୍ତି। ସଂସଦ ଓ ସଂସଦ ବାହାରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ନିଶିକାନ୍ତଙ୍କୁ ଭର୍ତ୍ସନା କରିଛନ୍ତି। ବିଜୁବାବୁ କେବଳ ଓଡ଼ିଶାର ରତ୍ନ



**ବିଜୁବାବୁ ରାଷ୍ଟ୍ରନାୟକ ଥିଲେ ଓ ରହିବେ: ଦୁବେ** | **ବିଜୁବାବୁ ଅତୁଟ ପ୍ରତିବଦ୍ଧତାର ପ୍ରତୀକ: ମୋଦୀ**

ନୁହନ୍ତି, ସାରା ଭାରତର ରତ୍ନ ଓ ଅନ୍ୟତମ ସାହସୀ ସନ୍ତାନ ବୋଲି ଅଭିହିତ କରିଛନ୍ତି। ସ୍ୱାଧୀନତା ପୂର୍ବ ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ସ୍ୱାଧୀନୋତ୍ତର ଭାରତରେ ବିଜୁ ପଟ୍ଟନାୟକଙ୍କ ଦେଶପ୍ରେମକୁ ସ୍ମରଣ କରିଛନ୍ତି। ଏହି ପ୍ରସଙ୍ଗରେ କଟୁ ସମାଲୋଚନାର ଶିକାର ହେବା ପରେ ଶେଷରେ ନିଶିକାନ୍ତ କ୍ଷମାପ୍ରାର୍ଥନା କରିଛନ୍ତି।

ଅନ୍ୟପକ୍ଷରେ ଓଡ଼ିଶା ଦିବସ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲେଖିଥିବା ଚିଠିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୁବାବୁଙ୍କୁ ଭୁରିଭୁରି ପ୍ରଶଂସା କରିବା ସହ ସାହସୀ ଓ ଦେଶ ଗଠନର ପ୍ରତୀକ ଭାବରେ ଅଭିହିତ କରିଛନ୍ତି। ବିଜୁଙ୍କୁ ପ୍ରଶଂସା ସହ ନିଶିକାନ୍ତ ଦୁବେଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶା ସହ ସାରା ଦେଶରେ ସୃଷ୍ଟି ହୋଇଥବା ବିବାଦକୁ ଶାନ୍ତ କରିବାକୁ ପ୍ରୟାସ କରିଛନ୍ତି ପ୍ରଧାନମନ୍ତ୍ରୀ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ବିବାଦୀୟ ଟିପ୍ପଣୀକୁ ସାରା ଦେଶରେ ବିରୋଧ ଓ ସମାଲୋଚନା ପରେ ଶେଷରେ ମୁଣ୍ଡ ନୁଆଁଇଛନ୍ତି ବିଜେପି ସାଂସଦ ନିଶିକାନ୍ତ ଦୁବେ। ବୁଧବାର ଏକ୍ସରେ ସେ କହିଛନ୍ତି ଯେ ନେହେରୁ-ଗାନ୍ଧୀ ପରିବାରର କାର୍ଯ୍ୟକଳାପ ସମ୍ପର୍କରେ ବକ୍ତବ୍ୟ ରଖିବା ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦେଶର ବିଶିଷ୍ଟ ରାଜନେତା ଆଦରଣୀୟ ବିଜୁ ପଟ୍ଟନାୟକଙ୍କ ସମ୍ପର୍କରେ ତାଙ୍କର କଥାରୁ ଭୁଲ୍ ଅର୍ଥ ବାହାର କରାଯାଇଛି। ▶ପୃଷ୍ଠା-୭

## ବାଣିଜ୍ୟିକ ଗ୍ୟାସ ସିଲିଣ୍ଡର ମୂଲ୍ୟ ୨୧୮ ଟଙ୍କା ବଢ଼ିଲା

■ ନୂଆଦିଲ୍ଲୀ, ୧।୪ (ଏଜେନ୍ସି): ନୂତନ ଆର୍ଥିକବର୍ଷ ଆରମ୍ଭରୁ ରନ୍ଧନ ଗ୍ୟାସ୍‌ର ବାଣିଜ୍ୟିକ ଉପଭୋକ୍ତାଙ୍କୁ ଲାଗିଛି ବଡ଼ ଝଟ୍‌କା। କାରଣ କେନ୍ଦ୍ର ସରକାର ବୁଧବାର ହଠାତ୍ ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟରେ ବୃଦ୍ଧି ଘଟାଇଛନ୍ତି। ଏଥିରେ ସିଲିଣ୍ଡର ପିଛା ଦର ଏକାଥରକେ ୨୧୮ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି ଘଟିଛି। ମଧ୍ୟ ପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ବାଣିଜ୍ୟିକ ସିଲିଣ୍ଡର ମୂଲ୍ୟରେ ଏହି ବୃଦ୍ଧି କରାଯାଇଛି। ଯୁଦ୍ଧ ସ୍ଥିତିରେ ଅନ୍ତର୍ଜାତୀୟ ବଜାରରେ ମୂଲ୍ୟରେ ତୀବ୍ର ବୃଦ୍ଧି ଯୋଗୁ ସରକାର ଏହି ପଦକ୍ଷେପ ନେଇଥିବା କୁହାଯାଉଛି। ବିଶ୍ୱସ୍ତରୀୟ ଏଲପିଜି ଯୋଗାଣର ୨୦-୩୦ ପ୍ରତିଶତ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରଭାବିତ ହେଉଛି, ଯାହା ଯୋଗାଣ ଶୃଙ୍ଖଳକୁ ସଙ୍କୋଚିତ କରିଛି। ଏହା ମୂଲ୍ୟ ବୃଦ୍ଧି କରିଛି। ତେବେ ଚେନ୍ନାଇରେ ଏହି ମୂଲ୍ୟ ସର୍ବାଧିକ ୨୨୬.୫୦ ଟଙ୍କା ଓ ଦିଲ୍ଲୀରେ ଏହି ମୂଲ୍ୟ ୨୦୭୮.୫୦ ଟଙ୍କାକୁ ବୃଦ୍ଧି ପାଇଛି। ବାଣିଜ୍ୟିକ ସିଲିଣ୍ଡରର ମୂଲ୍ୟ ବୃଦ୍ଧି ଯୋଗୁ ରେଷ୍ଟୋରାଁ ମାଲିକମାନଙ୍କର ଖର୍ଚ୍ଚ ବୃଦ୍ଧି ପାଇବ। ଫଳସ୍ୱରୂପ, ଖୁଚୁରା ବଜାରରେ ଚା, ଜଳଖିଆ ଏବଂ ମିଲ୍‌ର ମୂଲ୍ୟ ବୃଦ୍ଧି ପାଇବ। ଏଥିରେ ବିବାହ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଆୟୋଜନ ପାଇଁ ଖାଦ୍ୟ ଯୋଗାଣ ମଧ୍ୟ ମହଙ୍ଗା ହୋଇପାରେ।

# ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ଦୀର୍ଘ ଚିଠି

**ରାଜ୍ୟବାସୀଙ୍କୁ ଜଣାଇଲେ ଉତ୍କଳ ଦିବସର ଶୁଭେଚ୍ଛା**

**ଓଡ଼ିଶାର ଐତିହ୍ୟ, ସଂସ୍କୃତିର ପ୍ରଶଂସା ସହ ସହଯୋଗ ଉଲ୍ଲେଖ**

**ଓଡ଼ିଶାର ବାସ୍ତବ ମହାନତା ଏହାର ଲୋକମାନଙ୍କ ପାଖରେ ରହିଛି**

**ଲୋକଙ୍କ ସ୍ୱପ୍ନ ପୂରଣ କରିବାରେ କୌଣସି ସୁଯୋଗ ଛଡ଼ାଯିବ ନାହିଁ**

■ ଭୁବନେଶ୍ୱର, ୧।୪ (ସମିସ): ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୪ ପୃଷ୍ଠାର ଚିଠି ଲେଖିଛନ୍ତି। ଚିଠିରେ ଉତ୍କଳ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ଗୁଣଗାନ ଏବଂ ଉଚ୍ଚ ପ୍ରଶଂସା କରିଛନ୍ତି। ଓଡ଼ିଶା ଲୋକଙ୍କ ସହ ନିଜର ଭାବଗତ ସମ୍ପର୍କ ବାବଦରେ ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିବା ସହ ଓଡ଼ିଶରା ବିକାଶ କ୍ଷେତ୍ରରେ ମଧ୍ୟ ଆଲୋକପାତ କରିଛନ୍ତି।

ନିଜ ଚିଠିରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟର ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଓଡ଼ିଶା ଏହାର ଗୌରବଶାଳୀ ଇତିହାସ ଏବଂ ଏହି ଅସାଧାରଣ ରାଜ୍ୟର ଲୋକମାନଙ୍କୁ ଦେଖିଲେ ଯେକୌଣସି ବ୍ୟକ୍ତି ଚକିତ ହୋଇଯିବ। ଓଡ଼ିଆ ସଂସ୍କୃତି ଏକ ସଭ୍ୟତାଗତ ଐତିହ୍ୟ। ଓଡ଼ିଶାରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେବା ଭଳି ଶକ୍ତି ରହିଛି। ସର୍ବୋପରି ଏଠାରେ ପୁରୀର ଶ୍ରୀ ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ମନ୍ଦିର, କୋଣାର୍କ ସୂର୍ଯ୍ୟ ମନ୍ଦିର ଏବଂ ଏପରି ଅନେକ ପ୍ରତିଷ୍ଠିତ ସ୍ଥଳୀ ନିର୍ମାଣ କରାଯାଇଛି, ଯାହା ଆଜି ମଧ୍ୟ ସଗୌରବେ ଦଣ୍ଡାୟମାନ। ଭାରତ ସମେତ ସାରା ବିଶ୍ୱରେ ଓଡ଼ିଶୀ ନୃତ୍ୟ ଅତ୍ୟନ୍ତ ଲୋକପ୍ରିୟତା ଅର୍ଜନ କରିଛି। ରାଜ୍ୟର ସମୃଦ୍ଧ ସଙ୍ଗୀତ ପରମ୍ପରା, ପର୍ବପର୍ବାଣୀ ଏବଂ ଲୋକପ୍ରଥା ଗୁଡ଼ିକ ଏପରି ଏକ ସମାଜକୁ ପ୍ରତିଫଳିତ କରିଥା'ନ୍ତି ଯାହା ନିଜର ଆଧ୍ୟାତ୍ମିକ ମୂଳଦୁଆ ସହିତ ଗଭୀର ଭାବେ ଜଡ଼ିତ। ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ମଧ୍ୟ ରାଜ୍ୟରେ ଏକ ଅନନ୍ୟ ବୈଶିଷ୍ଟ୍ୟ ଯୋଡ଼ିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ବକ୍ସି ଜଗବନ୍ଧୁ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ସାହସ ବିଷୟରେ ତ' ସମସ୍ତେ ଜାଣନ୍ତି । ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ନାରାୟଣ ଦେଓ, ମଧୁସୂଦନ ଦାସ, ▶ପୃଷ୍ଠା-୭

### ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ନିଯୁକ୍ତି ଦେଲେ ସରକାର

## ୨୬ ଜିଲ୍ଲାରେ ବିଧାୟକ, ୪ ଜିଲ୍ଲାରେ ମନ୍ତ୍ରୀଙ୍କୁ ଦାୟିତ୍ୱ

**ଦେବଗଡ଼, ଗଜପତି, ରାୟଗଡା ଓ ସମ୍ବଲପୁରରେ ମନ୍ତ୍ରୀ ହେଲେ ଡିପିସି ଅଧ୍ୟକ୍ଷ**

■ ଭୁବନେଶ୍ୱର, ୧।୪ (ସମିସ): ରାଜ୍ୟରେ ବିଜେପି ସରକାର ଗଠନ ହେବାର ୧୯ ମାସ ପରେ ଜିଲ୍ଲା ଯୋଜନା କମିଟି(ଡିପିସି) ପୁନର୍ଗଠିତ ହୋଇଛି। ସରକାର ୩୦ଟି ଜିଲ୍ଲାରେ ଡିପିସି ଗଠନ ସହ ଏହାର ଅଧ୍ୟକ୍ଷଙ୍କୁ ନିଯୁକ୍ତି କରିଛନ୍ତି। ବିଭିନ୍ନ ଜିଲ୍ଲାର ଡିପିସି ଅଧ୍ୟକ୍ଷ ଭାବରେ ମନ୍ତ୍ରୀ ଓ ବିଧାୟକଙ୍କୁ ନିଯୁକ୍ତି ମିଳିଛି। ୪ ଜଣ ମନ୍ତ୍ରୀ ଡିପିସି ଅଧ୍ୟକ୍ଷ ହୋଇଥିବା ବେଳେ ୨୬ ଜିଲ୍ଲାରେ ବିଧାୟକ ମାନେ ଜିଲ୍ଲା ଯୋଜନା କମିଟିର ନେତୃତ୍ୱ ନେବେ। ଏନେଇ ବୁଧବାର ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ବିଜ୍ଞପ୍ତି ଅନୁଯାୟୀ ଦେବଗଡ଼ ଜିଲ୍ଲାରେ ଡିପିସି ଅଧ୍ୟକ୍ଷ ଭାବେ ମନ୍ତ୍ରୀ ସୂରେଶ ପୂଜାରୀଙ୍କୁ ଦାୟିତ୍ୱ ମିଳିଥିବା ବେଳେ ଗଜପତିରେ ଡିସିପି ଅଧ୍ୟକ୍ଷ ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ନିଯୁକ୍ତି ମିଳିଛି। ସେହିପରି ରାୟଗଡାରେ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ସମ୍ବଲପୁରରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଦାୟିତ୍ୱ ସମ୍ଭାଳିବେ। ▶ପୃଷ୍ଠା-୭

**ସରିଲା ବଜେଟ ଅଧିବେଶନ**

# ଏକ ହୋଇ ସରକାରଙ୍କୁ ଘାଇଲା କଲେ ବିରୋଧୀ

## ରାଜନୈତିକ ସମୀକ୍ଷକଙ୍କ ମତ, ସରକାରଙ୍କ ରାସ୍ତା ଆଗକୁ ହୋଇପାରେ ବନ୍ଧୁର

**କଂଗ୍ରେସ, ବିଜେଡିର ସଂକେତ; ରାଜ୍ୟସ୍ୱାର୍ଥ ପ୍ରସଙ୍ଗରେ ସରକାରଙ୍କୁ ଜାରି ରହିବ ମିଳିତ ବିରୋଧ**

**ରାଜ୍ୟରେ ନୂଆ ରାଜନୈତିକ ସମୀକରଣ ନେଇ ବଢ଼ିଲାଣି ଚର୍ଚ୍ଚା**

■ ଭୁବନେଶ୍ୱର, ୧।୪ (ସମିସ): ନିର୍ଦ୍ଧାରିତ ୫ଟି କାର୍ଯ୍ୟଦିବସ ପୂର୍ବରୁ ବିଧାନସଭାର ବଜେଟ ଅଧିବେଶନ ମଙ୍ଗଳବାର ବିଳମ୍ବିତ ରାତିରେ ଶେଷ ହୋଇଛି। ଗତ ଫେବ୍ରୁଆରୀ ୧୭ ତାରିଖରେ ଅଧିବେଶନ ଆରମ୍ଭ ହୋଇଥିବା ବେଳେ ଏହା ଦୁଇଟି ପର୍ଯ୍ୟାୟରେ ଚାଲିଥିଲା। ପ୍ରଥମ ପର୍ଯ୍ୟାୟ ୭ ଦିନିଆ ଥିବାବେଳେ ଏଥିରୁ ମଣ୍ଡି ଅବ୍ୟବସ୍ଥା ଏବଂ ଚାଷୀ ଶୋଷଣକୁ ନେଇ ୬ ଦିନ ଗୃହ ଅଚଳ କରିଥିଲେ ବିରୋଧୀ। ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ୯ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏସସିବି ମେଡିକାଲ ଆଇସିୟୁରେ ଅଗ୍ନିକାଣ୍ଡ ଘଟଣାରେ ୧୩ ଜଣଙ୍କ ମୃତ୍ୟୁକୁ ନେଇ ଗୃହ ହୁଲୁସ୍ଥୁଲ କରିଥିଲେ ବିରୋଧୀ। ବିରୋଧୀ ଦଳ ୧୭ ତାରିଖରୁ ଆଦୌ ଗୃହକାର୍ଯ୍ୟରେ ଭାଗ ନେଇନଥିବା ବେଳେ ଶେଷଦିନ ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ତେବେ ଚଳିତ ଅଧିବେଶନରେ ବିରୋଧୀ ବିଜେଡି-କଂଗ୍ରେସର ଯୁଗଳବନ୍ଦୀ ଏବେ ସରକାରଙ୍କ ପାଇଁ ଆଗାମୀ ଦିନରେ ବଡ଼ ଆହ୍ୱାନ ସାଜିବାକୁ ଯାଉଛି ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି। ଏପରିକି ବିଜେଡି ତଥା କଂଗ୍ରେସର ଶୀର୍ଷ ନେତାଏ ମଧ୍ୟ ଏନେଇ ସଂକେତ ମଧ୍ୟ ଦେଇ ସାରିଲେଣି। ଯେକୌଣସି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଉଭୟ ବିଧାୟନସଭା ଭିତରେ ଏବଂ ବାହାରେ ବିରୋଧୀ ସମ୍ମିଳିତ ଭାବରେ ସରକାରଙ୍କୁ ଆକ୍ରମଣ କରିବାରେ କୌଣସି ସୁଯୋଗ ହାତଛଡ଼ା କରିବ ନାହିଁ ବୋଲି ବର୍ତ୍ତମାନର ହାବଭାବରୁ ସ୍ପଷ୍ଟ ଅନୁମାନ କରାଯାଉଛି। ଯାହା ସରକାରଙ୍କ ଆଗାମୀ ରାସ୍ତାକୁ ବନ୍ଧୁର କରିବ ଏବଂ ରାଜ୍ୟରେ ନୂଆ ରାଜନୈତିକ ବାତାବରଣ ସୃଷ୍ଟି କରିବ ବୋଲି ଆକଳନ କରୁଛନ୍ତି ରାଜନୈତିକ ସମୀକ୍ଷକ।

ବଜେଟ ଅଧିବେଶନର ଦ୍ୱିତୀୟ ଦିନରୁ ହିଁ ବିରୋଧୀ ମିଳିତ ଭାବରେ ସରକାରଙ୍କୁ ଷଣ୍ଢପୁଆସୀ ଆକ୍ରମଣ କରିବା ଆରମ୍ଭ କରିଥିଲେ। ଧାନ ବିକ୍ରି ଏବଂ ଚାଷୀ କଷଣ ବିଷୟକୁ ନେଇ ବିଜେଡି-କଂଗ୍ରେସ, ସିପିଏମ ବିଧାୟକ ଗୃହ ହୁଲୁସ୍ଥୁଲ କରିଥିଲେ। ବିରୋଧୀଙ୍କ ଏପରି ସଶକ୍ତ ଆକର୍ମଣକୁ ନେଇ ମଧ୍ୟ ବିଧାନଶଭାରେ ଅସ୍ୱାଭାବିକ ସ୍ଥିତିର ସାମ୍ନା କରିଥିଲେ ସରକାର। ତେବେ ସଦ୍ୟ ସମାପ୍ତ ରାଜ୍ୟସଭା ନିର୍ବାଚନ ସରକାରଙ୍କ ବିରୋଧରେ ବିରୋଧୀଙ୍କୁ ଏକାଠି ହେବାକୁ ଏକ ବଡ଼ ମଉକା ଦେଇଦେଲା ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି। ବିରୋଧୀ ଦଳ ମିଳିତ ପ୍ରାର୍ଥୀ ଭାବେ ଡାକ୍ତର ଦତ୍ତେଶ୍ୱର ହୋତା ▶ପୃଷ୍ଠା-୭

### ବାଲେଶ୍ୱର ଜିଲ୍ଲା ରାଜନୀତିରେ ନୂଆ ଦିଶା

# ବିଜେପିରେ ଖସୁଛି ପୁରୁଣାଙ୍କ ପତିଆରା

**▶▶ ପୁରୁଖାଙ୍କୁ ଚେକ୍ ଦେବେ ଆମଦାନୀ ନେତା**

**▶▶ ବସ୍ତାରେ ବଳ ଗୋଟାଉଛନ୍ତି ରଘୁନାଥ**

**▶▶ ବାର୍ ନିର୍ବାଚନରେ ବିଜେପି ଚିତ୍‌ପଟାଙ୍ଗ**

■ ବାଲେଶ୍ୱର, ୧।୪ (ସମିସ): ବାଲେଶ୍ୱର ରାଜନୀତି ଏବେ ରାଜ୍ୟ ରାଜନୈତିକ ମହଲରେ ଫୋକସ୍‌ରେ ରହିଛି। ନିକଟ ଅତୀତରେ ଉଭୟ ବିଜେପି-ବିଜେଡି ନେତାଙ୍କ ପାଶ୍ୱର୍ ପରିବର୍ତ୍ତନ ହୋଇଛି; କିନ୍ତୁ ଦଳ ବଦଳି ଥିବା ନେତାଙ୍କ ମଧ୍ୟରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ପାଇଁ ବିଜେପି ଇକୋ ସିଷ୍ଟମ୍ ସଂପୂର୍ଣ୍ଣ ନୂଆ। ରବୀନ୍ଦ୍ର ବିଜେପିରେ ଯୋଗ ଦେବା ପରଠୁ ରାଜ୍ୟ ଓ କେନ୍ଦ୍ରରେ ଯାଇ କିଛି ନେତାଙ୍କୁ ଭେଟିବାରେ ବ୍ୟସ୍ତ ଥିବା ଦେଖିବାକୁ ମିଳୁଛି। ତେବେ ତାଙ୍କ ଯୋଗଦାନ ପରେ ବାଲେଶ୍ୱର ବିଜେପି ସଂଗଠନ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ହେଉ ସଂଗଠନକୁ ସୁଦୃଢ଼ କରିବା ପାଇଁ କୌଣସି ବୈଠକ ବି ବସିନାହିଁ। ଏବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଇଙ୍ଗିତରେ ଚାଲୁଥିବା ବିଜେପି ଜିଲ୍ଲା ସଂଗଠନ ରବୀନ୍ଦ୍ରଙ୍କ ଆଗମନକୁ ଏତେଟା ଗୁରୁତ୍ୱ ଦେଉନାହାନ୍ତି। ଜିଲ୍ଲାରୁ ଜିତିଥିବା ବିଜେପି ବିଧାୟକମାନେ ମଧ୍ୟ ହାତେ ମାପି ଚାଖଣ୍ଡେ ଚାଲୁଥିବା ଦେଖିବାକୁ ମିଳୁଛି। ଅନ୍ୟପଟେ ପ୍ରତାପଙ୍କ ସଙ୍ଗଠନ ସମାନ୍ତରାଳରେ ଜିଲ୍ଲାରେ ଆଉ ଏକ ସଂଗଠନ ମୁଣ୍ଡ ଟେକୁଥିବା ଇଙ୍ଗୀତ ମିଳୁଛି। ଆଜି ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କୁ ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଭାବେ ଘୋଷଣା କରାଯାଇଛି। ପ୍ରଥମେ ବାଲେଶ୍ୱର ବିଜେପି ସଂଗଠନରେ ରବୀନ୍ଦ୍ରଙ୍କୁ ସାମିଲ କରିବା ଏବେ ପଦ୍ମଲୋଚନଙ୍କୁ ଜିଲ୍ଲା ଯୋଜନା ବୋର୍ଡ ମାଧ୍ୟମରେ ଆଗକୁ ଆଣିବା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବାଲେଶ୍ୱର ସଂଗଠନରେ ନିଜର ପତିଆରା ବଢ଼ାଇବାକୁ ଡବଲ୍ ଗୋଟି ଚାଳନା ବୋଲି ବିଜେପି ଅନ୍ଦର ମହଲରେ ଚର୍ଚ୍ଚା ହେଉଛି। ▶ପୃଷ୍ଠା-୭



## କେବଳ ଅମରାବତୀ ହେବ ଆନ୍ଧ୍ରପ୍ରଦେଶର ରାଜଧାନୀ

ନୂଆଦିଲ୍ଲୀ, ୧।୪(ଏଜେନ୍ସି): ଭାରତୀୟ ସଂସଦର ବଜେଟ୍ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ଦୁଇଦିନ ବାକିଥିବା ବେଳେ, ବୁଧବାର କିଛି ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ ହୋଇଛି। ଏହିକ୍ରମରେ ଲୋକସଭାରେ 'ଆନ୍ଧ୍ରପ୍ରଦେଶ ପୁନର୍ଗଠନ (ସଂଶୋଧନ) ବିଲ୍ ୨୦୨୬' ପାରିତ ହୋଇଛି। ଏହି ବିଲ୍ ଅନୁଯାୟୀ, ଅମରାବତୀକୁ ଆନ୍ଧ୍ରପ୍ରଦେଶର ଏକମାତ୍ର ଏବଂ ସ୍ଥାୟୀ ରାଜଧାନୀ ଭାବେ ଆଇନଗତ ମାନ୍ୟତା ମିଳିବ। ଏହି ନିୟମ ୨୦୨୪ ଜୁନ୍ ୨ ତାରିଖରୁ ପିଛିଲା ଭାବେ ଲାଗୁ ହେବ। ସେହିପରି ରାଜ୍ୟସଭାରେ ସିଏପିଏଫ୍ (ସାଧାରଣ ପ୍ରଶାସନ) ବିଲ୍ ୨୦୨୬ ଧ୍ୱନି ମତରେ ପାରିତ ହୋଇଛି। ସେହିପରି ବ୍ୟବସାୟିକ କାର୍ଯ୍ୟକୁ ସହଜ ଓ ସୁଗମ କରିବା ପାଇଁ କିଛି ନିୟମକୁ ଅପରାଧ ମୁକ୍ତ କରିବାକୁ 'ଜନ ବିଶ୍ୱାସ ବିଲ୍ ୨୦୨୬' ଉପରେ ଲୋକସଭାରେ ଆଲୋଚନା ହୋଇଛି।

## ଆମେରିକାରେ ଏଫ୍-୩୫ ଦୁର୍ଘଟଣାଗ୍ରସ୍ତ

ଲସଭେଗାସ, ୧।୪(ଏଜେନ୍ସି): ଆମେରିକାର ଲସଭେଗାସ୍‌ରେ ଏକ ଏଫ୍-୩୫ ଲଢୁଆ ବିମାନ ଦୁର୍ଘଟଣା ଶିକାର ହୋଇଛି। ଆମେରିକୀୟ ବାୟୁସେନା ଅନୁଯାୟୀ, ଏହି ଦୁର୍ଘଟଣା ନେଲିସ୍ ଏୟାରଫୋର୍ସ ବେସ୍ ନିକଟରେ ଘଟିଛି। ଦୁର୍ଘଟଣା ସମୟରେ ପାଇଲଟ୍ ଜଣକ ଠିକ୍ ସମୟରେ ବିମାନରୁ ବାହାରି ଆସିବାରେ ସଫଳ ହୋଇଥିଲେ, ଯାହା ଫଳରେ ତାଙ୍କ ଜୀବନ ରକ୍ଷା ପାଇଯାଇଛି। ପାଇଲଟଙ୍କୁ ସାମାନ୍ୟ ଆଘାତ ଲାଗିଛି ଏବଂ ତାଙ୍କର ଚିକିତ୍ସା ଚାଲିଛି। ବିମାନଟି ନେଭାଡ଼ା ଟେଷ୍ଟ ଆଣ୍ଡ ଟ୍ରେନିଂ ରେଞ୍ଜର ଏକ ନିଷିଦ୍ଧ ଅଞ୍ଚଳରେ ଖସି ପଡ଼ିଥିଲା। ଏହି ଘଟଣାରେ ସାଧାରଣ ଜନତାଙ୍କର କୌଣସି କ୍ଷତି ହୋଇନାହିଁ। ବିମାନଟି କେଉଁ କାରଣରୁ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ବାୟୁସେନା ପକ୍ଷରୁ ଏହାର ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଏଫ୍-୩୫ ବିଶ୍ୱର ସବୁଠାରୁ ଅତ୍ୟାଧୁନିକ ଯୁଦ୍ଧ ବିମାନ ମଧ୍ୟରୁ ଅନ୍ୟତମ, ତେଣୁ ଏହି ଘଟଣାକୁ ଗୁରୁତର ସହ ନିଆଯାଇଛି।

## ବେରୁଟ୍‌ରେ ହିଜବୁଲ୍ଲା କମାଣ୍ଡରଙ୍କୁ ଇସ୍ରାଏଲ ସେନାର ହତ୍ୟା

ବେରୁଟ, ୧।୪(ଏଜେନ୍ସି): ଇସ୍ରାଏଲ ନୌସେନା ପକ୍ଷରୁ ଲେବନନ ରାଜଧାନୀ ବେରୁଟ୍‌ରେ କରାଯାଇଥିବା ଶକ୍ତିଶାଳୀ ଆକ୍ରମଣରେ ଜଣାଶୁଣା ଆତଙ୍କବାଦୀ ସଂଗଠନ ହିଜବୁଲ୍ଲାର ଜଣେ ଶୀର୍ଷ ସାମରିକ କମାଣ୍ଡର ନିହତ ହୋଇଛନ୍ତି। ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ତରଫରୁ ଏ ନେଇ ସୂଚନା ଦିଆଯାଇଛି। ହିଜବୁଲ୍ଲାର ସଦର୍ଣ୍ଣ ଫ୍ରଣ୍ଟର ମୁଖ୍ୟ ହାଜ୍ ୟୁସୁଫ୍ ଇସମାଇଲ ହାସେମ୍ ଏହି ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ଦକ୍ଷିଣ ଲେବାନନରେ ହିଜବୁଲ୍ଲାର ସମସ୍ତ ସାମରିକ କାର୍ଯ୍ୟକଳାପ ପାଇଁ ଦାୟୀ ଥିଲେ। ହାସେମ ହିଜବୁଲ୍ଲାର ଜଣେ ଅତି ପୁରୁଣା ଏବଂ ପ୍ରଭାବଶାଳୀ ନେତା ଥିଲେ। ଯାହାଙ୍କର ପାଖାପାଖି ୪୦ ବର୍ଷର ସାମରିକ ଅଭିଜ୍ଞତା ରହିଥିଲା। ସେ ହଜାର ହଜାର ଆକ୍ରମଣର ଯୋଜନା କରିଥିବା ଇସ୍ରାଏଲ ଦାବି କରିଛି। ୨୦୨୪ ସେପ୍ଟେମ୍ବରରେ ହାସନ ନସ୍ରୁଲ୍ଲା ଓ ଅଲି କାରାକିଙ୍କ ମୃତ୍ୟୁ ପରେ ହାସେମ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀର ଦାୟିତ୍ୱ ନେଇଥିଲେ। ଇରାନ ସହିତ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଇସ୍ରାଏଲ ଦ୍ୱାରା ନିହତ ହୋଇଥିବା ହିଜବୁଲ୍ଲା ନେତାଙ୍କ ମଧ୍ୟରେ ହାସେମ ସବୁଠାରୁ ଶକ୍ତିଶାଳୀ ଓ ବରିଷ୍ଠ କମାଣ୍ଡର ଥିଲେ। ଆଇଡିଏଫ୍ ଅନୁଯାୟୀ, ହାସେମଙ୍କ ମୃତ୍ୟୁ ହିଜବୁଲ୍ଲାର ଆକ୍ରମଣ କରିବାର କ୍ଷମତାକୁ ବହୁ ପରିମାଣରେ ଦୁର୍ବଳ କରିଦେବ। ଦକ୍ଷିଣ ଲେବନନ୍‌ରେ ଇସ୍ରାଏଲ ସେନା ବିରୋଧରେ ଚାଲିଥିବା ଯୁଦ୍ଧ ପରିଚାଳନାରେ ଏହା ହିଜବୁଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି। ଏହି ଖବର ମଧ୍ୟପ୍ରାଚ୍ୟରେ ଯୁଦ୍ଧ ସ୍ଥିତିକୁ ଆହୁରି ଉତ୍ତେଜନାପୂର୍ଣ୍ଣ କରିଛି।

## ଅବକାରୀ ମାମଲା: କେଜ୍ରିୱାଲଙ୍କୁ ଦିଲ୍ଲୀ ହାଇକୋର୍ଟ ନୋଟିସ୍

ନୂଆଦିଲ୍ଲୀ, ୧।୪(ଏଜେନ୍ସି): ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ବୁଧବାର ଦିଲ୍ଲୀ ହାଇକୋର୍ଟ ଏକ ନୋଟିସ ଜାରି କରିଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) ପକ୍ଷରୁ ଦାୟର ଏକ ଆବେଦନ ଉପରେ କୋର୍ଟ ଏହି ନୋଟିସ ଜାରି କରିଛନ୍ତି। ଅବକାରୀ ନୀତି ମାମଲାରେ ସମନ ଅବମାନନା ଅଭିଯୋଗରୁ ମିଳିଥିବା ମୁକ୍ତିକୁ ଇଡ଼ି ଚ୍ୟାଲେଞ୍ଜ କରିଛି। ଜଷ୍ଟିସ ସ୍ୱର୍ଣ୍ଣକାନ୍ତ ଶର୍ମାଙ୍କ ପୀଠରେ ଏହି ମାମଲାର ଶୁଣାଣି ହୋଇଥିଲା। କେଜ୍ରିୱାଲଙ୍କ ପକ୍ଷରୁ କେହି କୋର୍ଟରେ ହାଜର ହୋଇ ନଥିବା ବେଳେ ଇଡ଼ି ପକ୍ଷରୁ ଆଇନଜୀବୀ ଜୋହେବ ହୋସେନ ପ୍ରତିନିଧିତ୍ୱ କରିଥିଲେ। କୋର୍ଟ ଟ୍ରାଏଲ କୋର୍ଟର ରେକର୍ଡ ମଗାଇଛନ୍ତି ଓ ଏହି ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୨୯ରେ ହେବ। ଇଡ଼ିର ଦାବି ଅନୁଯାୟୀ, କେଜ୍ରିୱାଲ ଅନେକ ଥର ଜାରି କରାଯାଇଥିବା ସମନକୁ ଅବମାନନା କରିଛନ୍ତି ଏବଂ ତଦନ୍ତରେ ସହଯୋଗ କରିନାହାନ୍ତି। ଗତ ଜାନୁଆରୀ ୨୨ରେ ଟ୍ରାଏଲ କୋର୍ଟ କେଜ୍ରିୱାଲଙ୍କୁ ଏହି ଅଭିଯୋଗରୁ ମୁକ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ବିବାଦ ଦିଲ୍ଲୀରେ ୨୦୨୨ ଅବକାରୀ ନୀତିରେ ହୋଇଥିବା ଅନିୟମିତତାକୁ ନେଇ ସୃଷ୍ଟି ହୋଇଥିଲା।

## ଜମ୍ମୁ-କଶ୍ମୀରରେ ଏନ୍‌କାଉଣ୍ଟର; ଆତଙ୍କବାଦୀ ନିହତ

ଶ୍ରୀନଗର, ୧।୪(ଏଜେନ୍ସି): ଜମ୍ମୁ-କଶ୍ମୀରର ଗାନ୍ଦରବଲ ଜିଲ୍ଲାରେ ବୁଧବାର ସକାଳେ ସୁରକ୍ଷାବଳଙ୍କ ଗୁଳିରେ ଜଣେ ଆତଙ୍କବାଦୀ ନିହତ ହୋଇଛି। ଏହି ସାମରିକ ଅଭିଯାନ ମଙ୍ଗଳବାର ରାତିରୁ ଜାରି ରହିଥିଲା। ପୁଲିସ ଓ ସେନାର ଏକ ଯୌଥ ଗୁପ୍ତ ସୂଚନା ଆଧାରରେ ଏହି ସର୍ଚ୍ଚ ଅପରେସନ ଆରମ୍ଭ କରିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ଆତଙ୍କବାଦୀ ଲୁଚି ରହିଥିବା ଖବର ପାଇ ସୁରକ୍ଷାବଳ ସମ୍ପୃକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଥିଲେ। ରାତିରେ ଅନ୍ଧାର ଯୋଗୁଁ ଅପରେସନକୁ କିଛି ସମୟ ପାଇଁ ସ୍ଥଗିତ ରଖାଯାଇଥିଲା, କିନ୍ତୁ ବାହାରକୁ ଯିବା ଆସିବା ପଥକୁ ସମ୍ପୂର୍ଣ୍ଣ ସିଲ୍ କରିଦିଆଯାଇଥିଲା। ବୁଧବାର ସକାଳେ ପୁଣିଥରେ ଅଭିଯାନ ଆରମ୍ଭ ହେବା ପରେ ସୁରକ୍ଷାବଳ ଜଣେ ଆତଙ୍କବାଦୀକୁ ମାରିବାରେ ସଫଳ ହୋଇଛନ୍ତି। ଅନ୍ୟଜଣେ ଆତଙ୍କବାଦୀ ଲୁଚି ରହିଥିବା ସନ୍ଦେହରେ ସେଠାରେ ଏବେ ମଧ୍ୟ ସର୍ଚ୍ଚ ଅପରେସନ ଜାରି ରହିଛି। ଏହା ପୂର୍ବରୁ ଗତ ଫେବୃଆରୀ ମାସରେ ସେନା ବଡ଼ ଧରଣର ସଫଳତା ପାଇଥିଲା ଓ ୬ ଜଣ ଆତଙ୍କବାଦୀଙ୍କୁ ମାରିବାରେ ସଫଳ ହୋଇଥିଲା।

### ଟ୍ରମ୍ପଙ୍କ ଘୋଷଣା ପରେ ଅନିଶ୍ଚିତତା

# ଇରାନ ଯୁଦ୍ଧ ଶେଷ ହେଲେ ବି ଦୁଃଖ ସରିବ ନାହିଁ

■ ଭିତ୍ତିଭୂମି ସଜାଡ଼ିବାକୁ ବର୍ଷେ ଲାଗିପାରେ
■ ତେଲ ଉତ୍ପାଦନ ଓ ଯୋଗାଣ ଏବେ ସ୍ୱାଭାବିକ ହେବା ସମ୍ଭାବନା କ୍ଷୀଣ

ୱାଶିଂଟନ, ୧।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ଯୁଦ୍ଧକୁ ଆସନ୍ତା ୨ ସପ୍ତାହ ମଧ୍ୟରେ ଶେଷ କରିବାକୁ କହିଛନ୍ତି। ଫଳରେ ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧ ଏବେ ନୂଆ ମୋଡ଼ ନେବାକୁ ଯାଉଛି। କିନ୍ତୁ ଦୁଇ ସପ୍ତାହ ମଧ୍ୟରେ ଯୁଦ୍ଧ ଶେଷ ହେଲେ ମଧ୍ୟ ସମସ୍ୟା ରାତାରାତି ଶେଷ ହେବାନାହିଁ। ବିଶେଷଜ୍ଞଙ୍କ ମତରେ ଯୁଦ୍ଧର ନକରାତ୍ମକ ପ୍ରଭାବ ଆଗାମୀ କେତେମାସ ଧରି ଜାରି ରହିବ। ଯୁଦ୍ଧର ପରିଣାମ ଓ ଆର୍ଥିକ ସଙ୍କଟରୁ ମୁକ୍ତି ପାଇଁ ଅନେକ ମାସ ଲାଗିବ। ଯଦି ଯୁଦ୍ଧ ଆଜି ଶେଷ ହୁଏ, ତେବେ ତୈଳ ଉତ୍ପାଦନ ଓ ହର୍ମୁଜ ପ୍ରଣାଳୀ ଦେଇ ଯାତାୟାତ ସ୍ୱାଭାବିକ ହେବାକୁ ଅତିକମ୍‌ରେ ୬ରୁ ୮ ସପ୍ତାହ ସମୟ ଲାଗିବ। ଯେତେ ସପ୍ତାହ ଯୁଦ୍ଧ ଲାଗିବ, ସ୍ଥିତି ସୁଧୁରିବା ପାଇଁ ତା'ର ଦୁଇଗୁଣା ସମୟ ଲାଗିବ। ଆମେରିକା, ଇସ୍ରାଏଲ ଓ ଇରାନ ପରସ୍ପର ବିରୋଧୀ ଆକ୍ରମଣରେ ଅନେକ ତୈଳ ବିଶୋଧନାଗାର ଓ ପାଇପ୍‌ଲାଇନ୍ ନଷ୍ଟ ହୋଇଛି। ଏହାର ମରାମତି ପାଇଁ କିଛି ସପ୍ତାହରୁ ଆରମ୍ଭ କରି ବର୍ଷେ ପର୍ଯ୍ୟନ୍ତ ସମୟ ଲାଗିପାରେ। ଇରାନ ସମୁଦ୍ର ପଥରେ ଅନେକ ବିସ୍ଫୋରକ ମାଇନ୍ସ ଖଞ୍ଜିଛି। ଏହାକୁ ନିଷ୍କ୍ରିୟ କରିବା ଏକ ବିପଜ୍ଜନକ ଓ ସମୟସାପେକ୍ଷ କାମ, ଯାହା ବିନା ମାଲବାହୀ ଜାହାଜ ଚଳାଚଳ ଅସମ୍ଭବ। ଯୁଦ୍ଧ ଯୋଗୁଁ ଜାହାଜ ଭଡ଼ା ଅହେତୁକ ଭାବେ ବୃଦ୍ଧି ପାଇଛି। ଦିନକୁ ୭ଲକ୍ଷ ୭୦ହଜାର ଡଲାର ଭଡ଼ା ଦେବାକୁ ପଡୁଛି, ଯାହା ସାଧାରଣ ସମୟରେ ୧୦ହଜାର ଡଲାର ଥାଏ। ଏହି ଦର କମିବାକୁ ସମୟ ଲାଗିବ। ପୁଣି ୟେମେନ୍‌ରେ ହୁଥି ବିଦ୍ରୋହୀମାନେ ଅନ୍ୟଏକ ସମୁଦ୍ରପଥ 'ବାବ ଅଲ ମାଣ୍ଡବ' ଉପରେ ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଯଦି ଏହି ପଥ ବନ୍ଦ ହୁଏ, ତେବେ ବିଶ୍ୱ ବଜାରରେ ତୈଳ ଦର ଆହୁରି ଭୟଙ୍କର ଭାବେ ବଢ଼ିବ।

ଯୁଦ୍ଧ ବନ୍ଦ ହେଲେ ମଧ୍ୟ ଆଗାମୀ କେତେମାସ ଧରି ଭାରତ ଉପରେ ଏହାର ପ୍ରଭାବ ଜାରି ରହିବ। ଭାରତ ନିଜର ୪୦-୫୦ ପ୍ରତିଶତ ତୈଳ ଆବଶ୍ୟକତା ପାଇଁ ଉପସାଗରୀୟ ଦେଶଗୁଡ଼ିକ ଉପରେ ନିର୍ଭର କରେ। ଯଦିଓ ବର୍ତ୍ତମାନ ସରକାର ଟିକସ କମାଇ ସ୍ଥିତିକୁ ନିୟନ୍ତ୍ରଣ ରଖିଛନ୍ତି, କିନ୍ତୁ ଯୁଦ୍ଧର ସମୟ ଲମ୍ବିଲେ ପ୍ରିମିୟମ ପେଟ୍ରୋଲ ଓ ଗ୍ୟାସ୍ ଦର ଆହୁରି ବଢ଼ିବାର ଆଶଙ୍କା ରହିଛି। ଅନ୍ୟପଟେ ଯୁଦ୍ଧ କାରଣରୁ ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କା ଭଳି ଦେଶରେ ଇନ୍ଧନ ସଙ୍କଟ ଯୋଗୁଁ ଜରୁରୀକାଳୀନ ପରିସ୍ଥିତି ସୃଷ୍ଟି ହୋଇଛି। ମୋଟ ଉପରେ କହିବାକୁ ଗଲେ ଟ୍ରମ୍ପ ଯଦିଓ ଶୀଘ୍ର ଯୁଦ୍ଧ ବନ୍ଦ କରିବାର ଆଶା ଦେଖାଯାଉଛି, କିନ୍ତୁ ବିଶ୍ୱ ଅର୍ଥନୀତି ପାଇଁ ଏହି ସଙ୍କଟରୁ ମୁକ୍ତି ପାଇବା ସେତେ ସହଜ ହେବ ନାହିଁ। ଯୁଦ୍ଧ ବନ୍ଦ ହେବାର ଅନେକ ମାସ ପର୍ଯ୍ୟନ୍ତ ମହଙ୍ଗା ମାଡ଼ ଜାରି ରହିପାରେ।





## ଇରାନ ବିରୋଧରେ ଇସ୍ରାଏଲ ଗଢୁଛି ନୂଆ ମେଣ୍ଟ

ତେଲଆଭିଭ୍, ୧।୪(ଏଜେନ୍ସି): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ମଙ୍ଗଳବାର ଏକ ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଇରାନରୁ ଆସୁଥିବା ବିପଦର ମୁକାବିଲା ପାଇଁ ଇସ୍ରାଏଲ ମଧ୍ୟପ୍ରାଚ୍ୟର କିଛି ଗୁରୁତ୍ୱପୂର୍ଣ୍ଣ ଦେଶଗୁଡ଼ିକ ସହ ନୂଆ ମେଣ୍ଟ ଗଠନ କରୁଛି। ନେତନ୍ୟାହୁ କହିଛନ୍ତି ଯେ ଇସ୍ରାଏଲ ଅତି ଗୋପନୀୟ ଭାବେ କିଛି ଗୁରୁତ୍ୱପୂର୍ଣ୍ଣ ଆରବ ଦେଶଙ୍କ ସହ ସମ୍ପର୍କ ସ୍ଥାପନ କରୁଛି। ଖୁବଶୀଘ୍ର ସେ ଏହି ଚୁକ୍ତିଗୁଡ଼ିକ ବିଷୟରେ ସବିଶେଷ ସୂଚନା ପ୍ରଦାନ କରିବେ। ତାଙ୍କର ଏହି ମନ୍ତବ୍ୟ ଇସ୍ରାଏଲ ଓ ଆରବ ଜଗତର କେତେକ ଅଂଶ ମଧ୍ୟରେ ଗଭୀର ସମ୍ପର୍କକୁ ସୂଚାଉଛି। ଯାହା ଇରାନର ସାମରିକ ଓ ପରମାଣୁ ଅଭିଳାଷ ଉପରେ ଥିବା ସାଧାରଣ ଚିନ୍ତା ଦ୍ୱାରା ପରିଚାଳିତ। ନେତନ୍ୟାହୁ କହିଛନ୍ତି ଯେ ମଧ୍ୟପ୍ରାଚ୍ୟର ସଂଘର୍ଷ ଏକ ନୂଆ ରୂପ ନେଉଥିବା ବେଳେ ଇସ୍ରାଏଲ ଗୋପନରେ ଇରାନର ମୁକାବିଲା ପାଇଁ ନୂତନ ଆଞ୍ଚଳିକ ମେଣ୍ଟ ଗଠନ କରୁଛି। ଏହି ପ୍ରୟାସକୁ ସେ ଏକ ବ୍ୟାପକ ରଣନୀତିର ଅଂଶ ଭାବେ ବର୍ଣ୍ଣନା କରିଛନ୍ତି। ଆମେ ଶକ୍ତ ଆଘାତ ଦେଇଛୁ ଏବଂ ଦୁଇଟି ଅସ୍ତିତ୍ୱଗତ ବିପଦକୁ ଦୂରେଇ ଦେଇଛୁ। ଯାହା ଇରାନର ପରମାଣୁ କାର୍ଯ୍ୟକ୍ରମ ଓ ତାହାର ବାଲିଷ୍ଟିକ ମିସାଇଲ କ୍ଷମତାକୁ ସୂଚାଉଛି। ସେହିପରି ଇସ୍ରାଏଲର ଆକ୍ରମଣ ଯୋଗୁଁ ଇରାନର ପରମାଣୁ କାର୍ଯ୍ୟକ୍ରମ ଏବଂ ବାଲିଷ୍ଟିକ ମିସାଇଲ ନିର୍ମାଣ କ୍ଷମତା ଯଥେଷ୍ଟ ଦୁର୍ବଳ ହୋଇପଡ଼ିଛି ବୋଲି ସେ ଦାବି କରିଛନ୍ତି। ନେତନ୍ୟାହୁଙ୍କ ଅନୁଯାୟୀ, ଲେବାନନ୍‌ର ସଶସ୍ତ୍ର ଗୋଷ୍ଠୀ ହିଜବୁଲ୍ଲା ଏବେ ଇସ୍ରାଏଲ ପାଇଁ କୌଣସି ରଣନୈତିକ ବିପଦ ନୁହେଁ। ଇରାନର ବର୍ତ୍ତମାନ ଶାସନ ବ୍ୟବସ୍ଥା ଉପରେ ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ, ଆଜି ହେଉ କି କାଲି ହେଉ, ଇରାନ ଶାସନ କ୍ଷମତାର ପତନ ନିଶ୍ଚିତ। ନେତନ୍ୟାହୁଙ୍କ ଏହି ଘୋଷଣା ଏକ ନୂଆ ରଣନୀତି ଓ ସମ୍ଭାବନାକୁ ସୂଚାଉଛି।

## ଇରାନ ବିରୋଧୀ ଯୁଦ୍ଧରେ ସାମିଲ ହୋଇପାରେ ୟୁଏଇ

ଆବୁଧାବି, ୧।୪(ଏଜେନ୍ସି): ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏବେ ସିଧାସଳଖ ଭାବେ ଆମେରିକା-ଇରାନ ଯୁଦ୍ଧରେ ପାଦ ଦେବାକୁ ପ୍ରସ୍ତୁତ ହେଉଛି। ୱାଲ ଷ୍ଟ୍ରିଟ ଜର୍ଣ୍ଣାଲ ତା'ର ରିପୋର୍ଟରେ ଏ ନେଇ ସୂଚନା ଦେଇଛି। ବିଶ୍ୱ ଅର୍ଥନୀତିର ଜୀବନରେଖା କୁହାଯାଉଥିବା ହର୍ମୁଜ ପ୍ରଣାଳୀକୁ ମୁକ୍ତ କରିବା ପାଇଁ ୟୁଏଇ ଏବେ ସମର ସଜ୍ଜା ଆରମ୍ଭ କରିଛି। ୟୁଏଇ ଏବେ ମିଳିତ ଜାତିସଂଘ ସୁରକ୍ଷା ପରିଷଦରେ ଏକ ପ୍ରସ୍ତାବ ଆଣିବାକୁ ଚେଷ୍ଟା କରୁଛି, ଯେଉଁଥିରେ ବଳ ପ୍ରୟୋଗ କରି ହର୍ମୁଜ ପ୍ରଣାଳୀକୁ ଖୋଲିବା ଓ ଜାହାଜଗୁଡ଼ିକର ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ସାମରିକ ବାହିନୀ ଗଠନ କରିବାକୁ ଅନୁମତି ମଗାଯାଇଛି। ଗତ କିଛିଦିନ ମଧ୍ୟରେ ଇରାନ ପକ୍ଷରୁ ୟୁଏଇ ଉପରେ ପ୍ରାୟ ୨, ୫୦୦ରୁ ଅଧିକ ମିସାଇଲ୍ ଓ ଡ୍ରୋନ ଆକ୍ରମଣ କରାଯାଇଛି, ଯାହାଦ୍ୱାରା ସେଠାକାର ବିମାନ ବନ୍ଦର ଓ ତୈଳ ପ୍ରକଳ୍ପଗୁଡ଼ିକ କ୍ଷତିଗ୍ରସ୍ତ ହୋଇଛି। ୟୁଏଇ ନିଜର ଜେବେଲ ଅଲି ବନ୍ଦର ଓ ଆଧୁନିକ ଯୁଦ୍ଧ ବିମାନ ସାହାଯ୍ୟରେ ଆମେରିକା ନେତୃତ୍ୱାଧୀନ ସାମରିକ ଅଭିଯାନକୁ ସହଯୋଗ କରିବାକୁ ପ୍ରସ୍ତୁତ। ଏଥିସହ ହର୍ମୁଜ ପ୍ରଣାଳୀରେ ଥିବା ଗୁରୁତ୍ୱପୂର୍ଣ୍ଣ ଦ୍ୱୀପଗୁଡ଼ିକୁ ଆମେରିକା ନିଜ ନିୟନ୍ତ୍ରଣକୁ ନେବାକୁ ୟୁଏଇ ପରାମର୍ଶ ଦେଇଛି। ପୁଣି ସୁରକ୍ଷା ଦୃଷ୍ଟିକୋଣରୁ ୟୁଏଇ ନିଜ ଦେଶକୁ ଇରାନୀ ନାଗରିକଙ୍କ ପ୍ରବେଶ ଉପରେ ଅଙ୍କୁଶ ଲଗାଇଛି ଏବଂ ଅନେକ ଇରାନୀ ଅନୁଷ୍ଠାନକୁ ବନ୍ଦ କରିଦେଇଛି। ସେପଟେ ଇରାନ ଚେତାବନୀ ଦେଇଛି ଯେ ଯଦି ୟୁଏଇ ଆମେରିକାକୁ ସାହାଯ୍ୟ କରେ, ତେବେ ତା'ର ଗ୍ୟାସ ଫିଲ୍ଡ ଓ ପାୱାର ପ୍ଲାଣ୍ଟଗୁଡ଼ିକ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯିବ। ସାଉଦି ଆରବ ଓ ବାହାରିନ ଭଳି ଦେଶ ୟୁଏଇର ଏହି ପଦକ୍ଷେପକୁ ସମର୍ଥନ କରୁଛନ୍ତି। ଯଦିଓ ରୁଷ ଓ ଚୀନ୍ ଏହି ପ୍ରସ୍ତାବକୁ ବିରୋଧ କରିପାରନ୍ତି। ଏହା ସତ୍ତ୍ୱେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ୟୁଏଇ ମନସ୍ଥ କରିସାରିଛି।

## ନାଟୋରୁ ଓହରିପାରେ କ୍ଷୁବ୍ଧ ଆମେରିକା

ୱାସିଂଟନ, ୧।୪(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱର ସର୍ବବୃହତ ସାମରିକ ସଂଗଠନ ନାଟୋରୁ ବାହରି ଯିବା ପାଇଁ ଗମ୍ଭୀର ଭାବେ ବିଚାର କରୁଥିବା ସୂଚନା ଦେଇଛନ୍ତି। ଇରାନ ଯୁଦ୍ଧ ସମୟରେ ନାଟୋ ସହଯୋଗୀ ଦେଶଗୁଡ଼ିକ ଆମେରିକାକୁ ସହଯୋଗ ନ କରିବାରୁ ଟ୍ରମ୍ପ ଏଭଳି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଟ୍ରମ୍ପ ଏକ ସାକ୍ଷାତକାରରେ କହିଛନ୍ତି ଯେ ନାଟୋ କେବଳ ଏକ 'କାଗଜ ବାଘ' ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଧ୍ୟ ଏହା ଭଲ ଭାବେ ଜାଣନ୍ତି। ଆମେରିକା ସବୁବେଳେ ନିଜ ସହଯୋଗୀଙ୍କ ପାଇଁ ଛିଡ଼ା ହୋଇଛି। କିନ୍ତୁ ଦରକାର ବେଳେ କେହି ଆମେରିକା ସହ ନାହାନ୍ତି। ହର୍ମୁଜ ପ୍ରଣାଳୀ ଖୋଲିବା ପାଇଁ ଆମେରିକା ନାଟୋ ଦେଶଗୁଡ଼ିକୁ ଯୁଦ୍ଧ ଜାହାଜ ପଠାଇବାକୁ କହିଥିଲା, କିନ୍ତୁ ସେମାନେ ଏହାକୁ ମନା କରି ଦେଇଛନ୍ତି। ଖାସ୍ ଏହି କାରଣରୁ ଟ୍ରମ୍ପ ନାଟୋ ଉପରୁ ଭରସା ହରାଇଛନ୍ତି। ମିଳିତ ଜାତିସଂଘ ବିକାଶ କାର୍ଯ୍ୟକ୍ରମ (ୟୁଏନ୍‌ଡିପି)ର ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ଯୋଗୁଁ ସମଗ୍ର ଅଞ୍ଚଳର ଅର୍ଥନୀତି ଧ୍ୱଂସ ହେବାକୁ ଯାଉଛି। ମଧ୍ୟପ୍ରାଚ୍ୟରେ ୧୮ ଲକ୍ଷ ୪ କୋଟି ଟଙ୍କାର କ୍ଷତି ହେବାର ଆଶଙ୍କା ରହିଛି।

## ବାଗ୍‌ଦାଦ୍‌ରେ ରାସ୍ତା ଉପରୁ ଆମେରିକୀୟ ସାମ୍ବାଦିକାଙ୍କୁ ଅପହରଣ



ବାଗଦାଗ, ୧।୪(ଏଜେନ୍ସି): ଯୁଦ୍ଧ ମଧ୍ୟରେ ଇରାକ ରାଜଧାନୀ ବାଗଦାଦରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଆମେରିକାର ଜଣେ ସ୍ୱାଧୀନ ଅର୍ଥାତ ଫ୍ରିଲାନ୍ସ ସାମ୍ବାଦିକା ସେଲି କିଟଲସନଙ୍କୁ ରାସ୍ତା ଉପରୁ ଦୁର୍ବୃତ୍ତମାନେ ଅପହରଣ କରିଛନ୍ତି। ଅଜ୍ଞାତ ସଶସ୍ତ୍ର ଆତତାୟୀମାନେ ତାଙ୍କୁ ବାଗଦାଦ ହୋଟେଲ ନିକଟରୁ ଜବରଦସ୍ତି ଗାଡ଼ିରେ ଟେକି ନେଇଥିବାରୁ ଭିଡିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ସେଲି ଅଲ-ସାଦୁନ ଷ୍ଟ୍ରିଟ୍ ଦେଇ ଯାଉଥିବା ସମୟରେ କିଛି ସଶସ୍ତ୍ର ଲୋକ ତାଙ୍କ ଗାଡ଼ି ଅଟକାଇଥିଲେ ଏବଂ ତାଙ୍କୁ ଟାଣି ନେଇ ନିଜ ଗାଡ଼ିରେ ବସାଇ ଫେରାର ହୋଇଯାଇଥିଲେ। ଇରାକ ଗୃହମନ୍ତ୍ରଣାଳୟ ଏହି ଘଟଣାକୁ ନିଶ୍ଚିତ କରିଛି। ସୁରକ୍ଷାବଳ ଅପହରଣକାରୀଙ୍କୁ ପିଛା କରିବା ସମୟରେ ଗୋଟିଏ ଗାଡ଼ି ଓଲଟି ପଡ଼ିଥିଲା, ଯେଉଁଥିରୁ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। କିନ୍ତୁ ସାମ୍ବାଦିକାଙ୍କୁ ନେଇ ଯାଉଥିବା ଅନ୍ୟ ଏକ ଗାଡ଼ି ବାଗଦାଦର ଦକ୍ଷିଣ ଦିଗକୁ ଖସି ପଳାଇବାରେ ସକ୍ଷମ ହୋଇଛି। ସେଲି ଜଣେ ଅଭିଜ୍ଞା ଯୁଦ୍ଧ ସାମ୍ବାଦିକା, ଯିଏ ମୁଖ୍ୟତଃ ମଧ୍ୟପ୍ରାଚ୍ୟ, ଇରାକ ଓ ସିରିଆରୁ ରିପୋର୍ଟିଂ କରନ୍ତି। ୨୦୧୭ରେ ତାଙ୍କୁ ପ୍ରତିଷ୍ଠିତ 'ପ୍ରେମିଓ କରାଭେଲା' ପୁରସ୍କାର ମିଳିଥିଲା। ସେ ଅଲ-ମନିଟର ନ୍ୟୁଜ ୱେବସାଇଟ୍ ପାଇଁ କାର୍ଯ୍ୟ କରୁଥିଲେ। ସେ ବିଶେଷ କରି ଆଇଏସ୍‌ଆଇଏସ୍‌ର ପତନ ପରେ ଇରାକର ସ୍ଥିତି ଓ ସେଠାକାର ମିଲିସିଆ ଗୋଷ୍ଠୀଙ୍କ ଗତିବିଧି ଉପରେ ରିପୋର୍ଟ ପ୍ରସ୍ତୁତ କରି ଚର୍ଚ୍ଚାକୁ ଆସିଥିଲେ। ଏହି ଘଟଣା ପଛରେ ଇରାନ ସମର୍ଥିତ ମିଲିସିଆ ଗୋଷ୍ଠୀ, କତିବ ହଜବୁଲ୍ଲାର ହାତ ଥାଇପାରେ ବୋଲି ଆଶଙ୍କା କରାଯାଉଛି। ଏହି ଗୋଷ୍ଠୀ ପୂର୍ବରୁ ମଧ୍ୟ ବିଦେଶୀ ନାଗରିକଙ୍କୁ ଟାର୍ଗେଟ କରିଆସିଛି। ପୂର୍ବରୁ ମଧ୍ୟ ଆମେରିକା ଦୂତାବାସ ନିଜ ନାଗରିକଙ୍କୁ ସେଠାକୁ ଯାତ୍ରା ନ କରିବାକୁ ପରାମର୍ଶ ଦେଇଥିଲା। ୨୦୨୫ ରିପୋର୍ଟ ଅନୁଯାୟୀ, ପ୍ରେସ ଫ୍ରିଡମ ଇଣ୍ଡେକ୍ସରେ ଇରାକ ୧୮୦ଟି ଦେଶ ମଧ୍ୟରୁ ୧୫୫ତମ ସ୍ଥାନରେ ରହିଛି। ଫଳରେ ଇରାକରେ ସମ୍ବାଦିକମାନେ ଗମ୍ଭୀର ବିପଦ ମଧ୍ୟରେ କାର୍ଯ୍ୟ କରୁଛନ୍ତି ବୋଲି ସ୍ପଷ୍ଟ ହୋଇଛି।

## ଦୁଇ ପୁଅଙ୍କୁ ହତ୍ୟା କରି ମହିଳାଙ୍କ ଆତ୍ମହତ୍ୟା



ହାଇଦରାବାଦ୍, ୧।୪(ଏଜେନ୍ସି): ହାଇଦରାବାଦ୍‌ରେ ଜଣେ ମହିଳା ନିଜର ଦୁଇ ପୁଅଙ୍କୁ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିବାର ଦୁଃଖଦାୟକ ଖବର ସାମ୍ନାକୁ ଆସିଛି। ସେ ନିଜର ଦୁଇ ନାବାଳକ ପୁଅଙ୍କୁ ହତ୍ୟା କରିବା ପରେ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ୩ ଜଣଙ୍କ ଶବ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ପୁଲିସ କହିବା ଅନୁଯାୟୀ, ମହିଳାଙ୍କ ସ୍ୱାମୀ ଦ୍ୱିତୀୟ ବିବାହ କରିଥିଲେ, ଯାହାକୁ ନେଇ ପରିବାରରେ କଳହ ଲାଗି ରହିଥିଲା। ଏହି ଘଟଣାଟି ମାର୍ଚ୍ଚ ୩୧ରେ ଅପରାହ୍ଣ ୧.୩୦ରେ ରାଘବେନ୍ଦ୍ର କଲୋନୀରେ ଘଟିଛି। ପୁଲିସ ସୂଚନା ଅନୁଯାୟୀ, ଯେତେବେଳେ ସ୍ୱାମୀ ପ୍ରବୀଣ ଅପରାହ୍ଣରେ ଘରକୁ ଫେରିଲେ, ସେତେବେଳେ ମୁଖ୍ୟ ଗେଟ୍ ଭିତରୁ ବନ୍ଦ ଥିଲା। କେହି କବାଟ ନ ଖୋଲିବାରୁ ସେ ପଡୋଶୀଙ୍କ ସହାୟତାରେ କବାଟ ଭାଙ୍ଗି ଭିତରକୁ ଯାଇଥିଲେ। ସେଠାରେ ୨୯ ବର୍ଷୀୟ ଶ୍ରାବନ୍ତୀ ଓ ତାଙ୍କର ଦୁଇ ପୁଅ କାର୍ତ୍ତିକ (୧୨) ଓ କୌଶିକ (୧୦)ଙ୍କ ଶବ ଦେଖିବାକୁ ପାଇଥିଲେ। ଅପରାହ୍ଣ ୨ଟାରେ ପୁଲିସକୁ ଏହି ଖବର ଦିଆଯାଇଥିଲା। ଅନ୍ୟପଟେ ଶ୍ରାବନ୍ତୀଙ୍କ ମୃତ୍ୟୁ ଖବର ପାଇ ଚେନ୍ନାରାଓପେଟ୍‌ରେ ଥିବା ତାଙ୍କ ପରିବାର ଲୋକେ ଉତ୍ତ୍ୟକ୍ତ ହୋଇ ଶ୍ୱଶୁର ଘର ଓ ଗୁହାଳର ନିଆଁ ଲଗାଇ ଦେବା ସହ ହଙ୍ଗାମା କରିଥିଲେ। ପରେ ପୁଲିସ ସେଠାରେ ପହଞ୍ଚି ସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଏସିପି ନରେଶ ରେଡ୍ଡୀଙ୍କ ଅନୁଯାୟୀ, ଏହି ମାମଲାଟି ପାରିବାରିକ ବିବାଦରୁ ସୃଷ୍ଟି ହୋଇଥିବା ହତ୍ୟା ଓ ଆତ୍ମହତ୍ୟା ପରି ମନେ ହେଉଛି। ପ୍ରବୀଣଙ୍କ ଦ୍ୱିତୀୟ ବିବାହକୁ ନେଇ ଶ୍ରାବନ୍ତୀ ଓ ତାଙ୍କ ମଧ୍ୟରେ ଅନେକ ଦିନରୁ ବିବାଦ ଚାଲିଥିଲା। ଶ୍ରାବନ୍ତୀ ନିଜ ପୁଅମାନଙ୍କ ସହ ହାଇଦରାବାଦ୍ ଛାଡ଼ି ବାପଘରେ ରହୁଥିଲେ। କୁକଟପାଲି ଡିସିପି ରୀତି ରାଜଙ୍କ ସୂଚନା ଅନୁଯାୟୀ, ଆତ୍ମହତ୍ୟା ପାଇଁ ଉସକାଇବା ଅଭିଯୋଗରେ ପ୍ରବୀଣଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ଅନୁଯାୟୀ ମାମଲା ରୁଜୁ କରାଯିବ। ତେବେ ଏହି ଘଟଣା ତଦନ୍ତ ଜାରି ରହିଛି।

## ଇସ୍ତଫା ଦେଲେ ଉଠ୍‌ବସ୍ ହୋଇଥିବା ଆଇଏଏସ୍ ଅଧିକାରୀ

■ ସଚ୍ଚୋଟତା ପାଇଁ ମିଳୁଛି ସ୍ୱତନ୍ତ୍ର ଦଣ୍ଡ
■ ଦୁର୍ନୀତିର ପର୍ଦ୍ଦାଫାସ କରି ଗୁଳି ଖାଇଥିଲେ

ନୂଆଦିଲ୍ଲୀ, ୧।୪(ଏଜେନ୍ସି): ୨୦୨୨ ବ୍ୟାଚ୍‌ର ଉତ୍ତର ପ୍ରଦେଶ କ୍ୟାଡର ଆଇଏଏସ୍ ଅଧିକାରୀ ରିଙ୍କୁ ସିଂହ ରାହୀ ବୁଧବାର ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ପ୍ରଶାସନିକ ବ୍ୟବସ୍ଥାରେ ସଚ୍ଚୋଟ ଅଧିକାରୀମାନଙ୍କୁ କିଭଳି ମାନସିକ ଦଣ୍ଡ ଦିଆଯାଏ, ସେନେଇ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ଆଣିଛନ୍ତି। ରିଙ୍କୁଙ୍କ କହିବା ଅନୁଯାୟୀ, ତାଙ୍କୁ ଦୀର୍ଘ ସମୟଧରି କୌଣସି ଗୁରୁତ୍ୱପୂର୍ଣ୍ଣ ପଦବୀରେ ନିଯୁକ୍ତି ଦିଆଯାଇ ନଥିଲା। ତାଙ୍କୁ କେବଳ ବିଭାଗ ସହ ଯୋଡ଼ି ରଖାଯାଇଥିଲା। ସେ ଦରମା ତ ପାଉଥିଲେ କିନ୍ତୁ ଜନସାଧରଣଙ୍କ ପାଇଁ କାମ କରିବାକୁ ତାଙ୍କୁ ସୁଯୋଗ ଦିଆଯାଉ ନ ଥିଲା। ସେ କହିଛନ୍ତି ଯେ, କୌଣସି କାମ ନ କରି ସରକାରଙ୍କଠାରୁ ଦରମା ନେବା ମଧ୍ୟ ଏକ ପ୍ରକାର ଦୁର୍ନୀତି। ତେଣୁ ସେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେଇଛନ୍ତି। ତାଙ୍କର ଉଠ୍‌ବସ ହେବାର କାହାଣୀକୁ ନେଇ ସେ ବେଶ ଭାଇରାଲ ହୋଇଥିଲେ। ୨୦୨୫ ଜୁଲାଇ ୨୮ ରେ ରିଙ୍କୁ ସିଂହ ଉତ୍ତରପ୍ରଦେଶର ଶାହାଜାହାନପୁରରେ ଏସ୍‌ଡିଏମ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। କିନ୍ତୁ ମାତ୍ର ୩୬ ଘଣ୍ଟା ମଧ୍ୟରେ ତାଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତହସିଲ ପରିଦର୍ଶନ ସମୟରେ ଜଣେ କିରାଣି ବାହାରେ ପରିସ୍ରା କରୁଥିବାର ସେ ଦେଖିଥିଲେ ଏବଂ ତାଙ୍କୁ ଉଠବସ ହେବାକୁ କହିଥିଲେ। ଏହାକୁ ନେଇ ଓକିଲମାନେ ବିରୋଧ ପ୍ରଦର୍ଶନ କରିଥିଲେ ଓ ପରିସରରେ ଶୌଚାଳୟର ଅଭାବ କଥା କହିଥିଲେ। ସେ ସାଧାରଣ ଜନତାଙ୍କ ସମସ୍ୟାକୁ ବୁଝିଥିଲେ ଓ ଜଣେ ବରିଷ୍ଠ ଅଧିକାରୀ ଭାବେ ପରିମଳ ବ୍ୟବସ୍ଥାର ବିଫଳତା ପାଇଁ ନିଜେ ସର୍ବସାଧାରଣରେ ୫ ଥର ଉଠ୍‌ବସ୍ ହୋଇ କ୍ଷମା ମାଗିଥିଲେ। ଏହି ଭିଡ଼ିଓ ଭାଇରାଲ ହେବା ପରେ ତାଙ୍କୁ ବଦଳି କରାଯାଇଥିଲା। ୨୦୦୯ ରେ ପିସିଏସ୍ ଅଧିକାରୀ ଥିବା ସମୟରେ ସେ ଏକ ବଡ଼ ଦୁର୍ନୀତିର ପର୍ଦ୍ଦାଫାସ କରିଥିଲେ। ଏଥିପାଇଁ ତାଙ୍କ ଉପରେ ଆକ୍ରମଣ ହୋଇଥିଲା ଏବଂ ତାଙ୍କ ମୁହଁରେ ୨ଟି ସମେତ ଦେହରେ ମୋଟ ୭ଟି ଗୁଳି ବାଜିଥିଲା। ଏହି ଆକ୍ରମଣରେ ତାଙ୍କ ଗୋଟିଏ ଆଖିର ଦୃଷ୍ଟିଶକ୍ତି ଚାଲିଯାଇଥିଲା ଏବଂ ତାଙ୍କ ମୁହଁ ବିକୃତ ହୋଇଯାଇଥିଲା। ଏହା ସତ୍ତ୍ୱେ ସେ ହାର ମାନି ନଥିଲେ ଏବଂ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷା ଉତ୍ତୀର୍ଣ୍ଣ ହୋଇ ଆଇଏଏସ୍ ଅଧିକାରୀ ହେବାର ଗୌରବ ଅର୍ଜନ କରିଥିଲେ।



## ବିଜେପି କାର୍ଯ୍ୟାଳୟ ବାହାରେ ଗ୍ରେନେଡ୍ ମାଡ଼

ଚଣ୍ଡିଗଡ଼, ୧।୪(ଏଜେନ୍ସି): ସ୍ଥାନୀୟ ସେକ୍ଟର ୩୭ ସ୍ଥିତ ପଞ୍ଜାବ ବିଜେପିର ରାଜ୍ୟ କାର୍ଯ୍ୟାଳୟ ବାହାରେ ଏକ ଗ୍ରେନେଡ଼ ବିସ୍ଫୋରଣ ହୋଇଛି। ବୁଧବାର ମୋଟର ସାଇକେଲରେ ଆସିଥିବା ଦୁଇ ଜଣ ସନ୍ଦିଗ୍ଧ ଏହି ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ଆକ୍ରମଣର ଭିଡ଼ିଓ ସାମ୍ନାକୁ ଆସିଛି, ଯେଉଁଥିରେ ଜଣେ ବ୍ୟକ୍ତି ଗ୍ରେନେଡ ପିନ୍ ବାହାର କରି କାର୍ଯ୍ୟାଳୟ ନିକଟକୁ ଫିଙ୍ଗୁଥିବା ଦେଖାଯାଇଛି। ଗ୍ରେନେଡଟି ଏକ ସ୍କୁଟର ନିକଟରେ ପଡ଼ି ବିସ୍ଫୋରଣ ହୋଇଥିଲା। ଚଣ୍ଡିଗଡ଼ ଏଏସ୍‌ପି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସିସିଟିଭି ଫୁଟେଜରେ ଅଭିଯୁକ୍ତଙ୍କ ଚେହେରା କଏଦ ହୋଇଛି। ପ୍ରାଥମିକ ସୂଚନା ଅନୁଯାୟୀ, ଏହି ଗ୍ରେନେଡଟି ଗନ୍ ପାଉଡର ସାହାଯ୍ୟରେ ତିଆରି କରାଯାଇଥିଲା। ଏହି ଘଟଣା ପରେ କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥାଗୁଡ଼ିକକୁ ହାଇ ଆଲର୍ଟରେ ରଖାଯାଇଛି। ପୁଲିସ ଏଥିରେ ଖଲିସ୍ତାନୀ ସଂଗଠନର ସମ୍ପୃକ୍ତି ଥିବା ନେଇ ସନ୍ଦେହ କରୁଛି।

### ଉତ୍କଳମଣିଙ୍କ ଜନ୍ମପୀଠରେ ମୁଖ୍ୟମନ୍ତ୍ରୀ ପାଳିଲେ ଓଡ଼ିଶା ଦିବସ

# ଗୋପବନ୍ଧୁଙ୍କ ତ୍ୟାଗ ଓଡ଼ିଆ ଜାତିର ଭାଗ୍ୟ ବଦଳାଇଛି



**ସାକ୍ଷୀଗୋପାଳ,୧।୪(ସମିସ):** ସ୍ୱତନ୍ତ୍ର ପ୍ରଦେଶ ଭାବେ ୯୧ ବର୍ଷରେ ପଦାର୍ପଣ କରିଛି ଓଡ଼ିଶା। ଓଡ଼ିଶା ଦିବସ ରାଜ୍ୟସ୍ତରୀୟ ଉତ୍ସବ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମସ୍ଥାନ ପୁରୀ ଜିଲ୍ଲା ସତ୍ୟବାଦୀସ୍ଥିତ ସୁଆଣ୍ଡୋ ଗ୍ରାମରେ ଅନୁଷ୍ଠିତ ହୋଇଛି। ଗତ ବର୍ଷ ଏହା ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପୀଠରେ ଅନୁଷ୍ଠିତ ହୋଇଥିଲା। ଓଡ଼ିଶାର ଜନସାଧାରଣ ତଥା ଯୁବପିଢ଼ିଙ୍କୁ ବରପୁତ୍ରମାନଙ୍କ ସ୍ମୃତି ସହିତ ଯୋଡ଼ି ରଖିବାକୁ ଏବଂ ସେମାନଙ୍କ ତ୍ୟାଗ ଓ ବଳିଦାନରେ ଅନୁପ୍ରେରିତ ହେବା ପାଇଁ ଏହି କାର୍ଯ୍ୟକ୍ରମକୁ ବରପୁତ୍ରମାନଙ୍କ ଜନ୍ମସ୍ଥାନରେ କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ସୁଆଣ୍ଡୋରେ ରାଜ୍ୟସ୍ତରୀୟ ଓଡ଼ିଶା ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ସୁଆଣ୍ଡୋରେ ପହଞ୍ଚି ଗୋପବନ୍ଧୁ ଦାସଙ୍କ ଷଠିଘର ପରିଦର୍ଶନ ଓ ଉତ୍କଳମଣିଙ୍କ କୂଳଦେବତା ପ୍ରଭୁ ଶ୍ରୀରାଧା ବିନୋଦବିହାରୀଙ୍କୁ ଦର୍ଶନ କରିଥିଲେ। ଗୋପବନ୍ଧୁ ପାର୍କଠାରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଗୋପବନ୍ଧୁ ସଂଗ୍ରହାଳୟ ପରିଦର୍ଶନ କରିଥିଲେ। ଏହାପରେ ସାକ୍ଷୀଗୋପାଳର ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟରେ ଆୟୋଜିତ ସାଧାରଣ ସଭାରେ ଯୋଗଦେଇଥିଲେ। ସାଧାରଣ ଦିଶୁଥିବା ଏକ ସ୍ଥାନରେ ଜନ୍ମ ହୋଇ, ସବୁ ସାଧାରଣ ସାମଗ୍ରୀ ବ୍ୟବହାର କରି, ନିଜର କର୍ମବଳରେ ଜଣେ ବ୍ୟକ୍ତି କିପରି ଈଶ୍ୱରତୁଲ୍ୟ ହୋଇପାରେ କହି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଣ୍ଡିତ ଗୋପବନ୍ଧୁଙ୍କୁ ସମଗ୍ର ଭାରତବର୍ଷ ପାଇଁ ଏକ ଉଦାହରଣ ବୋଲି କହିବା ସହିତ ଗୋପବନ୍ଧୁଙ୍କ ଦୁଃଖ, କଷ୍ଟ ଓ ତ୍ୟାଗ ଆଜି ଓଡ଼ିଆ ଜାତିର ଭାଗ୍ୟକୁ ବଦଳାଇ ଦେଇଛି ବୋଲି କହିଥିଲେ। ସତ୍ୟବାଦୀ ବନ ବିଦ୍ୟାଳୟ ଓ ସମଗ୍ର ଅଞ୍ଚଳର ବିକାଶ ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୫୮୫ କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ କରିବେ। ଏହା ଖୁବ୍‌ଶୀଘ୍ର ଆରମ୍ଭ ହେବ। ଐତିହାସିକ ବକୁଳ ବନର ପୁନରୁତ୍ଥାନ ଓ ବିକାଶ ପାଇଁ ପ୍ରାୟ ୯୦ କୋଟି ଟଙ୍କା ବିନିଯୋଗ କରାଯିବ। ଏହାକୁ ଏକ

**ସତ୍ୟବାଦୀର ଉନ୍ନୟନ ଓ ପୁନର୍ବିକାଶ ନିମନ୍ତେ ୫୮୫ କୋଟି ଘୋଷଣା**

ସାଂସ୍କୃତିକ, ଆଧ୍ୟାତ୍ମିକ ଓ ଶିକ୍ଷା କେନ୍ଦ୍ରରେ ପରିଣତ କରାଯାଇ ଏହାର ଐତିହାସିକ ପରିଚୟକୁ ସୁରକ୍ଷିତ କରାଯିବ। ଏହା ସହିତ ୪୯୫ କୋଟି ଟଙ୍କାରେ ସତ୍ୟବାଦୀ ଅଞ୍ଚଳର ପୁନର୍ବିକାଶ କରାଯିବ। ଏଠାରେ ହେରିଟେଜ୍ କରିଡର ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ମହାପ୍ରଭୁଙ୍କ ମହିମାର ପ୍ରସାର ପାଇଁ ପୁରୀରେ ୧ହଜାର କୋଟି ଟଙ୍କା ବ୍ୟୟରେ ଏକ ବିଶ୍ୱସ୍ତରୀୟ ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ପାଠାଗାର ପ୍ରତିଷ୍ଠା କରାଯିବା ସହିତ ଗୁଣ୍ଡିଚା ମନ୍ଦିର, ଏମାର ମଠ ଓ ରଘୁନନ୍ଦନ ଲାଇବ୍ରେରୀ ଭଳି ଐତିହାସିକ ଓ ଆଧ୍ୟାତ୍ମିକ ପୀଠର ଗୌରବର ପୁନଃଉଦ୍ଧାର କରାଯିବ। ପୁରୀକୁ ଅତ୍ୟାଧୁନିକ ପର୍ଯ୍ୟଟନସ୍ଥଳରେ ପରିଣତ କରିବା ପାଇଁ ୧୫୦୦ ଏକର ପରିମିତ ଅଞ୍ଚଳରେ ଶାମୁକା ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପ ନୈସର୍ଗିକ ବେଳାଭୂମି ଓ ଅତ୍ୟାଧୁନିକ ଭିତ୍ତିଭୂମିର ସମନ୍ୱୟରେ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ ହେବ ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ ପୁରୀଠାରେ ଏକ ବିଶ୍ୱ ପର୍ଯ୍ୟଟନ କେନ୍ଦ୍ର ପ୍ରତିଷ୍ଠା କରାଯିବ। ପୁରୀରେ କ୍ରୁଜ୍ ଟର୍ମିନାଲ୍ ପ୍ରତିଷ୍ଠା ପାଇଁ ମଧ୍ୟ ପଦକ୍ଷେପ ନିଆଯାଇଛି। ଏହା ସହିତ ଆମର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର ଚିଲିକାର ପୁନରୁଦ୍ଧାର କରାଯାଇ ଏହାକୁ ମଧ୍ୟ ବିଶ୍ୱସ୍ତରୀୟ ଇକୋଟୁରିଜିମ୍ ହବ୍‌ରେ ପରିଣତ କରାଯିବ ବୋଲି କହିଛନ୍ତି।

ଏହି କାର୍ଯ୍ୟକ୍ରମରେ ପୁରୀ ସାଂସଦ ଡ. ସମ୍ବିତ୍ ପାତ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଉତ୍କଳମଣି ସ୍ମୃତି ପରିଷଦର ସଭାପତି ଧୀରେନ୍ଦ୍ର ଦାସ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ। ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜିଲ୍ଲା ପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ଏପିପି ସତୀଶ ମିଶ୍ର, ଆଶା ଅଧ୍ୟକ୍ଷ ସୁରେନ୍ଦ୍ର ପ୍ରଧାନ, ଉମେଶ ଚନ୍ଦ୍ର ପ୍ରଧାନ, ପ୍ରଦ୍ୟୁମ୍ନ ଶତପଥୀ, ସୁବାସ ଚନ୍ଦ୍ର ଜେନା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ସମିତିସଭ୍ୟ ଦୀପକ ଶତପଥୀ, ତ୍ରିଲୋଚନ ରଥ, ହର ପ୍ରସାଦ ରଥ, ଅଶୋକ ରାଉତରାୟ, ସରିତା ପ୍ରିୟଦର୍ଶିନୀ, ସୁକାନ୍ତ ଜେନା, ବିଷ୍ଣୁ ଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ନିଶିକାନ୍ତଙ୍କ ମନ୍ତବ୍ୟକୁ ପ୍ରଫୁଲ୍ଲ ଘଡ଼ାଇଙ୍କ ନିନ୍ଦା

**ଭୁବନେଶ୍ୱର,୨।୪(ସମିସ):** କଳିଙ୍ଗର ବରପୁତ୍ର, ଓଡ଼ିଶାମାଟିର ସୁଯୋଗ୍ୟ ଦାୟାଦ, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଅଦ୍ୱିତୀୟ ପ୍ରବାଦ ପୁରୁଷ, ବିଜୁ ବାବୁଙ୍କ ପ୍ରତି ଝାଡଖଣ୍ଡର ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ଅସମ୍ମାନ ଏବଂ ଅସୂୟା ସୂଚକ ମନ୍ତବ୍ୟକୁ ପୂର୍ବତନ ମନ୍ତ୍ରୀ ତଥା କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ଅଧ୍ୟକ୍ଷ ଡଃ ପ୍ରଫୁଲ୍ଲ ଚନ୍ଦ୍ର ଘଡାଇ କଡ଼ା ନିନ୍ଦା କରିଛନ୍ତି। ଶ୍ରୀ ଘଡ଼ାଇ କହିଛନ୍ତି ଯେ ଏହା ଅତ୍ୟନ୍ତ ଦୁଃଖଦାୟକ, ନିନ୍ଦନୀୟ ଏବଂ ଦୁର୍ଭାଗ୍ୟ ଜନକ ମନ୍ତବ୍ୟ। ଓଡ଼ିଆ ଅସ୍ମିତା ପାଇଁ ସଦା ସମର୍ପିତ ବିଜୁ ବାବୁଙ୍କ ପ୍ରତି ହୋଇଥିବା ଅପମାନ ଓଡ଼ିଶାବାସୀଙ୍କ ମନରେ ଗଭୀର ଆଘାତ ଦେଇଛି। ବିଜୁବାବୁ ଭାରତର ସ୍ୱାଧୀନତା ସଂଗ୍ରାମରୁ ଆରମ୍ଭ କରି ଋଷ ଏବଂ ଇଣ୍ଡୋନେସିଆର ସଂଗ୍ରାମରେ ସହଯୋଗ କରି ଦେଶ ବିଦେଶରେ ଅନେକ ଯଶ, କୀର୍ତ୍ତି ଏବଂ ସମ୍ମାନ ଲାଭକରିଥିଲେ। କାଶ୍ମୀରକୁ ପାକିସ୍ତାନ ସେନା କବଳରୁ ରକ୍ଷା କରିବା, ୧୯୬୨ ମସିହାର ଭାରତ-ଚୀନ ଯୁଦ୍ଧ ଏବଂ ୧୯୬୫ରେ ଭାରତ-ପାକିସ୍ତାନ ଯୁଦ୍ଧ ସବୁ ସମୟରେ ସେ ଦେଶର ସୁରକ୍ଷା ପାଇଁ ଆଗେଇ ଆସିଥିଲେ। ବିଜ୍ଞାନକୁ ଲୋକପ୍ରିୟ କରିବା ପାଇଁ ବିଶ୍ୱ ପ୍ରସିଦ୍ଧ ୟୁନେସ୍କୋ କଳିଙ୍ଗ ପୁରସ୍କାରର ପ୍ରତିଷ୍ଠାତା ବିଜୁବାବୁ କେବଳ ଓଡିଶା ନୁହେଁ ସମଗ୍ର ଦେଶରେ ଜଣେ ଅନନ୍ୟ ଜନ ନାୟକ ଥିଲେ। ବିଜୁ ବାବୁଙ୍କ ଭଳି ଜଣେ ଦେଶପ୍ରେମୀ ମହାନାୟକଙ୍କ ସ୍ୱର୍ଣ୍ଣିମ ଇତିହାସ ବିଷୟରେ ନଜାଣି ନିନ୍ଦନୀୟ ଏବଂ ଅପାମନ ସୂଚକ ମନ୍ତବ୍ୟ ଦେଇଥିବା ଶ୍ରୀ ଦୁବେ ଓଡିଶାବାସୀ ତଥା ଦେଶବାସୀଙ୍କ ନିକଟରେ ନିଃସର୍ତ୍ତ କ୍ଷମାପ୍ରାର୍ଥନା କରିବା ସହ ବିଜୁବାବୁଙ୍କ ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦର୍ଶନ କରିବା ପାଇଁ ଡଃ ଘଡାଇ ଦାବି କରିଛନ୍ତି।

# ଆଜିଠୁ ନୂତନ ଶିକ୍ଷାବର୍ଷ; ସ୍କୁଲ୍ ଖୋଲିବା ସମୟ ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର,୧।୪(ସମିସ):** ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ନୂତନ ଶିକ୍ଷାବର୍ଷ ଆରମ୍ଭ ହେବ। ମାତ୍ର ବିଦ୍ୟାଳୟ ସକାଳୁଆ ହେବ ନା ଦିନ ୧୦ରୁ ପାଠପଢ଼ା ଆରମ୍ଭ ହେବ, ସେନେଇ ଅଭିଭାବକ ଓ ଶିକ୍ଷକଶିକ୍ଷୟତ୍ରୀମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ପୂର୍ବ ନିର୍ଦ୍ଧାରିତ ନିୟମ ଅନୁଯାୟୀ ମାର୍ଚ୍ଚ ଓ ଏପ୍ରିଲ୍ ମାସରେ ସକାଳ ସାଢ଼େ ୬ ଟାରୁ ୧୧ଟା ପର୍ଯ୍ୟନ୍ତ ଶିକ୍ଷାଦାନ କରିବାକୁ ସମୟ ନିର୍ଘଣ୍ଟ ହୋଇଛି। ହେଲେ ନିକଟରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏନେଇ କୌଣସି ନିର୍ଦ୍ଦେଶାବଳୀ ଜାରି ହୋଇ ନ ଥିବାରୁ ଶିକ୍ଷକଙ୍କ ଚିନ୍ତା ବଢ଼ିଛି। ଅନେକ ଜିଲ୍ଲାରେ ଜିଲ୍ଲା ଶିକ୍ଷା ଅଧିକାରୀ (ଡିଇଓ)ମାନେ ବିଭାଗ ପକ୍ଷରୁ କୌଣସି ନିର୍ଦ୍ଦେଶ ମିଳି ନ ଥିବା ଦର୍ଶାଇ ପୂର୍ବପରି ୧୦ରୁ ପାଠପଢ଼ାଇବାକୁ ଅଲିଖିତ ନିର୍ଦ୍ଦେଶନାମା ଦେଇଛନ୍ତି। ଫଳରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ହରଡ଼ଘଣାରେ ପଡ଼ିଛନ୍ତି। କେଉଁ ସମୟରେ ବିଦ୍ୟାଳୟରେ ପାଠପଢ଼ା ହେବ ବୋଲି ଅଭିଭାବକଙ୍କ ପ୍ରଶ୍ନରେ ଛନ୍ଦି ହେଉଛନ୍ତି।

### କୁବେର ଡିଏମ୍‌ଙ୍କ ଅଚଳାଚଳ ସମ୍ପତ୍ତି

# ଘରୁ ମିଳିଲା କିଲେ ସୁନା

**ଭୁବନେଶ୍ୱର/ସମ୍ବଲପୁର ୧।୪ (ସମିସ):** ଭିଜିଲାନ୍ସ ଜାଲରେ ଛନ୍ଦି ହୋଇଥିବା



ଓପିଏଚଡବ୍ଲୁସି ଡେପୁଟି ମ୍ୟାନେଜରଙ୍କ ସମ୍ପତ୍ତି ଭିଜିଲାନ୍ସ ଆଖି ଝଲସାଇ ଦେଇଛି। ଗତକାଲି ଘରୁ ବିପୁଳ ଟଙ୍କା ବାହାରିଥିବା ବେଳେ ଆଜି ପୁଳା ପୁଳା ସୁନା ବାହାରିଛି। କେବଳ ଟଙ୍କା କି ସୁନା ନୁହେଁ, ପ୍ଲଟ୍ ମଧ୍ୟ ଠାବ ହୋଇଛି। ମାତ୍ର ୭ ହଜାର ଟଙ୍କା ଦରମାରେ ଚାକିରି ଆରମ୍ଭ କରିଥିବା କୁବେର ଡିଏମଙ୍କ ଅଚଳାଚଳ ସମ୍ପତ୍ତି ସମସ୍ତଙ୍କୁ ତାଜୁବ କରିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳଙ୍କୁ ଗିରଫ କରିଛି ଭିଜିଲାନ୍ସ। ସେ ଆୟ ଠାରୁ ଯଥେଷ୍ଟ ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପ୍ରମାଣ ପାଇଛି।

ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚଡବ୍ଲୁସି) ସମ୍ବଲପୁର ଡିଭିଜନର ଡେପୁଟି ମ୍ୟାନେଜର ବିଦ୍ୟୁତ୍ ରଞ୍ଜନ ଭୋଳ ଗତକାଲି ୫ ଲକ୍ଷ ୧୮ ହଜାର ଟଙ୍କା ନେଇ ଯାଉଥିବା ବେଳେ ସମ୍ବଲପୁର ଷ୍ଟେସନରୁ ଭିଜିଲାନ୍ସ ତାଙ୍କୁ କାବୁ କରିଥିଲା। ଏତେ ପରିମାଣର ଟଙ୍କାକୁ ନେଇ କୌଣସି ସନ୍ତୋଷଜନକ ଉତ୍ତର ନଦେବାରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଚଢ଼ଉ କରିଥିଲା। ସମ୍ବଲପୁର, ଭୁବନେଶ୍ୱର ଓ ଭଞ୍ଜନଗରରେ ଚଢ଼ଉ କରାଯାଇଥିଲା। ୫ ଲକ୍ଷ ୧୮ ହଜାରକୁ ମିଶାଇ ରସୁଲଗଡ଼ ସ୍ଥିତ ଘର ଓ ଚନ୍ଦ୍ରଶେଖରପୁର ସ୍ଥିତ ଭଉଣୀ ଘରୁ ମୋଟ ୪୮ ଲକ୍ଷ ୭୯ ହଜାର ୧୦୦ ଟଙ୍କା ଜବତ କରିଥିଲା। ଜଟଣୀ, ବ୍ରହ୍ମପୁର ଓ ଅନ୍ୟ ସ୍ଥାନରେ ୨୯ଟି ପ୍ଲଟ୍, ଦୁଇଟି କୋଠା ଓ ଭୁବନେଶ୍ୱରର କଳିଙ୍ଗ ବିହାରରେ ଗୋଟିଏ ଫ୍ଲାଟ୍ ଠାବ କରିଥିଲା। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଘର ଭିତରୁ ଗୋଟିଏ କିଲୋ ୧୪୦ ଗ୍ରାମ ଓଜନର ସୁନାଗହଣା ଜବତ ହୋଇଛି। ସେଥିରେ ୬ଟି ସ୍ୱର୍ଣ୍ଣମୁଦ୍ରା ଓ ୨ଟି ସୁନା ବିସ୍କୁଟ ରହିଛି। ଏଥିସହିତ ୩୦ ଲକ୍ଷ ଟଙ୍କାର ବ୍ୟାଙ୍କ୍ ଜମା ରହିଥିବା ଭିଜିଲାନ୍ସକୁ ପ୍ରମାଣ ମିଳିଛି।

**ଜଟଣୀ ଓ ବ୍ରହ୍ମପୁରରେ ୨୯ ପ୍ଲଟ୍**
**ନଗଦ ୪୯ ଲକ୍ଷ ଟଙ୍କା ଜବତ; ବ୍ୟାଙ୍କରେ ୩୦ ଲକ୍ଷର ଜମା**

### ଶିଶୁ ନିର୍ଯାତନା; କୋମାରେ ଆଇନ

# ଶିଶୁ ସୁରକ୍ଷା ଆୟୋଗଙ୍କ ଉପରେ କାହା ଚାପ?



**ଭୁବନେଶ୍ୱର,୧।୪(ସମିସ):** ରାଜ୍ୟରେ ଶିଶୁଙ୍କ ବିରୋଧରେ ହିଂସା ଓ ଶୋଷଣକୁ ରୋକିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର) କାର୍ଯ୍ୟ କରୁଛି। ମାତ୍ର ରାଜ୍ୟରେ ବର୍ଦ୍ଧିତ ଶିଶୁ ନିର୍ଯାତନା ଘଟଣାକୁ ଦେଖିଲେ ଆଇନ କୋମାରେ ଥିବା ଜଳଜଳ ଦିଶୁଛି। ଶିଶୁ ସୁରକ୍ଷା ଆୟୋଗ ମଧ୍ୟ ଚାପର ବଶବର୍ତ୍ତୀ ହୋଇ ବିଭିନ୍ନ ଘଟଣାରେ ରହସ୍ୟମୟ ନିରବତା ଅବଲମ୍ବନ କରୁଛନ୍ତି। ଗତ ମାସ ୨୦ ତାରିଖରେ ତାରିଖରେ ବ୍ରହ୍ମଗିରି ବଜାରରେ ଜଣେ ନାବାଳକ ଚୋର ସଜାଇ ନିର୍ଯାତନା ଘଟଣାର ୧୨ ଦିନ ପରେ ବି ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବା ରାଜ୍ୟର ଶିଶୁ ସୁରକ୍ଷା ଆୟୋଗର ଭୂମିକାକୁ କାଠଗଡ଼ାରେ ଠିଆ କରିଛି।

ବ୍ରହ୍ମଗିରି ବଜାରରେ ଥିବା ମେଡିସିନ୍ ଷ୍ଟୋରରୁ ଚୋରି ଅଭିଯୋଗରେ ଜଣେ ନାବାଳକର ହାତ ବାନ୍ଧି, ବେକରେ ଚୋର ଲେଖାଥିବା ଏକ ଲିଫଲେଟ୍ ପକାଇ ମେଡିସନ୍ ଷ୍ଟୋରର ମାଲିକ ରାସ୍ତାରେ ବୁଲାଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଜଣେ ବିଜେପି ନେତାଙ୍କ ଭାଇ ହୋଇଥିବାରୁ ଲୋକଙ୍କ ବିରୋଧକୁ ମଧ୍ୟ ସେ କର୍ଣ୍ଣପାତ କରି ନ ଥିଲେ। ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ବି ଘୁରି ବୁଲିବା ପରେ ସାଧାରଣରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା। ପୀଡ଼ିତଙ୍କ ମା' ବ୍ରହ୍ମଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସିଡବ୍ଲୁସି ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଅଭିଯୋଗ ହୋଇଛି। ପୀଡ଼ିତଙ୍କ ମା'ଙ୍କ ଅଭିଯୋଗ କ୍ରମେ ପୁରୀ ସିଡବ୍ଲୁସି ପକ୍ଷରୁ ୨୦ ତାରିଖରେ ବ୍ରହ୍ମଗିରି ଥାନାରେ ଦାଖଲ ଏଫଆଇଆର୍‌ରେ ୧୦ଟି ଦଫା ଲଗାଯାଇଥିଲା। ଯେଉଁଥିରେ ୧୦୯ (ସେକ୍ସନ୍ ୭୫ ଜେଜେ ଆକ୍ଟ) ସହ କ୍ରୁଏଲିଟି ଟୁ ଚିଲଡ୍ରେନ୍ ଦଫା ଲାଗିଥିଲା। ୨୧ ତାରିଖରେ ଏଫଆଇଆର ପରେ ପିଲାକୁ ଉଦ୍ଧାର କରି ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ସେହିପରି ପିଲାଟିର ମାନସିକ ଓ ଅନ୍ୟ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏଥିରେ ସମ୍ପୃକ୍ତ ପିଲାଟି ନିଜ ବୟସ ଅନୁସାରେ ମାନସିକସ୍ତରରେ ଦୁର୍ବଳ ବା ଇଣ୍ଟେଲେକଚୁଅଲି ଡେଫିସିଏଣ୍ଟ ଥିବା ଜଣାପଡ଼ିଛି। ଏନେଇ ସୋସିଆଲ ଇନଭେଷ୍ଟିଗେସନ୍ ରିପୋର୍ଟ ଦେବାକୁ ସିଡବଲ୍ୟୁସି ଡିସିପିଓ, ପୁରୀଙ୍କୁ ନିର୍ଦ୍ଦେଶ ଦେଇଥିବା ବେଳେ ଡିସିପିଓ ସେମାନଙ୍କ ଏଲପିଓ(ଲିଗାଲ ପ୍ରୋଭିଜନିଙ୍ଗ ଅଫିସର)ଙ୍କ ମାଧ୍ୟମରେ ଡିସିପିଓଙ୍କୁ ଏହି ରିପୋର୍ଟ ପ୍ରଦାନ କରିଛନ୍ତି। ଏ ବାବଦରେ ସିଡବ୍ଲ୍ୟୁସି ପକ୍ଷରୁ ଓଏସସିପିସିଆରଙ୍କୁ ଅବଗତ କରାଯାଇଛି। ତେବେ ଗତ ୨୩ ତାରିଖରେ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ଓଏସସିପିସିଆରର ଅଧ୍ୟକ୍ଷଙ୍କ ସମେତ ଅନ୍ୟ ମାନେ ୨୪ ତାରିଖରେ ପୀଡ଼ୀତଙ୍କ ଘରକୁ ଯାଇ ଅନୁଧ୍ୟାନ କରିବାକୁ ଓଏସସିପିସିଆର ପକ୍ଷରୁ ଏକ ଚିଠି କରାଯାଇଥିଲା। ମାତ୍ର ଉକ୍ତଦିନ ସଚିବାଳୟରେ ବୈଠକ ଥିବା ଦର୍ଶାଇ ଶିଶୁ ସୁରକ୍ଷା ଆୟୋଗ ଅଧ୍ୟକ୍ଷା କିମ୍ବା ତାଙ୍କର କୌଣସି ମେମ୍ବର ସେଠାରେ ପହଞ୍ଚି ନଥିଲେ।

ପୁରୀ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଡ. ଅଜିତ୍ କୁମାର ମହାପାତ୍ର କହିଛନ୍ତି, ଏପର୍ଯ୍ୟନ୍ତ ସିଡବ୍ଲ୍ୟୁସି ପକ୍ଷରୁ ଯେଉଁ ଯେଉଁ ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଓଏସସିପିସିଆରକୁ ଅବଗତ କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଅଭିଯୁକ୍ତମାନେ ଗିରଫ ହୋଇନଥିବାରୁ ୭ଦିନ ପରେ ଅର୍ଥାତ୍ ୩୦ ତାରିଖରେ ପୁଣି ଥରେ ସିଡବ୍ଲ୍ୟୁସି ପକ୍ଷରୁ ପୁଲିସକୁ କାରଣଦର୍ଶାଅ ନୋଟିସ୍ କରାଯିବା ସହ ସେଥିପାଇଁ ପୁଲିସକୁ ୪୮ ଘଣ୍ଟାର ସମୟ ଦିଆଯାଇଥିଲା; ହେଲେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନଥିବା ଶ୍ରୀ ମହାପାତ୍ର କହିଛନ୍ତି।

- **୧୦ ଦିନ ପରେ ବି ହୋଇନାହିଁ କାର୍ଯ୍ୟାନୁଷ୍ଠାନ**
- **ଚିଠି ଲେଖି ଚୁପ୍ ବସିଛି ଓଏସସିପିସିଆର**

### ■ ଆଦେଶନାମାର ପ୍ରମାଣୀକୃତ କପି ପ୍ରଦାନରେ ଅବହେଳା

# ଅନୁଗୁଳ ଜିଲ୍ଲା ଅଦାଲତ ରେଜିଷ୍ଟ୍ରାରଙ୍କୁ ହାଇକୋର୍ଟଙ୍କ ହାଜିରା ନିର୍ଦ୍ଦେଶ

**କଟକ,୨।୪(ସମିସ):** ଓଡ଼ିଶା ଉଚ୍ଚନ୍ୟାୟାଳୟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ଶୁଣାଣି କରି ଅନୁଗୁଳ ଜିଲ୍ଲା ଅଦାଲତର ରେଜିଷ୍ଟ୍ରାରଙ୍କୁ ଭର୍ଚୁଆଲ୍ ମାଧ୍ୟମରେ ପରବର୍ତ୍ତୀ ଶୁଣାଣି ଦିନ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଡଃ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଦୁଃଖନାଶନ ବିଶିଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ ଏକ ପୋକ୍‌ସୋ ମାମଲାରେ ରାୟ ପ୍ରକାଶ ପୂର୍ବରୁ କେତେକ ଆଦେଶର ପ୍ରମାଣୀକୃତ କପି ଯୋଗାଇ ଦିଆଯାଇ ନ ଥିଲା। ଗତ ଶୁଣାଣି ବେଳେ ଅନୁଗୁଳ ଆଡହକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜଙ୍କ କୋର୍ଟରୁ ମାମଲା ସମ୍ବନ୍ଧୀୟ ସମସ୍ତ ଦସ୍ତାବିଜ ବା ରେକର୍ଡର ଫଟୋକପି ମାର୍ଚ୍ଚ ୩୧ ସୁଦ୍ଧା ପଠାଇବାକୁ ସମ୍ପୃକ୍ତ ଅଦାଲତ ରେଜିଷ୍ଟ୍ରିକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ତେବେ ଏହା ପ୍ରଦାନ କରାଯାଇନଥିବା ନେଇ ଆବେଦନକାରୀ ଦୃଷ୍ଟି ଆକର୍ଷଣ କରିବାରୁ ହାଇକୋର୍ଟ ସମ୍ପୃକ୍ତ ଜିଲ୍ଲା ଅଦାଲତ ରେଜିଷ୍ଟ୍ରାରଙ୍କୁ ହାଜର ହେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଏପ୍ରିଲ ୬କୁ ଧାର୍ଯ୍ୟ କରାଯାଇଛି। ପ୍ରକାଶଥାଉକି ପୂର୍ବରୁ ମାର୍ଚ୍ଚ ୨୬ ତାରିଖରେ ନିମ୍ନ ଅଦଲାତଙ୍କ ପକ୍ଷରୁ ପ୍ରକାଶ ପାଇବାକୁ ଥିବା ରାୟକୁ ହାଇକୋର୍ଟ ଦୁଇ ସପ୍ତାହ ପାଇଁ ସ୍ଥଗିତ ରଖିଥିଲେ।

### ■ ବ୍ରାଉନସୁଗର ଚୋରା ଚାଲାଣ ମାମଲା

# ଦୁଇ ଅଭିଯୁକ୍ତଙ୍କ ୧୦ ବର୍ଷ ଜେଲ୍ ଦଣ୍ଡାଦେଶ କାଏମ୍

**କଟକ,୨।୪(ସମିସ):** ଏକ ବ୍ରାଉନସୁଗର ଚୋରା ଚାଲାଣ ମାମଲାରେ ଦୁଇ ଅଭିଯୁକ୍ତଙ୍କ ଦ୍ୱାରା ଦାୟର ହୋଇଥିବା ଅପିଲକୁ ଖାରଜ କରି ନିମ୍ନ ଅଦାଲତଙ୍କ ଦଣ୍ଡାଦେଶକୁ କାଏମ ରଖିଛନ୍ତି ହାଇକୋର୍ଟ। ଶେଖ ଜମିର ଓ ପ୍ରଭାତ କୁମାର ସେଠୀଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଡଃ ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗତ ୨୦୨୦ ନଭେମ୍ବର ୫ ତାରିଖରେ ବାଲେଶ୍ୱରର ଜ୍ୟୋତି ସାଗର ହୋଟେଲ ନିକଟରୁ ଏସଟିଏଫ ଦ୍ୱାରା ଦୁଇ ଅଭିଯୁକ୍ତ ଛୋଟୁ ଓରଫ ଶେଖ ଜମିର ଏବଂ ପ୍ରଭାତ ଓରଫ ପ୍ରଭାତ କୁମାର ସେଠୀଙ୍କୁ ଗିରଫ କରାଯାଇଥିଲା। ସେମାନଙ୍କ ନିକଟରୁ ବ୍ରାଉନସୁଗର ଜବତ କରାଯାଇଥିଲା। ଏହି ମାମଲାରେ ବାଲେଶ୍ୱରର ସ୍ୱତନ୍ତ୍ର କୋର୍ଟ ୨୦୨୩ ମସିହା ଏପ୍ରିଲ ୧୯ ତାରିଖରେ ଉଭୟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କାର ଜରିମାନା ଆଦେଶ ଦେଇଥିଲେ। ହାଇକୋର୍ଟ ସମସ୍ତ ପ୍ରମାଣ ଏବଂ ନିମ୍ନ ଅଦାଲତର ବିଚାର ପ୍ରକ୍ରିୟାକୁ ପୁନଃ ତର୍ଜମା କରିବା ପରେ ଦଣ୍ଡାଦେଶରେ କୌଣସି ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି।

# ୭୮ ପୁଲିସଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ



**ଭୁବନେଶ୍ୱର, ୧।୪ (ସମିସ):** ପୁଲିସ ପ୍ରତିଷ୍ଠା ଦିବସ ଅବସରରେ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୭୮ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀଙ୍କୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆ ପଦକ ପ୍ରଦାନ କରିଥିଲେ। ନକ୍ସଲ ବିରୋଧୀ ଅଭିଯାନର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡା, ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ଏସ୍ ସାଇନି, ଆଇଜି (ଅପରେସନ) ଡଃ ଦୀପକ କୁମାର, କ୍ରାଇମବ୍ରାଞ୍ଚ ଆଇଜିପି ଡଃ ସାର୍ଥକ ଷଡଙ୍ଗୀ, ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଡିଆଇଜି ଅଖିଳେଶ୍ୱର ସିଂ, ଭୁବନେଶ୍ୱର ଡିସିପି ଜଗମୋହନ ମୀନା, କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ, ସ୍ପେଶାଲ ବ୍ରାଞ୍ଚ ଏସପି ସୁନିଲ କୁମାର ନନ୍ଦ, ବୈରୀ ପୁଲିସ ପ୍ରଶିକ୍ଷଣ ପ୍ରତିଷ୍ଠାନର ଏସପି ଅଶୋକ କୁମାର ଦେହୁରୀଙ୍କୁ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପ୍ରଦାନ କରିଛନ୍ତି। ଏଥିସହିତ ଏସ୍‌ଓଜିର ୨୯ ଜଣ, ସ୍ପେଶାଲ ବ୍ରାଞ୍ଚର ୭ ଜଣ, ଏସଆଇଡବ୍ଲୁର ୧୦ ଜଣଙ୍କ ସମେତ ଅନ୍ୟାନ୍ୟ ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଡିଜିପି ପଦକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ନିମନ୍ତେ ଡିଜିପି ଏହି ପଦକ ପ୍ରଦାନ କରିଛନ୍ତି। ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ ଦ୍ୱାରା ଗଞ୍ଜାମ ଜିଲ୍ଲାର ବଡ଼ଗଡ଼ ଥାନା ରାଜ୍ୟର ସର୍ବଶ୍ରେଷ୍ଠ ପୁଲିସ ଥାନା ଭାବେ ପୁରସ୍କୃତ ହୋଇଛି। ସେହି ଥାନାର ଇନ୍ସପେକ୍ଟର ବିମଳ କୁମାର କହଁରଙ୍କୁ ଡିଜିପି ପଦକ ପ୍ରଦାନ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବହୁ ବରିଷ୍ଠ ପୁଲିସ ଅଧିକାରୀ, କର୍ମଚାରୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, କାର୍ଯ୍ୟକ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମୋଟ ୧୩୬ ଜଣ ପୁଲିସ ଅଧିକାରୀ ଓ କର୍ମଚାରୀ ଆରକ୍ଷୀ ମହାନିର୍ଦ୍ଦେଶକ ପଦକ ପାଇଁ ମନୋନୀତ ହୋଇଛନ୍ତି। ବୁଧବାର ପୁଲିସ ଡିଜି ୭୮ ଜଣଙ୍କୁ ଏହି ପଦକ କରିଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟମାନଙ୍କୁ ଏହି ପଦକ ପ୍ରଦାନ କରିବେ।

**ଗଞ୍ଜାମ ବଡ଼ଗଡ଼ ରାଜ୍ୟର ଶ୍ରେଷ୍ଠ ଥାନା**

### କଟକରେ ୯୧ତମ ରାଜ୍ୟ ପୁଲିସ ପ୍ରତିଷ୍ଠା ଦିବସ

# ସୁରକ୍ଷିତ ଓ ନିଶାମୁକ୍ତ ରାଜ୍ୟ ପାଇଁ ପୁଲିସ ସଂକଳ୍ପବଦ୍ଧ: ଡିଜିପି



**କଟକ,୧।୪(ସମିସ):** ଓଡ଼ିଶାକୁ ଏକ ସୁରକ୍ଷିତ, ଶାନ୍ତିପୂର୍ଣ୍ଣ ଓ ନିଶାମୁକ୍ତ ରାଜ୍ୟରେ ପରିଣତ କରିବା ପାଇଁ ଓଡ଼ିଶା ପୁଲିସ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରୁଛି ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି। ଆଜି ପୂର୍ବାହ୍ନରେ କଟକ ବକ୍ସିବଜାରସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ଆୟୋଜିତ ଓଡ଼ିଶା ପୁଲିସର ୯୧ତମ ପ୍ରତିଷ୍ଠା ଦିବସ ଅବସରରେ ଡିଜିପି ଶ୍ରୀ ଖୁରାନିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡରେ ଅଭିବାଦନ ଗ୍ରହଣ କରିବା ସହ କହିଥିଲେ ଯେ ୨୦୨୫ରୁ ଏଯାବତ ୨୭ ଜଣ ଦୁର୍ଦ୍ଦାନ୍ତ ମାଓବାଦୀଙ୍କୁ ନିପାତ କରାଯାଇଛି। ଏହାସହ ୭୨ ଜଣ ମାଓବାଦୀ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇଛନ୍ତି। ସାଇବର ଅପରାଧକୁ ଆଜି ଏକ ଗୁରୁତର ଚ୍ୟାଲେଞ୍ଜ ହୋଇଥିବା ବେଳେ ପୁଲିସ ଆଧୁନିକ ପ୍ରଯୁକ୍ତିର ସହାୟତାରେ ସଫଳତାର ସହିତ ଏହାର ମୁକାବିଲା କରୁଛି। 'ଅପରେସନ ସାଇବର କବଚ' ମାଧ୍ୟମରେ ୩୯,୭୧୪ଟି ସନ୍ଦେହଜନକ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ କରାଯାଇ ୧୪୨୨ ଟି ନୂତନ ମାମଲା ରୁଜୁ ହୋଇଛି ଏବଂ ୩୭୯ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ବୋଲି ସେ କହିଥିଲେ। ଆଗାମୀ ତିନି ବର୍ଷରେ ଓଡିଶାକୁ ସମ୍ପୂର୍ଣ୍ଣ ନିଶାମୁକ୍ତ କରିବା ପାଇଁ ପୋଲିସ ସଂକଳ୍ପବଦ୍ଧ ବୋଲି ଡିଜିପି କହିଥିଲେ। ପ୍ରାୟ ୩୦୦୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର ଗଞ୍ଜେଇ, ବ୍ରାଉନସୁଗାର ଓ ଗଞ୍ଜେଇ ତେଲ ଜବତ କରାଯିବା ସହ ୪୮,୧୬୦ ଏକର ଜମିରେ ବେଆଇନ ଚାଷକୁ ଧ୍ୱଂସ କରାଯାଇଛି। ଏହି ପ୍ରକ୍ରିୟାରେ ୬୫୪ ଜଣ ଆନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଗିରଫ କରାଯାଇଥିବା ବେଳେ ନିଶା ମାଫିଆଙ୍କ ୧୦ କୋଟିରୁ ଅଧିକ ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଛି ବୋଲି ସେ କହିଥିଲେ। ପୀଡ଼ିତମାନଙ୍କୁ ଶୀଘ୍ର ନ୍ୟାୟ ଦେବାରେ ଓଡିଶା ପୁଲିସ ଦେଶରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି ବୋଲି ସେ ଉଲ୍ଲେଖ କରିଥିଲେ।

ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା ବାର୍ତ୍ତାକୁ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି ପାଠ କରିଥିଲେ। ଶ୍ରେଷ୍ଠ ଇନସ୍ପେକ୍ଟର ବିଜୟ କିଶୋର ଦାସ, ଶ୍ରେଷ୍ଠ ଇନ୍ସପେକ୍ଟର (ଅପରାଧ ଶାଖା) ରୂପଶ୍ରୀ ପ୍ରହରାଜ, ଶ୍ରେଷ୍ଠ ଇନସ୍ପେକ୍ଟର (ସ୍ପେସାଲ ବ୍ରାଞ୍ଚ) ଶ୍ରୀଧର ମାଝୀ, ଶ୍ରେଷ୍ଠ ସବଇନସ୍ପେକ୍ଟର ମାନସ ରଞ୍ଜନ ପଣ୍ଡା, ଏସଓଜିର ଶ୍ରେଷ୍ଠ ଟିମ ଲିଡର ଏସ.ଆଇ (ସଶସ୍ତ୍ର) ଶଂକର୍ଷଣ ହାଁସଦା, ଶ୍ରେଷ୍ଠ ଏଏସଆଇ ବିଜୟ କୁମାର ସୁନାଶଗଡ, ଶ୍ରେଷ୍ଠ ହାବିଲଦାର ରମାକାନ୍ତ ସେଠୀ, ଶ୍ରେଷ୍ଠ ଓ.ଆର କନେଷ୍ଟବଳ ଗୌରୀଶଙ୍କର ସାହୁ, ଶ୍ରେଷ୍ଠ ଏପିଆର କନେଷ୍ଟବଳ ସୁଦାମଚନ୍ଦ୍ର ବଳିଆରସିଂ, ଶ୍ରେଷ୍ଠ ଟ୍ରାଫିକ କନେଷ୍ଟବଳ ରଶ୍ମିତା ପଧାନ, ଶ୍ରେଷ୍ଠ ଇନସ୍ପେକ୍ଟର (ସଶସ୍ତ୍ର) ଅଶୋକ କୁମାର ବେହେରା, ଶ୍ରେଷ୍ଠ ଏସଆଇ (ସଶସ୍ତ୍ର) ଏସ. ସତ୍ୟନାରାୟଣ ରାଓ, ଶ୍ରେଷ୍ଠ ହାବିଲଦାର ମେଜର (ବ୍ୟାଣ୍ଡ) ହରିହର ବେହେରା, ଶ୍ରେଷ୍ଠ ହାବିଲଦାର (ସଶସ୍ତ୍ର) ଷଣ୍ଡେଶ୍ୱର ଭୋଇନା, ଶ୍ରେଷ୍ଠ କନେଷ୍ଟବଳ ଭାବେ ସୁନିଲ କୁମାର ମୁର୍ମୁଙ୍କୁ ପୁରସ୍କୃତ କରଯାଇଥିଲା।

ସେହିପରି ଓଏସଏପି ଷଷ୍ଠ ବାଟାଲିୟନ, କଟକକୁ ଶ୍ରେଷ୍ଠ ବାଟାଲିୟନ ଭାବେ ପୁରସ୍କୃତ କରାଯାଇଥିଲା। ଶ୍ରେଷ୍ଠ ପରିବାର କଲ୍ୟାଣ କେନ୍ଦ୍ର ଭାବେ ଦ୍ୱିତୀୟ ସ୍ୱତନ୍ତ୍ର ସଶସ୍ତ୍ର ବାଟାଲିୟନ, ପରିବାର କଲ୍ୟାଣ କେନ୍ଦ୍ର, ଝାରସୁଗୁଡା (ପ୍ରଥମ), ତୁଳସୀପୁର ପରିବାର କଲ୍ୟାଣ କେନ୍ଦ୍ର, କଟକ (ଦ୍ୱିତୀୟ), ପରିବାର କଲ୍ୟାଣ କେନ୍ଦ୍ର, ସୁନ୍ଦରଗଡ (ତୃତୀୟ)ଙ୍କୁ ପୁରସ୍କୃତ କରାଯାଇଥିଲ। ଆଜିର ଆନୁଷ୍ଠାନିକ ପ୍ୟାରେଡରେ ଆଇଆର ବାଟାଲିଅନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଓଆଇଏସଏଫ ଦଳ ଦ୍ୱିତୀୟ ସ୍ଥାନ ଅଧିକାର କରି ଡିଜିପି ଶ୍ରୀ ଖୁରାନିଆଙ୍କ ଠାରୁ ପୁରସ୍କାର ଗ୍ରହଣ କରିଥିଲେ। ମୁଖ୍ୟ କମାଣ୍ଡର କେ ଶ୍ରୀନିବାସୁଲୁଙ୍କ ତତ୍ତ୍ୱାବଧାନରେ ପରେଡ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

- **ବର୍ଷକରେ ଟଳିଛନ୍ତି ୨୭ ମାଓବାଦୀ, ୭୨ ମୁଖ୍ୟସ୍ରୋତକୁ ଫେରିଛନ୍ତି**
- **୩ହଜାର କୋଟି ଟଙ୍କାର ନିଶା ଦ୍ରବ୍ୟ ଜବତ**
- **୩୭୯ ଜଣ ସାଇବର ଅପରାଧୀ ଗିରଫ**

କେନ୍ଦୁଝର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

# ‘ସମଗ୍ର ଭାରତରେ ଓଡ଼ିଶାର ପରିଚୟ ସ୍ୱତନ୍ତ୍ର’

କେନ୍ଦୁଝର, ୧।୪(ସମିସ): କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ୯୧ତମ ଓଡ଼ିଶା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଆ ଜାତିର ଅସ୍ମିତା, ସ୍ୱାଭିମାନ ଏବଂ ସଂସ୍କୃତିକୁ ବଜାୟ ରଖିବା ସହିତ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଶପଥ ନିଆଯାଇଛି। ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଲୋକସମ୍ପର୍କ କାର୍ଯ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ସକାଳେ ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଆରମ୍ଭ ହୋଇଥିଲା। ସଂକୀର୍ତ୍ତନ ମଣ୍ଡଳୀଙ୍କ ଦ୍ୱାରା ପାରମ୍ପରିକ ଲୋକକଳା ପ୍ରଦର୍ଶନ ମାଧ୍ୟମରେ ଭକ୍ତିପୂତ ପରିବେଶରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଏକ ସାଂସ୍କୃତିକ ଶୋଭାଯାତ୍ରା ଆରମ୍ଭ ହୋଇ ସହରରେ ଅବସ୍ଥିତ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ ଲୋକକଳାକାର,




ବିଭିନ୍ନ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ସାମିଲ ହୋଇଥିଲେ। ମନ୍ତ୍ରୀ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଏବଂ କର୍ମଚାରୀ ରାଜ୍ୟ ବୀମା ବିଭାଗ ଗଣେଶରାମ ସିଂଖୁଣ୍ଟିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ଭବ୍ୟ ଫଟୋଚିତ୍ର ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ। ଓଡ଼ିଶାର ସମୃଦ୍ଧ କଳା, ସଂସ୍କୃତି ଓ ଅତୀତର ଗୌରବମୟ ଇତିହାସକୁ ସୁନ୍ଦର ଭାବେ ପ୍ରଦର୍ଶିତ କରାଯାଇଥିଲା। ମନ୍ତ୍ରୀ ପ୍ରଦର୍ଶିତ ଚିତ୍ରଗୁଡ଼ିକୁ ବୁଲି ଦେଖିବା ସହ ଓଡ଼ିଶାର ବୀରତ୍ୱ ଏବଂ ଐତିହ୍ୟକୁ ପୁଣିଥରେ ମନେ ପକାଇଥିଲେ। ପରେ ଦରବାର ହଲ୍‌ଠାରେ ଏକ ସ୍ୱତନ୍ତ୍ର ସଭାରେ ଜିଲ୍ଲାପାଳ ବିଶାଳ ସିଂହ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଥିଲେ ଯେ ସମଗ୍ର ଭାରତବର୍ଷରେ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଓଡ଼ିଆ ଭାଷା ଓ ସଂସ୍କୃତିର ସୁରକ୍ଷା ପାଇଁ ସେମାନଙ୍କର ଉତ୍ସର୍ଗୀକୃତ ସେବା ଅତୁଳନୀୟ। ସମସ୍ତଙ୍କ ସହ ସମନ୍ୱୟ ରଖି ଓଡ଼ିଶାକୁ ଏକ ଶ୍ରେଷ୍ଠ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ସେ ସମସ୍ତଙ୍କୁ ଶପଥ କରିବାକୁ ସେ ଆହ୍ୱାନ ଜଣାଇଥିଲେ। ଏହି ସମାରୋହରେ ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରଭା ଧନଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ। ଜିଲ୍ଲା ସଂସ୍କୃତି ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସାର୍ଥକ ରାୟ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ସେହିପରି ଅପରାହ୍ନରେ କେନ୍ଦୁଝର ଅଡିଟୋରିୟମରେ କବିତା ପାଠୋତ୍ସବ ଓ ସନ୍ଧ୍ୟାରେ ଜିଲ୍ଲାର ପ୍ରାଚୀନ କଳା, ସଂସ୍କୃତି ଓ ଐତିହ୍ୟକୁ ମନେ ପକାଇବା ପାଇଁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

● ବାଡ଼ ଖାଉଛି ଫସଲ !

# ବନ କର୍ମଚାରୀଙ୍କ ବିରୋଧରେ ଗଛ କଟା ଅଭିଯୋଗ

ତୁରୁମୁଙ୍ଗା, ୧।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ତଣ୍ଡୋ ବିଟ୍ କୋଠାଘର ଖାତା ନଂ ୧୨୦, ରକ୍ଷିତ ଗ୍ରାମର କୁମୁଡାବାହାଲି, ଖାତା ନଂ-୮୨, ପ୍ଲଟ ନଂ -୧୨୭୬, ରକ୍ଷିତ ଗ୍ରାମର ଘରବାଲିଯୋଡ଼ି ଖାତା ନଂ-୧୨୦, ପ୍ଲଟ ନଂ ୧୨୬ ରକ୍ଷିତ ଗ୍ରାମ କୁମୁଡ଼ବାହାଲିରେ ଆକାଶିଆ ଗଛଗୁଡିକୁ ବେଆଇନ ଭାବେ ପାଟଣା ବନ ବିଭାଗ ଜାଣତରେ କେହି କାଟି ବିକ୍ରି କରୁଥିବାର ଗୁରୁତର ଅଭିଯୋଗ ଆଣିଛନ୍ତି ପାଟଣା ମଣ୍ଡଳର ପୂର୍ବତନ ସଭାପତି ରମେଶଚନ୍ଦ୍ର ମହାନ୍ତ। ଅନାବାଦୀ ଜମିରୁ ଏପରି ଗଛ କଟାକୁ ସେ ବିରୋଧ କରିଛନ୍ତି। ଏଥିସହ ପିଛୁଲାବେଡା ଗ୍ରାମରେ ପିଇଓ ଏବଂ ସରପଞ୍ଚଙ୍କ ନିର୍ଦ୍ଦେଶକ୍ରମେ ରାସ୍ତା କାମ ଚାଲୁଥିବା ସମୟରେ ଗତ ୨୫ ଡିସେମ୍ବରରେ ଫରେଷ୍ଟର ଚିତ୍ତରଞ୍ଜନ ପରିଡ଼ା ଅତର୍କିତ ଚଢ଼ଉ କରି ଏକ ଗାଡି ଜବତ କରି ନବୀନ ନାଏକଙ୍କୁ ତିନି ଦିନ ଅଟକ ରଖିଥିଲେ। ସେହିପରି ମାର୍ଚ୍ଚ ୩ ତାରିଖରେ ପୁଟୁଳିଆ କାଠ ଡିପୋରେ ଏକ ବାଲି ଟ୍ରିପ ଦରକାର ଅଛି କହି ଓଡି୦୯ଏଲ୫୦୪୪ ନମ୍ବର ଗାଡ଼ିକୁ ଡାକି ବନବିଭାଗ ଅଧିକାରୀ ବନବିହାରୀ ସର୍ଦ୍ଦାର ସେହି ଟ୍ରାକ୍ଟରକୁ ଅଟକ ରଖିଛନ୍ତି। ପୁଣି ଅଫିସ ସାମ୍ନାରେ ଗାଡି ରଖିଛ କହି ମିରିଚାଇ ମାଝିଙ୍କୁ ଅଶ୍ଳୀଳ ଭାଷା କହି ଦୀପକ ସ୍ୱାଇଁ ଗାଡି ଚାବି ଛଡାଇ ନେଇଥିବା ଆରୋପ ଆସିଛି। ତେବେ ସେଠାରେ ବନ ବିଭାଗ ବ୍ୟବହାର କରୁଥିବା ଗାଡିର ଫିଟନେସ, ପରମିଟ, ଇନ୍ସୁରାନ୍ସ ନଥିବା ଅଭିଯୋଗ ଆଣି ପୂର୍ବତନ ମଣ୍ଡଳ ସଭାପତି ଆରସିସିଏଫ ରାଉରକେଲା କାର୍ଯ୍ୟାଳୟରେ ବିଭାଗୀୟ ଅଧିକାରୀଙ୍କୁ ଦେଇଥିଲେ। ମଙ୍ଗଳବାର କେନ୍ଦୁଝର ଡିଏଫଓ ଏଚଡି ଧନରାଜ ପାଟଣା ବନ କାର୍ଯ୍ୟାଳୟରେ ଅଭିଯୋଗର ତଦନ୍ତ କରିଛନ୍ତି।

## କେନ୍ଦୁପୋଶିରେ ନୂଆଖାଇ ପର୍ବ

କେନ୍ଦୁଝର,୧।୪(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ କେନ୍ଦୁପୋଶି ଗ୍ରାମରେ ଆମ୍ବ ନୂଆଖାଇ ପର୍ବ ପାଳିତ ହୋଇଛି। ଗ୍ରାମର ୱାର୍ଡମେମ୍ବର ଦୁର୍ଯ୍ୟୋଧନ ପାତ୍ର, ପ୍ରତାପ ପାତ୍ର, ଦିଲ୍ଲୀପ ପାତ୍ର, ହରେକୃଷ୍ଣ ପାତ୍ର, ପ୍ରଶାନ୍ତ ପାତ୍ର, ଯଶୋବନ୍ତ ପାତ୍ର, ଭକ୍ତବନ୍ଧୁ ପାତ୍ର, ଅଭିମନ୍ୟୁ ପାତ୍ର, ପରମେଶ୍ୱର ଦାସ, ଭିମସେନ ପାତ୍ର, ପ୍ରଦୀପ ପାତ୍ର, ଜଗନ୍ନାଥ ପାତ୍ର, ପଦ୍ମଲୋଚ ପାତ୍ର, ସନାତନ ପାତ୍ର(ଏ)ଲେମ୍ବଧର ପାତ୍ର, ଭୁଲୁ ପାତ୍ର, ମଙ୍ଗୁଲୁ ଚରଣ ପାତ୍ର, ଗଣେଶ୍ୱର ପାତ୍ର, ଲେମ୍ବୁଧର ପାତ୍ର, ବୁଦ୍ଧଦେବ ପାତ୍ର, ଭରତ ପାତ୍ର, ହରିହର ପାତ୍ର, ପିତାମ୍ବର ପାତ୍ର,ପର୍ଶୁ ପାତ୍ର, ପରମେଶ୍ୱର ପାତ୍ର, ଦିବାକର ପାତ୍ର, ଭକ୍ତବନ୍ଧୁ ପାତ୍ର, ନିତ୍ୟାନନ୍ଦ ପାତ୍ର, ବିକି ପାତ୍ର, ଶୁଭମ ପାତ୍ର, ପୁଟୁନ ପାତ୍ର, ଉପେନ୍ଦ୍ର ପାତ୍ର, ସତ୍ୟଜିତ ପାତ୍ର, ହରିହର ପାତ୍ର, ମନମୋହନ ପାତ୍ର, ବିଶ୍ୱଜିତ ପାତ୍ର, ଅନିରୁଧ ପାତ୍ର, ସନାତନ ପାତ୍ର(ବି)ଚନ୍ଦନ ଦାସ, ପରେଶ ପାତ୍ର, ଦେବାନନ୍ଦ ପାତ୍ର, ଦିପୁ ପାତ୍ର, ଦୁଲ୍ଲଭ ପାତ୍ର, ଲକ୍ଷ୍ମଣ ପାତ୍ର, ଟିଟନ ପାତ୍ର, ପୂଜାରାଣୀ ପାତ୍ର, ଗୌତମ ପାତ୍ର, ପୁରୁଷୋତ୍ତମ ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

## ଇଛାପୁରରେ ନାମଯଜ୍ଞ ସଂକୀର୍ତ୍ତନ

ଚମ୍ପୁଆ, ୧।୪(ସମିସ): ଚମ୍ପୁଆ ବ୍ଲକ ଇଛାପୁର(ସାନନଇଁ) ଗ୍ରାମବାସୀବୃନ୍ଦଙ୍କ ଆନୁକୂଲ୍ୟରେ ଶ୍ରୀ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ମହାମନ୍ତ୍ର ଅଖଣ୍ଡ ଚବିଶ ପ୍ରହର ନାମଯଜ୍ଞ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନନା ପ୍ରଦୀପ ପାଣିଗ୍ରାହୀଙ୍କ ଦ୍ୱାରା ପୂଜାନୀତି ସମ୍ପନ୍ନ ହୋଇଥିବା ବେଳେ ଆଖପାଖରୁ ୩ଟି ପୁଅ ଦଳ ଓ ଦୁଇଟି ଝିଅ ଦଳ ଅଂଶଗ୍ରହଣ କରିଥିଲେ। ଚାରିଦିନ ଧରି ଚାଲିଥିବା ନାମଯଜ୍ଞର ତୃତୀୟ ଦିନ ମଙ୍ଗଳବାର ମୁଖ୍ୟଅତିଥି ଭାବେ ବିଜେପି କୃଷକ ମୋର୍ଚ୍ଚା ପୂର୍ବତନ ରାଜ୍ୟ ସଂଯୋଜକ ତଥା କେନ୍ଦୁଝର ଜିଲ୍ଲା କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀମନ୍ତ କୁମାର ତ୍ରିପାଠୀ ଯୋଗ ଦେଇଥିଲେ। କମିଟି ସଦସ୍ୟ ଅଶୋକ କୁମାର ଗିରି, ବିଭୁତି ଭୂଷଣ ପ୍ରଧାନ, ଚିନ୍ତାମଣି ପ୍ରଧାନ, ଚନ୍ଦ୍ରମୋହନ ପ୍ରଧାନ, ବଜ୍ରକୁମାର ଦାସ, ରଞ୍ଜନ ପ୍ରଧାନ, କୁଳମଣି ପ୍ରଧାନ, ନରୋତ୍ତମ ପ୍ରଧାନ, ଜିତେନ୍ଦ୍ର ଗିରି, ଅମର ଗିରି, କେଦାର ଦାସ, ରାଜେନ୍ଦ୍ର ଗିରି, ଶ୍ରୀନିବାସ ପ୍ରଧାନଙ୍କ ସହିତ ଅନେକ ଗ୍ରାମବାସୀ ଉତ୍ସବରେ ସାମିଲ ହୋଇଥିଲେ।

## ରିମୁଳି ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ବିଦାୟ ସମ୍ବର୍ଦ୍ଧନା



ନାରଦପୁର,୧।୪(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ରିମୁଳି ମହାବିଦ୍ୟାଳୟରେ ଅଧ୍ୟକ୍ଷ ପ୍ରାଧ୍ୟାପକ ସୁଶୀଳ କୁମାର ମହାନ୍ତଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପକ ଧର୍ମେନ୍ଦ୍ର ବୈଦ୍ୟଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅତିଥି ଭାବେ ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ହଳଧର ବାରିକ ଯୋଗ ଦେଇଥିଲେ। ବିଦାୟୀ ଅଧ୍ୟକ୍ଷଙ୍କୁ ମାନପତ୍ର, ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା କରିବା ସହିତ ତାଙ୍କ ଜୀବନ ସୁଖମୟ ହେଉ ବୋଲି ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀମାନେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କର୍ମଚାରୀ ସଂଘର ସମ୍ପାଦକ ଡ଼. ତରୁଣ ଗାଙ୍ଗୁଲି ପରିଚାଳନା କରିଥିବାବେଳେ ଅଧ୍ୟାପିକା ରୋଜାଲିନ ପ୍ରିୟଦର୍ଶିନୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

## ମା’ ହିଙ୍ଗୁଳାଇ ମହୋତ୍ସବ ଆଜିଠୁ



ତେଲକୋଇ, ୧।୪(ସମିସ): ଅଧିଷ୍ଠାତ୍ରୀ ଦେବୀ ମା’ ହିଙ୍ଗୁଳାଙ୍କ ଚଇତି ଯାତ୍ରା ଉପଲକ୍ଷେ ଆସନ୍ତା ୨ ଓ ୩ ତାରିଖ ମା’ ହିଙ୍ଗୁଳାଇ ମହୋତ୍ସବ ପାଇଁ ପ୍ରସ୍ତୁତି ଶେଷ ହୋଇଛି। ମା ହିଙ୍ଗୁଳାଙ୍କ ଉଭାସ୍ଥଳ ସ୍ଥାନ ହାଟ ପଡ଼ିଆଠାରେ ଏହି ମହୋତ୍ସବ ଅନୁଷ୍ଠିତ ହେବାନେଇ ଯାତ୍ରା କମିଟି ପକ୍ଷରୁ ପ୍ରସ୍ତୁତି ରହିଥିବା ବେଳେ ବିଭିନ୍ନ ପାରମ୍ପରିକ ଲୋକକଳା ପ୍ରଦର୍ଶିତ କରାଯିବା ସହ ସ୍ଥାନୀୟ କଳାକୃତି ସ୍ଥାନିତ କରାଯିବା ନେଇ ସୂଚନା ମିଳିଛି। ଆଞ୍ଚଳିକ କଳାକାରକୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଖ୍ୟାତନାମା କଳାକାରଙ୍କୁ ନେଇ ରଙ୍ଗାରଙ୍ଗ ଉତ୍ସବ ସାଙ୍ଗକୁ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ନେଇ ଖସଡ଼ା ପ୍ରସ୍ତୁତି ହୋଇଛି। ପ୍ରଶାସନ ପକ୍ଷରୁ ଆବଶ୍ୟକ ସହଯୋଗ ଯୋଗାଇ ଦେବାକୁ ମା ହିଙ୍ଗୁଳାଇ ଯାତ୍ରା କମିଟି ପକ୍ଷରୁ ନିବେଦନ କରାଯାଇଛି।

# ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସର ଶୋଭାଯାତ୍ରା ଓ ସଭା

### ● ଜିଲ୍ଲା ବିଜେଡି



କେନ୍ଦୁଝର, ୧।୪ (ସମିସ): ପବିତ୍ର ଓଡ଼ିଶା ଦିବସରେ ବୁଧବାର ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ କେନ୍ଦୁଝର ଜିଲ୍ଲା ସଦର ମହକୁମାଠାରେ ମହାପୁରୁଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ଥାନା ଛକରେ ଥିବା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପର୍ଯ୍ୟନ୍ତ ଶୋଭାଯାତ୍ରା ଏବଂ ରୋଟାରି ଭବନରେ ସଭା ଅନୁଷ୍ଠିତ ହୋଇଥିଲା। ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କେନ୍ଦୁଝରର ଅବଦାନକୁ ବକ୍ତାମାନେ ସ୍ମରଣ କରିଥିଲେ। ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ଜିଲ୍ଲା ପରିଷଦ ସଭାନେତ୍ରୀ ସାଗରୀକା ସାହୁ, ମହିଳା ଶାଖା ଜିଲ୍ଲା ସଭାନେତ୍ରୀ କମଳିନୀ ପାତ୍ର, ପୂର୍ବତନ ସାଂସଦ ମାଧବ ସର୍ଦ୍ଦାର, ବରିଷ୍ଠ ଉପସଭାପତି ପ୍ରମୋଦ ପଟ୍ଟନାୟକ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, ସଦର ବ୍ଲକ ସଭାପତି ଚକ୍ରଧର ପରିଡା, ଝୁମ୍ପୁରା ବ୍ଲକ ସଭାପତି ଡ଼ମ୍ବୁରୁଧର ଦାସ, ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, କେନ୍ଦୁଝରଗଡ଼ ପୌରପାଳିକାର କାଉନସିଲର କେକୀ କାକଳି କୁମୁରା, ରୀତା ପ୍ରଧାନ, ଦମୟନ୍ତୀ ଦାସ, ମୋନାଲିସା ଷଡ଼ଙ୍ଗୀ, ଜିଲ୍ଲା ପରିଷଦ ସଦସ୍ୟ ରଥ ମୁଣ୍ଡା, ଆଇନଜୀବୀ ସନ୍ତୋଷ ଦାସ, ସଂଜିତ ଦାସ, ସଫିକ ଆନସାରୀ, ଅନାଦି ପ୍ରଧାନ, ଆଦିବାସୀ ନେତା ସତ୍ୟବ୍ରତ ନାଏକ, ପୂର୍ବତନ ନଗରପାଳ ତଥା ବରିଷ୍ଠ ନେତା ପ୍ରଭାଞ୍ଜନ ପଟ୍ଟନାୟକ, ଜିଲ୍ଲା ବିଜେଡି କୋଷାଧ୍ୟକ୍ଷ ରକ୍ଷାକର ସାହୁ, ବରିଷ୍ଠ ନେତା ଗଦାଧର ପଟ୍ଟନାୟକ, ବିପିନ ଆପଟ, ବୀରଭଦ୍ର ପରିଡା, ଟୁକୁ ପଲେଇ, ଧନୁ ମହାନ୍ତ, ଦୁଲିଆ ରାଠୋର, ଯୁବ ନେତା ଆଶିଷ ଆଚାର୍ଯ୍ୟ, ଟିକୁ ପ୍ରଧାନ, ସତ୍ୟାନନ୍ଦ ଆରୁକ, ମୁନା ପାଣି, ଦେବୁ ପଟ୍ଟନାୟକ, ସଫିକ ଆନସାରୀ, ବାସୁଦେବ ଜେନା, ବାବି ଦାସ, ଲୁଲୁ ସାହୁ, ସଞ୍ଜୟ ନାଏକ, ଟିକିନା ବ୍ରହ୍ମ, ରଞ୍ଜନ ବେହେରା, ରାଜୁ ବାରିକ, ପ୍ରତାପ ମହାକୁଡ଼, ଅରୁଣ ମନ୍ତ୍ରି, ଅଜୟ ଘଡେଇ, ପରମେଶ୍ୱର ବାରିକ, ମନ୍ମଥ ଘଣା, ଭୀମସେନ ଟୁଡୁ, ସୁଶାନ୍ତ ପ୍ରଧାନ, ତାପସ ନାଏକ, ମହିଳା ନେତ୍ରୀ ପୁନମ କୁମାରୀ, ମଞ୍ଜୁଲତା ନାୟକ, ଗୀତାରାଣୀ ଦାସଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ।

### ● ଭାରତୀୟ ଶିକ୍ଷଣ ମଣ୍ଡଳ



ଝୁମ୍ପୁରା: ଭାରତୀୟ ଶିକ୍ଷଣ ମଣ୍ଡଳ ପୂର୍ବ ପ୍ରାନ୍ତ ଉଖୁଣ୍ଡା ଶାଖା ତରଫରୁ ଝୁମ୍ପୁରା ବ୍ଲକର ଉଖୁଣ୍ଡା ସଂସ୍କୃତି ଭବନଠାରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ଉତ୍ସବରେ ସଭାପତି ନଟବର ମହାନ୍ତ, ମୁଖ୍ୟଅତିଥି ଅମୃତ ଚରଣ ମହାନ୍ତ, ମୁଖ୍ୟବକ୍ତା ଆନନ୍ଦଚନ୍ଦ୍ର ମହାନ୍ତ, ସମ୍ମାନିତ ଅତିଥି ଭାବେ ଭକ୍ତବନ୍ଧୁ ମହାନ୍ତ, ଉଖୁଣ୍ଡା ସିଆରସିସି ରାଜୀବ ମହାନ୍ତ, ପାହାଡ଼ପୁର ସିଆରସିସି ବିଭୁତି ଭୂଷଣ ମହାନ୍ତ, ରତ୍ନାକର ବାରିକ ଆସନ ଅଳଙ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ପବିତ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ। ଲିଟନ ବେହେରା, ଅନନ୍ତି ତରାଇ, ମାନସ ମଲ୍ଲିକ, ପୁଷ୍ପଲତା ମହାନ୍ତି, ଅଜିତ ମହାପାତ୍ର, ଅମୀୟ ପଲେଇ, ଅଭୟ ନାଏକ, ମନ୍ଦାକିନୀ ପାତ୍ର, କର୍ମୁ ଦାସ ସହଯୋଗ କରିଥିଲେ। ସୀତାରାମ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

### ● ଯୋଡ଼ା ପୌରପାଳିକା

ଯୋଡ଼ା: ଯୋଡ଼ା ଅଞ୍ଚଳରେ ଯୋଡ଼ା ପୌରପାଳିକା ପକ୍ଷରୁ ଉତ୍କଳ ଦିବସ ଧୂମଧାମରେ ପାଳନ କରାଯାଇଛି। ସକାଳ ସମୟରେ ପ୍ରଭାତ ଫେରୀ ଆୟୋଜିତ ହୋଇଥିଲା। ପୂର୍ବାହ୍ନରେ ସ୍ଥାନୀୟ ଜନସାଧାରଣ, ପୌରପାଳିକା କର୍ମଚାରୀ ଓ କାଉନସିଲରମାନଙ୍କ ଅଂଶଗ୍ରହଣରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଶୋଭାଯାତ୍ରାରେ ଓଡ଼ିଶାର ସଂସ୍କୃତି ଓ ଐତିହ୍ୟକୁ ପ୍ରତିଫଳିତ କରୁଥିବା ନୃତ୍ୟ ପରିବେଷଣ ଦେଖିବାକୁ




ମିଳିଥିଲା, ଯାହା ଉପସ୍ଥିତ ଲୋକମାନଙ୍କ ଆକର୍ଷଣ କେନ୍ଦ୍ର ହୋଇଥିଲା। ସନ୍ଧ୍ୟା ସମୟରେ ସ୍ଥାନୀୟ କୁନି କୁନି କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପ ଜିଲ୍ଲାପାଳ ଉମାକାନ୍ତ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବିଡିଓ ଡାନିସ ବେହେରା ଓ ଟାଟା ଷ୍ଟିଲର ମୁଖ୍ୟ ରାଜେଶ କୁମାର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟବକ୍ତା ଅସିତ କୁମାର ପ୍ରଧାନ ଉପସ୍ଥିତ ଥିବା ବେଳେ ଯୋଡ଼ା ପୌରପାଳିକାର ଅଧ୍ୟକ୍ଷ ଏହି କାର୍ଯ୍ୟକ୍ରମର ପୌରୋହିତ୍ୟ କରିଥିଲେ। ଯୋଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ, ଯୋଡ଼ା ଉପାଧ୍ୟକ୍ଷା ସନ୍ଧ୍ୟା ପାତ୍ର ଉପସ୍ଥିତ ଥିଲେ।

### ● ଆନନ୍ଦପୁର ଶିଶୁ ମନ୍ଦିର



ଆନନ୍ଦପୁର: ଆନନ୍ଦପୁର ସରସ୍ୱତୀ ଶିଶୁ ମନ୍ଦିରର ନୂତନ ଶିଶୁଙ୍କର ପ୍ରବେଶ ଉତ୍ସବ ପାଳନ କରିବା ସହ ବୌଦ୍ଧିକ ମଣ୍ଡପଠାରେ ବିଦ୍ୟାରମ୍ଭ ଯଜ୍ଞ ଓ ଉତ୍କଳ ଦିବସ ପାଳିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ସମ୍ପାଦକ ଗୋବିନ୍ଦଚନ୍ଦ୍ର ତ୍ରିପାଠୀ ଉତ୍କଳ ପ୍ରଦେଶ ଗଠନରେ ଓଡ଼ିଶାର ମହାପୁରୁଷମାନଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସଭାପତି ଉଷାରାଣୀ ଜେନା ଓ ଉପସଭାପତି ଜଗନ୍ନାଥ ସିଂ ଉପସ୍ଥିତ ଥିଲେ। ପ୍ରଧାନଆଚାର୍ଯ୍ୟା ତୃପ୍ତିରାଣୀ ବେହେରା ଅତିଥି ଅଧିକାରୀଙ୍କ ପରିଚୟ ପ୍ରଦାନ ସହ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଗୁରୁଜୀ ହରେକୃଷ୍ଣ ପତି ମଧୁବାବୁଙ୍କ ଅବଦାନ ଓ ଜୀବନୀ ସମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ। ଗୁରୁମା ଅହଲ୍ୟା ମିଶ୍ର ପରିଚାଳନା କରିଥିଲେ। ଗୁରୁମା ଜ୍ୟୋତିର୍ମୟୀ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ସମସ୍ତ ଗୁରୁଜୀ ଓ ଗୁରୁମା ସହଯୋଗ କରିଥିଲେ।

### ● ଡିଡି ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ




ଧରଣୀଧର ବିଶ୍ୱବିଦ୍ୟାଳୟ ଆଇଡିପି ଗୃହ ସେମିନାର କକ୍ଷରେ ଓଡ଼ିଆ ବିଭାଗ ଦ୍ୱାରା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ସହିତ ବିଶ୍ୱବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କୁ ନେଇ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଓଡ଼ିଆ ବିଭାଗର ସହକାରୀ ଅଧ୍ୟାପକ ଡ ସୁମନ୍ତ ନାଏକ, ମୁଖ୍ୟଅତିଥି ଭାବରେ ଡ ସମରେନ୍ଦ୍ର ଭୂତିଆ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଭୁବନେଶ୍ୱରର ସ୍ୱତନ୍ତ୍ର ଅଧିକାରୀ ଯୋଗ ଦେଇଥିଲେ। ସଂଯୋଜିକା ଡକ୍ଟର ଶୁଭସ୍ମିତା ଦାସ ସଂଯୋଜନା କରିଥିଲେ। ବିଭାଗର ଛାତ୍ରୀ ମାନସୀ ଦାସ ଓ ସ୍ୱର୍ଣ୍ଣସମ୍ପୂର୍ଣ୍ଣା ମିଶ୍ର ଅଭିଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ଡ ଅଜୟ ସାହୁ ଧନ୍ୟବାଦ ଦେଇଥିଲେ। ଅଧ୍ୟାପକ ଅକାଳୁ ପୃଷ୍ଟି ଓ ଅଧ୍ୟାପିକା ପ୍ରଜ୍ଞା ପାରମିତା ସାହୁଙ୍କ ସହ ବିଶ୍ୱବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ସାମିଲ ଥିଲେ।

### ● କେରଳା ଇଂରାଜୀ ବିଦ୍ୟାଳୟ



ବାଲିବନ୍ଧ: ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରାସ୍ଥିତ କେରଳା ଇଂରାଜୀ ବିଦ୍ୟାଳୟରେ ବୁଧବାର ପବିତ୍ର ଓଡିଶା ଦିବସ ପାଳନ ହୋଇଯାଇଛି। ବିଦ୍ୟାଳୟର ପ୍ରିନ୍ସପାଲ ସୁଶ୍ରୀ ଶୁଭ୍ରା ମହାନ୍ତି ଏହାକୁ ଉଦଘାଟନ କରିଥିଲେ। ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଏବଂ ଛାତ୍ରଛାତ୍ରୀ ଶ୍ରଦ୍ଧାସୁମନ ଅର୍ପଣ ପୂର୍ବକ “ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ। ପରେ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ସାହୁ, ଦେବଦତ୍ତ ମିଶ୍ର ପ୍ରମୁଖ ଓଡିଶାର ପୂର୍ବ ଐତିହ୍ୟ ଏବଂ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ବୀରପୁତ୍ରମାନଙ୍କ ଭୂମିକା ସମ୍ବନ୍ଧରେ ଛାତ୍ର ଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦେଇଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମିନିମାରାଥନ, ହସ୍ତଶିଳ୍ପ ପ୍ରଦର୍ଶନ କରାଯାଇଥିଲା।

### ● ଚମ୍ପୁଆ ଶିଶୁ ମନ୍ଦିର



ଚମ୍ପୁଆ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରଠାରେ ଓଡିଶା ଦିବସ ଓ ବିଦ୍ୟାରମ୍ଭ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶରତଚନ୍ଦ୍ର ପ୍ରଧାନ, ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓ ଚିତ୍ତରଞ୍ଜନ ମହାନ୍ତ ଆଦି ମଞ୍ଚାସୀନ ଥିଲେ। ଆଚାର୍ଯ୍ୟ ସତ୍ୟଜିତ ପ୍ରଧାନ ଓଡିଶା ଦିବସର ତାତ୍ପର୍ଯ୍ୟ ବିଷୟରେ ମାର୍ଗଦର୍ଶନ ଦେଇଥିଲେ। ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଓଡିଶା ଦିବସ ପ୍ରସଙ୍ଗରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତାର ଆୟୋଜନ କରିଥିଲେ। ଆଚାର୍ଯ୍ୟ ଭାସ୍କରଚନ୍ଦ୍ର ମହାକୁଡ଼ ଓଡ଼ିଶାର ବରପୁତ୍ର ମାନଙ୍କର ଓଡ଼ିଶା ପ୍ରଦେଶ ଗଠନରେ ଭୂମିକା ବିଷୟରେ ଅବଗତ କରିଥିଲେ। ବିଦ୍ୟାଳୟର ପଣ୍ଡିତ କପିଳେନ୍ଦ୍ର ସାମନ୍ତରା ବୈଦିକ ରୀତିରେ ବିଦ୍ୟାରମ୍ଭ ଯଜ୍ଞ ସମାପନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଆଚାର୍ଯ୍ୟଆଚାର୍ଯ୍ୟା ଓ ସେବକସେବିକା ସହଯୋଗ କରିଥିଲେ।

## ଜଳ ଉପଯୋଗିତା ପାଇଁ ପଡୁଆ ପଞ୍ଚାୟତ ଜାତୀୟସ୍ତରରେ ପୁରସ୍କୃତ

କେନ୍ଦୁଝର, ୧।୪(ସମିସ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ଗ୍ରାମପଞ୍ଚାୟତକୁ ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରଣାଳୟ ଦ୍ୱାରା “ଜଳ-ପର୍ଯ୍ୟାପ୍ତ ପଞ୍ଚାୟତ’ ବର୍ଗ ଅଧୀନରେ ପ୍ରତିଷ୍ଠିତ ଦୀନଦୟାଲ ଉପାଧ୍ୟାୟ ପଞ୍ଚାୟତ ଶତତ ବିକାଶ ପୁରସ୍କାର-୨୦୨୫ ପ୍ରଦାନ କରାଯାଇଛି। ଏହି ଜାତୀୟସ୍ତର ମାନ୍ୟତା ଜଳ ସୁରକ୍ଷା, ଦକ୍ଷ ସମ୍ବଳ ପରିଚାଳନା ଏବଂ ସାମୁଦାୟିକ ଭାଗିଦାରୀ ସୁନିଶ୍ଚିତ କରିବା ପାଇଁ ତୃଣମୂଳସ୍ତରରେ ଗ୍ରହଣ କରାଯାଇଥିବା ନିରନ୍ତର ଏବଂ ଫଳାଫଳ-ଭିତ୍ତିକ ପ୍ରୟାସକୁ ବିଚାରକୁ ନେଇ ମନୋନୟନ କରାଯାଏ। ପଡୁଆ ଗ୍ରାମପଞ୍ଚାୟତ ବିକେନ୍ଦ୍ରୀକୃତ ଯୋଜନା, ଜଳ ସଂରକ୍ଷଣ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଏବଂ ଦୀର୍ଘକାଳୀନ ସ୍ଥାୟିତ୍ୱ ହାସଲ କରିବା ପାଇଁ ବିଭିନ୍ନ ଯୋଜନାର ସମନ୍ୱୟର ଏକ ଦୃଢ଼ ମଡେଲ ପ୍ରଦର୍ଶନ କରିଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ କରାଯାଇଛି।

କେନ୍ଦୁଝର ଜିଲ୍ଲା ପ୍ରଶାସନ ଗ୍ରାମପଞ୍ଚାୟତ ଦଳ, ସ୍ଥାନୀୟ ଅଂଶୀଦାର ଏବଂ ଚମ୍ପୁଆ ବ୍ଲକ ପ୍ରଶାସନର ଉତ୍ସର୍ଗୀକୃତ ପ୍ରୟାସ ପାଇଁ ସାଧୁବାଦ ଜଣାଇଛି। ମିଳିତ ଆଭିମୁଖ୍ୟ, କ୍ଷେତ୍ରସ୍ତରୀୟ ନେତୃତ୍ୱ ଏବଂ ଗ୍ରାମୀଣ ଜୀବିକା ନିର୍ବାହରେ ଉନ୍ନତି ଆଣିବା ପାଇଁ ପ୍ରତିବଦ୍ଧତା ଏହି ମାଇଲଖୁଣ୍ଟ ହାସଲ କରିବାରେ ସହାୟକ ହୋଇଛି ବୋଲି ଜିଲ୍ଲାପାଳ ବିଶାଳ ସିଂହ କହିଛନ୍ତି। ଏହି ସଫଳତା କେବଳ ଚମ୍ପୁଆ ବ୍ଲକକୁ ଗୌରବ ଆଣିନାହିଁ ବରଂ ଜିଲ୍ଲାର ଅନ୍ୟ ପଞ୍ଚାୟତଗୁଡ଼ିକ ପାଇଁ ସ୍ଥାୟୀ ବିକାଶ ଏବଂ ପ୍ରାକୃତିକ ସମ୍ପଦ ପରିଚାଳନାରେ ସର୍ବୋତ୍ତମ ଅଭ୍ୟାସଗୁଡ଼ିକୁ ଅନୁକରଣ କରିବା ପାଇଁ ମାନକ ସ୍ଥାପନ କରିଛି।

## ମା’ ବାସୁଳୀ ଓ ଶିଖେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ



ଚମ୍ପୁଆ, ୧।୪(ସମିସ): ଚମ୍ପୁଆ ଉପଖଣ୍ଡ ଝୁମ୍ପୁରା ବ୍ଲକ୍ ନାରଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଆଙ୍ଗୁଳିଆ ବିସ୍ଥାପିତ କଲୋନୀରେ ମା’ ବାସୁଳୀ ଓ ବାବା ଶିଖେଶ୍ୱର ମହାଦେବଙ୍କ ପୁନଃଥଇଥାନ ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିନ କଲୋନୀରେ ନବନିର୍ମିତ ହୋଇଥିବା ମା’ଙ୍କ ମନ୍ଦିର ପ୍ରତିଷ୍ଠା ସାଙ୍ଗକୁ ପୁରୁଣା ଚମକପୁର ଗ୍ରାମରେ ରହିଥିବା ବାବାଙ୍କୁ କଳସ ଯାତ୍ରାରେ ଆଣି ଅସ୍ଥାୟୀ ଶିବ ମନ୍ଦିରରେ ପୁନଃଥଇଥାନ କରାଯାଇଥିବା ବେଳେ ତା’ପର ଦିନ ମା ବାସୁଳୀ ଓ ପାର୍ଶ୍ୱ ଦେବଦେବୀଙ୍କୁ ରଥରେ ବସାଇ ବାଦ୍ୟ, ସଂଗୀତ, ନାଚଗୀତ ତଥା ଭକ୍ତିମୟ ପରିବେଶରେ ବିରାଟ ଶୋଭାଯାତ୍ରାରେ ପୁରୁଣା ଗ୍ରାମରୁ ଆଣି ନବନିର୍ମିତ ମନ୍ଦିରରେ ପୁନଃଥଇଥାନ କରାଯାଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିବାବେଳେ ସେମାନଙ୍କ ପାଇଁ କମିଟି ଜରିଆରେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା। ସୂଚନାଯୋଗ୍ୟ ଯେ ଚମକପୁର ଗ୍ରାମଟି ରାଜାରାଜୁଡ଼ା ଅମଳରୁ ଦଣ୍ଡପାଟ ଅଞ୍ଚଳ ଭାବରେ ପରିଚିତ ଥିବାବେଳେ ଅନେକ ଦେବାଦେବୀ ପୂଜା ପାଇ ଆସୁଥିଲେ। କମିଟିର ସଭାପତି ଲିଙ୍ଗରାଜ ନାଏକ, ସମ୍ପାଦକ ପୁରୁଷୋତ୍ତମ ନାଏକ, କୋଷାଧ୍ୟକ୍ଷ ଈଶ୍ୱର ଚନ୍ଦ୍ର ନାଏକ, ମନ୍ଦିର କମିଟିର ସଭାପତି ଅମର ନାଏକ, ସମ୍ପାଦକ ବିଚିତ୍ରାନନ୍ଦ ଦାସ, କୋଷାଧ୍ୟକ୍ଷ ଦୁଷ୍ମନ୍ତ ବେହେରା, ଅର୍ଜୁନ ବେହେରା, ସନ୍ତୋଷ ଦାସ, ଅକ୍ଷୟ ନାଏକ, ଧବଳେଶ୍ୱର ନାଏକ, ଚୌଧୁରୀ ନାଏକ, ଶିବସୁନ୍ଦର କାଣ୍ଡି, ହରଜିତ ଦାସ, ବିକି ନାଏକ, ଯଜ୍ଞସେନ ନାଏକ, ଦିବ୍ୟରଞ୍ଜନ ଦାସ, ଟଙ୍କଧର ବାରିକ, ବିକାଶ ନାଏକ, ତପନ ଦାସ, ବୁଧୁ ମୁଣ୍ଡାଙ୍କ ସହ ଗ୍ରାମବାସୀ ତଥା ଜିଲ୍ଲାପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।

● ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ

## ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୟୂରଭଞ୍ଜର ଅବଦାନ ଅତୁଳନୀୟ



ବାରିପଦା,୧।୪(ସମିସ): ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ ମୟୂରଭଞ୍ଜର ଅବଦାନ ଅତୁଳନୀୟ ବୋଲି ପବିତ୍ର ଓଡ଼ିଶା ଦିବସ ଅବସରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟଅତିଥି ଭାବେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା ମୁକେଶ ମହାଲିଙ୍ଗ, ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ସାରସକଣା ବିଧାୟକ ଭାଦବ ହାଁସଦା ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ କହିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଏହି ଗୌରବମୟ ଦିବସ ପାଳନ ପରିପ୍ରେକ୍ଷୀରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ସମାରୋହ ପାଳନ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲାପାଳ ହେମକାନ୍ତ ସଏ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲି ଓ ବାରିପଦା ଉପ ଜିଲ୍ଲାପାଳ କସ୍ତୁରି ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ୧୯୩୬ ମସିହା ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟ ଭାବେ ପରିଚୟ ପାଇଥିଲା। ଓଡ଼ିଶାର ସ୍ୱାଧୀନତାରେ ମୟୂରଭଞ୍ଜ ଜିଲ୍ଲାର ଅନେକ ଅବଦାନ ରହିଛି। ଆଜିର ଦିବସରେ ସେହି ମହାପୁରୁଷ ମାନଙ୍କ ଅବଦାନ ବାବଦରେ ଅତିଥି ମାନେ ମତପ୍ରକାଶ କରିଥିଲେ। ଏହାସହିତ ସକାଳେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବାରିପଦା ସହରରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସେମାନଙ୍କ ଅମର ତ୍ୟାଗକୁ ସ୍ମରଣ କରାଯାଇଛି। ବିଶେଷକରି ଜାତିର ପିତା ମହାତ୍ମା ଗାନ୍ଧୀ, ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ, ମହାରାଜା ପ୍ରତାପଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ, ମହାରାଜା ଶ୍ରୀରାମ ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓ, ଉତ୍କଳ ଗୌରବ ମଧୁସୂଦନ ଦାସ ଏବଂ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଭଳି ବରପୁତ୍ର ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟ ଗଠନରେ ଏହି ମହାପୁରୁଷ ମାନଙ୍କ ଅବଦାନ ଅତୁଳନୀୟ ଏବଂ ଏହା ସବୁବେଳେ ଚିରସ୍ମରଣୀୟ ହୋଇ ରହିବ ବୋଲି ମତ ପ୍ରକାଶ ପାଇଛି।

## ଆମ୍ବୁଲାନ୍ସ-ପିକ୍ଅପ୍ ଧକ୍କା; ୨ ଗୁରୁତର

ବାରିପଦା,୧।୪(ସମିସ): ଉଦଳା-ବାରିପଦା ୧୯ ନମ୍ବର ରାଜ୍ୟ ରାଜପଥର ନାଉପାଳ ନିକଟରେ ଥିବା ପୋଲ ଉପରେ ୧୦୮ ଆମ୍ବୁଲାନ୍ସ ଓ ଏକ ପିକ୍ ଅପ ଭ୍ୟାନ ମଧ୍ୟରେ ଧକ୍କା ହେବା ଫଳରେ ୨ ଚାଳକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ ୧୦୮ ଆମ୍ବୁଲାନ୍ସଟି ରୋଗୀ ନେଇ ବାରିପଦା ପିଆର୍ଏମ୍ ମେଡିକାଲ କଲେଜକୁ ଆସୁଥିବା ସମୟରେ ବଡ଼ସାହି ଥାନା ଅଧୀନ ନାଉପାଳ ପୋଲ ନିକଟରେ ଅନ୍ୟ ଏକ ପିକ୍ ଆପ୍ ଭ୍ୟାନ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗାଡ଼ିର ଚାଳକ ଗୁରୁତର ହୋଇଥିଲେ। ଗ୍ରାମବାସୀ ଉଭୟ ଡ୍ରାଇଭରଙ୍କୁ ଉଦ୍ଧାର କରି ପିଆର୍ଏମ୍ ମେଡିକାଲ କଲେଜକୁ ପଠାଇଛନ୍ତି। ତେବେ ଦୁର୍ଘଟଣାଗ୍ରସ୍ତ ୧୦୮ ଆମ୍ବୁଲାନ୍ସରେ ଥିବା ରୋଗୀଙ୍କୁ ଉଦ୍ଧାର କରାଯିବା ସହ ଅନ୍ୟ ଏକ ଆମ୍ବୁଲାନ୍ସରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଇଥିବା ଜଣାଯାଇଛି। ଗୁରୁତର ଆହତ ଜଣେ ଚାଳକଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ବିଭିନ୍ନ ସ୍ଥାନରେ ଓଡ଼ିଶା ଦିବସ

# ଗାଁରୁ ସହର ଶୁଭିଲା 'ବନ୍ଦେ ଉତ୍କଳ ଜନନୀ'



ରାଇରଙ୍ଗପୁର



ବାରିପଦା

ଉଦଳା,୧।୪(ସମିସ):

କପ୍ତିପଦା ଉପଖଣ୍ଡସ୍ତରୀୟ ଓଡିଶା ଦିବସ ଉଦଳା ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି।ଏ ହି ଅବସରରେ ପ୍ରତ୍ୟୁଷରୁ ଦେଶାତ୍ମବୋଧକ ସଙ୍ଗୀତ ଗାନ କରାଯାଇଥିଲା। ସକାଳ ୭ ଘଟିକା ସମୟରେ ପ୍ରଥମେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯିବା ପରେ ବୀର ବିର୍ସାମୁଣ୍ଡା, ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ,ଡ. ବି.ଆର. ଆମ୍ବେଦକର, ଉତ୍କଳମଣି ଗୋପବନ୍ଧୁ ଦାସ ଏବଂ ସର୍ବଶେଷରେ ଇନ୍ଦିରାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଧୂପଦୀପ ପ୍ରଦାନ କରାଯାଇଥିଲା। ଉପଖଣ୍ଡର ୪ ଜଣ ସିଡିପିଓଙ୍କ ତରଫରୁ ରଙ୍ଗୋଲି ବ୍ୟବସ୍ଥା କରାଯାଇଥିଲା। ଉକ୍ତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଉପଜିଲ୍ଲପାଳ, ଏନଏସି ଅଧକ୍ଷା, ବ୍ଲକ ଅଧକ୍ଷା, ପ୍ରକଳ୍ପ ପ୍ରଶାସକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ, ଡେପୁଟି କଲେକ୍ଟର, ବିଭିନ୍ନ ବିଭାଗୀୟ ଅଧିକାରୀ, ରାଜନୈତିକ ନେତୃବୃନ୍ଦ, ବରିଷ୍ଠ ନାଗରିକ, ଶିକ୍ଷାବିତ୍, ବୁଦ୍ଧିଜୀବି, ଓକିଲ ସଂଘ, ଗଣମାଧ୍ୟମ ପ୍ରତିନିଧି ତଥା ଶିକ୍ଷାନୁଷ୍ଠାନର ପ୍ରତିନିଧି ଯୋଗ ଦେଇ ଛାତ୍ରଛାତ୍ରୀଙ୍କ ଗହଣରେ ମାଲ୍ୟାର୍ପଣ କରିଥିଲେ। ଉକ୍ତ ସଭାରେ ଅତିଥି ଭାବେ ଉପଜିଲ୍ଲାପାଳ କପ୍ତିପଦା, ଉଦଳା ସୁଶାନ୍ତ କୁମାର ବାରିକ, ଉଦଳା ଏନଏସି ଅଧକ୍ଷା ପ୍ରମିଳା ପଣ୍ଡା, ବ୍ଲକ ଅଧକ୍ଷା ମଞ୍ଜୁଲତା ବିଶ୍ୱାଳ, ପ୍ରକଳ୍ପ ପ୍ରଶାସକ ଆଇଟିଡିଏ ନରେନ୍ଦ୍ର ଖମାରୀ, ବିଡିଓ ଉଦଳା ସମରଜିତ୍ କର, ଗୋପବନ୍ଧୁନଗର ବିଡିଓ ପୃଥ୍ୱୀରାଜ ପରିଡ଼ା, ତହସିଲଦାର ଉଦଳା ସୁପ୍ରଭା ଦାସ, ଗୋପବନ୍ଧୁନଗର ତହସିଲଦାର ଓମପ୍ରକାଶ ମହାନ୍ତି, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ହୃଷିକେଶ ନାଏକ ଏବଂ ଉଦଳା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରିୟରଞ୍ଜନ ଜେନା ପ୍ରମୁଖ ଯୋଗ ଦେଇଥିଲେ। ପ୍ରାରମ୍ଭରେ ଆରଡିଏସ୍ ଡିଗ୍ରୀ ମହାବିଦ୍ୟାଳୟ କୁଣ୍ଡାବାଇର ଛାତ୍ରୀଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ପରିବେଷଣ କରାଯାଇଥିଲା। ଡେପୁଟି କଲେକ୍ଟର ପ୍ରତୀକ କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସରୋଜ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଚିତ୍ରଶିଳ୍ପୀ ରାଜାରାମ ବେହେରା, ସୀତାକାନ୍ତ ମହାପାତ୍ର, କାର୍ଯ୍ୟାଳୟର କର୍ମଚାରୀ ଅଜିତ ମହାପାତ୍ର, କରୁଣାକର ମହାନ୍ତ ଏବଂ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସହକାରୀ ଜିଲ୍ଲାପାଳ ପ୍ରବୀଣ କୁମାର ମାଝୀ, ତପନ କୁମାର ବାରିକ, ସହକାରୀ ଯୋଗାଣ ଅଧିକାରୀ ଶରତ ବେହେରା, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଲିପିପୁଷ୍ପା ଦାସ, ସାମାଜିକ ସୁରକ୍ଷା ଅଧିକାରୀ ମୁରଲୀଧର ଚାନ୍ଦ, ରମେଶ ପୃଷ୍ଟି, ମାନସ ନାୟକ, ଗୌତମ ପ୍ରଧାନ, ସତ୍ୟପ୍ରକାଶ ପାତ୍ର, ଅନୁଭବ ରାଉତ, ଶ୍ରୀତମ ମହାନ୍ତି, ଭବାନୀ ପଣ୍ଡା, ତପୁରଞ୍ଜନ ପାତ୍ର, ଇଭାନ ଦଳେଇ, ଦୁଷ୍ମନ୍ତ ନାୟକ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ସଭା ଆୟୋଜନରେ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧକ୍ଷ ଶଶୀଭୂଷଣ ପାଣିଗ୍ରାହୀ ଏବଂ ଅଧ୍ୟାପକ, ଅଧ୍ୟାପିକା ତଥା ସମସ୍ତ କର୍ମଚାରୀ ସଂପୂର୍ଣ୍ଣ ସହଯୋଗ କରିଥିଲେ।

### ରାଇରଙ୍ଗପୁର ଉପଖଣ୍ଡ

ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଉପଖଣ୍ଡସ୍ତରୀୟ ୯୧ତମ ଓଡ଼ିଶା ଦିବସ ପାଳିତ ହୋଇଯାଇଛି। ବୁଧବାର ସକାଳୁ ରାଇରଙ୍ଗପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ରାଇରଙ୍ଗପୁର ସହରାଞ୍ଚଳରେ ଡାକବାଜି ଯନ୍ତ୍ର ଯୋଗେ ଦେଶାତ୍ମବୋଧ ସଂଗୀତ ବାଦନ କରାଯାଇଥିଲା। ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରାଙ୍କ ଅଧକ୍ଷତାରେ ଅନ୍ୟାନ୍ୟ ଅଧିକାରୀ, ବ୍ୟକ୍ତିବିଶେଷ ଓ ଛାତ୍ରଛାତ୍ରୀଙ୍କ ଗହଣରେ ସହର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ସମୂହ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ଏହାପରେ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଉପଜିଲ୍ଲାପାଳ ଲାକ୍ରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଚରଣ ହେମ୍ବ୍ରମ, ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠି, ଅନିତାରାଣୀ ମହାନ୍ତ ଓ ଅପର୍ଣ୍ଣା ଅପରାଜିତା ଯୋଗ ଦେଇଥିଲେ। ବାମନଘାଟୀ ଉପଖଣ୍ଡ ଅନ୍ତର୍ଗତ ବିଭିନ୍ନ ବିଭାଗୀୟ ପଦାଧିକାରୀ, ବରିଷ୍ଠ ନାଗରିକ, ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ ଶିକ୍ଷୟତ୍ରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଗଣମାଧ୍ୟମ ପ୍ରତିନିଧି ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ବରପୁତ୍ର ମାନଙ୍କ ଫୋଟଚିତ୍ରରେ ଅତିଥି ବୃନ୍ଦ ଓ ଉପସ୍ଥିତ ଅନ୍ୟାନ୍ୟ ମାନେ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସଭା କାର୍ଯ୍ୟ ଆରମ୍ଭରେ ମାତୃଭୂମିକୁ ସମ୍ମାନ ପ୍ରଦର୍ଶନ ଉଦ୍ଦେଶ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଅନୁମୋଦିତ ବନ୍ଦେ ଉତ୍କଳ ଜନନୀ ରାଜ୍ୟ ସଂଗୀତ ବାଦନ ପରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଦିବସ ପାଳନ ଉପଲକ୍ଷେ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ କରି ଉତ୍ସାହିତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ରଞ୍ଜନ କୁମାର ନନ୍ଦ ମଞ୍ଚ ପରିଚାଳନା କରିଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିଲ୍ଲୀପ କୁମାର ମହାନ୍ତି ଏବଂ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ମହର୍ଷି ଇଣ୍ଟାରନାସନାଲ ପବ୍ଲିକ ସ୍କୁଲ

ବାରିପଦା: ସ୍ଥାନୀୟ ମହାରାଜପୁର ସ୍ଥିତ ମହର୍ଷି ଇଣ୍ଟାରନେସନାଲ ପବ୍ଲିକ ସ୍କୁଲରେ ଉତ୍କଳ ଦିବସ ପାଳିତ ହୋଇଯାଇଛି। ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ତପସ୍ୱିନୀ ମଡୁଆଳ ଏହି କାର୍ଯ୍ୟକ୍ରମରେ ଅଧକ୍ଷତା କରିଥିଲେ। ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟନସି ଆଣ୍ଡ ମ୍ୟାନେଜମେଣ୍ଟର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ମୟୂରଭଞ୍ଜ ସାଇନ୍ସ ହାଇର ସେକେଣ୍ଡାରୀ ସ୍କୁଲର ଅଧକ୍ଷା ଦେବସ୍ମିତା ବିଶ୍ୱାଳ ଏବଂ ଉପାଧକ୍ଷା ସୁଜାତା ପାଲ ସାମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ଶ୍ରୀ ନାୟକ 'ଉତ୍କଳ ଦିବସ ହେଉଛି ଓଡ଼ିଶାର ସ୍ୱାଭିମାନ ଏବଂ ସଂସ୍କୃତିର ପ୍ରତୀକ। ଏହି ଦିନ ଆମେ ଓଡ଼ିଶାର ସ୍ୱପ୍ନ ଏବଂ ସଂସ୍କୃତିକ ଐତିହ୍ୟକୁ ସମ୍ମାନ ଜଣାଉ ବୋଲି କହିଥିଲେ। ମୁଖ୍ୟବକ୍ତା ଅଧ୍ୟାପିକା ବିଶ୍ୱାଳ ଉତ୍କଳ ଦିବସ ହେଉଛି ଓଡ଼ିଶାର ଭାଷା ଏବଂ ସଂସ୍କୃତିର ପ୍ରତୀକ। ଏହି ଦିନ ଆମେ ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଇତିହାସକୁ ସ୍ମରଣ କରୁ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଅଧ୍ୟାପିକା ପାଲ ଓଡ଼ିଆ ଭାଷା କୁ ସମୃଦ୍ଧ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସ୍କୁଲର ଅଧ୍ୟାପକ ଜ୍ୟୋସ୍ନାରାଣୀ ପତି, ସମ୍ବିତ ସାହୁ, ରଶ୍ମିତା ମହାନ୍ତ, ବର୍ଷା ମହାନ୍ତ, ମାମାଲିଶା ଟୁଡୁ ଓ ଫୁଲମଣୀ ମାରାଣ୍ଡି ଆଦି ସେମାନଙ୍କ ମୂଲ୍ୟବାନ ଭାଷଣ ଦେଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତାଙ୍କନ ପ୍ରତିଯୋଗିତା, ନୃତ୍ୟ ପରିବେଷଣ ଫେନସି ଡ୍ରେସ ପ୍ରତିଯୋଗିତା ପ୍ରଭୃତି କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା। ଶିକ୍ଷୟତ୍ରୀ ଅର୍ଘ୍ୟରୂପା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ୭ ଗୋରୁ ଉଦ୍ଧାର

ଉଦଳା/କପ୍ତିପଦା,୧।୪(ସମିସ): ଶରତ ଥାନା ପୁଲିସ ଚଢ଼ାଉ କରି ଗୋଟିଏ ଗୋରୁ ବୋଝେଇ ପିକଅପ ଜବତ କରିଛି। ପୁଲିସକୁ ଦେଖି ଗାଡ଼ି ଚାଳକ ଗାଡ଼ି ଛାଡି ଫେରାର ହୋଇଯାଇଥିବା ବେଳେ ନୋଟ ଛକ ନିକଟରେ ପୁଲିସ ପିକଅପ୍‌କୁ ଜବତ କରିଥିଲା। ଜବତ ଗାଡ଼ିରୁ ୭ଟି ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଉଦ୍ଧାର ଗୋରୁଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କପ୍ତିପଦା ପଶୁ ଡାକ୍ତରଖାନାରେ ଚିକିତ୍ସା କରାଯାଇଛି। ଏହା ପରେ ଗୋରୁ ଗୁଡିକୁ ବାଲେଶ୍ୱର ଗୋ ଶାଳାକୁ ପଠାଇ ଦିଆଯାଇଛି।

## ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ

ଶୁକ୍ଳି,୧।୪(ସମିସ): ଶୁକ୍ଳି ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ପକ୍ଷ ଉଦ୍‌ଘାଟିତ ହୋଇ ଯାଇଛି। ଅଧକ୍ଷ ଡଃ ସଂଗ୍ରାମ କେଶରୀ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ଆଦର୍ଶ ବିଦ୍ୟାଳୟ ଖୁଣ୍ଟିଂ ର ଅଧକ୍ଷା ସୁଶ୍ରୀ ଦୀପିକା ଭୂୟାଁ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ଅଧ୍ୟାପକ ସରୋଜ କୁମାର ପଲେଇ ସ୍ୱାଗତ ଭାଷଣ ଦେଇଥିବା ବେଳେ ଅଧ୍ୟାପିକା ସୁପ୍ରଭା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଉପଲକ୍ଷେ ଏକ କବିତା ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ପୁଲିସ ପ୍ରତିଷ୍ଠା ଦିବସରେ ୬ଜଣଙ୍କୁ ସମ୍ବର୍ଦ୍ଧନା



ବାରିପଦା,୧।୪(ସମିସ): ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ୯୧ ତମ ପୁଲିସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଓ ପ୍ୟାରେଡରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଯୋଗ ଦେଇଥିଲେ। ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଏଥିସହିତ ସାଧାରଣ ଜନତାଙ୍କ ଉଦ୍ଦେଶ୍ୟରେ ନିଜର ବକ୍ତବ୍ୟ ରଖିଥିଲେ। ଏହାପରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପୁଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରେଷ୍ଠ ଏପିଆର କନେଷ୍ଟବଳ ଭାବେ ସନ୍ତୋଷ କୁମାର କବି ପୁରସ୍କୃତ ହୋଇଛନ୍ତି। ପୂର୍ବରୁ ସେ ସମ୍ମାନଜନକ ଡିଜିପି ଡିସ୍କରେ ସମ୍ମାନିତ ହୋଇଛନ୍ତି। ସେ ଗତ ୨୦୧୯ ମସିହାରେ ପୁଲିସ ବିଭାଗରେ ଯୋଗଦାନ କରିଥିଲେ। ବାରିପଦା ସ୍ଥିତ ପୁଲିସ ମୁଖ୍ୟାଳୟ, ଯଶିପୁର ଥାନାରେ କାର୍ଯ୍ୟ କରିବା ପରେ ବର୍ତ୍ତମାନ ବାରିପଦା ସ୍ଥିତ ସାଇବର ଓ ଅର୍ଥନୈତିକ ଅପରାଧ ଥାନାରେ କନେଷ୍ଟବଳ ଭାବେ କାର୍ଯ୍ୟରତ ଅଛନ୍ତି। ଗତ ୨ବର୍ଷ ହେବ ବିଭିନ୍ନ ଅପରାଧ ମାମଲାରେ ତଦନ୍ତ କରି ଅପରାଧ ରୋକିବା କ୍ଷେତ୍ରରେ ଉଲ୍ଲେଖଯୋଗ୍ୟ କାର୍ଯ୍ୟ କରିଛନ୍ତି। ଅପରାଧ ମାମଲାରେ ତଦନ୍ତ କରି ଅପରାଧିକୁ ଧରିବାରେ ପୁଲିସ ସେବା କ୍ଷେତ୍ରରେ ଶ୍ରେଷ୍ଠତାର କାର୍ଯ୍ୟ ପ୍ରଦର୍ଶନ କରିଛନ୍ତି। ଯାହାକୁ ନେଇ ତାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସେହିପରି ଉପ ଆରକ୍ଷୀ ଅଧିକ୍ଷକ ମାନସ କୁମାର ମଲ୍ଲିକ, ସହ ଉପ ଆରକ୍ଷୀ ନିରୀକ୍ଷକ ମାସା ମୁର୍ମୁ, ଡ୍ରାଇଭର ହାବିଲଦାର (୧୨୯୩) ଗିରିଶ ବିଶ୍ୱାଳ, ଓଆର କନେଷ୍ଟବଳ (୩୪୧) ରଞ୍ଜନ କୁମ୍ଭକାର ଓ ଟ୍ରାଫିକ କନେଷ୍ଟବଳ ଅସ୍ମିତ୍ ସୋରେନ ପ୍ରମୁଖ ୬ଜଣ ପୁଲିସ କର୍ମଚାରୀ ମାନଙ୍କୁ ଅର୍ଥରାଶି ସହ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା।

## ଚିପ୍ସ ବୋଝେଇ ହାଇୱା ଜବତ

ରାଇରଙ୍ଗପୁର,୧।୪(ସମିସ): ଲଘୁ ଖଣିଜ ଚୋରା ଚାଲାଣ ଥମିବାର ନାଁ ନେଉନାହିଁ। ପୁଣି ହାଇୱା ଯୋଗେ ବେଆଇନ ଚିପ୍ସ ଚାଲାଣ ବେଳେ ପୋଲିସ ଦ୍ୱାରା ଜବତ କରାଯାଇଛି। ଯଶିପୁର ଥାନା ଅନ୍ତର୍ଗତ ବଡ଼ସୋଲ ଗ୍ରାମ ଛକରୁ ହାଇୱା ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବାର ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୋଲିସ ପକ୍ଷରୁ ଚଢ଼ାଉ କରି ଜବତ କରିଛନ୍ତି। ବେଆଇନ ଭାବେ ପାହାଡ଼ ଭାଙ୍ଗି ଚିପ୍ସ ଗୁଡ଼ିକ ଯଶିପୁର ପଟୁ ଶିମିଳିପାଳ ଜଙ୍ଗଲ ମଧ୍ୟକୁ ଚାଲାଣ ହେଉଥିବା ନେଇ ବିଶ୍ୱସ୍ଥସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲେ। ପୋଲିସ ନାକା କରି ହାଇୱାକୁ ଅଟକାଇଥିଲା। ଚାଳକ ଓ ଖଲାସୀ ଚମ୍ପଟ ମାରିବାକୁ ଚେଷ୍ଟା କରିଥିଲେ। ପୋଲିସ ପିଛା କରି ତାଙ୍କୁ ଧରିଥିଲା। ଗାଡି ଅଟକାଇ ଇ ପାସ କିମ୍ବା ଟିପି ପରମିଟି ନେଇ ପଚରାଉଚରା କରିଥିଲା। ବେଆଇନ ଭାବେ ଚିପ୍ସ ଚୋରା ଚାଲାଣ ହେଉଥିବା ନେଇ ଜାଣିବା ପରେ ଗାଡିକୁ ଜବତ କରାଯାଇଛି। ଏହାସହିତ ଗାଡି ଚାଳକ ଖୋର୍ଦ୍ଧା ଜିଲ୍ଲାର ପ୍ରଦୀପ କୁମାର ପ୍ରଧାନ ଓ ଖଲାସୀ ପଦ୍ମପୁର ଅଞ୍ଚଳର ବିରେନ୍ଦ୍ର ବେହେରାଙ୍କୁ ଗିରଫ କରିଛନ୍ତି। ଏନେଇ ଅଭିଯୋଗକ୍ରମେ ଯଶିପୁର ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି। ଦିନକୁ ଦିନ ଲଘୁ ଖଣିଜ ଚୋରା ଚାଲାଣ ବୃଦ୍ଧି ପାଇବା ସହ ସରକାରୀ ରାଜସ୍ୱ ହାନି ହେଉଛି। ଏହାକୁ ରୋକିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

## ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ପାଳିଲା ଉତ୍କଳ ଦିବସ



ବାରିପଦା,୧।୪(ସମିସ): ଭାଷା ଓ ଭୂମି ଜାତୀୟତାର ସ୍ମୃତି ଚାରଣ ସ୍ମାରକୀ ଭାବରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସାହିତ୍ୟ ଓ ସାଂସ୍କୃତିକ ପରିଷଦ ଦ୍ୱାରା ଉତ୍କଳ ଦିବସ ସମାରୋହ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧକ୍ଷ ପ୍ରଫେସର କମଳ ଲୋଚନ ବାରିକଙ୍କ ପୌରୋହିତ୍ୟରେ ବିଶ୍ୱବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବରେ ବାରିପଦାର ସମାଜସେବୀ ତଥା ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ଅବସରପ୍ରାପ୍ତ ପଫେସର ବଭ୍ରୁବାହନ ମହାପାତ୍ର ଯୋଗଦେଇଥିବାବେଳେ ସମ୍ମାନିତ ବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ଡକ୍ଟର ପୁଷ୍ପା ପାତ୍ର ନିଜର ଅଭିଭାଷଣ ରଖିଥିଲେ। ପ୍ରଫେସର ପୁଷ୍ପାଞ୍ଜଳି ପରିଡ଼ା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରିଷଦର ସମ୍ପାଦକ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପିକା ଅଭିପ୍ସା ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଥାନା ଭିତରେ ରାଜନେତାଙ୍କ ଦବଙ୍ଗଗିରି

କପ୍ତିପଦା,୧।୪(ସମିସ): ଥାନା ଭିତରେ ଜଣେ ଯୁବକଙ୍କ ଦବଙ୍ଗଗିରି ଦେଖିବାକୁ ମିଳିଛି। ସେ ମହିଳା ଥାନା ଅଧିକାରୀଙ୍କ ସହିତ ଅନ୍ୟ ମହିଳା ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ସହ ମୁଁ ବିଧାୟକ ସନ୍ତୋଷ ଖଟୁଆଙ୍କ ପାଖଲୋକ, ମୁଁ ଜଣେ ଜନପ୍ରତିନିଧି, ଆପଣ ମୋର କିଛି କରିପାରିବେନି କହି ହଙ୍ଗାମା କରିଥିଲେ। କପ୍ତିପଦା ଥାନା ଭିତରେ ଘଟିଛି ଏଭଳି ଘଟଣା। ଏକ ମାମଲାରେ ଭଦ୍ର ଲୋକ ସାଜି କପ୍ତିପଦା ଥାନାକୁ ଆସିଥିଲେ ବାଲେଶ୍ୱର ଜିଲ୍ଲା ରାଜ ବରହମପୁର ଅଞ୍ଚଳର ଯୁବକ ଦୀପକ ସିଂ(୩୨)। ଥାନା ଭିତରେ ବସିଥିବା ବେଳେ ଅଚାନକ ସେ କପ୍ତିପଦା ଥାନା ଅଧିକାରିଣୀଙ୍କ ସମେତ ସବଇନ୍ସପେକ୍ଟର ଏବଂ ଅନ୍ୟ ମହିଳା ଅଧିକାରୀଙ୍କୁ ଖରାପ ଭାଷାରେ ଗାଳି ଗୁଲଜ କରିବା ସହିତ ଏଭଳି କଥା କହିଥିଲେ। ଏପରିକି ଧମକଚମକ ମଧ୍ୟ ଦେଇଥିଲେ। ଯାହାକୁ ନେଇ କପ୍ତିପଦା ଥାନାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଉକ୍ତ ଯୁବକଙ୍କୁ ଗିରଫ କରିବା ସହିତ ତାଙ୍କ ନାମରେ ୭ ୯/୨୬ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଚାଷୀଙ୍କ ସମସ୍ୟା ସମାଧାନ ପାଇଁ ପ୍ରତିଶ୍ରୁତି

# ଆମରଣ ଅନଶନରୁ ଓହରିଲେ ଚାଷୀ

ରାଇରଙ୍ଗପୁର,୧।୪(ସମିସ): ବହଳଦାର ବିଞ୍ଝୁଆ ଗ୍ରାମର ଚାଷୀ ଜୟନ୍ତ ମହାପାତ୍ର ବହଳଦା ଲ୍ୟାମ୍ପରେ ବଳକା ଧାନ ବିକ୍ରି କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ସେ ଏପ୍ରିଲ ୨ରୁ ଆମରଣ ଅନଶନରେ ବସିବାକୁ ଚେତାବନୀ ଦେଇଛନ୍ତି। ଏ ବାବଦରେ ସକାଳ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ପ୍ରଭାବ ପଡିଛି। ଚାଷୀଙ୍କ ସମସ୍ୟା ସମାଧାନ କରି ବଳକା ଧାନ ବିକ୍ରି ପ୍ରତିଶ୍ରୁତି ମିଳିଛି। ଶ୍ରୀ ମହାପାତ୍ର ନିଜ ଜମିରେ ଉତ୍ପାଦିତ ଧାନ ସରକାରୀ ମଣ୍ଡିରେ ବିକ୍ରି କରିଥିଲେ। ତେବେ ବଳକା ପ୍ରାୟ ୫-୫କୁଇଣ୍ଟାଲ ଧାନ ଲ୍ୟାମ୍ପରେ ସଂଗ୍ରହ କରାଯାଇନଥିଲା। ତାହାକୁ ପରେ ବିକ୍ରି କରିବା ପାଇଁ ଲ୍ୟାମ୍ପ କର୍ତ୍ତୃପକ୍ଷ ତାଙ୍କୁ କହିଥିଲେ। କିନ୍ତୁ ପରେ ତାହା ସମ୍ଭବ ହୋଇନଥିଲା। ଅନେକ ପରିମାଣର ଧାନ ଥିବା ବେଳେ ତାହାକୁ ଲ୍ୟାମ୍ପରେ ବିକ୍ରି କରିନପାରି ଦଲାଲଙ୍କୁ ବିକ୍ରି କରିଲେ ଚାଷୀଙ୍କୁ କ୍ଷତି ସହିବାକୁ ପଡିବ। ବଳକା ଧାନ ବିକ୍ରି କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲ୍ଲାପାଳ, ଲ୍ୟାମ୍ପ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ ଜଣାଇଥିଲେ। କିନ୍ତୁ ସମସ୍ୟାର କୋଣସି ସମାଧାନ ହୋଇନଥିଲା। ତେଣୁକରି ସେ ବଳକା ଧାନ ବିକ୍ରି କରିବା ପାଇଁ ବାଧ ହୋଇ ବହଳଦା ଲ୍ୟାମ୍ପ ସମ୍ମୁଖରେ ଏପ୍ରିଲ ୨ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଥିଲେ। ଏନେଇ ବିଜେପି ନେତା ସଞ୍ଜୀବ ମହାନ୍ତି ଏବଂ ନବୀନ ରାମ ଚାଷୀଙ୍କ ସହ ଆଲୋଚନା କରିଥିଲେ। ତାଙ୍କ ପରାମର୍ଶ କ୍ରମେ ଆସନ୍ତା ଏପ୍ରିଲ ୬ ତାରିଖ ସୁଦ୍ଧା ବଳକା ଧାନ ବିକ୍ରି କରିପାରିବେ। ତେଣୁ ଆମରଣ ଅନଶନ ନିଷ୍ପତ୍ତିକୁ ସ୍ଥଗିତ ରଖିଛନ୍ତି।

'ସକାଳ' ପ୍ରଭାବ

## କାର-ବାଇକ ଧକ୍କା; ଜଣେ ଗୁରୁତର



ରାଇରଙ୍ଗପୁର,୧।୪(ସମିସ): ବହଳଦା ଅଞ୍ଚଳରେ କାର୍ ଓ ବାଇକ୍ ମୁହାଁମୁହିଁ ଧକ୍କାରେ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ବହଳଦାର ଆଇଟିଆଇ ଛକ ନିକଟରେ ବେପରୁଆ ଦ୍ରୁତଗାମୀ ଗାଡ଼ି ଚାଲାଣ କରିବା ଯୋଗୁଁ ଦୁର୍ଘଟଣା ଘଟିଛି। ଭାରସାମ୍ୟ ହରାଇ ରାସ୍ତାରେ ପଡ଼ିବା ଯୋଗୁଁ ବାଇକ ଆରୋହୀଙ୍କ ପ୍ରଚୁର ରକ୍ତସ୍ରାବ ହୋଇଛି। ଗୁରୁତ୍ୱର ଅବସ୍ଥାରେ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ବାଇକ ଆରୋହି ଜଣକ ଝାରଖଣ୍ଡ ରାଜ୍ୟର ହୋଇଥିବା ବେଳେ ତାଙ୍କର ପ୍ରକୃତ ପରିଚୟ ମିଳିପାରିନାହିଁ। ଏନେଇ ପୁଲିସ ପକ୍ଷରୁ ମାମଲା ରୁଜୁ କରି ଦୁଇଟି ଗାଡି ଜବତ କରି ତଦନ୍ତ ଜାରି ରଖିଛନ୍ତି।

# ଡେଥ୍ ଜୋନ୍ ପାଲଟିଛି ଟଙ୍ଗାବିଲା ଜାତୀୟ ରାଜପଥ

ରାଇରଙ୍ଗପୁର/କରଞ୍ଜିଆ,୧।୪(ସମିସ):



ଜାତୀୟ ରାଜପଥ ନମ୍ବର ୪୯ର ଟଙ୍ଗାବିଲା ଛକ ଏବେ ମରଣ ଯନ୍ତା ପାଲଟିଛି। ଜାତୀୟ ରାଜପଥରେ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ଉକ୍ତ ଜାତୀୟ ରାଜପଥ ଦେଇ ଅଧିକ ପରିମାଣର ଭାରିଯାନ ଚଳାଚଳ କରୁଥିବା ବେଳେ ସତର୍କତା ଅଭାବରୁ ଦୁର୍ଘଟଣା ଘଟୁଛି। ପୂର୍ବରୁ ଦ୍ରୁତଗାମୀ ଭାରିଯାନ ଦୁର୍ଘଟଣାରେ ଅନେକ ପ୍ରାଣହାନି ହୋଇଛି। ତେବେ ବୁଧବାର ପୁଣି ଏକ ବଡ଼ ଦୁର୍ଘଟଣାରୁ କାରଟି ଅଳ୍ପକେ ବର୍ତ୍ତି ଯାଇଛି। ଟଙ୍ଗାବିଲା ଛକରେ ଏକ କାରକୁ ଦ୍ରୁତଗାମୀ ଟ୍ରକଟି ଧକ୍କା ଦେଇଛି। କାରଟି ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ବେଳେ ପଛ ପଟୁ କାର୍‌କୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ତେବେ ଭାଗ୍ୟବଶତଃ ଗାଡିଟି ଅଟକି ଯିବାରୁ କାରରେ ଥିବା ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଉକ୍ତ ସ୍ଥାନରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ଏହାକୁ ରୋକିବାରେ କର୍ତ୍ତୃପକ୍ଷଙ୍କ ପଦକ୍ଷେପ ଶୂନ୍ୟ ରହୁଛି। ଜାତୀୟ ରାଜପଥରେ ଅନେକ ପରିମାଣର ଭାରି ଯାନ ଯାଉଛି। ବେପରୁଆ ଭାବେ ଦ୍ରୁତଗାମୀ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ଘଟୁଛି। ଏଠାରେ ଓଭର ବ୍ରିଜ ଥିବା ବେଳେ ଶେଷ ଆଡ଼କୁ ଦ୍ରୁତଗାମୀ ଗାଡି ଯୋଗୁଁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାକୁ ନିୟନ୍ତ୍ରଣ ପାଇଁ ପେଟ୍ରୋଲିଂ କିମ୍ବା ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଗାଡି ମୋଟର ଯାଞ୍ଚ ମଧ୍ୟ ହେଉନାହିଁ। ବେପରୁଆ ଗାଡି ଚାଳକଙ୍କୁ ତାଗିଦ ନହେବାରୁ ଦୁର୍ଘଟଣା ଘଟି ଧନଜୀବନ ଯାଉଛି। ତେଣୁକରି ଏହାକୁ ରୋକିବା ନେଇ ଉଚିତ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

ସକାଳ
THE SAKALA

# ସମ୍ପାଦକୀୟ



ଶରଣାର୍ଥୀ ଓ ଦେଶାନ୍ତରୀମାନେ ମାନବିକତା ସତରଞ୍ଜର ଗୋଟି ନୁହନ୍ତି ।
-ପୋପ୍ ଫ୍ରାନ୍‌ସିସ୍

## ନିରଙ୍କୁଶ କ୍ଷମତାର ଅଙ୍କ

କ୍ଷମତାର ଗାଣିତିକ ସୂତ୍ର ଯଦି ବ୍ୟବସ୍ଥା ଉପଯୋଗୀ ହୋଇଯିବ ତାହାକୁ କଳିବା ଏତେ ସହଜ ହେବ ନି । ଜନଗଣନା ଓ ନିର୍ବାଚନ ମଣ୍ଡଳୀ ପୁନଃ ନିର୍ଦ୍ଧାରଣ ମଧ୍ୟରେ ପାରସ୍ପରିକ ସଂପର୍କ ଥିଲେ ମଧ୍ୟ ୧୯୭୦ ପରଠାରୁ ଆସନ ସଂଖ୍ୟା ଅପରିବର୍ତ୍ତିତ ରହିଥିବାର କାରଣ ସଂପର୍କରେ ତର୍ଜମା ନ କରି ହଠାତ୍ କିଛି ନିଷ୍ପତ୍ତି ନେବା ନାନା ବିଭ୍ରାଟର କାରଣ ହୋଇପାରେ । କାରଣ ଅନୁରୂପ ପରିସ୍ଥିତିର ସମ୍ମୁଖୀନ ହୋଇ ୧୯୭୧ ଓ ୨୦୦୧ ଜନଗଣନା ପରେ ମଧ୍ୟ କ୍ଷମତା ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରିତ ଆସନକୁ ରାଜ୍ୟ ଉପରେ ଲଦି ଦେବାକୁ ଅସମର୍ଥ ହୋଇଥିଲା । ଏହି ଦୁଇ ଘଟଣାକ୍ରମ ବେଳେ ଇନ୍ଦିରା ଓ ଅଟଳ ବିହାରୀ ଯଥାକ୍ରମେ ପ୍ରଧାନମନ୍ତ୍ରୀ ଥିଲେ । ଦେଶରେ ଶେଷ ଜନଗଣନା ୨୦୧୧ ରେ ହୋଇଥିଲା । କରୋନା ମହାମାରୀର ବିପର୍ଯ୍ୟସ୍ତ ଅବସ୍ଥାରେ ୨୦୨୧ ରେ ଜନଗଣନା ପରିଚାଳନା କରିବା ଏକପ୍ରକାର ଅସମ୍ଭବ ହୋଇପଡ଼ିଥିଲା । କିନ୍ତୁ ତା' ପରେ ସରକାରଙ୍କୁ କେଉଁ ପରିସ୍ଥିତିରେ ୫ ବର୍ଷ ଅପେକ୍ଷା କରିବାକୁ ପଡ଼ିଲା? ଏବେ ଆମେ ଆସିବା ଉପରଲିଖିତ ଗାଣିତିକ ସୂତ୍ରକୁ । ଅଖଣ୍ଡ କ୍ଷମତାର ଅଧିକାରୀ ଅନିର୍ଦ୍ଦିଷ୍ଟ କାଳପର୍ଯ୍ୟନ୍ତ ଜାହିର କରିବାର ସୁଯୋଗ କେବେଳ ଜନଗଣନା ଓ ତଦ୍‌ଜନିତ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ଦେଇପାରିବ । ତେଣୁ ତ ପ୍ରସ୍ତୁତି ପାଇଁ କ୍ଷମତା ଅତିରିକ୍ତ ସମୟ ନେଲେ । ଏଥିମଧ୍ୟରେ ନୂଆ ସଂସଦ ଭବନ ନିର୍ମାଣ ଶେଷ ହୋଇଛି ଏବଂ ସେଠାରେ ବିଧିବଦ୍ଧ କାର୍ଯ୍ୟାରମ୍ଭ ହୋଇଛି । ଓଡ଼ିଶାର କ୍ଷମତା ପରିବର୍ତ୍ତନ ପରେ ସରକାରଙ୍କ ଅଗ୍ରାଧିକାର କ୍ଷେତ୍ର ପାଲଟିଛି ନୂତନ ବିଧାନସଭା ସଦନ ନିର୍ମାଣ । ଏସବୁ ପର୍ଯ୍ୟାଲୋଚନା କଲା ବେଳେ ମନ ଭିତରେ ଗୋଟିଏ କଥା ଉଙ୍କିମାରେ ଯେ ନିର୍ବାଚନମଣ୍ଡଳୀ ପୁନଃ ନିର୍ଦ୍ଧାରଣ ପରେ ସଂସଦ ଓ ବିଧାୟକଙ୍କ ସଂଖ୍ୟାରେ ଯେତେ ବୃଦ୍ଧିଘଟିବ ସେଥିକୁ ତ ଆଖି ପାଉନି । ସେମାନେ ବେତନ ଭତ୍ତା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ବାବଦରେ ଯେଉଁ ଅର୍ଥ ଖର୍ଚ୍ଚ ହେବ ସେଥିପାଇଁ ସ୍ୱତନ୍ତ୍ର ବଜେଟ ଆଗତ କଲା ଭଳି ପରିସ୍ଥିତି ଉପୁଜିବ । କେନ୍ଦ୍ରୀୟ କୋଷାଗାର ଉପରେ ଯେଉଁ ବିପୁଳ ଆର୍ଥିକ ଚାପ ପଡ଼ିବ ତାହା ତଥାକଥିତ ବିକଶିତ ଭାରତ ସ୍ୱପ୍ନରେ ପ୍ରତିବନ୍ଧକ ହେବନି ତ?

ଦାରିଦ୍ର୍ୟ ଓ ଅନଗ୍ରସର ରାଜ୍ୟରେ ଜନସଂଖ୍ୟା ବୃଦ୍ଧି ହାର ଅପେକ୍ଷାକୃତ ଅଧିକ ଏବଂ ସେହି ରାଜ୍ୟ ହିଁ ବର୍ଦ୍ଧିତ ଆସନ ସଂଖ୍ୟାର ସବୁଠାରୁ ବଡ଼ ଭାଗୀଦାର ହେବେ । କ୍ଷମତାର ଗଣିତ କହୁଛି, ବ୍ୟବସ୍ଥିତ ଢଙ୍ଗରେ ସେହିମାନଙ୍କୁ ହିଁ ପ୍ରଭାବିତ କରାଯାଇପାରିବ । ତେଣୁ ଦାରିଦ୍ର୍ୟ ଓ ଅଶିକ୍ଷା ହିଁ କ୍ଷମତାତନ୍ତ୍ରର ମୂଳ ଅଙ୍ଗ । ପ୍ରାରମ୍ଭିକ ହିସାବରେ ଲୋକସଭା ଆସନ ସଂଖ୍ୟା ୭ ଶହ କୁହାଯାଇଥିବା ବେଳେ ଅସଲରେ ସେହିସଂଖ୍ୟା ତାହାଠାରୁ ଯଥେଷ୍ଟ ଅଧିକ ହେବ । ଯେଉଁ ରାଜ୍ୟ ଅଧିକ ସମୃଦ୍ଧି ଓ ବିକଶିତ ସେଠାରେ ଜନସଂଖ୍ୟାହାର ଅପେକ୍ଷାକୃତ କମ ହେବ । ଅଥଚ ସେମାନଙ୍କ ରାଜସ୍ୱ ଦେୟ ସ୍ୱାଭାବିକ ଭାବେ ଅଧିକ ହୋଇଥିବା ବେଳେ ସେହି ଅର୍ଥ ହିଁ ଅତିରିକ୍ତ ବ୍ୟୟ ଭାର ବହନ କରିବାରେ ସହାୟକ ହେବ । ତଥାକଥିତ ନିର୍ବାଚନ ମଣ୍ଡଳୀ ପୁନଃଗଠନରେ ସେମାନଙ୍କ ପ୍ରତିନିଧିତ୍ୱ ଆନୁପାତିକ ଦୃଷ୍ଟିରୁ କମ ରହିବ । ସଂସଦରେ ସ୍ୱାଭାବିକ ଭାବେ ସେହି ରାଜ୍ୟର ସ୍ୱର ମଧ୍ୟ କ୍ଷୀଣ ହେବ । ଏଭଳି ସ୍ଥିତିରେ କ୍ଷମତା ରାଜନୀତିର ଏହି ଗଣିତ ପ୍ରତି ସେମାନେ ବିମୁଖ ହେବା ସହ ସ୍ୱର ଉତ୍ତୋଳନ ମଧ୍ୟ କରିବେ ।

ସାଂସଦଙ୍କ ବେତନ ଭତ୍ତା ସଂପର୍କରେ ସମସ୍ତେ ଅବଗତ ଥିଲେ ମଧ୍ୟ ପୁନର୍ବାର ଦର୍ଶାଇବାର ଆବଶ୍ୟକତା ରହିଛି । ଜଣେ ସାଂସଦଙ୍କ ବେତନ ମାସିକ ୧ ଲକ୍ଷ ଟଙ୍କା ହୋଇଥିଲେ ହେଁ ୭୦,୦୦୦ ଟଙ୍କା ନିର୍ବାଚନ ମଣ୍ଡଳୀ ଭତ୍ତା ଓ ୬୦ ହଜାର ଟଙ୍କା କାର୍ଯ୍ୟାଳୟ ଭତ୍ତା ମଧ୍ୟ ମିଳିଥାଏ । ହାରାହାରି ଜଣକ ପିଛା ବେତନ ଭତ୍ତା ବାବଦରେ ବାର୍ଷିକ ୨୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ । ଏସବୁ ବାଦ ସପରିବାର ୩୪ ଥର ବିନା ମୂଲ୍ୟରେ ବିମାନଯାତ୍ରା, ଶୀତତାପ ନିୟନ୍ତ୍ରିତ ବ୍ୟବସ୍ଥାରେ ରେଳଯାତ୍ରାର କୌଣସି କଟକଣା ନାହିଁ । ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ରିହାତି ଓ ସଂସଦରେ ଦିନ ପିଛା ୨ ହଜାର ଟଙ୍କା, ସାଙ୍ଗକୁ ରାଜଧାନୀ ଦିଲ୍ଲୀରେ ବାସଗୃହର ବ୍ୟୟଭାର ସରକାରଙ୍କୁ ବହନ କରିବାକୁ ପଡ଼ିଥାଏ । ସବୁଠାରୁ ଉଲ୍ଲେଖଯୋଗ୍ୟ ସେମାନଙ୍କ ଉପାର୍ଜନ ଆୟକର ମୁକ୍ତ । ଏହି ବ୍ୟୟଭାର ବର୍ଦ୍ଧିତ ସାଂସଦଙ୍କ ସଂଖ୍ୟାକୁ ହିସାବ କଲେ କେଉଁଠି ପହଞ୍ଚିବ ତାହା ସହଜରେ ଅନୁମେୟ । ଏଥିସହ ବିଭିନ୍ନ ରାଜ୍ୟର ବିଧାନସଭା ଆସନ ସଂଖ୍ୟା ମଧ୍ୟ ବଢ଼ିବ । ଏହି ବ୍ୟବସ୍ଥିତ ଗଣତନ୍ତ୍ରରେ ଅତୁଟ ଓ ଅଖଣ୍ଡ କ୍ଷମତା ହାସଲ ସକାଶେ ନିର୍ବାଚନ ମଣ୍ଡଳୀ ପୁନଃନିର୍ଦ୍ଧାରଣ ମାଧ୍ୟମରେ ଯେଉଁ ଅତିରିକ୍ତ ବ୍ୟୟଭାର ବହନ କରିବାକୁ ପଡ଼ିବ ସେ ସଂପର୍କରେ ସଚେତନ ନାଗରିକମାନେ ନିହାତି ଅବଗତ ହେବା ଜରୁରୀ ।

ଚଳିତ ମାସରୁ ଦେଶରେ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେବ । ଏହି ପ୍ରକ୍ରିୟା କେବେ ଶେଷ ହେବ ତାହା ସ୍ପଷ୍ଟ ହୋଇନାହିଁ । ସରକାର କିନ୍ତୁ ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଶେଷ କରିବାକୁ ଚାହାନ୍ତି । ଆପାତତଃ ଜୁନମାସରୁ ଏହି ପ୍ରକ୍ରିୟା ଆରମ୍ଭ କରିବାକୁ ସ୍ଥିର ହୋଇଛି । ତେଣୁ ସମ୍ବିଧାନ ସଂଶୋଧନ ମାଧ୍ୟମରେ ସୀମା ନିର୍ଦ୍ଧାରଣ ନିମନ୍ତେ କମିଶନ ଗଠନ କରାଯିବ । ଜନଗଣନା ଓ ସୀମା ନିର୍ଦ୍ଧାରଣ ଦେଶରେ ଏକସମୟରେ ଚାଲିବ । ଆମ ଜାଣିବାରେ ଜନଗଣନା ରିପୋର୍ଟ ଆଧାରରେ ନିର୍ବାଚନ ମଣ୍ଡଳୀ ସୀମା ନିର୍ଦ୍ଧାରଣ ହେବା କଥା । କିନ୍ତୁ ସରକାରଙ୍କ କଠୋର ଆଭିମୁଖ୍ୟରୁ ଜଣାପଡୁଛି ଯେ ୨୦୧୧ ଜନଗଣନା ଦର୍ଶାଯାଇଥିବା ଜନସଂଖ୍ୟା ହିଁ ଏହାର ଭିତ୍ତିଭୂମି ହେବ । ୫୦ ପ୍ରତିଶତ ଆସନ ସଂଖ୍ୟା ବୃଦ୍ଧି ସକାଶେ ପ୍ରସ୍ତୁତ ହୋଇଥିବା ନକ୍ସା ସପକ୍ଷରେ ଏକଥା କୁହାଯାଇପାରେ କି ୧୯୭୧ ପରଠାରୁ କ୍ରମାଗତ ପ୍ରତି ଦଶ ବର୍ଷ ବ୍ୟବଧାନରେ ଜନଗଣନା ହୋଇଆସିଥିଲେ ହେଁ ସେହି ଅନୁପାତରେ ଆସନ ସଂଖ୍ୟା ବଢ଼ିନାହିଁ । ଯେଉଁ କାରଣ ଦର୍ଶାଯାଇ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣକୁ ସ୍ଥଗିତ ରଖାଯାଇଥିଲା ତାହା ଏବେ ମଧ୍ୟ ଅପରିବର୍ତ୍ତିତ ରହିଛି । ଅତିରିକ୍ତ ଆସନ ସଂଖ୍ୟା ହାସଲ କରିବାକୁ ରାଜ୍ୟ-ରାଜ୍ୟ ମଧ୍ୟରେ ଜନସଂଖ୍ୟା ହାର ବୃଦ୍ଧି ପାଇଁ ପ୍ରତିଯୋଗିତା ହେବା ଭଳି ପରିସ୍ଥିତି ଅନ୍ତତଃ ସୃଷ୍ଟି ନ ହେଉ । ଶେଷରେ ସରକାରଙ୍କୁ ଅଧିକ ପିଲାଛୁଆଙ୍କ ପିତାମାତାଙ୍କୁ ସ୍ୱତନ୍ତ୍ର ପ୍ରୋତ୍ସାହନ ରାଶି ଦେବାକୁ ପଡ଼ିବ । ଏଭଳି ଖୁଚୁରା ରାଜନୀତି ପାଇଁ ଦେଶରେ ଜନବିସ୍ଫୋରଣ ଭଳି ପରିସ୍ଥିତି ଉପୁଜିବା କିଛି ବିଚିତ୍ର ନୁହେଁ । ଆସନ ସଂଖ୍ୟା ବଢ଼ାଇ କ୍ଷମତା ହାସଲର ଯେଉଁ ଅଙ୍କ କଷା ଚାଲିଛି ସେଥିପାଇଁ ଦେଶକୁ ଶେଷରେ ବେଶ ମୂଲ୍ୟ ଦେବାକୁ ପଡ଼ିବ ।

ସାଂପ୍ରତିକ ପରିସ୍ଥିତି ଯାହା, ସେଥିରେ ସମଗ୍ର ବିଶ୍ୱ ଗୁରୁତର ଆର୍ଥିକ ସଂକଟର ସମ୍ମୁଖୀନ ହେବାକୁ ଯାଉଛି । ତୈଳ ଓ ଗ୍ୟାସ ଖଣିରେ ନିଆଁ ଲାଗିଗଲେ ତାହା ବର୍ଷ ବର୍ଷ ଧରି ସମୟ ନେବ ଲିଭିବା ପାଇଁ । ମଧ୍ୟପ୍ରାଚ୍ୟ ଯୁଦ୍ଧ ଘୋର ଅନିଶ୍ଚିତତା ଦେଇ ଗତି କରୁଛି । ପରିବର୍ତ୍ତିତ ସ୍ଥିତି ସୁଧୁରିବାକୁ ବେଶ ସମୟ ନେବ । ଅଥଚ ଆଗ ପଛ ନ ବିଚାରି ଆମେ ଯେଉଁ କ୍ଷମତା ଗଣିତ କଷି ଚାଲିଛେ ତାହା ପାଇଁ ଅତିରିକ୍ତ ଆର୍ଥିକ ବିପର୍ଯ୍ୟୟ ସମ୍ମୁଖୀନ ହେବା ହିଁ ସାର ହେବ ।

## ଓଡ଼ିଆ ଅସ୍ମିତା ଓ ସଙ୍ଗୀତ ଜଗତ

**ସନ୍ତୋଷ କୁମାର ଶତପଥୀ**

ସମାଜ ଓ ସାହିତ୍ୟ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ । ସମାଜର ପ୍ରତ୍ୟେକ ଘଟଣା ଦୁର୍ଘଟଣା ସାହିତ୍ୟର ବିଷୟବସ୍ତୁ । ସାହିତ୍ୟରେ ପ୍ରତିଫଳିତ କ୍ଷୁଦ୍ରାତିକ୍ଷୁଦ୍ର ତଥା ସୂକ୍ଷ୍ମ ରଚନା ମଧ୍ୟ ଯୁଗ ଯୁଗ ପାଇଁ ସମୟର ବୈଶିଷ୍ଟ୍ୟକୁ ପ୍ରତିପାଦିତ କରିଥାଏ । ତେଣୁ ସାହିତ୍ୟ ରଚନାକୁ ନିଷ୍ଠାର ସହିତ ସମ୍ପାଦନା କରିବା ଗୋଟିଏ ଜାତିର ନୈତିକ ଧର୍ମ । ସାହିତ୍ୟ ପ୍ରଣେତା ନିଜର କଲମକୁ ଏତିକି ମାତ୍ରାରେ ସଚେତନ କରିବା ଉଚିତ ଯେ ତାହା ଯେପରି ସାହିତ୍ୟର ମର୍ଯ୍ୟାଦାକୁ କ୍ଷୁଣ୍ଣ ନ କରେ ଅଥବା ଜାତିର ଗରିମାକୁ କ୍ଷୁବ୍ଧ ନ କରେ । ଓଡ଼ିଆ ଭଳି ଏକ ଗୌରବପୂର୍ଣ୍ଣ ଶାସ୍ତ୍ରୀୟସମ୍ପନ୍ନ ଭାଷାକୁ କଳୁଷିତ ତଥା ଅଶୋଭନୀୟ ଭାବେ ପ୍ରତିପାଦନ କରିବା ଅଧିକାର ଏହି ଜାତି କାହାରିକୁ ଦେଇ ନାହିଁ । ତେଣୁ ସାହିତ୍ୟର ପ୍ରତ୍ୟେକ କ୍ଷେତ୍ରକୁ ଯଥା କାବ୍ୟକବିତା, ଗଳ୍ପ, ଉପନ୍ୟାସ, ପ୍ରଚ୍ଛଦପଟ କାହାଣୀ, ଯାତ୍ରା ଜଗତ, ଚଳଚ୍ଚିତ୍ର ଜଗତ କିମ୍ବା ସଂଗୀତ ଦୁନିଆ ଚିର ଋଦ୍ଧିମନ୍ତ କରି ଆଗକୁ ବଢ଼େଇବାରେ ସାମୂହିକ ଉଦ୍ୟମ ଓଡ଼ିଆ ବରପୁତ୍ରମାନେ କରିଯାଇଛନ୍ତି । ଏଣୁ ଓଡ଼ିଆ ଏକ ସମୃଦ୍ଧ ଭାଷାର ମୁକୁଟରେ ଶୋଭିତ ।

ଓଡ଼ିଆ ସିନେଜଗତର ପ୍ରଥମ ସୂର୍ଯ୍ୟୋଦୟ ୧୯୩୬ ମସିହାର 'ସୀତା ବିବାହ' ସିନେମାରୁ ଆରମ୍ଭ ହୋଇଥିଲା । ତା'ପରେ ପୁନରୁଜୀବନ ଓ ବିକାଶ ଯୁଗ(୧୯୪୯- ୧୯୫୦) ଆସିଥିଲା । ୧୯୬୦ ରୁ ୧୯୮୦ ଥିଲା ଓଡ଼ିଆ ସିନେଜଗତର ସ୍ୱର୍ଣ୍ଣିମ ଯୁଗ । ୧୯୯୦ ରୁ ୨୦୦୦ ଥିଲା ଓଡ଼ିଆ ସିନେମାର ବାଣିଜ୍ୟିକ ଯୁଗ । ୨୦୦୦ ରୁ ଅଦ୍ୟାବଧି ଆଧୁନିକ ଯୁଗ ବୋଲି ଧରାଯାଏ । ଏହି ସମସ୍ତ ଯୁଗରେ ସିନେମା ସହ ଅନେକ ଆଧୁନିକ ଗୀତର ଭାଷା ଓ ସଂସ୍କୃତି କେବେବି କାହାକୁ ନିରାଶ କରି ନ ଥିଲା । ଅତୀତର କିମ୍ବଦନ୍ତୀ ଓଡ଼ିଆ ସଂଗୀତକାର, ଗୀତିକାରଙ୍କ ପଦବିନ୍ୟାସ, ଶବ୍ଦ ସଂଯୋଜନା ଓଡ଼ିଆ ଅସ୍ମିତାର ପରିଭାଷାକୁ ପରିଚୟ ପ୍ରଦାନ କରେ । ସେହିପରି ଅନେକ ଅଣଓଡ଼ିଆଙ୍କ ଉତ୍ସର୍ଗ ବି ଭୁଲି ହୁଏନା । ସେମାନଙ୍କ ଓଡ଼ିଆ ଶବ୍ଦ, ବୋଲି, ଗୀତଶୈଳୀ, ପରିବେଷଣ କଳା ନିଶ୍ଚୟ ଅନନ୍ୟ । ଅପରପାର୍ଶ୍ୱରେ, ଆଜିର କିଛି କିଛି ବିକୃତ ଓ ଦ୍ୱିଅର୍ଥବୋଧକ ଅଶାଳୀନ ଗୀତ ଓଡ଼ିଆ ଭାଷାକୁ ଦୁର୍ଦ୍ଦଶାର ଦ୍ୱାରଦେଶକୁ ଠେଲି ନେବାର ଭୟ ସଂଚାର କରୁଛି ।

ତେଣୁ ଆଜି ପ୍ରଶ୍ନ ଉଠେ, ଏହି ଭାଷା ଓ ସମାଜର ଆମେ ଉପଯୁକ୍ତ ଦାୟାଦ କି? ଯଦି ହଁ, ତେବେ କାହିଁକି ଆମେ ଅରୁଚି, ଅଶ୍ରାବ୍ୟ, ଅସଭ୍ୟ, ଅକୁହା ଇତ୍ୟାଦି ଶବ୍ଦକୁ ଆଲବମ ଓ ଯାତ୍ରାଜଗତରେ ପ୍ରଶ୍ରୟ ଦେଉଛନ୍ତି? କହିବାକୁ ଗଲେ ବିଂଶଶତାବ୍ଦୀର ଶେଷ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ ଜଗତରେ ଏମିତି କିଛି ଅଶାଳୀନ ବା ଅଶ୍ଳୀଳ ଭାଷା ପ୍ରୟୋଗର ପ୍ରମାଣ ନାହିଁ । ଅଧୁନା କିଛି ଆଲବମ ଓ କିଛି ଯାତ୍ରା ଜଗତର ଭାଷା ଓ ପରିବେଷଣ ଶୈଳୀ ଓଡ଼ିଆ ଭାଷା, ପ୍ରଚଳିତ ସମାଜ, ସଭ୍ୟତା ଓ ସାହିତ୍ୟକୁ କ୍ଷୁଣ୍ଣ କରୁଛି ।

ପାଖାପାଖି ବିଂଶ ଶତାବ୍ଦୀର ଶେଷଦଶନ୍ଧି ଏବଂ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରୁ ଯୁଗ ଓ ଜୀବନର ରୁଚି କିଛି ଅଲଗା ଥିଲା । ଏହି ଯୁଗରେ ଥିଲା ଓଡ଼ିଆ ଆଧୁନିକ ଗୀତର ଆଧିପତ୍ୟ । ଅନେକ ଗୀତିକାର ଓ ସଂଗୀତକାରଙ୍କ ଆଧୁନିକ ଗୀତର କ୍ୟାସେଟ ବଜାରରେ ଲୋକପ୍ରିୟତା ଆଣିଦେଇଥିଲା । ଓଡ଼ିଆ ଘରେ ଘରେ ମଧ୍ୟ ଏହି ଗୀତଗୁଡ଼ିକର ଚାହିଦା ବେଶ ଅନୁଭୂତ ହୋଇଥାଏ । ଓଡ଼ିଆ ଆଧୁନିକ ସଂଗୀତ ଜଗତର ତତ୍କାଳୀନ ସମସ୍ତ ସ୍ରଷ୍ଟା ଓ ଶିଳ୍ପୀ ସମସାମୟିକ ଓଡ଼ିଆ ନମ୍ରତା, ଶିଷ୍ଟାଚାର ଓ ଭଦ୍ରାମି ଧାରା ଆପଣେଇ ଥିଲେ । ଓଡ଼ିଆ ଗୀତର ପ୍ରତିଟି ଶବ୍ଦକୁ ଜାତି ଆଧାରରେ ସମ୍ମାନ ଦେଇ ଆସିଥିଲେ । ଏଥିସହିତ ଓଡ଼ିଆ ଫିଲ୍ମ ବା ସିନେ ଜଗତର ସାହିତ୍ୟ, ଭାଷା, ଶୈଳୀ, ବର୍ଣ୍ଣନା ଓ ଭାବର ଅନେକ ଗୁଣକୁ ଏମାନେ ଅନୁକରଣ କରୁଥିଲେ ।

ଏହା ପରେ ପରେ ଆସିଲା ଆଲବମର ଯୁଗ, ଯାହା ତା'ର କାୟା ଆଜିପର୍ଯ୍ୟନ୍ତ ବିସ୍ତାର କରିଥିଲେ ହେଁ କିଛି ନିର୍ଦ୍ଦିଷ୍ଟ ଗୀତରେ କେଉଁଠି ନା କେଉଁଠି ବ୍ୟବହାର୍ଯ୍ୟ ଭାଷା ପ୍ରତି ସମ୍ମାନର ଅଭାବ ଓ ଅଶ୍ରାବ୍ୟ ପଦର ଚିହ୍ନ ରହିଯାଉଛି । ଇଲେକ୍ଟ୍ରୋନିକ କମ୍ପୋଜ ନାମରେ ନାମିତ ରିମିକ୍ସ, ରିମେକ, ଡିଜେ, ଝଙ୍କାରବିଟ ଇତ୍ୟାଦିର ମାତ୍ରାଧିକ ଶବ୍ଦ କଣ୍ଠଶିଳ୍ପୀଙ୍କ ସୁନ୍ଦର ତାନ ଓ ଗାନକୁ କଣ୍ଠରୋଧ କରିଚାଲିଛି । ଆଲବମ ଯୁଗର ଗୀତିକାର ଅନେକ ଗୀତରଚନା କରିବାରେ ସଫଳ ହେଇଛନ୍ତି ସତ; କିନ୍ତୁ କିଛି କିଛି ଗୀତର ବୋଲ, ଶବ୍ଦ ସଂଯୋଜନା, ଶୈଳୀ, ଭାବ ଓ ଅଶ୍ଳୀଳ ଇଙ୍ଗିତ ପ୍ରତି ଧ୍ୟାନ ଦେବାରେ ବିଫଳ ହେବାର କଥା ପ୍ରାୟ ସମସ୍ତଙ୍କୁ ଜଣା । ଆଲବମ ଯୁଗର ଅନେକ ନୂତନ ଗାୟକ ଗାୟିକା ଆଜି ଅଜାଗ୍ରତ କି ନିଃସହାୟ ଏ କଥା ବାରି ହେଉ ନାହିଁ! ମନରେ ପ୍ରଶ୍ନ ଉଙ୍କି ମାରେ, କାଳେ ଏମାନେ ନିଜକୁ ଓଡ଼ିଆ ମାଟିରେ ପରିଚୟ କରିବା ଆଳରେ ଏବଂ କିଛି ବୃତ୍ତିଧାରୀ ନିଜକୁ ପ୍ରତିଷ୍ଠା ଆଶାରେ ଅଗ୍ରହଣୀୟ ପଦକୁ ଗାଇବାରେ କୁଣ୍ଠାବୋଧ କରୁନାହାନ୍ତି କି?

ଯୁଗ ବି ବିଚିତ୍ର! ଉନ୍ନତ ବୈଷୟିକ ଜ୍ଞାନକୌଶଳ, ଯନ୍ତ୍ରକୌଶଳ, ପ୍ରଯୁକ୍ତିବିଦ୍ୟାର ପ୍ରସାରଣ ତଥା ଟେଲିଭିଜନ, ମୋବାଇଲ, ଇଣ୍ଟେନେଟ୍‌ର ଉପଲବ୍ଧ; ଶିକ୍ଷା ଓ ଗବେଷଣାକୁ ଯେତିକି ବେଗରେ ନେଇଚାଲିଛି, ସେତିକିମାତ୍ରାରେ ପ୍ରାନ୍ତୀୟ ଭାଷାକୁ ଅପମିଶ୍ରିତ ଓ ଅପଭ୍ରଂଶ କରିଚାଲିଛି । ଓଡ଼ିଆ ଭାଷାରେ ଇଂରାଜୀ, ହିନ୍ଦୀ ଓ କିଛି ପଡ଼ୋଶୀ ରାଜ୍ୟର ଭାଷାକୁ ମିଶ୍ରଣ କରି ରୂପାନ୍ତରଣ ଭାଷା ରୂପେ ବ୍ୟବହାର କରି ଏହାର ଶାସ୍ତ୍ରୀୟତା ନିଷ୍ଠାକୁ ବିକୃତ କରିବାକୁ ପଛାଉ ନାହାନ୍ତି କିଛି ବ୍ୟକ୍ତି । ଏହାକୁ ସମସ୍ତେ ଜାଣି ମଧ୍ୟ ଅସହାୟ ମଣନ୍ତି । କାରଣ ଏସବୁ ପରିବର୍ତ୍ତନ ଏତେ ପ୍ରିୟ ଯେ ଏହାକୁ ନିୟନ୍ତ୍ରଣ କରିବା ଚିନ୍ତାଜନକ ହୋଇପଡ଼େ ।

ଆମ ମାତୃଭାଷାକୁ ଆଉ ଅସଂଯତ ବା ଉପେକ୍ଷା କରା ନ ଯାଉ । ଦୁଃଖର ସହ କାହାରିକୁ କହିବାକୁ ନ ପଡୁ ଯେ କିଛି ଓଡ଼ିଆ ଆଲବମ ଗୀତର ଭାଷା ଓ ପରିବେଷଣ ଶୈଳୀ ଯୋଗୁଁ ଏହା ଆଜି ଅଶ୍ରାବ୍ୟ ବା ସପରିବାରେ ଶୁଣିବାରେ ଅଯୋଗ୍ୟ ଓ ଦ୍ୱିଧା ଲାଗେ । ଠିକ ତା' ଢଙ୍ଗରେ କିଛି ନିର୍ଦ୍ଦିଷ୍ଟ ଯାତ୍ରାଶିଳ୍ପୀଙ୍କ ଭାଷା ଓ ପରିବେଷଣ ଶୈଳୀ ଅଳ୍ପବୟସ୍କ କୁସଂସ୍କାରୀଙ୍କୁ ଆମୋଦପ୍ରମୋଦ ଦେଇଥିବା ବେଳେ ଅଧିକାଂଶ ଭାବବିହ୍ୱଳ ଯାତ୍ରାପ୍ରେମୀଙ୍କୁ ନିରାଶ କରିବାର ଚିତ୍ର ସାମ୍ନାକୁ ଆସୁଛି । ଅଧିକାଂଶ ଯାତ୍ରାପ୍ରେମୀ ଆଜି କ୍ଷୁବ୍ଧ ଯେ ସେମାନଙ୍କ ଭାଷାରେ ବିଗତ ଦଶନ୍ଧିମାନଙ୍କର ସାମାଜିକ ଚିତ୍ରଣ, ସଂସ୍କାରପୂର୍ଣ୍ଣ, ସୂଚନାପ୍ରଦ, ଜ୍ଞାନବର୍ଦ୍ଧକ ଓ ତଥ୍ୟଭିତ୍ତିକ ଯାତ୍ରା ଆଜି ସମାଜରୁ ଉଭାନ ହେଇ ଚାଲିଛି । ଏହାଯେ ପୁନର୍ବାର ଫେରିଆସିବ, ଏହି ଆଶା କ୍ଷୀଣ । ଆମେ ଓଡ଼ିଆ ଓ ଆମେ ସଂସ୍କାରୀ । ଆମ ଜାତି ଆମକୁ ଚିହ୍ନା ଓ ଜଣା । ଅଚିହ୍ନା, ଅଜଣା, ଛୋଟ ଅବା ବଡ଼ ସମସ୍ତେ ସମସ୍ତଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଭାଷା ବ୍ୟବହାର କରିବାର ଶିଷ୍ଟତା ଆମେ ଶିଖିଛୁ । ଓଡ଼ିଆ ସମାଜରେ ଅଶାଳୀନ, ଅଶିଷ୍ଟ ଓ ଇତର ଭାଷା ପ୍ରୟୋଗ ଆଦୌ ଗ୍ରହଣୀୟ ନୁହେଁ । ଓଡ଼ିଆ ସଂଗୀତ ଜଗତରେ ନିଜର ପରିଚୟ ପାଇଁ ଗଭୀର ଇଚ୍ଛା ଏବଂ ରାତାରାତି ଖ୍ୟାତିସମ୍ପନ୍ନ ହେବା ଆଶାରେ ଆଲବମ ଗୀତିକାର ସଂଗୀତକାର ଓ ଶିଳ୍ପୀ ଗୀତର ବୋଲ ବା ଗୀତର ଶବ୍ଦରେ ସମ୍ମାନର ସୂଚକକୁ ଭୁଲି ନ ଯାଆନ୍ତୁ ।

ନିକଟରେ ବିହାର ସରକାର ଏପରି ଦ୍ୱିଅର୍ଥବୋଧକ ଅଶାଳୀନ ଅଶ୍ଳୀଳ ପଦବିନ୍ୟାସ ଗୀତ ରଚନା ତଥା ସାର୍ବଜନିକ ସ୍ଥାନମାନଙ୍କରେ ଶୁଣାଇବା ବା ଶୁଣିବା ନିଷିଦ୍ଧ ଓ ବେଆଇନ ଘୋଷଣା କରିଛନ୍ତି । ସେହିପରି ହରିୟାନାର ଆଦିତ୍ୟ ପ୍ରତୀକ ସିଂ ସିସୋଡିଆ (ବାଦଶାହ)ଙ୍କୁ 'ତତିରେ' ମ୍ୟୁଜିକ ଆଲବମର ଅସଂଯତ ପଦବିନ୍ୟାସ ଓ ଶୈଳୀ ପାଇଁ ଆଇନଗତ କାର୍ଯ୍ୟାନୁଷ୍ଠାନର ସାମ୍ନା କରିବାକୁ ପଡ଼ିଛି । ଯଦି ସମସ୍ତ ଓଡ଼ିଆ ଭାଷା ସଂଗଠନ, ସରକାରଙ୍କ ସୂଚନା ପ୍ରସାରଣ ଓ ଲୋକସମ୍ପର୍କ ବିଭାଗ, ଓଡ଼ିଆ ଚଳଚ୍ଚିତ୍ର ଓ ଦୂରଦର୍ଶନ ଏବଂ ସମସ୍ତ ଭାଷାପ୍ରେମୀ ନାଗରିକ, ବୁଦ୍ଧିଜୀବୀ ଆନ୍ତରିକତା ସହ ବିହିତ ପଦକ୍ଷେପ ଗ୍ରହଣ କରନ୍ତି ତା' ହେଲେ ଭୁଲକୁ ସଂଶୋଧନ କରାଯାଇପାରେ । ଏପରି ଛୋଟ ଛୋଟ ସଂଶୋଧନ ହିଁ ଓଡ଼ିଆ ଅସ୍ମିତାକୁ ସମୃଦ୍ଧ କରିପାରିବ ।

ପାରଳାଖେମୁଣ୍ଡି, ମୋ: ୯୦୯୦୭୭୯୭୮୯

## ତିରୁପତିରେ ଓଡ଼ିଆ

**ଡ. ଭାରତ ଭୂଷଣ ରଥ**

ସ୍ୱତନ୍ତ୍ର ଉତ୍କଳପ୍ରଦେଶ ଗଠନ ହେବା ପରେ ଉତ୍କଳର ପ୍ରତିଟି ଜନତା ନିଜ ଜନ୍ମଭୂମିର ସମ୍ମାନ ପାଇଁ ଚେଷ୍ଟା କରିଛନ୍ତି । ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଓଡ଼ିଶାର କଳା, ସଂସ୍କୃତି ଓ ସାହିତ୍ୟକୁ ଓଡ଼ିଆମାନେ ବିଶ୍ୱବ୍ୟାପୀ କରିବାରେ ପଛଘୁଞ୍ଚା ଦେଇନାହାନ୍ତି । ସେହିଧାରାରେ ଓଡ଼ିଶାଠାରୁ ସହସ୍ରାଧିକ କିଲୋମିଟର ଦୂର ଆନ୍ଧ୍ରପ୍ରଦେଶର ତିରୁପତିଠାରେ ଓଡ଼ିଶାର ବିଜୟବାନା ପ୍ରବାହିତ ହେଉଛି । ତିରୁପତି ହେଉଛି କଳିଯୁଗ ପ୍ରତ୍ୟକ୍ଷ ଦେବତା ଶ୍ରୀଭେଙ୍କଟେଶ୍ୱରଙ୍କର କ୍ଷେତ୍ର । ଏହିଠାରେ ବରାହାବତାରରେ ଭଗବାନ୍ ବିଷ୍ଣୁ ପୃଥିବୀକୁ ଉଦ୍ଧାର କରିଥିବାର ଶାସ୍ତ୍ରୀୟ ପ୍ରମାଣ ଉପଲବ୍ଧ । ତେଣୁ ଏହି କ୍ଷେତ୍ରକୁ ବରାହକ୍ଷେତ୍ରର ମାନ୍ୟତା ଦିଆଯାଇଛି । ଏହି କ୍ଷେତ୍ରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତିର ପ୍ରଚାରପ୍ରସାର ଭବ୍ୟ ରୂପରେ ହେଉଛି । ଏକଦା ଓଡ଼ିଶାର ଗଜପତି କାଞ୍ଚି ଅଭିଯାନ କରି ତତ୍କାଳୀନ ଓଡ଼ିଶାର ସମ୍ମାନ ବୃଦ୍ଧି କରିଥିଲେ । ଏହିକ୍ରମରେ ଆଜି ମଧ୍ୟ ଓଡ଼ିଶାର ଅନେକ ସନ୍ତାନସନ୍ତତି ନିଜ ଜନ୍ମଭୂମିର ନାମ ସାର୍ଥକ କରି ତିରୁପତିରେ ଓଡ଼ିଶା ସଂସ୍କୃତିକୁ ପ୍ରତିଷ୍ଠାପିତ କରିପାରିଛନ୍ତି ।

ଏହି ଦିବ୍ୟକ୍ଷେତ୍ରରେ ସ୍ଥାପିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ଭବ୍ୟ ପରିସର ଓଡ଼ିଶା ପାଇଁ ଏକ ଗୌରବମୟ ସ୍ଥାନ ନିଶ୍ଚୟ । ଏହି ପରିସରର ଉତ୍କଳ ପୀଠ ଆମ ରାଜ୍ୟର ଗୌରବଗାଥାର ଅନ୍ୟ ଏକ କିମ୍ବଦନ୍ତୀ । ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ସଂକଳ୍ପ ନେଇଥିଲେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି ଓ ସାହିତ୍ୟ ଦିଗନ୍ତବିସ୍ତାରୀ ହେଉ । ଏହି ଲକ୍ଷ୍ୟ ନେଇ ସେ ବିଦ୍ୱାନମାନଙ୍କର ପରାମର୍ଶରୁ ଜାଣିପାରିଲେ ତିରୁପତି ଶ୍ରୀଭେଙ୍କଟେଶ୍ୱରକ୍ଷେତ୍ରରେ ଭାରତ ସରକାରଙ୍କ ଦ୍ୱାରା ୧୯୫୭ ମସିହାରେ ପ୍ରତିଷ୍ଠାପିତ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏକ ବିଶେଷ ଶାସ୍ତ୍ର ଅଧ୍ୟୟନ କେନ୍ଦ୍ରର ମାନ୍ୟତା ପାଇ ସମଗ୍ର ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ଅନେକ ବର୍ଷ ଧରି ଭାରତୀୟ ଓ ବୈଦେଶିକ ଛାତ୍ରଛାତ୍ରୀମାନେ ଏହି ବିଶ୍ୱବିଦ୍ୟାଳୟରେ ସାକ୍ଷାତ୍ ଏବଂ ଦୂର ତଥା ଆଭାଷୀ ଶିକ୍ଷା କେନ୍ଦ୍ର ଦ୍ୱାରା ଅଧ୍ୟୟନରତ । ବିଶ୍ୱବିଦ୍ୟାଳୟର ମହତ୍ତ୍ୱ ଅବଗତ ହେଲା ପରେ ତତ୍କାଳୀନ ଓଡ଼ିଶା ସରକାର ଧନରାଶି ପ୍ରଦାନ କରି ଏହି ବିଶ୍ୱବିଦ୍ୟାଳୟ ପରିସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ସଂସ୍କୃତି, କବି ଜୟଦେବ ପ୍ରଣୀତ ଶ୍ରୀଗୀତଗୋବିନ୍ଦ ସାହିତ୍ୟ ଏବଂ ଶ୍ରୀଜଗନ୍ନାଥଙ୍କର ପରମ ଭକ୍ତ ଶ୍ରୀଚୈତନ୍ୟଙ୍କର ଦର୍ଶନ ଉପରେ ବିଶେଷ ଗବେଷଣା କରି ଓଡ଼ିଶାର ସଂସ୍କୃତିକୁ ବିଶ୍ୱସ୍ତରୀୟ କରିବା ପାଇଁ ପଦକ୍ଷେପ ନେଇଥିଲେ । ଓଡ଼ିଶା ସରକାର ପ୍ରଦାନ କରିଥିବା ଧନରାଶି ମୂଳ ପାଣ୍ଠି ଭାବରେ ସୁରକ୍ଷିତ ଅଛି ଏବଂ ତାହାର ବ୍ୟାଙ୍କ ସୁଧ ଟଙ୍କାରେ ଗବେଷଣା କାର୍ଯ୍ୟ ସୁଚାରୁ ସମ୍ପାଦନ ହେଉଛି ।

'ଉତ୍କଳ ପୀଠ' ବା 'ଓଡ଼ିଶା ଚେୟାର' ନାମରେ ସ୍ଥାପିତ ଏହି ବିଶେଷ ଗବେଷଣା ଅନୁଷ୍ଠାନ ଶ୍ରୀଜଗନ୍ନାଥ, ଜୟଦେବ ଓ ଚୈତନ୍ୟଙ୍କର ବୈଭବକୁ ନେଇ ଅନେକ ଦୁର୍ଲଭ ତାଳପତ୍ର ପୋଥି ପ୍ରକାଶନ କରିବା ସହିତ ପ୍ରତିବର୍ଷ ଜାତୀୟସ୍ତରରେ ସମ୍ମାନ ଓ ବ୍ୟାଖ୍ୟାନମାଳାମାନ ଆୟୋଜନ କରି ବିବିଧ ଗବେଷଣା ସମ୍ବନ୍ଧ ପୁସ୍ତକ ପ୍ରକାଶନ କରିଆସୁଛି । ଶ୍ରୀଜଗନ୍ନାଥଙ୍କର ପୌରାଣିକ ସାହିତ୍ୟ, ଗୀତଗୋବିନ୍ଦର ସର୍ବାଙ୍ଗସୁନ୍ଦରୀ ଟୀକା, ଚୈତନ୍ୟଙ୍କର ଜୀବନୀ, ଓଡ଼ିଶା ଓ ଦକ୍ଷିଣ ଭାରତର ସମ୍ପର୍କ ଇତ୍ୟାଦି ଅତ୍ୟନ୍ତ ଦୁର୍ଲଭ ଗବେଷଣା କାର୍ଯ୍ୟକୁ ସଫଳତାର ସହିତ ସମ୍ପାଦନ କରିଛି । ଏହି ପୀଠର ଏକ ବୈଶିଷ୍ଟ୍ୟ ହେଉଛି ଏଠାରେ ପ୍ରତିଷ୍ଠିତ ଭବ୍ୟ ଶ୍ରୀଜଗନ୍ନାଥ ମନ୍ଦିର । ଏଠାରେ ଚତୁର୍ଦ୍ଧା ବିଗ୍ରହଙ୍କ ସହିତ ଶ୍ରୀଭେଙ୍କଟେଶ୍ୱରଙ୍କୁ ମଧ୍ୟ ଆଗମୋକ୍ତ ରୀତିରେ ପୂଜା କରାଯାଏ । ଉତ୍କଳ ପୀଠର ଶୈକ୍ଷିକ କାର୍ଯ୍ୟର ଦ୍ରୁତ ଅଗ୍ରଗତି ହେବା ସହିତ ଶ୍ରୀଜଗନ୍ନାଥ ମନ୍ଦିରରେ ନିତ୍ୟ ବେଦପାରାୟଣ ଏବଂ ପୂଜା ବିଧାନରେ ଅନେକ ସଂସ୍କାର ଆସିପାରିଛି । 'ଉତ୍କଳ ପୀଠ'କୁ ଭାରତୀୟ ଦାର୍ଶନିକ ଅନୁସନ୍ଧାନ ପରିଷଦ, ଇତିହାସ ଅନୁସନ୍ଧାନ ପରିଷଦ ଏବଂ ସରକାରୀସ୍ତରରେ ବିଶେଷ ପରିଚିତ କରାଇବାରେ ପୂର୍ବସୂରୀ ଓ ଅଧିକାରୀମାନଙ୍କର ଯୋଗଦାନ ଅବିସ୍ମରଣୀୟ ।

ଏହି ବିଶ୍ୱବିଦ୍ୟାଳୟରେ ଓଡ଼ିଶାର ଛାତ୍ରଛାତ୍ରୀ ଅଧ୍ୟୟନ କରିବା ସହିତ ଓଡ଼ିଆ କର୍ମଚାରୀମାନେ ମଧ୍ୟ ନିଯୁକ୍ତି ସୁଯୋଗ ପାଇଛନ୍ତି । ସେମାନେ ଏକ ପରିବାର ସଦୃଶ ଉତ୍କଳ ପୀଠରେ ଏକତ୍ରିତ ହୋଇ ରଥଯାତ୍ରା, ଉତ୍କଳ ଦିବସ, ନୂଆଁଖାଇ, ଦୋଳପୂର୍ଣ୍ଣିମା, ହୋଲି, ଦଶହରା ଇତ୍ୟାଦି ଓଡ଼ିଶାର ପର୍ବପର୍ବାଣିକୁ ପାଳନ କରନ୍ତି । 'ଉତ୍କଳ ପୀଠ'ରେ ପ୍ରତିଷ୍ଠାପିତ ଶ୍ରୀଜଗନ୍ନାଥ ଚିତ୍ରକଳା ଗ୍ୟାଲେରୀ ମହାପ୍ରଭୁଙ୍କର ସମସ୍ତ ରୀତିନୀତି ଏବଂ ସେବାପୂଜାକୁ ସର୍ବଭାରତୀୟସ୍ତରରେ ପ୍ରସାରିତ କରୁଛି । ତିରୁପତିକୁ ନିତ୍ୟଦର୍ଶନ ପାଇଁ ଅସୁଥିବା ଭକ୍ତମାନେ ମଧ୍ୟ 'ଉତ୍କଳ ପୀଠ' ଭ୍ରମଣରେ ଆସି ପୀଠର ବୈଭବକୁ ଦର୍ଶନ କରି ଆଶ୍ଚର୍ଯ୍ୟ ହୁଅନ୍ତି । ସମ୍ପ୍ରତି 'ଉତ୍କଳ ପୀଠ' ଅନେକ ନୂତନ ଗବେଷଣାକାର୍ଯ୍ୟକୁ ହାତକୁ ନେବା ସହିତ ଶ୍ରୀଜଗନ୍ନାଥ ତତ୍ତ୍ୱର ପ୍ରଚାର ପ୍ରସାର ପାଇଁ ଶ୍ରୀଜଗନ୍ନାଥ ତତ୍ତ୍ୱସମ୍ବନ୍ଧ ପୁରାଣର ନିତ୍ୟ ପ୍ରବଚନ ଏବଂ ପାରାୟଣ କରିଆସୁଛି । ଶ୍ରୀଜଗନ୍ନାଥଙ୍କର ଐତିହ୍ୟ ଏବଂ ଶ୍ରୀମନ୍ଦିରର ସେବା ତଥା ଯାତ୍ରା ବୈଶିଷ୍ଟ୍ୟ, ଶ୍ରୀଚୈତନ୍ୟଙ୍କର ଜୀବନଦର୍ଶନ ଏବଂ ଶ୍ରୀଜୟଦେବଙ୍କର ଗୀତଗୋବିନ୍ଦର ଭକ୍ତିତତ୍ତ୍ୱ ଉପରେ ବିଶେଷ ଗବେଷଣା କରିବା ପାଇଁ ସଂକଳ୍ପ ନେଇଛି । ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍କଳୀୟ ସଂସ୍କୃତିକୁ ନେଇ ଓଡ଼ିଶୀ ନୃତ୍ୟ, ଶାସ୍ତ୍ରୀୟ ସଂଗୀତ, ବକ୍ତୃତା ଇତ୍ୟାଦି ପ୍ରତିଯୋଗିତା ଆୟୋଜନ କରି ପୁରସ୍କାର ବିତରଣ କରିବା ସହିତ ଓଡ଼ିଶାର ସଂସ୍କୃତିକୁ ସର୍ବଭାରତୀୟ ସ୍ତରରେ ପହଞ୍ଚାଇପାରୁଛି । ଓଡ଼ିଆମାନେ ଏଠାରେ 'ଉତ୍କଳ ପରିଷଦ' ଗଠନ କରି ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାରପ୍ରସାର କରନ୍ତି ।

ପ୍ରତିବର୍ଷ ଉତ୍କଳ ଦିବସ ତିରୁପତିର ଉତ୍କଳୀୟମାନଙ୍କର ଏକ ଆନନ୍ଦଉଲ୍ଲାସର ପର୍ବ । ଏହିଦିନ ଦକ୍ଷିଣରାଜ୍ୟରେ ସୃଷ୍ଟି ହୁଏ ଓଡ଼ିଆର ଭାଇଚାରା । ଆଶ୍ଚର୍ଯ୍ୟ ହୁଏ ଦକ୍ଷିଣପ୍ରଦେଶ ଓଡ଼ିଶାର ଐକ୍ୟ ଏବଂ ମହନୀୟ ସଂସ୍କୃତିକୁ ଦର୍ଶନ କରି । ଓଡ଼ିଆ ଯେଉଁଠି ଥାଉ ନା କାହିଁକି 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରିୟସୀ' ଭାବନାକୁ କେବେ ଭୁଲିପାରେନା । ତାହାର ନିଛକ୍ ନିଦର୍ଶନ ହେଉଛି ତିରୁପତିର ଓଡ଼ିଆ ପରିବାର ।

(ନିର୍ଦ୍ଦେଶକ, ଉତ୍କଳ ପୀଠ, ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ)
ତିରୁପତି(ଆନ୍ଧ୍ରପ୍ରଦେଶ),ମୋ: ୮୮୯୭୪୨୬୨୪୩

## ଅମଡ଼ାବାଟର ଅକ୍ଳାନ୍ତ ଯାତ୍ରୀ: ବସନ୍ତକୁମାରୀ

**ସାହିତ୍ୟ ସରିତ୍**

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

'ଅମଡ଼ାବାଟ'-ଏ ଶବ୍ଦଟି ଓଡ଼ିଆ ଅଭିଧାନରେ ରହିଥିଲା । ତା' ଭିତରେ ଯେଉଁ ସାହିତ୍ୟ-ଶିଳ୍ପୀ ଅମାପଶକ୍ତି, ଅନନ୍ୟ ଆକର୍ଷଣ ଭରିଦେଲେ ସେ ହେଉଛନ୍ତି ବସନ୍ତକୁମାରୀ ପଟ୍ଟନାୟକ । ଓଡ଼ିଆ ଉପନ୍ୟାସର ନିଷ୍ଠାପର ପାଠକ ଓ ଓଡ଼ିଆ ଚଳଚ୍ଚିତ୍ରର ଦରଦୀ ଦର୍ଶକ ମାତ୍ରକେ ସେଥିପାଇଁ 'ଅମଡ଼ାବାଟ' ନାମଟି ସ୍ମରଣ କଲାମାତ୍ରକେ ସ୍ୱତଃସ୍ପନ୍ଦିତ ଓ ରୋମାଞ୍ଚିତ ହୋଇଉଠନ୍ତି । ଉପନ୍ୟାସର ନାୟିକାର ନାମ କେହି କ'ଣ ଭୁଲିଯିବା ସମ୍ଭବ? ତାର ନାଁ ଟି ସିନା 'ମାୟା' । କିନ୍ତୁ ନିରାଟ ବାସ୍ତବତା ଓ ଗଭୀର ସ୍ୱାତ୍ମାନୁଭୂତି ମଧ୍ୟରୁ ଲେଖିକା ତାହାକୁ ତୋଳି ଆଣିଛନ୍ତି ଉପନ୍ୟାସର ପୃଷ୍ଠାକୁ । ଏ ଅଭିନ୍ନ ପରିକଳ୍ପନା ହେଉଛି ଏକ ଅବିଚଳିତ ସାହସିକତା । ଏକ ଅଟଳ ନିଷ୍ପତ୍ତି । ଅନ୍ତରାତ୍ମାର କଲ୍ୟାଣକାରୀ ସଂକଳ୍ପ ।

ବସନ୍ତକୁମାରୀ ନାରୀବାଦୀ ଲେଖିକା ନୁହନ୍ତି । ନାରୀ ଚେତନାର ଉତ୍ତରଣ ଅନୁସନ୍ଧାନରେ ଅନୁବ୍ରତୀ ସେ । ତାଙ୍କ ନାୟିକା କି ଚଳଚଞ୍ଚଳ, ପ୍ରଗଳଭ, ରାଗ ଅଭିମାନରେ କି ପ୍ରାଣୋଚ୍ଛଳ! କେତେ କୌତୁକ ଓ ଦୁଷ୍ଟାମିରେ ଚିତ୍ତାକର୍ଷକ ସେ! ଯାହାକୁ ଉପନ୍ୟାସର ପ୍ରଥମ ପର୍ଯ୍ୟାୟରେ ପାଠକ ଦେଖି ମୁଗ୍ଧ ହୁଏ, ପରବର୍ତ୍ତୀ ପର୍ଯ୍ୟାୟରେ ତା'ର ସେବା, ତ୍ୟାଗ, ସ୍ଥିରତା ଦେଖି ସ୍ତବ୍ଧ ହୋଇଯାଏ । ମାୟା ତା' ଜୀବନରେ ଦେଖିଛି 'କାବେରୀ' ପରି ସ୍ୱାର୍ଥାନ୍ୱେଷୀ ଭାଉଜକୁ । ନଣନ୍ଦ-ଭାଉଜଙ୍କ ମଧ୍ୟରେ ସମ୍ପର୍କ ମ୍ଳାନ ହୋଇଯାଇଛି । ଏହି ଅଭିଜ୍ଞତାରୁ ନିଜେ ସେ ବିବାହ କରିବାକୁ ଚାହିଁନି । ମାତ୍ର ପିତାମାତାଙ୍କ ମର୍ଯ୍ୟାଦା ରକ୍ଷା ପାଇଁ ସେ ବରଣ କରିନେଇଛି ବୈବାହିକ ଜୀବନ । ବିବାହ ପରବର୍ତ୍ତୀ ଜୀବନ ଯେ କେତେ କର୍ମମୟ, କଣ୍ଟକିତ, କରୁଣ! କର୍ତ୍ତବ୍ୟ ବିରୋଧର ସମ୍ମୁଖୀନ ହୋଇ କୌଣସି ନିର୍ଣ୍ଣୟ ନେବା କେତେ କଠିନ! ସମାନ ସମୟରେ ଶାଶୂ ଆଉ ବାପା ଯଦି ଅସୁସ୍ଥ ହୋଇପଡ଼ନ୍ତି କାହାର ସେବା କରିବ ସେ? କିଏ ତା' ପାଇଁ ବଡ଼?' ଏଇ ପ୍ରଶ୍ନରେ ଉପନ୍ୟାସ ଶେଷ ହୋଇଛି । ଏ ପ୍ରଶ୍ନ ପ୍ରତ୍ୟେକ ମଣିଷ ପ୍ରତି ପ୍ରଯୁଜ୍ୟ । ସେଥିପାଇଁ ଲେଖିକା ଚୂଡ଼ାନ୍ତ ନିଷ୍ପତ୍ତି ନେବାର ଦାୟିତ୍ୱ ଛାଡ଼ି ଦେଇଛନ୍ତି ପାଠକ ହାତରେ । ତେବେ ପ୍ରଶ୍ନ ମଧ୍ୟରେ ହିଁ ଉତ୍ତର ସନ୍ନିହିତ । ଚଳଚ୍ଚିତ୍ର ନିର୍ଦ୍ଦେଶକ ସେଇ ସଂକେତକୁ ବୁଝିପାରି ବୃହତ୍ତର ଦର୍ଶକ ସମାଜ ପାଇଁ ତା'ର ସୁନ୍ଦର ସମାଧାନ କରି ଦେଇଛନ୍ତି । ପତିଗୃହ ଓ ପିତୃଗୃହ ଉଭୟ ସକାଶେ ସେ ସମର୍ପିତା । ନିଜର କର୍ତ୍ତବ୍ୟ ସମ୍ପାଦନ କରିବାରେ ତା'କୁ ପଥପ୍ରଦର୍ଶନ କରିଛି ସ୍ୱକୀୟ ବିଚାରର ପରିପକ୍ୱତା । ତାହା ଚିରନ୍ତନ ପ୍ରେରଣାର ପଥ ଭାବରେ ଜ୍ୟୋତିସ୍ନାତ । ଲେଖିକା 'ଚୋରାବାଲି' ଲେଖି ମାୟା ଚରିତ୍ରକୁ କରି ଦେଇଛନ୍ତି ଆହୁରି ମହିମାଦୀପ୍ତ । ସେ ଯେଉଁ ସନ୍ତାନକୁ ଜନ୍ମ ଦେଉଛି ସେ ପୁଣି ଅନ୍ଧ! ହାୟ! ଗୋଟିଏ ପାଖରେ ତେଣୁ ଦୁର୍ଭାଗ୍ୟର ପ୍ରଚଣ୍ଡ ପ୍ରକୋପ ଏବଂ ଆଉ ଗୋଟିଏ ପାଖରେ ମାୟାର ଦୃଢ଼ ମନୋବଳ । ଲେଖିକା ପାଠକ ଭିତରେ ଏହି ଆତ୍ମବଳକୁ ଜାଗ୍ରତ କରିଦେବାରେ ହିଁ ଧ୍ୟାନସ୍ଥ ।

ବସନ୍ତ କୁମାରୀ ପଟ୍ଟନାୟକ ଆହୁରି ଅନେକ ପୁସ୍ତକର ସ୍ରଷ୍ଟା । 'ସଭ୍ୟତାର ସାଜ', 'ପାଲଟା ଢେଉ', 'ଭଉଁରୀ' ଆଦି ଗଳ୍ପ ଉପନ୍ୟାସ 'ଜୁଆର ଭଟ୍ଟା', 'ମୃଗତୃଷ୍ଣା' ଏକାଙ୍କିକା ଓ 'ଚିତାନଳ' କବିତା ସଂକଳନରେ ସ୍ୱକୀୟ ଅନୁଭୂତି ଓ ଅନ୍ତଃଦୃଷ୍ଟି ତାଙ୍କର ପ୍ରକୃତରେ କି ମାର୍ମିକ! ତାଙ୍କ ଚରିତ୍ର ଯେମିତି, ଭାଷା ଓ ଶୈଳୀ ମଧ୍ୟ ସେହିପରି ମର୍ମଭେଦୀ, ସରଳ ଓ ପ୍ରାଞ୍ଜଳ । ତାଙ୍କ ସାଧନାର ଆଉ ଏକ ଗଭୀରତର ଦିଗ ହେଉଛି ଦାର୍ଶନିକ ଚିନ୍ତନ ଓ ଉପଲବ୍ଧି । ଭାରତର ସୁବିଖ୍ୟାତ ଦାର୍ଶନିକ ଜେ. କ୍ରିଷ୍ଣମୂର୍ତ୍ତିଙ୍କ ଏକାଧିକ ପୁସ୍ତକ ଓଡ଼ିଆରେ ଅନୁବାଦ କରି ସେ ସତ୍ୟାନୁସନ୍ଧାନୀ ପାଠକବର୍ଗଙ୍କ ପାଇଁ ଜୀବନକୁ ଭିନ୍ନ ଦୃଷ୍ଟିରେ ଦେଖିବାର ଆଉ ଏକ ମାର୍ଗ ଉଦ୍‌ଘାଟିତ କରି ଦେଇଛନ୍ତି । 'ଏକ ହିଁ ବିପ୍ଳବ', 'ପରିବର୍ତ୍ତନ ଏକାନ୍ତ ଜରୁରୀ' ଆଦି ଏକ୍ଷେତ୍ରରେ ଏକ ଏକ ଉଲ୍ଲେଖନୀୟ କୃତି । କ୍ରିଷ୍ଣମୂର୍ତ୍ତିଙ୍କ ଦର୍ଶନ ସାଧାରଣ ପାଠକଙ୍କ ସକାଶେ ବୋଧଗମ୍ୟ ହେଉ ନଥିବା ବେଳେ ବସନ୍ତ କୁମାରୀ ପଟ୍ଟନାୟକ ତାକୁ ସରଳ ଭାଷାରେ ଉପସ୍ଥାପନ କରିପାରିଛନ୍ତି । ପୁଣି ନିଜର ଦାର୍ଶନିକ ଓ ଆଧ୍ୟାତ୍ମିକ ଉପଲବ୍ଧି ସେ ସଂରକ୍ଷିତ ରଖି ଯାଇଛନ୍ତି 'ବାଟୋଇର ଧ୍ରୁବତାରା' ଗ୍ରନ୍ଥରେ । ନାରୀ-ପୁରୁଷ ନିର୍ବିଶେଷରେ ସେ ସମସ୍ତଙ୍କୁ ନିଜ ପାଇଁ ନିଜର ପଥ ଆବିଷ୍କାର କରିବାକୁ ପ୍ରଦର୍ଶନ କରିଦେଇ ପାରିଛନ୍ତି ସମୁଜ୍ଜ୍ୱଳ ଦୃଷ୍ଟାନ୍ତ । ଏ ପୃଥିବୀରେ ପ୍ରତ୍ୟେକଙ୍କ ବାଟ ସ୍ୱତନ୍ତ୍ର । ଅର୍ଥାତ ସବୁ ବାଟ ହେଉଛି ଅମଡ଼ାବାଟ । ନିଜ ମାର୍ଗରେ ନିଜେ ଅପୂର୍ବ ସାହସର ସହ ଅଗ୍ରସର ହେବା ପାଇଁ ବସନ୍ତ କୁମାରୀ ପଟ୍ଟନାୟକଙ୍କ ସାହିତ୍ୟର ବାର୍ତ୍ତା ହେଉଛି ଶକ୍ତିଶାଳୀ ପ୍ରେରଣାର ପରିଶୁଦ୍ଧ ଓ ପବିତ୍ର କିରଣ ।

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ । ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ । ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର । ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

## ● ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର

# ଓଡ଼ିଶାରେ ୯୧ ଲକ୍ଷ ଛାତ୍ରଛାତ୍ରୀ ପାଉଛନ୍ତି ସ୍ୱତନ୍ତ୍ର ସହାୟତା

ଭୁବନେଶ୍ୱର,୧।୪(ସମିସ): ରାଜ୍ୟରେ ପ୍ରାୟ ୯୧ ଲକ୍ଷ ସ୍ୱତନ୍ତ୍ର ଆବଶ୍ୟକତା ସମ୍ପନ୍ନ ଛାତ୍ରଛାତ୍ରୀ (ସିଡବ୍ଲ୍ୟୁଏସ୍ଏନ୍) ପାଠ ପଢୁଛନ୍ତି। ୨୦୨୪-୨୫ ଶିକ୍ଷାବର୍ଷରେ ସେମାନଙ୍କୁ ସହାୟତା ପାଇଁ ସମଗ୍ର ଶିକ୍ଷା ଯୋଜନାରେ ପ୍ରାୟ ୫୩ କୋଟି ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ପ୍ରାୟ ୨୫.୭୫ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଶେଷ ତିନିବର୍ଷରେ ରାଜ୍ୟରେ ସ୍ୱତନ୍ତ୍ର ସହାୟତା ପାଉଥିବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମୁଥିବା ରାଜ୍ୟସଭାରେ ସାଂସଦ ମାନସ ମଙ୍ଗରାଜଙ୍କ ଏକ ପ୍ରଶ୍ନରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି।

ତଥ୍ୟ ଅନୁଯାୟୀ, ୨୦୨୪-୨୫ ଶିକ୍ଷାବର୍ଷରେ ମୟୂରଭଞ୍ଜ ଜିଲ୍ଲାରୁ ସର୍ବାଧିକ ୭୨୨୨ ଜଣ ଅଧ୍ୟୟନ କରିଛନ୍ତି। ଏହା ପଛକୁ ଗଞ୍ଜାମ ଜିଲ୍ଲାରେ ୭୦୮୧ ଛାତ୍ରଛାତ୍ରୀ ଥିବାବେଳେ ଦେବଗଡ଼ ଜିଲ୍ଲାରେ ସର୍ବନିମ୍ନ ୬୮୮ ଜଣ ରହିଛନ୍ତି। ଅନୁରୂପ ଭାବେ ରାଜ୍ୟରେ ୨୦୨୨-୨୩ ଶିକ୍ଷାବର୍ଷରେ ମୋଟ୍ ୯୭,୦୩୦ ଛାତ୍ରଛାତ୍ରୀ ଏହି ସହାୟତା ପାଉଥିବାବେଳେ ୨୦୨୩-୨୪ରେ ୯୩,୪୬୭ ଜଣ ଏହି ଯୋଜନାରେ ଉପକୃତ ହେଉଛନ୍ତି। ଶାରୀରିକ ବା ମାନସିକ ଭାବେ ଅନଗ୍ରସର ପିଲାଙ୍କ ଶିକ୍ଷାଗ୍ରହଣରେ ଯେପରି କୌଣସି ବାଧା ସୃଷ୍ଟି ନ ହେବ, ସେଥିପାଇଁ ସରକାର ଏହି ସହାୟତା ରାଶି ପ୍ରଦାନ କରୁଛନ୍ତି। ବିଦ୍ୟାଳୟକୁ ଯାତାୟତ ପାଇଁ ଖର୍ଚ୍ଚ ସମେତ ବାଣିଶ୍ରୀ ଛାତ୍ରବୃତ୍ତି ଓ ଅନ୍ୟାନ୍ୟ ଆର୍ଥିକ ସହାୟତା ପାଉଛନ୍ତି। ସେହିପରି ଏହି ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ପାଇଁ ରାଜ୍ୟରେ ୭୧୪୨ ଜଣ ଶିକ୍ଷକ ନିଯୁକ୍ତ ଅଛନ୍ତି। ମୟୂରଭଞ୍ଜ ଜିଲ୍ଲାରେ ସର୍ବାଧିକ ୭୨୩ ଜଣ ସ୍ୱତନ୍ତ୍ର ଶିକ୍ଷକ ଥିବାବେଳେ ଗଞ୍ଜାମରେ ଦ୍ୱିତୀୟ ସର୍ବାଧିକ ୫୩୧ ଜଣ ନିୟୋଜିତ ହୋଇଛନ୍ତି। ଗଜପତିରେ ସବୁଠାରୁ କମ୍ ୪୪ ଜଣ ଶିକ୍ଷକ ଅଛନ୍ତି। ସୂଚନାଯୋଗ୍ୟ, ଏହି ଯୋଜନାରେ ଗ୍ରାମୀଣ ଓ ସହରାଞ୍ଚଳରେ ଗୁରୁତର ଅକ୍ଷମ ଶିଶୁମାନଙ୍କ ପାଇଁ ଘରେ ବସି ପାଠ ପଢ଼ିବା, ସହାୟକ ଉପକରଣ, ବ୍ରେଲି ପୁସ୍ତକ ଓ ଯାତାୟାତ ସହାୟତା ଯୋଗାଇ ଦିଆଯାଉଛି। ରାଜ୍ୟରେ ୩୧୬ଟି ରିସୋର୍ସ ସେଣ୍ଟର ମାଧ୍ୟମରେ ବିକଳ୍ପ ଶିକ୍ଷା ସହାୟତା ପ୍ରଦାନ କରାଯାଉଛି। ରାଜ୍ୟର ପ୍ରାୟ ୯୫% ବିଦ୍ୟାଳୟରେ ରାମ୍ପ ସୁବିଧା ମଧ୍ୟ ଉପଲବ୍ଧ ରହିଥିବା ମନ୍ତ୍ରୀ ସୂଚନା ଦେଇଛନ୍ତି।

# ଓଡ଼ିଶା ଦିବସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଲେ ନବୀନ

ଭୁବନେଶ୍ୱର,୧।୪(ସମିସ): ଓଡ଼ିଶା ଦିବସ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି



ନବୀନ କହିଛନ୍ତି ଯେ ଓଡ଼ିଶା ଦିବସ କେବଳ ଏକ ଉତ୍ସବ ନୁହେଁ; ଏହା ହେଉଛି ଆବେଗ। ଏହା ପ୍ରତିଟି ଓଡ଼ିଆଙ୍କ ସ୍ୱାଭିମାନ ଓ ପ୍ରଗତିର ପରିଚୟ। ଭାଷା ଭିତ୍ତିରେ ଦେଶର ପ୍ରଥମ ରାଜ୍ୟ ଭାବେ ଆଜିର ଦିନରେ ଓଡ଼ିଶା ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇଥିଲା।

ଏହି ଅବସରରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ବରେଣ୍ୟ ସାଧକମାନଙ୍କ ପ୍ରତି ନବୀନ ସମ୍ମାନ ଜଣାଇଛନ୍ତି। ଏହାସହ ମାତୃଭାଷାର ଗୌରବକୁ ବଜାୟ ରଖି, ସଭିଙ୍କୁ ସାଥିରେ ନେଇ ବିକାଶର ସବୁ କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ନବୀନ ରାଜ୍ୟବାସୀଙ୍କୁ ଆହ୍ୱାନ ଜଣାଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଇରାନ ଯୁଦ୍ଧ ବନ୍ଦ...

ମୁକାବିଲା ଲାଗି ଇରାନ ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ ଯୁଦ୍ଧରୁ ଓହରିଯିବା ଲାଗି ଟ୍ରମ୍ପଙ୍କ ଘୋଷଣାକୁ ନେଇ ଆମେରିକା ଓ ଇସ୍ରାଏଲ ମଧ୍ୟରେ ମତଭେଦ ସୃଷ୍ଟି କରିଛି। ଆମେରିକା ଓହରିଗଲେ ମଧ୍ୟ ଇରାନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିବ ବୋଲି ଏହାର ପ୍ରଧାନମନ୍ତ୍ରୀ କହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ କୌଣସି ଚୁକ୍ତି ନହେଲେ ମଧ୍ୟ ଆମେରିକା ଆଗାମୀ ଦୁଇରୁ ତିନି ସପ୍ତାହ ମଧ୍ୟରେ ଇରାନ ଉପରେ ସାମରିକ ଆକ୍ରମଣ ବନ୍ଦ କରିପାରେ। ଦରକାର ପଡ଼ିଲେ ପୁଣି ଇରାନ ଉପରେ ଆକ୍ରମଣ ହେବ। ଗତକାଲି ବିଳମ୍ବିତ ରାତିରେ ହ୍ୱାଇଟ୍ ହାଉସ୍‌ରେ ଟ୍ରମ୍ପ କହିଥିଲେ ଯେ ଆମେ ଖୁବଶୀଘ୍ର ଇରାନ ଛାଡ଼ି ଚାଲିଯିବୁ। ଏହି ପ୍ରତ୍ୟାହର ପ୍ରକ୍ରିୟା ଦୁଇରୁ ୩ ସପ୍ତାହ ମଧ୍ୟରେ ହୋଇପାରେ। ଇରାନକୁ ଏଥିପାଇଁ କୌଣସି ସାମରିକ ଚୁକ୍ତି କରିବାକୁ ପଡ଼ିବ ନାହିଁ। ଆମେରିକା ଓହରିଗଲେ ଯୁଦ୍ଧ ବନ୍ଦ ହୋଇଯିବ ବୋଲି କହିଥିଲେ। ଏହାପୂର୍ବରୁ ଟ୍ରମ୍ପ ଇରାନକୁ ୧୫-ସୂତ୍ରୀ ସର୍ତ୍ତ ମାନିବାକୁ ଚେତାବନୀ ଦେଇଥିଲେ, କିନ୍ତୁ ଏବେ ସେ କହିଛନ୍ତି ଯେ ହର୍ମୁଜ ପ୍ରଣାଳୀ ଭଳି ଗୁରୁତ୍ୱପୂର୍ଣ୍ଣ ଜଳପଥର ସୁରକ୍ଷା ଦାୟିତ୍ୱ ସେହି ଦେଶମାନଙ୍କର ହେବା ଉଚିତ ଯେଉଁମାନେ ସେଠାରୁ ତେଲ ଆମଦାନୀ କରୁଛନ୍ତି। ସେ ନିଜର ୟୁରୋପୀୟ ମିତ୍ର ଦେଶଗୁଡ଼ିକୁ କହିଛନ୍ତି, ତୁମେ ନିଜେ ତୁମର ତେଲର ବ୍ୟବସ୍ଥା କର। ତେବେ ଟ୍ରମ୍ପଙ୍କ ସହ ଅସହମତି ପ୍ରକାଶ କରି ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କ ଦେଶ ଇରାନର ଆତଙ୍କବାଦୀ ଶାସନକୁ ସମ୍ପୂର୍ଣ୍ଣ ରୂପେ ଧ୍ୱଂସ କରିବା ପର୍ଯ୍ୟନ୍ତ ନିଜର ସାମରିକ ଅଭିଯାନ ଜାରି ରଖିବ। ସେ ଦାବି କରିଛନ୍ତି ଯେ ଏହି ଯୁଦ୍ଧ ମଧ୍ୟପ୍ରାଚ୍ୟର ଚେହେରା ବଦଳାଇ ଦେଇଛି ଏବଂ ଇସ୍ରାଏଲ ଏବେ ଏକ ଆଞ୍ଚଳିକ ଶକ୍ତି ଭାବେ ଉଭା ହୋଇଛି। ସୂଚନାଯୋଗ୍ୟ ଯେ ଫେବୃଆରୀ ୨୮ରେ ଟ୍ରମ୍ପ ଏବଂ ନେତନ୍ୟାହୁ ଏହି ଯୁଦ୍ଧ ଆରମ୍ଭ କରିଥିଲେ, ଯେଉଁଥିରେ ଇରାନର ସର୍ବୋଚ୍ଚ ନେତା ଆୟାତୁଲ୍ଲା ଅଲି ଖାମେନେଇଙ୍କ ମୃତ୍ୟୁ ଘଟିଥିଲା। ବିଭିନ୍ନ ରିପୋର୍ଟ ଅନୁସାରେ, ନେତନ୍ୟାହୁ ହିଁ ଟ୍ରମ୍ପଙ୍କୁ ଇରାନ ଉପରେ ଆକ୍ରମଣ କରିବା ପାଇଁ ପ୍ରବର୍ତ୍ତାଇଥିଲେ। ଖବର ଅନୁଯାୟୀ, ଆମେରିକା ଉପ-ରାଷ୍ଟ୍ରପତି ଜେଡି ଭାନ୍ସ ମଧ୍ୟ ନେତନ୍ୟାହୁଙ୍କ ଏହି ରଣନୀତି ନେଇ ଅସନ୍ତୋଷ ପ୍ରକାଶ କରିଥିଲେ। ଏହାକୁ ନେଇ ଆମେରିକାରେ ଟ୍ରମ୍ପ ବିରୋଧରେ ଜନମତ ତୀବ୍ର ହେବାକୁ ଲାଗିଛି।

### ଏକ ହୋଇ ସରକାରଙ୍କୁ...

ସାମ୍ନାକୁ ଆସିଥିଲେ। ବିରୋଧୀଙ୍କ ଭୋଟ ଯେପରି ଏକଜୁଟ୍ ରହିବ, ସେନେଇ ପ୍ରାଣପ୍ରଣେ ଉଦ୍ୟମ କରିଥିଲେ ଉଭୟ ଦଳର ଛାମୁଆ ନେତା ଓ କାର୍ପଟଦାର। ଏହି ପ୍ରୟାସ ଦୁଇଦଳର ପ୍ରମୁଖ ନେତାଙ୍କୁ ଏକ କରିଥିବା ବେଳେ ଏହି ରାଜନୈତିକ ସମ୍ପର୍କ ଆଗକୁ ଜାରି ରହିପାରେ ବୋଲି ଅନୁମାନ କରାଗଲାଣି। ଯାହାର ଝଲକ ବିଧାନସଭାରେ ବାରମ୍ବାର ଦେଖିବାକି ମିଳିଛି। ଏସସିବି ଅଗ୍ନିକାଣ୍ଡ ଘଟଣାରେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ପ୍ରତ୍ୟେକ ଦିନ ଗୃହରେ ବିରୋଧୀ ସଦସ୍ୟ ଭାବେ ପୃଥକ ପୃଥକ ବଦଳରେ ମିଳିତ ଭାବେ ବିରୋଧ ପ୍ରଦର୍ଶ ନକରିଛନ୍ତି। ଗୃହରେ କୋକେଇ ଶୋଭାଯାତ୍ରା ହେଉ ଅଥବା କଳା ଟି-ସାର୍ଟ ପିନ୍ଧି ପ୍ରତିବାଦ, ବିଜେଡି-କଂଗ୍ରେସର ଯୁଗଳବନ୍ଦୀ ସରକାରଙ୍କୁ ବେଶ୍ ଅଡୁଆରେ ପକାଇଛି। ସେହିପରି ଗାନ୍ଧୀମାର୍ଗରେ ୧୦ଟି ବିରୋଧୀ ଦଳକୁ ନେଇ ସରକାରଙ୍କ ମିଳିତ ସମାବେଶ, ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ ଆଗାମୀ ଦିନ ପାଇଁ ଭିନ୍ନ ବାର୍ତ୍ତା ଦେଉଛି ବୋଲି ରାଜନୈତିକ ମହଲରେ ଆଲୋଚନା ଜୋର୍ ଧରିଛି। ଏପରିକି ପିସିସି ସଭାପତି ଭକ୍ତଚରଣ ଦାସ ମଧ୍ୟ ଏନେଇ ବାରମ୍ବାର ପ୍ରତିକ୍ରିୟା ରଖୁଛନ୍ତି। କୌଣସି ରାଜ୍ୟ ସ୍ୱାର୍ଥ ପ୍ରସଙ୍ଗରେ ଆଗକୁ ମଧ୍ୟ ବିରୋଧୀ ଏକ ହୋଇ ସରକାରଙ୍କ ବିରୋଧରେ ଲଢ଼ିବାରେ ଆମେ ପଛଘୁଞ୍ଚା ଦେବୁ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେହିପରି ବିଜେଡି ସହ ନିର୍ବାଚନୀ ସମ୍ପର୍କକୁ ନେଇ ଗଣମାଧ୍ୟମର ପ୍ରଶ୍ନକୁ ମଧ୍ୟ ସେ ସିଧାସଳଖ ଏଡ଼ାଇ ଯାଉନାହାନ୍ତି। ଏପଟେ ବିଜେଡି ସଭାପତି ନବୀନ ପଟ୍ଟନାୟ ମଧ୍ୟ ଭବିଷ୍ୟତର ମେଣ୍ଟ ଚର୍ଚ୍ଚାକୁ ଭବିଷ୍ୟତ ଉପରେ ଛାଡ଼ିଛନ୍ତି। ତେଣୁ ଉଭୟ ଦଳର ଛାମୁଆ ନେତାଙ୍କ ବଡି ଲାଙ୍ଗୁଏଜ ଆଗାମୀ ଦିନ ପାଇଁ ଏକାଧିକ ସଙ୍କେତ ପ୍ରଦାନ କରୁଥିବା ବେଳେ ଗୋଟିଏ କଥାକୁ ଆପାତତଃ ନିଶ୍ଚିତ କରିଛି। ବିରୋଧୀଙ୍କ ମଧ୍ୟରେ କୌଣସି ନିର୍ବାଚନୀ ମେଣ୍ଟ ହେଉ ଅଥବା ନହେଉ, ମାତ୍ର ସେମାନେ ସରକାରଙ୍କୁ ମିଳିତ ଭାବେ ଯେ ବିରୋଧ କରିବେ ତାହା ଆପାତତଃ ସ୍ପଷ୍ଟ ହୋଇଛି। ବର୍ତ୍ତମାନର ରାଜନୈତିକ ପରିସ୍ଥିତିକୁ ତଉଲିଲେ ଆଗାମୀ ଦିନ ପାଇଁ ଯେ ସରକାରଙ୍କ ରାସ୍ତା ସହଜ ହେବ ନାହିଁ ତାହା ବେଶ୍ ବୁଝାପଡୁଛି ବୋଲି ରାଜନୈତିକ ମହଲରେ ମତ ପ୍ରକାଶ ପାଇଛି।

### କାଳର କଷଟିରେ...

ବିଜୁ ବାବୁ ଆମ ପାଇଁ ସର୍ବଦା ରାଷ୍ଟ୍ରନାୟକ ରହି ଆସିଛନ୍ତି ଓ ରହିବେ। ତାଙ୍କର ବକ୍ତବ୍ୟ ଯଦି କାହାର ଭାବନାକୁ ଆଘାତ ଦେଇଥାଏ, ସେଥିପାଇଁ ମୁଁ ବିନା ସର୍ତ୍ତରେ କ୍ଷମାପ୍ରାର୍ଥନା କରୁଛି ବୋଲି ନିଶିକାନ୍ତ କହିଛନ୍ତି। ଅନୁରୂପ ଭାବରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଲେଖିଥିବା ଏକ ଚିଠିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଜୁବାବୁଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ବିଜୁ ବାବୁ ହେଉଛନ୍ତି ଜଣେ ବହୁମୁଖୀ ବ୍ୟକ୍ତିତ୍ୱ। ତାଙ୍କ ପ୍ରତିଭା ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ତାଙ୍କ ଜୀବନ ଶକ୍ତି, ସାହସ ଓ ଦେଶ ଗଠନ ପ୍ରତି ଅତୁଟ ପ୍ରତିବଦ୍ଧତାର ଏକ ଜ୍ୱଳନ୍ତ ଉଦାହରଣ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଜେପି ସାଂସଦ ନିଶିକାନ୍ତ ଦୁବେ ବିଜୁଙ୍କ ସହ ଆମେରିକାର ଏକ ପ୍ରମୁଖ ଗୁଇନ୍ଦା ସଂସ୍ଥା ସିଆଇଏର ସମ୍ପର୍କ ଥିବା ନେଇ ଦେଇଥିବା ଟିପ୍ପଣୀ ଓଡ଼ିଶା ରାଜନୀତିରେ ସୃଷ୍ଟି କରିଥିଲା ଝଡ଼। ବିରୋଧୀ ଦଳ ସମେତ ବିଜେପିର ଅନେକ ନେତା ଏହାକୁ ସମାଲୋଚନା କରିଥିଲେ। ପୂର୍ବରୁ ବିଜୁ ପଟ୍ଟନାୟକ ଜାତୀୟ ତଥା ଅନ୍ତର୍ଜାତୀୟ ସ୍ତରରେ ଏକାଧିକ ବାର ପ୍ରଶଂସିତ ହୋଇଛନ୍ତି। ଦଳମତ ନିର୍ବିଶେଷରେ ବିଭିନ୍ନ ସମୟରେ ବିଜୁ ପଟ୍ଟନାୟକଙ୍କ ସାହସିକତାକୁ ପ୍ରଶଂସା କରାଯାଇଛି। ସଂସଦ ଭିତରେ ବିଜେପିର ନେତା ଏମିତି କି ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ମଧ୍ୟ ବିଜୁ ପଟ୍ଟନାୟକଙ୍କୁ ପ୍ରଶଂସା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ବିଭିନ୍ନ ସମୟରେ ବିଜୁଙ୍କୁ ଉଚ୍ଚ ପ୍ରଶଂସା କରିଛନ୍ତି। ଏହି ପରିପ୍ରେକ୍ଷୀରେ ନିଶିକାନ୍ତଙ୍କ ମନ୍ତବ୍ୟକୁ ନେଇ ଓଡ଼ିଶାରୁ ଦିଲ୍ଲୀ, ସଡ଼କରୁ ସଂସଦ ପର୍ଯ୍ୟନ୍ତ ବିରୋଧ ହୋଇଥିଲା। ଓଡ଼ିଶାର କୋଣ ଅନୁକୋଣରେ ବିରୋଧ ଦିଲ୍ଲୀ ଦରବାରରେ କମ୍ପନ ସୃଷ୍ଟି ହୋଇଥିଲା। ବିଜୁ ବାବୁଙ୍କ ଭଳି ଜଣେ ମହାନାୟକଙ୍କ ସମ୍ପର୍କରେ ଦୁବେଙ୍କ ଟିପ୍ପଣୀ ବିଜେପି ପାଇଁ ସମସ୍ୟା ସୃଷ୍ଟି କରିପାରେ ବୋଲି ମଧ୍ୟ ତାଙ୍କ ଦଳ ଆଶଙ୍କା କରିଥିଲା। ଓଡ଼ିଶା ବିଜେପିର ଅନେକ ବରିଷ୍ଠ ନେତା ମଧ୍ୟ ଏହାକୁ ସହଜରେ ଗ୍ରହଣ କରିପାରିନଥିଲେ। ଓଡ଼ିଶାର ଅସ୍ମିତା ଏବଂ ବିଜୁ ବାବୁଙ୍କ ସମ୍ମାନକୁ ନେଇ ରାଜ୍ୟ ସାରା ବିରୋଧର ପ୍ରବଳ ଲହରୀ ଖେଳିଯାଇଥିଲା। ବିଜେପି ପାଇଁ ଏହା ଏକ ଅଡୁଆ ପରିସ୍ଥିତି ସୃଷ୍ଟି କରିଥିବା ବେଳେ, ଦଳର ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଦୁବେ କ୍ଷମା ମାଗିବାକୁ ବାଧ୍ୟ ହୋଇଥିବା ଚର୍ଚ୍ଚା ହେଉଛି।

### ମୁଖ୍ୟମନ୍ତ୍ରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ...

ଗୋପବନ୍ଧୁ ଦାସ, ଫକୀର ମୋହନ ସେନାପତି, ଗଙ୍ଗାଧର ମେହେର, ହରେକୃଷ୍ଣ ମହତାବ, ମାଳତୀ ଚୌଧୁରୀ, ସରଳା ଦେବୀ, ପାର୍ବତୀ ଗିରି ଏବଂ ଏପରି ଅଗଣିତ ମହାପୁରୁଷ ଆମ ଇତିହାସରେ ଏକ ଅଲିଭା ସ୍ୱାକ୍ଷର ଛାଡ଼ି ଯାଇଛନ୍ତି। ପ୍ରଧାନମନ୍ତ୍ରୀ ଭାବରେ ଶପଥ ନେବା ପରେ ଓଡ଼ିଶା ସହିତ ମୋର ଘନିଷ୍ଠ ସମ୍ପର୍କ ଜାରି ରହିଛି। ଏ ବର୍ଷ ଓଡ଼ିଶାକୁ ରେଳ ଏବଂ ସଡ଼କ ପାଇଁ ସର୍ବାଧିକ ପାଣ୍ଠି ଆବଣ୍ଟନ କରାଯାଇଛି। ୨୦୨୫-୨୬ ବର୍ଷରେ ଓଡ଼ିଶା ପାଇଁ ରେଳ ଆବଣ୍ଟନ ୧୦,୬୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ ଆମେ ବିଭିନ୍ନ ପ୍ରମୁଖ ଯୋଜନା ମାଧ୍ୟମରେ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟର ଲୋକଙ୍କୁ ଏକ ଉନ୍ନତ ଜୀବନଯାପନ ଲାଗି ସକ୍ଷମ କରିବା ଦିଗରେ କାର୍ଯ୍ୟ କରିଛୁ। କେନ୍ଦ୍ରର ଏନଡିଏ ସରକାର ବନ୍ଦର ଆଧାରିତ ବିକାଶ ମାଧ୍ୟମରେ ଓଡ଼ିଶାକୁ ଏକ ପ୍ରମୁଖ ସାମୁଦ୍ରିକ ଏବଂ ଶିଳ୍ପଭିତ୍ତିକ ରାଜ୍ୟ ଭାବରେ ବିକଶିତ ହେବା ଲାଗି ସମର୍ଥନ କରୁଛି। ଏଥିରେ ପାରାଦୀପ ଚାରିପାଖରେ ଶିଳ୍ପ ଅନୁକୂଳ ପରିବେଶର ବିକାଶ, ପାରାଦୀପ ଓ ଗୋପାଳପୁରରେ ପ୍ରସ୍ତାବିତ ଏଲଏନଜି ଟର୍ମିନାଲ ଏବଂ ବାହୁଦା ବନ୍ଦର ତଥା ମହାନଦୀରେ ନଦୀ ଆଧାରିତ ଜାହାଜ ନିର୍ମାଣ ଓ ବନ୍ଦର ଭଳି ପ୍ରକଳ୍ପର ବ୍ୟାପକ ସମ୍ଭାବନା ଅନ୍ତର୍ଭୁକ୍ତ। ପ୍ରସ୍ତାବିତ ସ୍ୱତନ୍ତ୍ର ରେୟାର ଆର୍ଥ କରିଡର ସହିତ ଏକ ଘରୋଇ ରେୟାର ଆର୍ଥ ସ୍ଥାୟୀ ଚୁମ୍ବକ ଉତ୍ପାଦନ ଇକୋସିଷ୍ଟମ ନିର୍ମାଣ ପାଇଁ ଅନୁମୋଦିତ ଯୋଜନା, ରଣନୀତିକ ଖଣିଜ ଓ ଅତ୍ୟାଧୁନିକ ଉତ୍ପାଦନରେ ଓଡ଼ିଶାର ଭୂମିକାକୁ ଆହୁରି ସୁଦୃଢ଼ କରିବ। ଭାରତର ସେମିକଣ୍ଡକ୍ଟର ଶିଳ୍ପ ଯାତ୍ରାରେ ଓଡ଼ିଶା ମଧ୍ୟ ଏକ ସମ୍ଭାବନାପୂର୍ଣ୍ଣ ଗନ୍ତବ୍ୟସ୍ଥଳ ଭାବରେ ଉଭା ହେଉଛି। ବାମପନ୍ଥୀ ଉଗ୍ରବାଦୀଙ୍କ ହିଂସା ଓଡ଼ିଶାର ବିକାଶ ପଥକୁ ମନ୍ଥର କରିବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଗତ ଦୁଇ ବର୍ଷ ଧରି ଆପଣ ଏବଂ ଓଡ଼ିଶା ସରକାର ଯେଉଁ ଅସାଧାରଣ କାର୍ଯ୍ୟ କରିଛନ୍ତି ତାହାକୁ ମୁଁ ଉଚ୍ଚ ପ୍ରଶଂସା କରୁଛି। ସୁଭଦ୍ରା ଯୋଜନା ମହିଳା ସଶକ୍ତିକରଣର ଏକ ପ୍ରମୁଖ ଉପକରଣ ଭାବରେ ଉଭା ହୋଇଛି। ଲକ୍ଷପତି ଦିଦି ସୃଷ୍ଟି କରିବାରେ ଏକ ଅଗ୍ରଣୀ ରାଜ୍ୟ ହୋଇଥିବାରୁ ମୁଁ ଓଡ଼ିଶାକୁ ପ୍ରଶଂସା କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଓଡ଼ିଶାର ଶିଳ୍ପ ପ୍ରଗତି ମଧ୍ୟ ଅନୁରୂପ ଭାବରେ ଉତ୍ସାହଜନକ। କେନ୍ଦ୍ର ଯେଉଁ କ୍ଷେତ୍ରଗୁଡ଼ିକରେ ଓଡ଼ିଶାକୁ ସମର୍ଥନ ଜାରି ରଖିବ ସେଥିମଧ୍ୟରୁ ଗୋଟିଏ ହେଉଛି କ୍ରୀଡା ଏବଂ ଯୁବ ସଶକ୍ତିକରଣ। ୨୦୨୮ ବିଶ୍ୱ ଆଥଲେଟିକ୍ସ ଇଣ୍ଡୋର ଚାମ୍ପିଅନସିପ୍ ଆୟୋଜନ ପାଇଁ ଓଡ଼ିଶାକୁ ମନୋନୀତ କରାଯିବା ସମଗ୍ର ଦେଶ ପାଇଁ ଗର୍ବର ବିଷୟ। ଏପରି କ୍ରୀଡା ପ୍ରତିଯୋଗିତାଗୁଡ଼ିକ ବିଶ୍ୱ ସମ୍ମୁଖରେ ଓଡ଼ିଶାର ଶକ୍ତି ଏବଂ ସମ୍ଭାବନାକୁ ପ୍ରଦର୍ଶିତ କରିବ। ବିକଶିତ ଭାରତ ପାଇଁ ବିକଶିତ ଓଡ଼ିଶାର ସହଭାଗୀ ସଂକଳ୍ପ ହାସଲ ଦିଗରେ ଆଗକୁ ବଢ଼ିବା ପାଇଁ ଭାରତ ସରକାର ସର୍ବଦା ଓଡ଼ିଶା ସହିତ କାନ୍ଧକୁ କାନ୍ଧ ମିଶାଇ ଛିଡ଼ାହେବେ ବୋଲି ପ୍ରଧାନମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି।

### ବିଜେପିରେ ଖସୁଛି...

ତେବେ ସଙ୍ଗଠନ ମଧ୍ୟରେ ସମନ୍ୱୟ କେତେଟା ରହିଛି, ତାହା ଗତ ବାଲେଶ୍ୱର ବାର୍ ଆସୋସିଏସନ୍ ନିର୍ବାଚନରୁ ସ୍ପଷ୍ଟ ପ୍ରତିଫଳିତ ହୋଇସାରିଛି। ବିଜେପି ସମର୍ଥିତ ପ୍ରାର୍ଥୀସବୁ ଚିତ୍‌ପଟାଙ୍ଗ ମାରିଥିବା ବେଳେ ବାମପନ୍ଥୀ ତଥା ସ୍ୱାଧୀନ ମତ ରଖୁଥିବା ପ୍ରାର୍ଥୀ ସବୁ ବିଜୟୀ ହୋଇଛନ୍ତି। ବିଜେପିର ବାଲେଶ୍ୱର ବାର୍ ଆସୋସିଏସନ୍ ନିର୍ବଚନୀ କସରତ ଫେଲ୍ ମାରିବା ପରେ ଭିତରେ ଭିତରେ ସଙ୍ଗଠନକୁ ଚନ୍ତା ଘାରିଲାଣି କି, ଅଧିକ ନେତାରେ ଫଳ ଶୂନ ହେଉଛି। ଅନ୍ୟପଟେ ରବୀନ୍ଦ୍ରଙ୍କ ସହ ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଥିବା ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରାଙ୍କଠାରୁ ଆରମ୍ଭ କରି ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି ଗଣେଶ ମହାପାତ୍ର, ବାଲେଶ୍ୱର ଅର୍ବାନ୍ ବ୍ୟାଙ୍କ ସଭାପତି ସୂର୍ଯ୍ୟକାନ୍ତ କର ତଥା କିଛି ଜିଲ୍ଲା ପରିଷଦ ସଦସ୍ୟଙ୍କ ଆଗାମୀ ଭବିଷ୍ୟତ କାର୍ଯ୍ୟପନ୍ଥା କଣ ରହିବ, ସେନେଇ ଚର୍ଚ୍ଚା ହେଉଛି। ବିଜେଡି ସମର୍ଥନରେ ଯେଉଁ ପଦ ପଦବୀ ହାତେଇ ଥିଲେ ଆଗକୁ ତାହା ବଜାୟ ରହିବ ନାଁ ବିଜେପି ସେମାନଙ୍କୁ ଠିକଣା ସମୟରେ ଠିକଣା ଜାଗାକୁ ପଠାଇ ଦେବ? ବାଲେଶ୍ୱର ମ୍ୟୁନିସିପାଲିଟି ଅଧ୍ୟକ୍ଷା ସବିତା ସାହୁଙ୍କ ସ୍ୱାମୀ ଭାଗବତ ସାହୁ ମଧ୍ୟ ବିଜେପିରେ ଯୋଗ ଦେଇ ସାରିଛନ୍ତି। ଏପରିକି ବିଜେପିର ଅଧିକାଂଶ କାର୍ଯ୍ୟକ୍ରମରେ ସବିତାଙ୍କୁ ଦେଖିବାକୁ ମିଳୁଛି। ଆଗକୁ ହେବାକୁ ଥିବା ପୌର ନିର୍ବାଚନରେ ସବିତାଙ୍କୁ ବିଜେପି ସଂଗଠନ କେତେଟା ସମର୍ଥନ କରିବ ସେ ନେଇ ସହରରେ ଚର୍ଚ୍ଚା ହେଉଛି। ପ୍ରଥମେ କଂଗ୍ରେସ ସଂଗଠନ ପରେ ବିଜେଡିରୁ ନିର୍ବାଚିତ ଲୋକ ପ୍ରତିନିଧି ହେବା ପରେ ଏବେ ଭୋଟର ଏମାନଙ୍କୁ ବିଜେପିରେ ଦେଖିବାକୁ କେତେଟା ପସନ୍ଦ କରିବେ, ତାହା ଭବିଷ୍ୟତ କହିବ। ଅନ୍ୟପଟେ କିଛିଦିନ ପୂର୍ବରୁ ବିଜେପି ଶିବିରରେ ଥିବା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି ଓ ବାଲେଶ୍ୱର ସଦର ବିଧାୟକ ଜୀବନ ପ୍ରଦୀପ ଦାଶଙ୍କ ପାଇଁ ବିଜେଡି ଇକୋ ସିଷ୍ଟମ୍ କିଛି ନୂଆ ନୁହଁ। ଅତି ସହଜରେ ବିଜେଡି ସଂଗଠନ ସହିତ ମିଶି ସଙ୍ଗଠନକୁ ସୁଦୃଢ଼ କରିବାକୁ ଲାଗିଗଲେଣି। ରଘୁନାଥଙ୍କୁ ବସ୍ତା ବିଜେଡି ସଂଗଠନ ଅତି ଉତ୍ସାହ ସହକାରେ ଆପଣେଇ ନେଇଥିବା ଦେଖିବାକୁ ମିଳୁଛି। ଦୀର୍ଘଦିନରୁ କୋଣଠେସା ହୋଇଥିବା ଜନତା ଦଳ ଅମଳର ତୃଣମୂଳ ସ୍ତରର ନେତା ଓ କର୍ମୀ ରଘୁଙ୍କ ପାଖକୁ ଫେରିବା ଆରମ୍ଭ କଲେଣି। ରଘୁଙ୍କ ଘର ବାହୁଡ଼ା ପରେ ବାଲେଶ୍ୱର ବିଜେଡି ଶିବିର ମଧ୍ୟ ଚଳଚଂଚଳ ହୋଇଛି। ଏଥିସହିତ ଦୁଇ ପୁରୁଖା ରାଜନେତା ରଘୁ ଓ ଜୀବନଙ୍କ ଉପରେ ବାଲେଶ୍ୱର ବିଜେଡି ସଂଗଠନ ଏବଂ ରାଜ୍ୟ ରାଜନୈତିକ ମହଲରେ ଫୋକସ୍ ବଢ଼ିଛି। ବିଜେପିରେ ସୁପ୍ତ ହୋଇଯାଇଥିବା ଏହି ପୁରୁଖା ନେତାଙ୍କୁ ବିଜେଡି ମଇଦାନରେ ଖେଳିବା ସହଜ ହେଉଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

### ବଦଳିବେ ବିଧାୟକ...

୩ ବିଧାୟକ ପବିତ୍ର ସାଉଁତା, ନିଳମାଧବ ହିକ୍କା ଓ ପ୍ରଫୁଲ୍ଲ ପ୍ରଧାନ ଦିଲ୍ଲୀ ଗସ୍ତ କରିବେ କି ନାହିଁ ତାହା ମଧ୍ୟ ସମସ୍ତଙ୍କ ଅଗୋଚରରେ ରହିଛି। ପୂର୍ବରୁ କଂଗ୍ରେସ ବିଧାୟକ ଦଳ ନେତା ପଦକୁ ନେଇ ତାରା ପ୍ରସାଦ ବାହିନୀପତି ନିଜକୁ ଦାବିଦାର ବୋଲି ଦର୍ଶାଇ ଆସୁଥିଲେ। ଏହାସତ୍ତ୍ୱେ ବରିଷ୍ଠତା ଆଧାରରେ ବିଧାୟକ ରାମଚନ୍ଦ୍ର କାଡାମଙ୍କୁ ଏଆଇସିସି ଏହି ପଦରେ ନିଯୁକ୍ତି ଦେଇଥିଲା। ହେଲେ ତାରା ୫ ଥର ନିର୍ବାଚନ ଜିତିଥିବା ହେତୁ ଏହି ପଦ ନ ମିଳିବାରୁ ପରୋକ୍ଷରେ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ। ଅନ୍ୟପଟେ ଗତ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ଦଳରୁ ୩ ଟି କ୍ରସ ଭୋଟିଂ ଓ ଅନ୍ୟ ବିଧାୟକଙ୍କ ଦଳପ୍ରତି ଆନୁଗତ୍ୟ ପ୍ରମାଣକୁ ମଧ୍ୟ ଭଲ ଭାବେ ନିରୀକ୍ଷଣରେ ରଖାଯାଇଛି। ଆନୁଗତ୍ୟ ପ୍ରମାଣିତ କରିବାରେ ତାରା ପ୍ରସାଦ ବାହିନୀପତି ସଫଳ ହେବା ସହ ହୁଏତ ପିସିସି ସଭାପତି ତାଙ୍କ ସପକ୍ଷରେ ଏଆଇସିସିକୁ ପ୍ରସ୍ତାବ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏସବୁ ଭିତରେ ତାରାଙ୍କ ଅସୁସ୍ଥତା ମଧ୍ୟ ଅନ୍ୟ ତାଙ୍କ ପାଇଁ ଆହ୍ୱାନ ହୋଇପାରେ ବୋଲି କୁହାଯାଉଛି। କିଛି ଦିନ ହେବ ସେ କିଡ୍‌ନୀ ସଂକ୍ରମଣରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ଏଥିପାଇଁ ଅନେକ ଦିନ ପର୍ଯ୍ୟନ୍ତ ବିଧାନସଭାରେ ମଧ୍ୟ ତାଙ୍କୁ ଅନୁପସ୍ଥିତ ରହିବାକୁ ପଡ଼ିଥିଲା। ଏବେ ତାରାଙ୍କୁ ଯଦି ନୂଆ ଦାୟିତ୍ୱ ମିଳେ ତେବେ ଦଳର ଆଭିମୁଖ୍ୟ ଓ ତାରଙ୍କ ସ୍ୱର ବିଧାନସଭାରେ କିପରି ରହୁଛି ତାହା ଉପରେ ନଜର ରହିଛି।

### ୨୬ ଜିଲ୍ଲାରେ ବିଧାୟକ...

ଅନୁଗୋଳ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ପାଲଲହଡା ବିଧାୟକ ଅଶୋକ ମହାନ୍ତିଙ୍କୁ ନିଯୁକ୍ତି ମିଳିଥିବା ବେଳେ ବଲାଙ୍ଗୀର ଜିଲ୍ଲା ପାଇଁ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବାଲେଶ୍ୱର ଜିଲ୍ଲା ପାଇଁ ସିମୁଳିଆ ବିଧାୟକ ପ୍ରଦ୍ୟୁମ୍ନଲୋଚନ ପଣ୍ଡା, ବରଗଡ ଜିଲ୍ଲା ପାଇଁ ଅଶ୍ୱିନୀ ଷଡଙ୍ଗୀ, ଭଦ୍ରକ ଜିଲ୍ଲା ପାଇଁ ସିତାଂଶୁ ଶେଖର ମହାପାତ୍ର, ବୌଦ୍ଧ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗଙ୍କୁ ନିଯୁକ୍ତି ମିଳିଛି। କଟକ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ନିଆଳି ବିଧାୟକ ଛବି ମଲ୍ଲିକଙ୍କୁ ସରକାର ନିଯୁକ୍ତି ଦେଇଥିବା ବେଳେ, ଢେଙ୍କାନାଳ ଜିଲ୍ଲା ପାଇଁ ହିନ୍ଦୋଳ ବିଧାୟିକା ସୀମାରଣୀ ନାୟକ, ଗଞ୍ଜାମ ଜିଲ୍ଲା ଜିଲ୍ଲା ପାଇଁ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଜଗତସିଂହପୁର ଜିଲ୍ଲା ପାଇଁ ଅମରେନ୍ଦ୍ର ଦାସ, ଯାଜପୁର ଜିଲ୍ଲା ପାଇଁ କୋରେଇ ବିଧାୟକ ଆକାଶ ଦାସ ନାୟକଙ୍କୁ ନିଯୁକ୍ତି ମିଳିଛି। ବିଧାୟକ ଟଙ୍କଧର ତ୍ରିପାଠୀଙ୍କୁ ଝାରସୁଗୁଡା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଦାୟିତ୍ୱ ମିଳିଥିବା ବେଳେ କଳାହାଣ୍ଡି ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଛନ୍ତି ସୁଧୀର ରଞ୍ଜନ ପାଟ୍ଟଯୋଶୀ। କନ୍ଧମାଳ ଜିଲ୍ଲା ପାଇଁ ବିଧାୟକ ଉମା ଚରଣ ମଲ୍ଲିକ, କେନ୍ଦ୍ରାପଡା ଜିଲ୍ଲା ପାଇଁ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, କେନ୍ଦୁଝର ଜିଲ୍ଲା ପାଇଁ ଫକୀର ମୋହନ ନାୟକଙ୍କୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ସେହିପରି ବିଧାୟକ ପ୍ରଶାନ୍ତ କୁମାର ଜଗଦେବ ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ହୋଇଥିବା ବେଳେ କୋରାପୁଟ ପାଇଁ ରଘୁରାମ ମାଛ, ମାଲକାନଗିରି ଜିଲ୍ଲା ପାଇଁ ନରସିଂହ ମାଡ଼କାମୀ, ମୟୂରଭଞ୍ଜ ଜିଲ୍ଲା ପାଇଁ ଭାସ୍କର ମଢେଇ, ନବରଙ୍ଗପୁର ଜିଲ୍ଲା ପାଇଁ ଗୌରୀ ଶଙ୍କର ମାଝୀ, ନୟାଗଡ ଜିଲ୍ଲା ପାଇଁ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଜନା ବୋର୍ଡ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ନୂଆପଡ଼ା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଜୟ ଢୋଲକିଆ ମନୋନୀତ ହୋଇଥିବା ବେଳେ ପୁରୀ ଜିଲ୍ଲା ପାଇଁ ଓମ୍ ପ୍ରକାଶ ମିଶ୍ର, ସୋନପୁର ପାଇଁ ରଘୁନାଥ ଜଗଦଲା ଓ ସୁନ୍ଦରଗଡ଼ ଜିଲ୍ଲା ପାଇଁ ବିଧାୟକ ଦୁର୍ଗା ଚରଣ ତନ୍ତିଙ୍କୁ ଯୋଜନା ବୋର୍ଡ ଅଧ୍ୟକ୍ଷ ଭାବେ ଦାୟିତ୍ୱ ମିଳିଛି। ସୂଚନାଯୋଗ୍ୟ ଯେ ସୂଚନାଯୋଗ୍ୟ ଯେ ୨୦୨୪ ଜୁଲାଇ ୨୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଜିଲ୍ଲା ଯୋଜନା କମିଟି ବା ଡିପିସି ଭଙ୍ଗ କରିଥିଲେ। ସେବେଠାରୁ ଡିପିସି ଅଧ୍ୟକ୍ଷ ପଦ ଖାଲି ପଡ଼ିଥିଲା।


**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no - 637, dated 31.03.2026 I, PADMINI HARIJAN, W/o - Late. Rama Harijan, Permanent Resident of Village - Sanamasigam, Po- Sanamasigam, Ps- Nabarangpur, Dist- Nabarangpur, Odisha, Pin - 754063, declare that I have changed the name of my Son from HASINA HARIJANA to ABIRA HARIJAN. Henceforth, he shall be known as **ABIRA HARIJAN** for all purposes.

Sd/- Padmini Harijan

**AFFIDAVIT**

I DUKHISHYAMA SETHI, S/O KURA SETHI, RESIDENT AT-RANKUDA, PO-BADAPUR, PIN-761005, PS-JARADA, DIST-GANJAM, ODISHA DECLARE BY THIS AFFIDAVIT NO-246, DT 27.03.2026. THAT NOW ON WARDS I SHALL BE KNOWN AS DUHKHISYAM SETHI FOR ALL FEATURES PURPOSES

**NAME CLARIFICATION**

I, **Dibya Ranjan Mandal**, S/o- Rabindra Kumar Mandal, resident of At- Sankhua, PO- Panasa, Via- Irda, PS- Singla, Dist- Balasore, Odisha, PIN- 756080, hereby declare that my name is recorded as **Dibyaranjan Mandal** in my Diploma and B.Tech Certificates. Both names, **Dibya Ranjan Mandal** and **Dibyaranjan Mandal**, refer to one and the same person. This declaration is made for all official and legal purposes.

**AFFIDAVIT**

By virtue of an affidavit sworn before Executive Magistrate, Bargarh vide no.152 dtd.- 30.03. 2026, I, Dhruba Charan Sahu, S/o- Babaji Sahu, resident of Vill./Po.- Katapali, Ps./Dist.- Bargarh (Odisha) state that my actual and correct name is **Dhruba Charan Sahu**. But in my Aadhar card no. 2367 8393 3781, my name has been wrongly mentioned as Dhruba Kumar Sahu. That, **Dhruba Charan Sahu** and **Dhruba Kumar Sahu,** S/o- Babaji Sahu is same and one person.

Sd/- **Dhruba Charan Sahu**

**AFFIDAVIT**

I, LIPSA RANI PATTANAIK, W/O KAUSTUBHA KUMAR RAY RESIDENT AT PLOT NO- 230/A, SAHID NAGAR, BHUBANESWAR- 751007, ODISHA DECLARE BY THIS AFFIDAVIT NO- 307, DATE- 25.03.2026, THAT NOW ONWORDS I SHALL BE KNOWN AS LIPSHA RANI PATTANAIK FOR ALL FUTURE PURPOSES.

**AFFIDAVIT**

I GUDLA GEETANJALI PATRO W/O G ARABINDA PATRA, RESIDENT AT/PO- BALIPADAR MAIN ROAD, PIN-761117, PS-BUGUDA, DIST-GANJAM, ODISHA DECLARE BY THIS AFFIDAVIT NO-238, DT 27.03.2026. THAT NOW ON WARDS I SHALL BE KNOWN AS G GITANJALI PATRA FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before The Executive Magistrate, G. UDAYAGIRI, DIST: KANDHAMAL (Odisha), dated: 30.03.2026, I, **Sanuj Pradhan**, resident of Village: Jalangia, P.O.: Gutingia, P.S.: Sarangada, Dist: Kandhamal, State: Odisha, PIN: 762106, declare that I have changed my son name from Atiuas Ranjan Pradhan to Atyush Ranjan Pradhan. Henceforth, he shall be known as **Atyush Ranjan Pradhan** for all purposes.

**AFFIDAVIT**

I GUDLA ARABINDA PATRA/ GUDLA ARABINDA PATRO, S/O GUDLA SUBASH CHANDRA PATRA , RESIDENT AT/PO- BALIPADAR MAIN ROAD, PIN-761117, PS-BUGUDA, DIST-GANJAM, ODISHA DECLARE BY THIS AFFIDAVIT NO-241, DT 27.03.2026. THAT NOW ON WARDS I SHALL BE KNOWN AS G ARABINDA PATRA FOR ALL FEATURES PURPOSES

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, Vide no- 302, dated. 30.03.2026 I, NITYA HARIJAN, S/o- Lachhiminath Harijan, Permanent Resident of Village - Anlabhata, Po.- Binjili, Ps.- Kosagumuda, Dist- Nabarangpur, Odisha,Pin - 764058, declare that I have changed my name from NITYANAND HARIJAN to NITYA HARIJAN. Henceforth, I shall be known as **NITYA HARIJAN** for all purposes.

Sd/- Nitya Harijan

**LOST**

That **Mr. K Rajendran,** S/o.: A Kumar, R/O: Ganeshapuram, Pampampallam, Kanjikode, Pudussery East, Palakkad, Kerala-PIN-678621, Had Availed a Housing Loan From HDFC Bank Limited Erstwhile HDFC Limited by Mortgaging The Property Situated At - S No.: 137/ 118, House Block No.: 33, District: Palakkad, Taluka: Palakkad, Colony Thanapper 2231 Village: Pudussery East, Village: Palakkad, Kerala-673641. That after closure of the said Loan The Original Sale Deed No.: 5115, along with other Original Documents of the Property was Misplaced During transit from Bhubaneswar Master Canteen To Kharavelnagar and Despite All Efforts The Documents were not traceable. If anyone find the deed and other Documents of The Above mentioned Property the same may be delivered to HDFC Bank Kharavel Nagar Address.

**AFFIDAVIT**

By virtue of an affidavit before the Notary Public, Phulbani, Kandhamal, I, Babita Mallick (formerly called Kabita Malik), At- Situpadi, P.O.- Kutikia, P.S.- Baliguda, Dist- Kandhamal and presently At-Kalampada, P.O.- Pahiraju, P.S.-Gochhapada, Dist- Kandhamal hereby declare that I have changed my name from **Kabita Malik to Babita Mallick.** Henceforth, I shall be known as **Babita Mallick** for all purposes.

**AFFIDAVIT**

By virtue of an affidavit sworn before Notary Public, Bhubaneswar, dated: 31/03/2026, I, Sabita Sahoo, resident of AT-Ramachandrapur, PO-Gadamanitri, PS-Begunia, Dist- Khordha, PIN- 752062, Odisha, declare that I have changed the name of my son from DEBASISH PRUSTY to DEBASISH SAHOO. Henceforth, he shall be known as **DEBASISH SAHOO** for school Certificate change and bank passbook (all purposes).

Sabita Sahoo

34001/280/2526

E-mail ID: eerbngpur@yahoo.com
Tel & Fax -06858-222833 (O)

GOVERNMENT OF ODISHA
OFFICE OF THE SUPERINTENDING ENGINEER, NABARANGPUR (R&B) DIVISION, NABARANGPUR

**e-Procurement Notice**

Bid Identification No. S.E (R&B)-32/2025-26/NGP
No. *2213* Date. *25.03.2026*

Bid Documents consisting of work, Estimated Cost, Cost of Tender paper, EMD, Time of completion, Class of Contractors and the set of terms and conditions of contract and other necessary documents can be seen in Govt. Website i.e www.tendersodisha.gov.in.

| | | | |
|---|---|---|---|
| 1. | Name of the Work | : | Electrical Work as mentioned in DTCN |
| 2. | No. of Work | : | 18 Nos. |
| 3. | Estimated Cost | : | Rs. 7.71 Lakhs to 49.29 Lakhs |
| 4. | Period of completion | : | 1 to 3 Calendar of Months |
| 5. | Date & Time of Bidding | : | From 11.00 hours of 06.04.2026. upto 16.00 hours of 15.04.2026. |
| 6. | Last date & time for receipt of bids in portal | : | 16.00 hours of 15.04.2026. |
| 7. | Bids received online shall be opened on | : | 11.00 hours of 16.04.2026. |
| 8. | Name and address of the officer inviting Bid | : | Superintending Engineer, Nabarangpur(R&B)Division, Nabarangpur |

Further details can be seen from the www.tendersodisha.gov.in

OIPR-34001/34143/1/25-26/0002

Superintending Engineer
Nabarangpur (R&B) Division

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨ ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୦୦୩୨/୨୫୪୪୧୭୧, ଇ-ମେଲ: 0815samd@iob.in

**ଡିମାଣ୍ଡ ନୋଟିସ୍**

**ସରଫେଶୀ ଆକ୍ଟ ୨୦୦୨ ର ଧାରା ୧୩ର ଉପଧାରା (୨) ଅନୁଯାୟୀ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ବନ୍ଧକଦାତାମାନଙ୍କୁ ଡିମାଣ୍ଡ ନୋଟିସ୍**

୧) ନିମ୍ନ ସ୍ୱାକ୍ଷରକାରୀ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ ସରଫେଶୀ ଆକ୍ଟର ଧାରା ୧୩(୧୨) ସହିତ କଥିତ ରୁଲ୍ସର ରୁଲ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସାରଣୀରେ ଦର୍ଶିତ ତାରିଖରେ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ନିମ୍ନଦର୍ଶିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନିମ୍ନରେ ଦର୍ଶିତ ରାଶି ନୋଟିସ୍‌ପ୍ରାପ୍ତି ତାରିଖ ଠାରୁ **୬୦ଦିନ** ମଧ୍ୟରେ ପୈଠ କରିବାକୁ କହିଥିଲେ ଯାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ। **ଆକାଉଣ୍ଟର ଏନ୍‌ପିଏ ତାରିଖ : ନିମ୍ନସାରଣୀରେ ପ୍ରଦତ୍ତ ।**
୨) କଥିତ ନୋଟିସ୍ ଗୁଡିକ ଡାକ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଇ ପାରି ନଥିବା କାରଣରୁ କିମ୍ବା ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ଦ୍ୱାରା ପ୍ରାପ୍ତି ସ୍ୱୀକାର କରାଯାଇ ପାରିନଥିବା କାରଣରୁ ଫେରସ୍ତ ଆସିଅଛି। ତେଣୁ ବ୍ୟାଙ୍କ ଅଧିକ ସତର୍କତା ପାଇଁ ଏହି ଡିମାଣ୍ଡ ନୋଟିସ୍ ପ୍ରକାଶନ କରୁଅଛି। ଏହି କଥିତ ନୋଟିସ୍ ଗୁଡିକ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ଉପଲବ୍ଧ ଅଛି ଏବଂ କଥିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ଯଦି ଚାହାଁନ୍ତି ଏହାର ନକଲଗୁଡିକ କୌଣସି ସାଧାରଣ କାର୍ଯ୍ୟଦିବସରେ କାର୍ଯ୍ୟାଳୟ ସମୟ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଠାରୁ ସଂଗ୍ରହ କରିପାରିବେ।
୩) ଉପରୋକ୍ତ ଘଟଣାବଳୀ ପରିପେକ୍ଷୀରେ କଥିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କୁ ପୁର୍ନବାର ନୋଟିସ୍ ଦିଆଯାଉଛିକି **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ଉପର ଦର୍ଶିତ ବକେୟା ରାଶି ସହିତ ଚୁକ୍ତିହାରରେ ଭବିଷ୍ୟତ ସୁଧ ସହିତ କଥିତ ଋଣ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚକ୍ରବୃଦ୍ଧି ସୁଧ ଏହି ନୋଟିସ୍ ପ୍ରକାଶନର **୬୦ଦିନ** ମଧ୍ୟରେ ପୈଠ କରନ୍ତୁ। କଥିତ ଋଣ ପରିଶୋଧର ସୁରକ୍ଷା ନିମନ୍ତେ ସମ୍ପୃକ୍ତ ଋଣଗ୍ରହୀତାମାନଙ୍କ ଦ୍ୱାରା **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ରେ ନିମ୍ନଲିଖିତ ସମ୍ପତ୍ତି ବନ୍ଧକ ରଖାଯାଇଛି।

| ଭୁବନେଶ୍ୱର ମୁଖ୍ୟ ଶାଖା / ଋଣଗ୍ରହୀତା / ଗ୍ୟାରେଣ୍ଟିଦାତା / ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ଏନପିଏ ତାରିଖ/ଡିମାଣ୍ଡ ନୋଟିସ ତାରିଖ | ନୋଟିସ୍ ତାରିଖ ସୁଦ୍ଧା ବକେୟା ଦେୟ | ବନ୍ଧକ ସମ୍ପତ୍ତିର ସବିଶେଷ ବିବରଣୀ |
|---|---|---|---|
| **ଋଣଗ୍ରହୀତା/ବନ୍ଧକଦାତା: ମେସର୍ସ ସିଦ୍ଧି ବିନାୟକ ଅକ୍ସିଜେନ୍, କାରଖାନା ଠିକଣା:** ଓଲ୍ଡ ଜଗନ୍ନାଥ ରୋଡ, ଖପୁରିଆ ଇଣ୍ଡଷ୍ଟ୍ରିଆଲ ଏରିଆ, ପାଣି ଟାଙ୍କି ଲେନ୍, କଟକ, ଓଡିଶା-୭୫୩୦୧୦, **୨ୟ ଠିକଣା:** ପ୍ଲଟ୍ ନଂ.: ୪/୧୩, ଇଣ୍ଡଷ୍ଟ୍ରିଆଲ ଏରିଆ, ରାମଦାସପୁର, ବାରଙ୍ଗ, କଟକ-୭୫୪୦୦୬, **ସ୍ୱତ୍ୱାଧିକାରୀ: ଶ୍ରୀ ଚନ୍ଦନ ପଟ୍ଟନାଏକ, ସ୍ଥାୟୀ ଠିକଣା:** ପ୍ଲଟ୍ ନଂ.: ୫୯୭, ମା ଦୁଲାଦେବୀ ମନ୍ଦିର ନିକଟ, ଶିଖରପୁର, ଉପର ସାହି, ପୋ: କଲେଜ ସ୍କୋୟାର, କଟକ-୭୫୩୦୦୩ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ସୋନାଲିସା ସାହୁ,** ପିତା: ଶ୍ରୀ ମଧୁସୂଦନ ସାହୁ, **ସ୍ଥାୟୀ ଠିକଣା:** ପ୍ଲଟ୍ ନଂ.: ୯୧, ବୁଦ୍ଧେଶ୍ୱରୀ କଲୋନୀ, ବୁଦ୍ଧେଶ୍ୱରୀ, ଝାରପଡା, ଭୁବନେଶ୍ୱର-୭୫୧୦୦୬ | ୨୨.୦୩.୨୦୨୬ / ୨୪.୦୩.୨୦୨୬ | ୨୩.୦୩.୨୦୨୬ ସୁଦ୍ଧା ଟ.୬୬,୬୭,୭୭୪/-* + ସେବାବଦ ପରବର୍ତ୍ତୀ ସୁଧ | **୧) ମେସର୍ସ ସିଦ୍ଧି ବିନାୟକ ଅକ୍ସିଜେନ୍ ଫାର୍ମର ଉଭୟ ବର୍ତ୍ତମାନ ଏବଂ ଭବିଷ୍ୟତର ବନ୍ଧକଥିବା କଳକବ୍ଜା ଏବଂ ଯନ୍ତ୍ରପାତି, ଦ୍ରବ୍ୟ/ଷ୍ଟକ୍ସ ବୁକ୍ ଡେବଟ୍ସ, ୨) ମେସର୍ସ ସିଦ୍ଧି ବିନାୟକ ଅକ୍ସିଜେନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଚନ୍ଦନ ପଟ୍ଟନାଏକ**ଙ୍କ ନାମରେ ଥିବା ଇଡ୍‌କୋ ପ୍ଲଟ୍ ନଂ.: ୪/୧୩, ରେଭିନ୍ୟୁ ପ୍ଲଟ୍ ନଂ.: ୧୬୧୪/୨୨୪୪ (ଅଂଶ), ଖାତା ନଂ.: ୩୫୦/୫୩୭, କ୍ଷେତ୍ର: ଏକର୦.୫୦୦ ଡିସିମିଲି, ସା: ରାମଦାସପୁର ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ, ତହସିଲ: ବାରଙ୍ଗ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଇଡ୍‌କୋ ରାସ୍ତା, ପଶ୍ଚିମ: ଇଡ୍‌କୋ ଜମି, ଉତ୍ତର: ଇଡ୍‌କୋ ଜମି, ଦକ୍ଷିଣ: ଇଡ୍‌କୋ ଜମି |

* ଉପରୋକ୍ତ ତାରିଖ ଠାରୁ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତିହାରରେ ସହମତି କ୍ରମେ ପରବର୍ତ୍ତି ସୁଧ / ଚକ୍ରବୃଦ୍ଧି ସୁଧ ପ୍ରଦାନ କରିବାକୁ ହେବ।
୪) ଯଦି କଥିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**କୁ ଉପର କଥିତ ବକେୟା ରାଶି ପୈଠ କରିବାରେ ବିଫଳ ହୁଅନ୍ତି, ତେବେ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ** ତରଫରୁ ସରଫେଶୀ ଆକ୍ଟର ଧାରା ୧୩(୪) ଏବଂ ନିୟମାନୁସାରେ ଉପରୋକ୍ତ ସୁରକ୍ଷିତ ସମ୍ପତ୍ତି ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ଏବଂ ଏଥିପାଇଁ କଥିତ ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ ସମସ୍ତ ଆଇନଗତ ଖର୍ଚ୍ଚ ଏବଂ ଫଳାଫଳ ନିମନ୍ତେ ସମ୍ପୂର୍ଣ୍ଣ ଦାୟୀ ରହିବେ।
୫) ପୁନଶ୍ଚ ଦୃଷ୍ଟି ଆକର୍ଷଣ କରାଯାଉଛି କି ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସମୟ ମୁତାବକ ସେମାନଙ୍କର ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରନ୍ତୁ ।
୬) ସୁତରାଂ, ଋଣଗ୍ରହୀତା/ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନଙ୍କ ଆଇନଗତ ଉତ୍ତରାଧିକାରୀ ସରଫେଶୀ ଆକ୍ଟ ଅନୁସାରେ ସୁରକ୍ଷିତ ସମ୍ପତ୍ତିକୁ **ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**ର ପୂର୍ବ ଲିଖିତ ସହମତି ବିନା ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ପ୍ରକାରରେ ହସ୍ତାନ୍ତରିତ କରିପାରିବେ ନାହିଁ। ଯଦି କୌଣସି ବ୍ୟକ୍ତି କଥିତ ଆକ୍ଟ କିମ୍ବା ନିୟମକୁ ଉଲଘଂନ କରନ୍ତି ତେବେ କଥିତ ଆକ୍ଟର ଧାରା ୨୯ ଅନୁସାରେ କାରାଦଣ୍ଡ ଏବଂ / କିମ୍ବା ଜୋରିମାନା ଦେବାକୁ ବାଧ୍ୟ ହେବେ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୦୧.୦୪.୨୦୨୬ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

## ମେଗା ଷ୍ଟିଲ୍ ପ୍ଲାଣ୍ଟ ପାଇଁ ଅଙ୍ଗିକଳାରେ ୫ମ ଗ୍ରାମସଭା

# ଏକର ପ୍ରତି ୧୫ କୋଟି ଟଙ୍କା କ୍ଷତିପୂରଣ ଦାବି

ତୁରୁମୁଙ୍ଗା, ୧।୪(ସମିସ)




କେନ୍ଦୁଝର ଜିଲ୍ଲା ପାଟଣା ତହସିଲ ଅଞ୍ଚଳରେ ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ପାଟଣା ବ୍ଲକ ଅନ୍ତର୍ଗତ ଚେମଣା ପଞ୍ଚାୟତର ଅଙ୍ଗିକଳା ଗ୍ରାମର ସ୍କୁଲ ନିକଟ ପଡ଼ିଆରେ ୫ମ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ପ୍ରସ୍ତାବିତ ଶିଳ୍ପ ପ୍ରକଳ୍ପ ପାଇଁ ଗ୍ରାମର ୫୮ ପ୍ରତିଶତ ଜମି ଅର୍ଥାତ ୨୨୦.୮୭୫ ଏକର ଘରୋଇ ଜମି ଅଧିଗ୍ରହଣ ସମ୍ପର୍କରେ ଆୟୋଜିତ ଗ୍ରାମସଭାରେ ପ୍ରଶାସନ ପକ୍ଷରୁ ଗ୍ରାମବାସୀଙ୍କ ମତାମତ ଗ୍ରହଣ କରାଯାଇଥିଲା। ଗ୍ରାମର ୧୫୧ଟି ଖାତାର ୮୦୧ଟି ପ୍ଲଟ ସହ ସମୁଦାୟ ୩୭୭.୭୭ ଏକର ବେସରକାରୀ ଜମି ଅଧିଗ୍ରହଣ ପାଇଁ ଏହି ଗ୍ରାମସଭା ସମୟରେ ଗ୍ରାମବାସୀଙ୍କ ପକ୍ଷରୁ ୧୧ ଜଣ ୩୯ ଦଫା ଦାବି ପ୍ରଶାସନ ନିକଟରେ ଉପସ୍ଥାପନ କରିବା ସହ ପ୍ରତି ଏକର ଜମି ପିଛା ୧୫ କୋଟି ଟଙ୍କା ଦାବି କରିଥିଲେ। ଚେମଣା ସରପଞ୍ଚ ହେମଲତା ନାଏକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଗ୍ରାମସଭାରେ ଅତିରିକ୍ତ ଜିଲ୍ଲାପାଳ ତଥା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ରବୀନ୍ଦ୍ର କୁମାର ପ୍ରଧାନ, ପାଟଣା ବିଡିଓ ମାନସ କୁମାର ଦଣ୍ଡପାଟ, ତହସିଲଦାର ଅଶ୍ୱିନୀ କୁମାର ନାୟକ, ସମିତିସଭ୍ୟ ମନୋଜ ମହାନ୍ତ ଓ ଇଡ୍‌କୋର ଜମି ଅଧିଗ୍ରହଣ ଅଧିକାରୀ ଜୟକୃଷ୍ଣ ପାତ୍ର, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ। ପ୍ରସ୍ତାବିତ ମେଗା ଷ୍ଟିଲ୍ ପ୍ଲାଣ୍ଟ ପ୍ରକଳ୍ପ ପାଇଁ ମୋଟ ୧୨ଟି ଗ୍ରାମସଭା ଆୟୋଜନ ହେବାକୁ ଥିବାବେଳେ ବୁଧବାର ଏହି ବୈଠକ ସହ ୫ମ ଗ୍ରାମସଭା ଶେଷ ହୋଇଛି। ପାଟଣା ବ୍ଲକରେ ମିଳିତ ସହଯୋଗରେ ପ୍ରାୟ ୪୦ ହଜାର କୋଟି ଟଙ୍କା ନିବେଶରେ ବାର୍ଷିକ ୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା ପରିକଳ୍ପନା ରହିଛି। ଏହି ପ୍ରକଳ୍ପ ପାଇଁ ପାଟଣା ବ୍ଲକରଚେମଣା ପଞ୍ଚାୟତର ୮ଟି ଓ ଜମୁନାପଶି ପଞ୍ଚାୟତର ୪ଟି ଗାଁକୁ ମିଶାଇ ମୋଟ ୧୨ଟି ଗ୍ରାମରୁ ୨,୪୬୬ ଏକର ଜମି ଅଧିଗ୍ରହଣ କରାଯିବାର ସୂଚନା ରହିଛି।

**୨୨୦.୮୭୫ ଏକର ଜମି ଅଧିଗ୍ରହଣ ପ୍ରସଙ୍ଗରେ ୩୯ ଦଫା ଦାବି**

## ଅଙ୍ଗିକଳା ଗ୍ରାମସଭାକୁ ବିରୋଧ




ତୁରୁମୁଙ୍ଗା, ୧।୪(ସମିସ): କେନ୍ଦୁଝର ଜିଲ୍ଲା ପ୍ରଶାସନ ଓ ପୁଲିସ ପକ୍ଷରୁ ମେଗାଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ବୁଧବାର ଅଙ୍ଗିକଳା ଗ୍ରାମରେ ଗ୍ରାମସଭା ଆୟୋଜିତ ହୋଇଥିଲା। ଏହି ଗ୍ରାମସଭାକୁ ଜିନ୍ଦଲ-ପୋସ୍କୋ ପ୍ରତିରୋଧ ମଞ୍ଚର ବିଭିନ୍ନ ଗ୍ରାମ କମିଟି ପକ୍ଷରୁ ପ୍ରସ୍ତାବିତ ଅଞ୍ଚଳରେ ପ୍ରତିବାଦ କରାଯାଇଛି। ରାଜ୍ୟ ବିଜେପି ସରକାର ପକ୍ଷରୁ କେନ୍ଦୁଝରରେ ଷ୍ଟିଲପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଜିନ୍ଦଲ ଓ ପୋସ୍କୋ ସହିତ ବୁଝାମଣା ସ୍ୱାକ୍ଷର କରିଛନ୍ତି। ମଞ୍ଚ ପକ୍ଷରୁ ବାରମ୍ବାର ସରକାର ଓ ପ୍ରଶାସନକୁ ଉର୍ବର ଚାଷ ଜମି ପରିବର୍ତ୍ତେ କେନ୍ଦୁଝର ଜିଲ୍ଲାରେ ଖଣି ସଂଲଗ୍ନ ଅଞ୍ଚଳରେ ଥିବା ସରକାରୀ ଜମିରେ କାରଖାନା ନିର୍ମାଣ କରାଯିବା ନେଇ ଜଣାଯାଇଥିବା ମଞ୍ଚ ପକ୍ଷରୁ କୁହାଯାଇଛି। ସରକାର ସେଥିପ୍ରତି ଦୃଷ୍ଟି ନଦେଇ ପୁଲିସ ଲଗାଇ ମଞ୍ଚର କର୍ମକର୍ତ୍ତାଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିବା, ପ୍ରସ୍ତାବିତ ପ୍ଲାଣ୍ଟର ଗ୍ରାମ ଗୁଡିକରେ ସାଇରନ ବଜାଇ ଲୋକମାନଙ୍କୁ ଭୟଭୀତ କରିବା, ଥାନାକୁ ଡାକି ଲୋକଙ୍କୁ ଧମକ ଦେବା, ଗ୍ରାମସଭାକୁ ବିରୋଧ କଲେ ଜେଲରେ ଭର୍ତ୍ତି କରିବା ଆଦି ଘଟଣାକୁ ତୀବ୍ର ନିନ୍ଦା କରିବାକୁ ବିରୋଧ କରାଯାଇଛି। ମଞ୍ଚର ଉପସଭାପତି ପ୍ରକାଶ ମଲ୍ଲିକଙ୍କୁ ପୁଲିସ ଗତରାତି ଅଧିଆ ଗିରଫଦାରୀକୁ ମଞ୍ଚ ପକ୍ଷରୁ ତୀବ୍ର ନିନ୍ଦା କରାଯିବା ସହ ନିସର୍ତ୍ତରେ ଖଲାସ କରିବାକୁ ଦାବି କରିଛି।

## ଭୂୟାଁ ରୋଇଡ଼ା ବାବା ରାମେଶ୍ୱର ମନ୍ଦିରର ବାର୍ଷିକ ଉତ୍ସବ



ଯୋଡ଼ା, ୧।୪(ସମିସ): ଭୂୟାଁରୋଇଡା ପଞ୍ଚାୟତ ରୋଇଡା ଗ୍ରାମର ବାବା ରାମେଶ୍ୱର ଶିବ ମନ୍ଦିରର ୧୭ତମ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଉତ୍ସବ ମଙ୍ଗଳବାରଠାରୁ ଆରମ୍ଭ ହୋଇ ୩ ଦିନ ଚାଲିବ ବୋଲି ବାବା ରାମେଶ୍ୱର ମନ୍ଦିରର ସେବାୟତ ବୃନ୍ଦ ସୂଚନା ଦେଇଛନ୍ତି। ଏହି ଅବସରରେ ମନ୍ଦିର ପ୍ରାଙ୍ଗଣରେ ନାମଯଜ୍ଞ ସହ ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ବୁଧବାର ଦିନ ପ୍ରାତଃ ସମୟରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମରେ ଭୂୟାଁ ରୋଇଡା ପଞ୍ଚାୟତ ରୋଇଡା ଗ୍ରାମରେ ସ୍ୱର୍ଗତ ବିଶ୍ୱନାଥ ପାତ୍ରଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ଶ୍ରୀ ବାବା ରାମେଶ୍ୱର ମହାଦେବ ମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ୨୦୦୪ରେ ଭୂମିପୂଜନ ହେବା ପରେ ୨୦୦୯ ରେ ଠିକ୍ ଏହି ତାରିଖରେ ପ୍ରତିଷ୍ଠା ହୋଇଥିଲା ଏହି ଶିବ ମନ୍ଦିର। ସ୍ଥାନୀୟ ଭୂୟାଁ ରୋଇଡା ସରପଞ୍ଚ ତୁଳସୀ ବଲଙ୍ଗାଙ୍କ ନେତୃତ୍ୱରେ ବାବା ରାମେଶ୍ୱର ମନ୍ଦିରର ଏହି ବାର୍ଷିକ ଉତ୍ସବଟି ମନ୍ଦିରର ରୀତିନୀତି ଅନୁଯାୟୀ ପାଳିତ ହୋଇଥିଲା। ଯଜ୍ଞ ଆରମ୍ଭ ପୂର୍ବରୁ ୧୦୮ ଜଣ ମହିଳା କ୍ୟାଥହାଟିଂ ସୁନାନଦୀ ଘାଟରୁ ମନ୍ତ୍ର ଉଚ୍ଚାରଣ ପୂର୍ବକ କଳସୀରୁ ପାଣି ଉଠାଇ ଶୋଭାଯାତ୍ରାରେ ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ସନାତନ ପାତ୍ର ଓ ଗୀତା ପାତ୍ର କର୍ତ୍ତା ଭାବେ ଯଜ୍ଞାସ୍ଥଳରେ ବସି ପୂଜା କରିଥିଲେ। ଗୁରୁବାର ପୂର୍ଣ୍ଣାହୁତି ହେବ ବୋଲି କହିଛନ୍ତି ମନ୍ଦିର ସେବାୟତ। ମନ୍ଦିର ମୁଖ୍ୟ ସେବାୟତ ପର୍ଶୁରାମ ପଣ୍ଡାଙ୍କ ସହ ପରମେଶ୍ୱର ପଣ୍ଡା, ଦୁର୍ଯ୍ୟୋଧନ ପଣ୍ଡା, ଅମିତାଭ ପଣ୍ଡା, ଏକାଦଶୀ ପଣ୍ଡା, କ୍ଷୀରୋଦ କୁମାର ପତି, ରଞ୍ଜିତ ତ୍ରିପାଠୀ ପ୍ରମୁଖ ସେବାୟତ ପୂଜାର୍ଚ୍ଚନା କରୁଛନ୍ତି। ପ୍ରସାଦ ସେବନର ବ୍ୟବସ୍ଥା ମନ୍ଦିର ତରଫରୁ କରାଯାଇଛି।

## ବାରିପଦା ସରକାରୀ ମହିଳା କଲେଜରେ ଓଡ଼ିଶା ଦିବସ



ବାରିପଦା,୧।୪(ସମିସ): ଭାଷାଭିତ୍ତିକ ପ୍ରଥମ ରାଜ୍ୟ ଓଡ଼ିଶା ଗଠନର ୯୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବାରିପଦା ସରକାରୀ ମହିଳା ମହାବିଦ୍ୟାଳୟରେ ଓଡ଼ିଶା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡକ୍ଟର ସାଗରିକା ସିଂହଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମର ଆରମ୍ଭ ଛାତ୍ରୀମାନଙ୍କ ଦ୍ୱାରା 'ବନ୍ଦେ ଉତ୍କଳ ଜନନୀ' ସଂଗୀତ ପରିବେଷଣରେ ହୋଇଥିଲା।ସଭାପତି ତାଙ୍କ ଅଭିଭାଷଣରେ ଉତ୍କଳ ଦିବସର ମହତ୍ତ୍ୱକୁ ଛାତ୍ରୀମାନେ ହୃଦୟଙ୍ଗମ କରିବା ଆବଶ୍ୟକ ବୋଲି ମତପ୍ରକାଶ କରିଥିଲେ। ଇଂରାଜୀ ବିଭାଗର ବିଭାଗୀୟ ମୁଖ୍ୟ ତଥା ସହକାରୀ ପ୍ରଫେସର ରଜନୀକାନ୍ତ ଶାଙ୍ଖୁଆ ମୁଖ୍ୟ ବକ୍ତା ଭାବରେ ଯୋଗଦେଇ ଆଧୁନିକ ଓଡ଼ିଶା ଗଠନରେ ଓଡ଼ିଶାର ସବୁ ଅଞ୍ଚଳର ବରପୁତ୍ରମାନଙ୍କର ନିଃସ୍ୱାର୍ଥପର ସେବା ସଂପର୍କରେ ଆଲୋକପାତ କରିଥିଲେ। ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ମନୀଷା ହେମ୍ବ୍ରମ୍ ଓ ଯୁବ ରେଡକ୍ରସ୍ ର ପରାମର୍ଶଦାତା ତପସ୍ୱିନୀ ନାଏକଉତ୍କଳ ଦିବସର ମହତ୍ତ୍ୱକୁ ଆଲୋଚନା କରିଥିଲେ। ଓଡ଼ିଆ ବିଭାଗର ବିଭାଗୀୟମୁଖ୍ୟ ଲମ୍ବୋଦର ନାୟକ ଉତ୍କଳ ଦିବସ ପାଳନର ଉଦ୍ଦେଶ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଚନ୍ଦ୍ରଶେଖର ଦାସ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ ଜଣାଇଥିଲେ। କାର୍ଯ୍ୟକ୍ରମ ଶେଷରେ ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଡ ଶିବା ସୋରେନ, ଡକ୍ଟର ସ୍ୱାଗତିକା ମିଶ୍ର, ଡ ଦେବପ୍ରିୟା ପରିଡ଼ା, ଡ ଧନେଶ୍ୱର ବେହେରା ଆଦି ଅଧ୍ୟାପକ ଅଧ୍ୟାପିକା ଓ ଛାତ୍ରୀମାନ କବିତା ପାଠରେ ଅଂଶଗ୍ରହଣ କରିଥିଲେ। ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ ଅଧ୍ୟାପିକା, କର୍ମଚାରୀ ଓ ବହୁସଂଖ୍ୟାରେ ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଓଡ଼ିଆ ବିଭାଗର ଅଧ୍ୟାପକ ଡ ମନୋରଞ୍ଜନ ନାଏକ କାର୍ଯ୍ୟକ୍ରମ ଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ।ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ କାର୍ଯ୍ୟକ୍ରମ ପରିଚାଳନାରେ ଆବଶ୍ୟକ ସହଯୋଗ ଯୋଗାଇ ଦେଇଥିଲେ।

## ସାଂସଦଙ୍କ ମନ୍ତବ୍ୟ ବିରୋଧରେ ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ





ହାଟଡ଼ିହୀ/ଆନନ୍ଦପୁର, ୧।୪(ସମିସ): ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେ ଦେଇଥିବା ମିଥ୍ୟା, ଅପମାନସୂଚକ ମନ୍ତବ୍ୟ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ସହ ନିସର୍ତ୍ତ କ୍ଷମାପ୍ରାର୍ଥନା ଦାବିରେ ଆନନ୍ଦପୁର ନିର୍ବାଚନମଣ୍ଡଳୀର ବିଜେଡ଼ି କର୍ମୀ, ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ଶାଳଣିଆଁଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରତିବାଦ କରାଯାଇଛି। ଏହାସହ ବିଜେପି ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କାର୍ଯ୍ୟକ୍ରମଟି ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଆହ୍ୱାନରେ ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲ୍ଲାପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଜିଲ୍ଲା ବିଜେଡ଼ି ସମ୍ପାଦକ ବୀରେନ୍ଦ୍ର ବିଶ୍ୱାଳ, ଜିଲ୍ଲା ବିଜୁ ଯୁବ ଛାତ୍ର ସଭାପତି ଅମରେନ୍ଦ୍ର ଧଳ, ଜିଲ୍ଲା ସମ୍ପାଦକ ବିଜୁ ଯୁବ ଜନତା ଦଳ ଦିପ୍ତୀରଞ୍ଜନ ଦାସ ପ୍ରମୁଖ ପରିଚାଳନା କରିଥିଲେ। ବିଜେଡ଼ିର ଶତାଧିକ କର୍ମୀ ସାମିଲ ହୋଇଥିଲେ।

ସେହିପରି ଜିଲ୍ଲା ଯୁବ ବିଜେଡି ସଭାପତି ରାକେଶ ରାମଙ୍କ ନେତୃତ୍ୱରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଏକ ଶୋଭାଯାତ୍ରାରେ ଆନନ୍ଦପୁର କଚେରି ଛକରେ ପହଞ୍ଚିବା ପରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଜେପି ସାଂସଦଙ୍କ ମନ୍ତବ୍ୟକୁ ନିନ୍ଦା କରିବା ପରେ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ରେ ବିଜେଡି ନେତା ସୁଶୀଲ ହୋତା ରମାକାନ୍ତ ବେହେରା ପୌରାଧକ୍ଷା ରାଜନୀରାଣୀ ଖଟୁଆ, କାଉନସିଲର ସୁରେନ୍ଦ୍ର ଦାସ, ସୁଜିତ ସାହୁ, ମଣିଲତା ରାମ, ସୁପ୍ରିୟା ମିଶ୍ର, ନିବେଦିତା ବେହେରା, ରାଜା ଦଳେଇ, ବାପି ବେହେରା, ପ୍ରତାପ ରାମ ମନୋଜ ପାତ୍ର ହରିହର ସାହୁ ଛାବୁଲି ଧଳ ପ୍ରମୁଖ ସାମିଲ ହୋଇଥିଲେ।

## ନାବାଳିକା ନିଖୋଜ

ତୁରୁମୁଙ୍ଗା, ୧।୪(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନାଞ୍ଚଳର ଜଣେ ୧୭ବର୍ଷର ନାବାଳିକା ଗତ ଶୁକ୍ରବାର ରାତିରେ ଘର ଲୋକ ଶୋଇଥିବା ବେଳେ କୁଆଡ଼େ ଚାଲିଯାଇଥିବା ଜଣାପଡ଼ିଛି। ନାବାଳିକା ଜଣକ ଯୁକ୍ତ ୨ ରେ ଦ୍ୱିତୀୟ ବର୍ଷରେ ପରୀକ୍ଷା ଦେଉଥିବା ବେଳେ ପରିବାର ଲୋକେ ଏନେଇ ପାଟଣା ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଥାନାରେ ୧୩୩/୨୬ରେ ଏକ ନିଖୋଜ ମାମଲା ରୁଜୁ ହୋଇଛି। ପାଟଣା ଥାନା ଏସଆଇ ଲକ୍ଷ୍ମଣ ମାଝି ଘଟଣାର ତଦନ୍ତ କରୁଛନ୍ତି।

## ଚନ୍ଦନଙ୍କୁ ଜିଲ୍ଲା ଯୁବମୋର୍ଚ୍ଚାର ସଂଯୋଜକ ଦାୟିତ୍ୱ



ହାଟଡ଼ିହୀ,୧।୪(ସମିସ): ଛାତ୍ର ଜୀବନରୁ ସାହିତ୍ୟ ସାମ୍ବାଦିକତା ଓ ସମାଜସେବାର ତ୍ରିବେଣୀ ସଙ୍ଗମରେ ବାଟ ଚାଲୁଥିବା ଯୁବ ପ୍ରତିଭା ଏକାଧାରରେ ପ୍ରକୃତି ବନ୍ଧୁ, ପ୍ରକୃତି ମିତ୍ର ଓ ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାର ପ୍ରାପକ ସାମାଜିକ କର୍ମୀ ତଥା ବିଦ୍ୟାର୍ଥୀ ପରିଷଦ, ହିନ୍ଦୁ ପରିଷଦ ଏବଂ ସ୍ୱୟଂସେବକ ସଂଘର ସମର୍ପିତ କାର୍ଯ୍ୟକର୍ତ୍ତା ଇଞ୍ଚୋଳ ଗ୍ରାମର ଚନ୍ଦନ ପଣ୍ଡାଙ୍କୁ ଭାରତୀୟ ଜନତା ଯୁବମୋର୍ଚ୍ଚା କେନ୍ଦୁଝରର ଜିଲ୍ଲା ସାମାଜିକ ସଂଗଠନର ସଂଯୋଜକ ଭାବେ ନୂତନ ଦାୟିତ୍ୱ ମିଳିଛି। ତାଙ୍କୁ ବିଭିନ୍ନ ମହଲରେ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଛି। ଜିଲ୍ଲା ଯୁବମୋର୍ଚ୍ଚା ସାମାଜିକ ସଂଗଠନର ସଂଯୋଜକ ଭଳି ଗୁରୁଦାୟିତ୍ୱ ମିଳିଥିବାରୁ ସେ ଜିଲ୍ଲା ସଭାପତି ଶୁକଦେବ ମହାନ୍ତ ଏବଂ ଜିଲ୍ଲାର ଯୁବମୋର୍ଚ୍ଚା ସଭାପତି ରୁଦ୍ରପ୍ରସାଦ ବେହେରାଙ୍କ ନିକଟରେ ସାଧୁବାଦ ଜ୍ଞାପନ ସହ କୃତଜ୍ଞତା ଜଣାଇଛନ୍ତି।

## ସାଇଁକୁଳ ମହାବିଦ୍ୟାଳୟ ଓଏସ୍‌ଡି ନିଯୁକ୍ତିରେ ଅସନ୍ତୋଷ

ଆନନ୍ଦପୁର, ୧।୪ (ସମିସ): କେନ୍ଦୁଝର ଜିଲ୍ଲା ସାଇଁକୁଳସ୍ଥିତ ପତିତପାବନ ମହାବିଦ୍ୟାଳୟରେ ବେଆଇନ ନିଯୁକ୍ତିକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଶିକ୍ଷା ବିଭାଗରେ ପଦ ବହିର୍ଭୂତ ନିଯୁକ୍ତି ହୋଇଥିବାରୁ ପରିଚାଳନା କମିଟି ଉପରେ ଅସନ୍ତୋଷ ପ୍ରକାଶ ପାଇଛି। ମହାବିଦ୍ୟାଳୟରୁ ଅବସର ନେଇଥିବା ଭାରପ୍ରାପ୍ତ ଅଧ୍ୟକ୍ଷଙ୍କୁ ଓଏସଡ଼ି ପଦରେ ନିଯୁକ୍ତି ଦିଆଯାଇଛି; ଯାହାକି ନିୟମ ବହିର୍ଭୂତ ବୋଲି ଅଭିଯୋଗ ହୋଇଛି। ଏହି ଅନିୟମିତତା ସମ୍ପର୍କରେ ପରିଚାଳନା କର୍ତ୍ତୃପକ୍ଷ ଜାଣି ନଥିବା ଘଟଣାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହା ବ୍ୟତୀତ, ପ୍ରତିବର୍ଷ ସରକାରଙ୍କ ପକ୍ଷରୁ ଆୟ-ବ୍ୟୟର ହିସାବ ପାଇଁ ଅଡିଟ ହେଉଥିବା ବେଳେ ଗତ ୩ ବର୍ଷର ଅଡିଟରେ ଏହା ତଦନ୍ତ ପରିସରଭୁକ୍ତ ହୋଇ ନଥିବା ପଛରେ କେଉଁ ମନ୍ଦ ଉଦ୍ଦେଶ୍ୟ ରହିଛି ତାହାର ପର୍ଦ୍ଦାଫାର୍ସ ହୋଇପାରିଲେ ଆହୁରି ଅନେକ ଆର୍ଥିକ ଅନିୟମିତତା ପ୍ରକାଶ ପାଇବ ବୋଲି ମତ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଜଣେ ଅଧ୍ୟକ୍ଷରେ ଚାଲିଥିବା ଏହି ମହାବିଦ୍ୟାଳୟରେ ସରକାରଙ୍କ ନୂଆ ନୀତି ଅନୁଯାୟୀ, +୨ ଓ +୩ରେ ପୃଥକ ପୃଥକ ଭାବେ ଦୁଇଜଣ ଅଧ୍ୟକ୍ଷ ନିଯୁକ୍ତି ହୋଇଛନ୍ତି। ତେବେ କେଉଁ କାର୍ଯ୍ୟ ବା ଦାୟିତ୍ୱ ପାଇଁ ଏଭଳି ଓଏସଡ଼ି ପଦ ସୃଷ୍ଟି କରାଯାଇ ନିଯୁକ୍ତି ଦିଆଯାଇଛି ସେନେଇ ପରିଚାଳନା କର୍ତ୍ତୃପକ୍ଷ ମଧ୍ୟ ଅନ୍ଧାରରେ ରହିଛନ୍ତି। ଏହାର ତଦନ୍ତ କରାଯିବାକୁ ଶିକ୍ଷାପ୍ରେମୀ ମହଲରେ ଦାବି ହେଉଛି। ଗତ ୨୦୨୩ ଜୁଲାଇରୁ ଏପରି ନିଯୁକ୍ତ ବ୍ୟକ୍ତିଙ୍କୁ ମାସିକ ୨୧ ହଜାର ଟଙ୍କା ବେତନ ଦିଆଯାଉଥିବା ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ଅଗୋଚରରେ ହେଉଥିବା ଜଣେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନାରୁ ଜଣାଯାଇଛି। ଆଜିର ଅନଲାଇନ ଯୁଗରେ ଉକ୍ତ ଓଏସଡ଼ିଙ୍କ ଦରମା ନଗଦ ଟଙ୍କା ଆକାରରେ ଦିଆଯାଉଥିବା ପଛରେ କେଉଁ ହୀନ ଉଦ୍ଦେଶ୍ୟ ରହିଛି ସେନେଇ ସନ୍ଦେହ ପ୍ରକାଶ ପାଇଛି। ଆଜିପର୍ଯ୍ୟନ୍ତ ଏହି ନିଯୁକ୍ତି ଯୋଗୁଁ ୬ଲକ୍ଷ ୭୨ହଜାର ଟଙ୍କା ମହାବିଦ୍ୟାଳୟ ତହବିଲରୁ ପଇଠ ହୋଇଥିବା ଜଣାଯାଇଛି। ଛାତ୍ରଛାତ୍ରୀଙ୍କ ଉପରେ ଆର୍ଥିକ ବୋଝ ଲଦି ସେମାନଙ୍କଠାରୁ ବିଭିନ୍ନ ଫିସ ଆକାରରେ ଆଦାୟ ହେଉଥିବା ଅର୍ଥକୁ ଏହିଭଳି ଅପବ୍ୟୟ ଚର୍ଚ୍ଚାକୁ ଆସିଛି। ଏନେଇ ପରିଚାଳନା କର୍ତ୍ତୃପକ୍ଷ ତଥା ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା କହିଛନ୍ତି, ଏଭଳି ନିଯୁକ୍ତି ପାଇଁ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ତାଙ୍କୁ ଅନ୍ଧାରରେ ରଖି ଏପରି କରାଯାଇଥିବାରୁ ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ।




## ଆଶିଷ ହେଲେ ବିଜେପି ସୂଚନା ଆଇନ ସଂଯୋଜକ



ଆନନ୍ଦପୁର, ୧।୪ (ସମିସ): କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସୂଚନା ଆଇନ ସଂଯୋଜକ ଭାବେ ଆଶିଷ କୁମାର ବେହେରାଙ୍କୁ ନିଯୁକ୍ତି ଦିଆଯାଇଛି। ଏଥିପାଇଁ ସେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସାଂସଦ ଅନନ୍ତ ନାୟକ, ରାଜ୍ୟ ସମ୍ପାଦିକା ମମତା ସିଂ, ଜିଲ୍ଲା ସଭାପତି ଶୁକଦେବ ମହାନ୍ତ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ରୁଦ୍ରପ୍ରସାଦ ବେହେରା, ଘସିପୁରା ବିଧାୟକ ପ୍ରାର୍ଥୀ ଶମ୍ଭୁନାଥ ରାଉତ, ଆନନ୍ଦପୁର ବିଧାୟକ ପ୍ରାର୍ଥୀ ଆଲୋକ ସେଠୀ, କେନ୍ଦୁଝର ଜିଲ୍ଲା ବିଜେପିର ଦୁଇ ବରିଷ୍ଠ ନେତା ରାମଚନ୍ଦ୍ର ସାହୁ ଓ ମହେଶ୍ୱର ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ଦଳୀୟ କାର୍ଯ୍ୟକ୍ରମରେ ସକ୍ରିୟ ରହି ସଂଗଠନକୁ ଅଧିକରୁ ଅଧିକ ମଜବୁତ୍ କରିବା ଏକମାତ୍ର ଲକ୍ଷ୍ୟ ନେଇ ଆଗାମୀ ଦିନରେ ଛାତ୍ର ଓ ଯୁବକ ଭାଇମାନଙ୍କୁ କିପରି ଅଧିକରୁ ଅଧିକ ଯୋଡ଼ି ହେବ ସେ ଦିଗରେ କାର୍ଯ୍ୟ କରିବେ ବୋଲି ଶ୍ରୀ ବେହେରା ପ୍ରକାଶ କରିଛନ୍ତି।

## କଫି ଚାଷ ପରିଦର୍ଶନ କଲେ ଜିଲ୍ଲାପାଳ

କେନ୍ଦୁଝର, ୧।୪(ସମିସ): ଓଡ଼ିଶା କଫି ମିଶନ ଯୋଜନାରେ ବାଂଶପାଳ ବ୍ଲକ ତରମାକାନ୍ତ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜଳଡିହା ଗ୍ରାମରେ ନୂତନ କଫି ଚାଷ ଜିଲ୍ଲାପାଳ ବିଶାଳ ସିଂ ପରିଦର୍ଶନ କରିଛନ୍ତି। ଜଳଡିହା ଗ୍ରାମରେ ୮ ହେକ୍ଟର ଜମିରେ ୧୭ ହଜାର ୬୦୦ କଫି ଚାରା ଲଗାଯାଇଛି। ଗଛର ବୃଦ୍ଧି ଓ ବଞ୍ଚିବା ହାର ନେଇ ସନ୍ତୋଷ ବ୍ୟକ୍ତ କରିଥିବାବେଳେ ଗଛ ମୂଳ ନିୟମିତ ସଫେଇ ଓ ସାର ପ୍ରୟୋଗ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। କଫି ଚାଷ କିପରି ଚାଲିଛି ତାହାର ତଦାରଖ ଏବଂ ବୈଷୟିକ ଜ୍ଞାନ ପରାମର୍ଶ ପାଇଁ କୋରାପୁଟ କଫି ବୋର୍ଡ ସହଯୋଗ ନେବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସ୍ଥାନୀୟ ଲୋକ ପାଣି ସମସ୍ୟା ଅବଗତ କରିବା ପରେ ଡିଏମ୍‌ଏଫ୍ ଅର୍ଥରେ ବୋରୱେଲ ଖୋଳାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମନରେଗା ଯୋଜନାରେ କଫି ଓ ଛାଇ ବୃକ୍ଷ କାର୍ଯ୍ୟରେ ଅଦ୍ୟାବଧି ୧ଲକ୍ଷ କର୍ମଦିବସ ସୃଷ୍ଟି ହୋଇଛି। ଆସନ୍ତା ୨୦୨୬-୨୭ ବର୍ଷ ପାଇଁ ବାଂଶପାଳ ବ୍ଲକରେ ୧୦୦୦ ହେକ୍ଟର ଜମିରେ ଛାଇ ବୃକ୍ଷ ଏବଂ ୫୦ ହେକ୍ଟର ଜମିରେ କଫି ଚାଷ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ଚଳିତ ବର୍ଷରେ ଗୋନାସିକା, ତରମାକାନ୍ତ ଏବଂ ଜମ୍ବିରିପଶିରେ ଥିବା ନର୍ସରୀରେ ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ଛାଇ ଚାରା ପ୍ରସ୍ତୁତ କରାଯିବ। ଗତ ବର୍ଷ ଛାଇ ବୃକ୍ଷ ଚାରା ବନ ବିଭାଗ ପକ୍ଷରୁ ଯୋଗାଇ ଦିଆଯାଉଛି। କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକର ପାହାଡିଆ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ୬୦୦ମିଟର ଉଚ୍ଚତାରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ବାଂଶପାଳ ବ୍ଲକର ଥଣ୍ଡା ଜଳବାୟୁ ସହିତ ସର୍ବାଧିକ ବର୍ଷା ଏହି ଅଂଚଳରେ ହେଉଛି। ଛାଇ ଗଛଗୁଡିକ ୫ ଫୁଟରୁ ୬ ଫୁଟ ଉଚ୍ଚ ହୋଇଛି। ହେକ୍ଟର ପିଛା ୨୦୦୦ସିଲଭର ଓକ୍, ୨୦୦ଆମ୍ବ ଏବଂ ଜାମୁକୋଳି ଗଛ ଲଗାଯାଉଛି। କଫି ଚାଷ ପାଇଁ ସିଧାସଳଖ ସୂର୍ଯ୍ୟକିରଣ ନ ପଡିବା ପାଇଁ ଛାଇ ଚାରା ଲଗାଯିବାର ୩ ବର୍ଷ ପରେ ଏହା ନିକଟରେ କଫି ଚାରା ଲଗାଯିବ। କଫି ଚାଷ ପରିଦର୍ଶନ ବେଳେ ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଲକର, ବନଖଣ୍ଡ ଅଧିକାରୀ ଧନରାଜ ଏଚ୍ଡି, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଜଳ ବିଭାଜିକା ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପ୍ରଦୀପ କୁମାର ରାଉତ, ଭୂୟାଁ ଜୁଆଙ୍ଗ ପୀଢ ରେଞ୍ଜର ନୟନକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।




**କାମରେ ଆସୁନି ଯୋଜନା**

## ଚୁଆ ଓ ଝରଣା ପାଣି ଭରସାରେ ସୟସାହି

ଶରତ/ଆନନ୍ଦପୁର,୧।୪(ସମିସ)



କେନ୍ଦ୍ର ତଥା ରାଜ୍ୟସ୍ତରରେ ମାଳମାଳ ଯୋଜନା କାର୍ଯ୍ୟକାରୀ ହେଉଥିଲେ ହେଁ ତାହା ଲୋକଙ୍କ କାମରେ ଆସୁନାହିଁ। ଯାହାର ଉଦାହରଣ ଦେଖିବାକୁ ମିଳିଛି

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ୍ ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତର ସୟସାହିରେ। ମାଳମାଳ ଯୋଜନା ସତ୍ତ୍ୱେ ଏଠାରେ ବିକାଶ ପହଞ୍ଚି ପାରି ନାହିଁ। ସରକାରଙ୍କ ସବୁ ବିକାଶମୂଳକ ଯୋଜନା ସତେ ଯେମିତି ଏହି ସବୁ ଅଞ୍ଚଳ ପାଇଁ ବାଟବଣା ହୋଇଯାଇଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଏବଂ କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ବ୍ଲକର ସୀମାନ୍ତବର୍ତ୍ତୀ ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତର ବଡ଼ପୁରୁଣାପାଣି ରାଜସ୍ୱ ଗ୍ରାମର ଏହି 'ସୟସାହି' ଗ୍ରାମର ଲୋକେ ନିତି ସକାଳେ ଜଙ୍ଗଲକୁ ଯାଇ ପତ୍ର ସଂଗ୍ରହ କରି ଖଲିଦନା ତିଆରି କୁଟୁମ୍ବ ପୋଷନ୍ତି। ପ୍ରାକୃତିକ ପରିବେଶ ମଧ୍ୟରେ ବଢ଼ି ଆସିଥିବା ଏ ଅଞ୍ଚଳର ଜନସାଧାରଣ ଆଜି ଆଧୁନିକ ସଭ୍ୟତାଠାରୁ ବହୁ ଦୂରରେ। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଏଠି ଅପହଞ୍ଚ।

ଆନନ୍ଦପୁର ବ୍ଲକ ଗୟଳମୁଣ୍ଡା ଗ୍ରାମ ପଞ୍ଚାୟତର ଗ୍ରାମ ପଞ୍ଚାୟତର ଏହି 'ସୟସାହି' ଗ୍ରାମରେ ୬୦ ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର(ସାନ୍ତାଳ ଏବଂ ହୋ ସମ୍ପ୍ରଦାୟ) ପରିବାର ୨୫୦ରୁ ଊର୍ଦ୍ଧ୍ୱ ଜନସାଧାରଣ ଶତ ପ୍ରତିଶତ ଆଦିବାସୀ ସ୍ଥାୟୀ ବାସିନ୍ଦା। ପ୍ରଶାସନ କିମ୍ବା ନେତାଙ୍କର ଛାଇ ପଡ଼ି ନାହିଁ ଏହି ଅଞ୍ଚଳରେ। ଚୁଆ, ବିଲ ଏବଂ ନାଳର ପାଣି ଏମାନଙ୍କର ପାନୀୟ। ଘରଠାରୁ ଏକ କି.ମି ଦୂରତାରେ ଥିବା ବିଲ ଭିତରେ ଥିବା ଏକ ଚୁଆରୁ ପାନୀୟ ଜଳ ସଂଗ୍ରହ କରିଥାନ୍ତି ଏମାନେ। ଶିକ୍ଷା ଓ ସଚେତନତାର ଅଭାବ ଯୋଗୁଁ ଗୁଣିଗାରେଡ଼ି ଭଳି କୁତ୍ସିତ ମାନସିକତା ଏବେ ବି ବଳବତ୍ତର ରହିଛି। ଜଙ୍ଗଲ ଥିଲା ଏମାନଙ୍କର ସବୁକିଛି। ଜଙ୍ଗଲଜାତ ଦ୍ରବ୍ୟ ଉପରେ କଟକଣା ଲାଗୁପରେ ଚିରାଚରିତ ଭାବେ ବଞ୍ଚୁଥିବା ଏହି ପରିବାର ମାନଙ୍କର ଆହାର ଉପରେ ପାହାର ପଡ଼ିଛି। ପଞ୍ଚାୟତ ଦ୍ୱାରା ପ୍ରତିଷ୍ଠା ହୋଇ ଥିବା 'ବସୁଧା' ଯୋଜନା କାର୍ଯ୍ୟକାରୀ ହେଉନାହିଁ, ତେଣୁ ଆମ୍ଭେ ପାନୀୟ ଜଳର ସମସ୍ୟା ଭୋଗୁଛୁ ବୋଲି କହିଛନ୍ତି ଗ୍ରାମର ସୁଶାନ୍ତ ସୟ, ସବିତା ସୟ, ରଞ୍ଜିତା ସୟ, ବିକେନ୍ଦ୍ର ସିର୍କା, ଜାମାଦାର ବାଲମୁଚୁ ଏବଂ ଭାରତୀ ଗାଗରାଇ। ଖୁବ୍‌ଶୀଘ୍ର ପାନୀୟ ଜଳ ସମସ୍ୟାର ସମାଧାନ ନ ହେଲେ ଗ୍ରାମବାସୀ ଆନ୍ଦୋଳନ ପାଇଁ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

ଅଞ୍ଚଳର ନିର୍ବାଚିତ ପ୍ରତିନିଧିମାନେ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ଗ୍ରାମବାସୀ କ୍ଷୋଭ ପ୍ରକାଶ କରିଛନ୍ତି। ସେମାନେ ଏହି ଦୁରବସ୍ଥା ପ୍ରତି ଆଖିବୁଜିଦେଇଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ତୁରନ୍ତ ଏହି ଗ୍ରାମରେ ୩ଟି ନଳକୂପ ବସାଇ ଗ୍ରାମର ପାନୀୟ ଜଳର ସମସ୍ୟା ସମାଧାନ କରିବା ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଅଖଣ୍ଡ ଓଡ଼ିଶାକୁ ବିଖଣ୍ଡିତ କରିବାକୁ ଦିଆଯିବନି

## ବିଜୁ ଜନତା ଦଳ



ବାରିପଦା, ୧।୪(ସମିସ): ମୟୂରଭଞ୍ଜ ବିଜୁ ଜନତା ଦଳ ପକ୍ଷରୁ ବାରିପଦାସ୍ଥିତ ବିଜୁ ଭବନରେ ଓଡ଼ିଶା ଦିବସ ପାଳିତ ହୋଇଛି । ଜିଲ୍ଲା ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାର୍ଣ୍ଡି ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଓଡ଼ିଶା ଦିବସ ଅବସରରେ ମହାପୁରୁଷ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି ଦିବସର ଅନ୍ତରାଳରେ ଘଟିଯାଇଥିବା ଇତିହାସ ପଛର ସ୍ମରଣୀୟ କାହାଣୀକୁ ନେଇ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଓ ୮୯ ବର୍ଷର ଯାତ୍ରା' ଆଲୋଚନା ଚକ୍ରରେ ଅତିଥିମାନେ ନିଜର ମତ ଉପସ୍ଥାପନା କରିଥିଲେ । ସ୍ୱାଧୀନତା ଲଢେଇରେ ମୟୂରଭଞ୍ଜ ଜିଲ୍ଲାର ଅନେକ ଯୋଗଦାନ ମଧ୍ୟ ଅନେକ ରହିଛି । ତେବେ ମଜଭୁତ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରିବା ପାଇଁ ବିଜେପି ପକ୍ଷରୁ ହୀନ ପ୍ରୟାସ କରାଯାଉଛି । ବିଜୁ ବାବୁଙ୍କ ସ୍ୱପ୍ନର ବିକଶିତ ଓଡ଼ିଶାକୁ ଭାଗ ଭାଗ କରିବା ନିନ୍ଦନୀୟ । ଓଡ଼ିଶାର ସୀମାନ୍ତବର୍ତ୍ତି ଜିଲ୍ଲାରେ ଧୀରେ ଧୀରେ ପଡ଼ୋଶୀ ରାଜ୍ୟ ନିଜର ଆଧିପତ୍ୟ ବିସ୍ତାର କରୁଛନ୍ତି । ଯାହାକୁ ନେଇ ବିଜେପି ସରକାର ଚୁପ୍ ହୋଇ ବସିଥିବା ନେଇ ବିଜେଡି ଅଭିଯୋଗ କରିଛି । ତେଣୁକରି ଓଡ଼ିଶାର ଅଖଣ୍ଡତା କିପରି ବଜାୟ ରହିବ ସେନେଇ ପଦକ୍ଷେପ ଗ୍ରହଣ ନକରିଲେ ବିଜେଡି ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଆହ୍ୱାନ ଦିଆଯାଇଛି । ଏହାସହିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବିଜେପି ସାଂସଦ ନିଶିକାନ୍ତ ଦୁବେଙ୍କ କଟୁ ମନ୍ତବ୍ୟକୁ ନିନ୍ଦା କରାଯାଇଛି । ବିଜେପି ସାଂସଦଙ୍କ ଆପତ୍ତିଜନକ ମନ୍ତବ୍ୟକୁ ନେଇ ରାଜ୍ୟର ବିଜେପି ସରକାର ଚୁପ ହୋଇ ବସିଛନ୍ତି । ଏହିପରି ଅଶାଳୀନ, ଅସତ୍ୟ, ଭିତ୍ତିହୀନ ମନ୍ତବ୍ୟକୁ ନେଇ ବିଜେପି ପକ୍ଷରୁ ବିରୋଧ କରି କୌଣସି ପ୍ରତିକ୍ରିୟା ଦିଆଯାଉନାହିଁ । ଯାହାକି ପ୍ରତ୍ୟେକ ଓଡ଼ିଆଙ୍କ ସ୍ୱାଭିମାନକୁ ଆଘାତ ଦେଇଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି ।

କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାର୍ଣ୍ଡି, ମୟୂରଭଞ୍ଜ-୨ ସଭାପତି ଡା ଦେବାଶିଷ ମାର୍ଣ୍ଡି, ପୂର୍ବତନ ବିଧାୟକ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ସଭାପତି ଦେବାଶିଷ ମହାନ୍ତି, ଏମସିସି ବ୍ୟାଙ୍କ ସଭାପତି ସୁବ୍ରମଣ୍ୟମ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ଜିଲ୍ଲା ଯୁବ ସଭାପତି ଅରୁଣ ବରାଡ଼, ଜିଲ୍ଲା ମହିଳା ସଭାପତି ଦୀପ୍ତିଲତା ମିଶ୍ର, ଜିଲ୍ଲା ଛାତ୍ର ସଭାପତି ସୁନୀଲ ନାୟକ, ଅନନ୍ତ ଦାସ, ଦେବିଦତ୍ତ ଦାଶ, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ, ସରୋଜ ବୋଷ, ଦର୍ପ ନାରାୟଣ ପାଳ, ସମାଜସେବୀ ଅମର ସେଠି, ସମସ୍ତ ୱାର୍ଡ କାଉନସିଲର ସମେତ ବିଜୁ ମହିଳା, ଯୁବ, ଛାତ୍ର ଜନତା ଦଳର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ

ମୟୁରଭଞ୍ଜ ଜିଲ୍ଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ତରଫରୁ ବାରିପଦାସ୍ଥିତ ନିଜସ୍ୱ ଭବନରେ ସଭାପତି ମେଜର ରବୀନ୍ଦ୍ର ନାଥ ପରିଡ଼ାଙ୍କ ସଭାପତିତ୍ୱ ଏବଂ ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର କାସ୍ତଙ୍କ ପରିଚାଳନାରେ ଓଡ଼ିଶା ଦିବସ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ଗାନ ପରେ ସଭାପତି ଆଜି ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ତତ୍ପରେ ଉପସଭାପତି ସୁଶ୍ରୀ ବୀଣାପାଣି ପଣ୍ଡା କୋଷାଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଓଡ଼ିଶା ଦିବସ ଉପରେ ସୁନ୍ଦର କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ପରମେଶ୍ୱର ପୁଟ୍ଟୀ ରତ୍ନାକର ତ୍ରିପାଠୀ, ସନ୍ତୋଷ କୁମାର କାସ୍ତ, ବିଭୁଦତ୍ତ ଦାସ, ସମ୍ପାଦକ ପ୍ରଦୀପ କୁମାର ପାଣି ଏବଂ ଉପସଭାପତି ନଳିନ କୁମାର ଚୌଧୁରୀ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ସଭ୍ୟ ସଞ୍ଜୀବ କୁମାର ଦଣ୍ଡପାଟ ଧନ୍ୟବାଦ ଦେଇଥିଲେ ।



## ଜିଲ୍ଲା ଓକିଲ ସଂଘ ପାଳିଲା ଉତ୍କଳ ଦିବସ

ବାରିପଦା, ୧।୪(ସମିସ): ମୟୂରଭଞ୍ଜ ଜିଲ୍ଲା ଓକିଲ ସଂଘ ତରଫରୁ ଉତ୍କଳ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଚେରି ପରିସରରେ ଥିବା ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ବାରିପଦା ପୌରପାଳିକା କାର୍ଯ୍ୟାଳୟରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି । ଜିଲ୍ଲା ଓକିଲ ସଂଘ, ବାରିପଦାର ସଭାପତି ଜ୍ୟୋତି ପ୍ରକାଶ ରଥ, ଉପ ସଭାପତି ସତ୍ୟବ୍ରତ ଦାଶ, ସମ୍ପାଦକ ବିପ୍ଳବ ବାରିକ, ଯୁଗ୍ମ ସମ୍ପାଦକ ସ୍ୱରୂପ କୁମାର ମିଶ୍ର, ପଙ୍କଜ ମହାକୁଡ଼ ଓ କୃଷ୍ଣଚନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ସଦସ୍ୟ ଦେବରାଜ ମିଶ୍ର, ଗୀରିଶ ଚନ୍ଦ୍ର ମହାପାତ୍ର, ଗୌତମ ଶଙ୍କର ରାଜ, ସଦସ୍ୟା ସସ୍ମିତା ଘୋଷାଲ, ସ୍ୱପ୍ନା ମହାନ୍ତି, ରୂପଶ୍ରୀ ବାରିକ ଏବଂ ଆଇନଜୀବୀ ହିମାଂଶୁ ପାଣିଗ୍ରାହୀ, ପ୍ରଭାତ ଦାଶ, ମାନସ ରଞ୍ଜନ ବେହେରା, ତାରାକାନ୍ତ ବେହେରା, ବୈଦ୍ୟ ପ୍ରକାଶ ବାରିକ, ସଚ୍ଚିଦାନନ୍ଦ ଆଚାର୍ଯ୍ୟ, ଜ୍ଞାନ ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।



## ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁରରେ ଉତ୍କଳ ଦିବସ

ବାରିପଦା, ୧।୪(ସମିସ): ଝାଡ଼ଖଣ୍ଡ ରାଜ୍ୟର ପଶ୍ଚିମ ସିଂହଭୂମ ଜିଲ୍ଲାର ଚକ୍ରଧରପୁରସ୍ଥିତ ଉତ୍କଳମଣି ବିଦ୍ୟାମନ୍ଦିର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ସମ୍ମିଳନୀ ପଶ୍ଚିମ ସିଂହଭୂମି ଜିଲ୍ଲା ଶାଖା ପକ୍ଷରୁ ଉତ୍କଳ ଦିବସ ପାଳନ କରାଯାଇଛି । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଓ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଜୟଗାନ କରାଯାଇଥିଲା । ଓଡ଼ିଆ ଭାଷା ବିକାଶ ପରିଷଦ ଝାଡ଼ଖଣ୍ଡର ସଭାପତି ମୁଖ୍ୟଅତିଥି ପ୍ରଫେସର ଡ ନାଗେଶ୍ୱର ପ୍ରଧାନ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ବିକାଶ ବିଷୟରେ ଆଲୋଚନା କରିଥିଲେ । ମୁଖ୍ୟବକ୍ତା ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ପ୍ରଣବ କୁମାର ମିଶ୍ର ଉତ୍କଳ ଦିବସ ଉପଲକ୍ଷେ ସିଂହଭୂମିରେ ଓଡ଼ିଆ ଭାଷା ଶିକ୍ଷାର ମହତ୍ୱ



ବିଷୟରେ ଆଲୋକପାତ କରିଥିଲେ । ଉତ୍କଳ ସମ୍ମିଳନୀର ପୂର୍ବତନ ଜିଲ୍ଲା ସଭାପତି ସରୋଜ କୁମାର ପ୍ରଧାନ ନିଜ ଅଭିଭାଷଣରେ କହିଥିଲେ ଯେ, ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାର ବିକାଶ ଦିଗରେ ଉତ୍କଳ ସମ୍ମିଳନୀ ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଭୂମିକା ଅତୁଳନୀୟ । ଦୀର୍ଘ ୩ବର୍ଷ ହେଲା ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଓଡ଼ିଶା ସରକାର ଆର୍ଥିକ ଅନୁଦାନ ପ୍ରଦାନ କରି ନାହାନ୍ତି, ଓଡ଼ିଶା ସରକାର ଯଥାଶୀଘ୍ର ବିଚ୍ଛିନ୍ନାଞ୍ଚଳର ୪ଟି ରାଜ୍ୟର ଓଡ଼ିଆ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତାଙ୍କ ବକେୟା ଦରମା ନ ଦେଲେ ଓଡ଼ିଆ ଭାଷା ଶିକ୍ଷା ବନ୍ଦ ହେବାର ଆଶଙ୍କା ରହିଛି ବୋଲି ଜଣାଇଥିଲେ । ଓଡ଼ିଆ ସମାଜସେବୀ ବିନୀତ ମହାନ୍ତୋ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାର ସମସ୍ୟାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇବେ ବୋଲି କହିଛନ୍ତି । ପୂର୍ବତନ ସମ୍ପାଦକ ପୂର୍ଣ୍ଣେନ୍ଦୁ କୁମାର ନନ୍ଦ ସଭା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ସୁଶାନ୍ତ ମହାନ୍ତି, ମିହିର ପ୍ରଧାନ, ଆରତୀ ମଣ୍ଡଳ, ସଙ୍ଗୀତା ପ୍ରଧାନ, ବାସନ୍ତୀ ମହାନ୍ତୋ, ସୁଭଦ୍ରା ମିସ୍ତ୍ରୀ, ସଙ୍ଗୀତା ମହାନ୍ତି, ନିରୋଳା ପ୍ରଧାନ, ରମେଶ ଚନ୍ଦ୍ର ପ୍ରଧାନ ଓ ବସନ୍ତ କୁମାର ପ୍ରଧାନ ଆଦି ବହୁ ଓଡ଼ିଆ ପ୍ରେମୀ ଉପସ୍ଥିତ ରହିଥିଲେ ।

# ହରିଣ ଛୁଆ ଉଦ୍ଧାର

କଳାବାଡିଆ, ୧।୪(ସମିସ): ବାଙ୍ଗିରିପୋଷି ବ୍ଲକ ଅଧୀନସ୍ଥ କୁମ୍ଭାର ମୁଣ୍ଡାକଟା ଗ୍ରାମର ସୁବର୍ଣ୍ଣରେଖା ମୁଖ୍ୟ କେନାଲ କଡ଼ରେ ସକାଳେ ଏକ ହରିଣ ଛୁଆ ପଡ଼ିଥିବା ଘଟଣା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକ ଓ କୁଳିଆଣା ବନ କର୍ମଚାରୀ ପହଞ୍ଚି ହରିଣ ଛୁଆକୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ । ଉଦ୍ଧାର ପରେ ହରିଣ ଛୁଆକୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା । ସୁସ୍ଥ ହେବା ପରେ ତାହାକୁ ଶିମିଳିପାଳ ଜଙ୍ଗଲରେ ଛାଡ଼ି ଦିଆଯାଇଥିବା ବନ ବିଭାଗ ପକ୍ଷରୁ ଜଣାପଡ଼ିଛି । ଏହି ଘଟଣା ପରେ ଅଞ୍ଚଳରେ ବନ୍ୟପ୍ରାଣୀଙ୍କ ଗ୍ରାମମୁଖୀ ହେବା ନେଇ ଚିନ୍ତା ବୃଦ୍ଧି ପାଇଛି । ସ୍ଥାନୀୟ ଲୋକଙ୍କ କହିବାନୁଯାୟୀ, ଜଙ୍ଗଲ ଧ୍ୱଂସ, ଶିକାରୀଙ୍କ ଅବାଧ ପ୍ରବେଶ ଓ ନିୟମିତ ଅଗ୍ନିକାଣ୍ଡ ଫଳରେ ବନ୍ୟପ୍ରାଣୀ ନିଜର ପ୍ରାକୃତିକ



ଆଶ୍ରୟସ୍ଥଳ ଛାଡ଼ି ଗ୍ରାମ ଅଭିମୁଖୀ ହେଉଛନ୍ତି । ରାତିରେ ହାତୀ, ହରିଣ ଓ ଅନ୍ୟ ବନ୍ୟଜୀବ ଗ୍ରାମ ନିକଟରେ ଦେଖାଯାଉଥିବାରୁ ଲୋକଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଛି । କେତେକ ଘଟଣାରେ ଚାଷ ଜମିର ଫସଲ ନଷ୍ଟ ହେଉଥିବା ମଧ୍ୟ ଦେଖାଯାଇଛି । ଅନ୍ୟପଟେ ଜଙ୍ଗଲ ଭିତରେ ଅବୈଧ ଭାବେ ଗଛ କଟାଯାଉଥିବା ସହିତ ଶିକାରୀ ବନ୍ୟପ୍ରାଣୀଙ୍କୁ ନିଶାନା କରୁଥିବା ଅଭିଯୋଗ ଆସୁଛି । ଏଥିସହିତ ଗ୍ରୀଷ୍ମଋତୁ ଆରମ୍ଭ ହେବା ସହ ଅନେକ ସ୍ଥାନରେ ଅଗ୍ନିକାଣ୍ଡ ଘଟି ଜଙ୍ଗଲର ବିପୁଳ କ୍ଷତି ହେଉଛି । ଏସବୁ କାରଣରୁ ବନ୍ୟପ୍ରାଣୀ ଗ୍ରାମମୁଖୀ ହେବାକୁ ବାଧ୍ୟ ହେଉଛନ୍ତି । ଏ ନେଇ ସ୍ଥାନୀୟ ଲୋକ ବନ ବିଭାଗର କାର୍ଯ୍ୟ ପ୍ରଣାଳୀ ଉପରେ ପ୍ରଶ୍ନ ଉଠାଇଛନ୍ତି । ଜଙ୍ଗଲ ସୁରକ୍ଷାକୁ ଜୋରଦାର କରିବା, ଶିକାରୀଙ୍କୁ ରୋକିବା ଓ ଅଗ୍ନିକାଣ୍ଡ ନିୟନ୍ତ୍ରଣ ପାଇଁ ଦୃଢ଼ ପଦକ୍ଷେପ ନିଆଯିବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ଓଡ଼ିଆ ସାହିତ୍ୟର ଅବଦାନ' ଆଲୋଚନାଚକ୍ର

ବାରିପଦା, ୧।୪(ସମିସ): ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ଆଲୋଚନଚକ୍ର ମୁର୍ଗାବାଡିସ୍ଥ ବିଜ୍ଞାନ ଭବନ ପରିସରରେ ଆୟୋଜିତ ହୋଇଯାଇଛି । 'ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନରେ ଓଡ଼ିଆ ସାହିତ୍ୟର ଅବଦାନ' ଶୀର୍ଷକରେ ଆୟୋଜିତ ଏହି ଆଲୋଚନାଚକ୍ର ଏକାଡେମୀର ସଭାପତି ଡ. ସରୋଜ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଆଲୋଚକ ଭାବେ ଅଧ୍ୟାପକ ବିଶ୍ୱରଞ୍ଜନ ଘୋଷ, ଅଧ୍ୟାପକ ଅଶୋକ ପୁଷ୍ଟି, ବରିଷ୍ଠ ସାହିତ୍ୟିକ ଅମିତାଭ ମିଶ୍ର, ପ୍ରଦୀପ ଭଞ୍ଜଦେଓ ପ୍ରମୁଖ ଯୋଗଦେଇ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ ଓ ଅନ୍ୟ କବି, ଲେଖକଙ୍କ ଗୌରବମୟ ସୃଷ୍ଟି କିପରି ଉତ୍କଳ ପ୍ରାଣରେ ନବଜାଗରଣ ଭରିଦେଇଥିଲା, ତା' ଉପରେ ବିଶଦ ଆଲୋଚନା କରିଥିଲେ । ଏଥିସହିତ ଉତ୍କଳ ଦିବସ ଉପଲକ୍ଷେ ଏକ କବିତା ଆସର ଆୟୋଜିତ ହୋଇଥିଲା । ଶେଷରେ ରାମକୃଷ୍ଣନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ଏମ୍‌ସିଏମ୍ ଛାତ୍ରାବାସରେ ବିଦାୟକାଳୀନ ସଭା

ବାରିପଦା, ୧।୪(ସମିସ): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଛାତ୍ରାବାସରେ ରହୁଥିବା ଷଷ୍ଠ ସେମିଷ୍ଟାରର ଛାତ୍ରଛାତ୍ରୀଙ୍କ ବିଦାୟକାଳୀନ ସଭା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଅଧ୍ୟକ୍ଷତା କରିଥିବାବେଳେ ପଦାର୍ଥ ବିଜ୍ଞାନର ମୁଖ୍ୟ ଦେବାସ୍ମିତା ବିଶ୍ୱାଳ ଓ ଶିକ୍ଷା ବିଭାଗର ମୁଖ୍ୟ ସୁଜାତା ପାଲ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ଛାତ୍ରଛାତ୍ରୀ ସେମାନଙ୍କର ତିନିବର୍ଷର ଅନୁଭୂତି ବର୍ଣ୍ଣନା କରିଥିଲେ । ଅଧ୍ୟକ୍ଷ ଶ୍ରୀ ନାୟକ ଛାତ୍ରଛାତ୍ରୀଙ୍କୁ ଆଗାମୀ ଦିନରେ ଦୃଢ଼ମନା ହୋଇ ଭବିଷ୍ୟତ ଗଢ଼ିବା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଅଧ୍ୟାପିକା ଦେବାସ୍ମିତା ବିଶ୍ୱାଳ ସ୍ନାତକ ଶିକ୍ଷା ପରେ କ'ଣ କରିବା ଉଚିତ ହେବ ତାର ମାର୍ଗ ଦର୍ଶନ କରାଇଥିଲେ । ଅଧ୍ୟାପିକା ସୁଜାତା ପାଲ ଶିକ୍ଷା ସହ ସ୍ୱାସ୍ଥ୍ୟ ଓ ନୈତିକତା ପାଇଁ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଦ୍ୱିତୀୟ ବର୍ଷର ଛାତ୍ରୀ ଲକି ଛାଟିଆ ଧନ୍ୟବାଦ ଅର୍ପଣ କରିଥିଲେ ।



# ନଦୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

କୁଆମରା, ୧।୪(ସମିସ): ଖୁଣ୍ଟା ଥାନା ଅନ୍ତର୍ଗତ ବାହାନଡା ଗ୍ରାମର ଜଣେ ବୃଦ୍ଧଙ୍କ ମୃତଦେହକୁ ନାଲହା ନଦୀରୁ ଉଦ୍ଧାର କରାଯାଇଛି । ମୃତକ ହେଉଛନ୍ତି ଦୁଲା ମୁର୍ମୁ (୫୫) । ଶୌଚ ହେବାକୁ ଯାଇଥିବାବେଳେ ସେ ଗଭୀର ପାଣିରେ ପଡ଼ିଯାଇଥିବା ଅନୁମାନ କରାଯାଉଛି । ଏ ନେଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି । ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସଠିକ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି ।

# ମୋ ଛୋଟ ସ୍କୁଲର ବାର୍ଷିକ ଉତ୍ସବ



ସାରସକଣା, ୧।୪(ସମିସ): ସାରସକଣା ବ୍ଲକ ଅନ୍ତର୍ଗତ କେନ୍ଦୁମୁଣ୍ଡିଠାରେ ଅବସ୍ଥିତ ମୋ ଛୋଟ ସ୍କୁଲର ଚତୁର୍ଥ ବାର୍ଷିକ ଅନୁଷ୍ଠିତ ହୋଇଛି । ମୁଖ୍ୟଅତିଥି ଭାବେ ସାରସକଣା ବିଧାୟକ ।ଦବ ହାଁସଦା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ସେ ଶିକ୍ଷାର ଗୁରୁତ୍ୱ ଓ ଶିଶୁମାନଙ୍କ ଭବିଷ୍ୟତ ଗଢ଼ିବାରେ ବିଦ୍ୟାଳୟର ଭୂମିକା ବିଷୟରେ କହିଥିଲେ । ମୁଖ୍ୟବକ୍ତା ଭାବେ ମଳୟ କୁମାର ନାୟକ ଯୋଗଦେଇ ଶିକ୍ଷା ଓ ନୀତିମୂଲ୍ୟର ସମନ୍ୱୟ ଉପରେ ଜୋର ଦେବା ସହ ପିତାମାତାଙ୍କ ଶିକ୍ଷା, ସଂସ୍କାର ଉପରେ ଆଲୋକପାତ କରିଥିଲେ । ସ୍ୱତନ୍ତ୍ର ଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ଶିକ୍ଷାଶ୍ରମର ଅଧ୍ୟକ୍ଷା ଶ୍ରୀମତୀ ବୀଣାପାଣି ଦାଶ ଯୋଗଦେଇ ଛାତ୍ରଛାତ୍ରୀଙ୍କ ନିଜସ୍ୱ ପ୍ରତିଭାକୁ ଉନ୍ନତ କରିବା ପାଇଁ ପ୍ରେରଣାଦାୟକ ଭାଷଣ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମନୋଜ କୁମାର ମହାନ୍ତ ଓ ମୋ ଛୋଟ ସ୍କୁଲର ପ୍ରତିଷ୍ଠାତା ଅକ୍ଷୟ କୁମାର ଦାଶ ଯୋଗଦେଇ ବିଦ୍ୟାଳୟର ଉନ୍ନତି ଓ ଭବିଷ୍ୟତ ଯୋଜନା ବିଷୟରେ ମତ ପ୍ରକାଶ କରିଥିଲେ । ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ, ସଙ୍ଗୀତ ଓ ନାଟକ ପ୍ରଦର୍ଶନ କରିଥିଲେ । ଯାହା ଉପସ୍ଥିତ ଦର୍ଶକଙ୍କୁ ଆକର୍ଷିତ କରିଥିଲା । ସ୍କୁଲର ଅଧ୍ୟକ୍ଷା ଶ୍ରୀମତୀ ରଶ୍ମିତା ମହାନ୍ତ, କୁମାରୀ ଅମିତା ବେହେରା, ଶ୍ରୀମତୀ ଶୁଭଶ୍ରୀ ମହାନ୍ତ, ଶ୍ରୀମତୀ ଦୀପାଳି ମହାନ୍ତ ଉତ୍ସବକୁ ପରିଚାଳନା କରିଥିବାବେଳେ ଅଭିଭାବକ ଓ ସ୍ଥାନୀୟ ଲୋକ ଉତ୍ସବକୁ ଉପଭୋଗ କରିଥିଲେ ।

## ଯୁଗୁପୁରା ପ୍ରିମିୟର ଲିଗ୍ ଉଦ୍‌ଯାପିତ

# ଏକେ-୪୭କୁ ହରାଇ ସାରଙ୍ଗ ଫାଇଟର ଚାମ୍ପିଅନ୍



ବୈଶିଙ୍ଗା, ୧।୪ (ସମିସ): ସନ୍ତରା ପଞ୍ଚାୟତ ଅଧୀନ ଯୁଗୁପୁରାଠାରେ ମା' ଭଗବତୀ ଷ୍ଟାର କମିଟି ଆନୁକୂଲ୍ୟରେ ଆୟୋଜିତ ଯୁଗୁପୁରା ପ୍ରିମିୟର ଲିଗ ଉଦ୍‌ଯାପିତ ହୋଇଯାଇଛି । ଆୟୋଜକ ମା'ଭଗବତୀ ଷ୍ଟାର କମିଟି ସଭାପତି ନିର୍ମାଲ୍ୟ ମହାରଣାଙ୍କ ସଂଯୋଜନା ଓ ପରିଚାଳନାରେ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଆଖପାଖ ଅଞ୍ଚଳର ଶ୍ରୀରାମସେ ଲ ବିବିଏସ-୧୧, ସେନା, ଏକେ-୪୭ ଓ ସାରାଙ୍ଗ ଫାଇଟର ଭଳି ୪ଟି ଟିମ ଅଂଶଗ୍ରହଣ କରିଥିଲେ । ସନ୍ତରା ପଞ୍ଚାୟତର ସରପଞ୍ଚ ଲକ୍ଷ୍ମୀପ୍ରିୟା ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ୨୪ ତାରିଖରେ ଉକ୍ତ ଟୁର୍ଣ୍ଣାମେଣ୍ଟକୁ ଉଦଘାଟନ କରିଥିଲେ । ଫାଇନାନାଲ ମ୍ୟାଚ୍ ସାରଙ୍ଗ ଫାଇଟର ଓ ଏକେ-୪୭ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ ସାରଙ୍ଗ ଫାଇଟର ୩ ୱିକେଟ୍‌ରେ ବିଜୟୀ ହୋଇ ଚାମ୍ପିଅନ୍ ହେବାର ଗୌରବ ଅର୍ଜନ କରିଛି ।

ଫଇନାଲ ମ୍ୟାଚ୍‌ରେ ଏକେ-୪୭ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ ବିନିମୟରେ ୮୭ ରନ ସଂଗ୍ରହ କରିଥିଲା । ୮୮ ରନ୍ ବିଜୟ ଲକ୍ଷ୍ୟ ନେଇ ମଇଦାନକୁ ଓହ୍ଲାଇଥିବା ସାରଙ୍ଗ ଫାଇଟର ୯.୨ ଓଭରରେ ୭ ୱିକେଟ ବିନିମୟରେ ଆବଶ୍ୟକ ରନ୍ ସଂଗ୍ରହ କରି ଚାମ୍ପିଅନ ହୋଇଥିଲା । ଚାମ୍ପିଅନ ଟିମର ରାଜା ସିଂ ଚମତ୍କାର ପ୍ରଦର୍ଶନ କରି ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ ହୋଇଥିଲେ । ଏ ଅବସରରେ ଆୟୋଜିତ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୁବ ସଂଗଠକ ବିକାଶ ଦାସ ଯୋଗଦେଇ ଚାମ୍ପିଅନ୍ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ । ଚାମ୍ପିଅନ ଟିମ ସାରଙ୍ଗ ଫାଇଟରକୁ ନଗଦ ସାଢେ ୬ ହଜାର ଟଙ୍କା ଓ ଟ୍ରଫି, ରନର୍ସଅପ ଏକେ-୪୭ ଟିମକୁ ସାଢ଼େ ୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା । ୬ ଦିନ ଧରି ଚାଲିଥିବା ଟୁର୍ଣ୍ଣାମେଣ୍ଟକୁ ଆୟୋଜକ ମା' ଭଗବତୀ ଷ୍ଟାର କମିଟି ସଭାପତିଙ୍କ ସମେତ ଉପସଭାପତି ନିଶିକାନ୍ତ ମହାରଣା, ସମ୍ପାଦକ ସନ୍ତୋଷ ମହାରଣା ଓ କମିଟି କାର୍ଯ୍ୟକର୍ତ୍ତା ଓ ସଦସ୍ୟ ପରିଚାଳନା କରିଥିଲେ ।

# ନବନିର୍ବାଚିତ ଓକିଲ ସଙ୍ଘ ସଭାପତିଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୧।୪(ସମିସ): ବାରିପଦା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ନବନିର୍ବାଚିତ ବାରିପଦା ବାର ଆସୋସିଏସନର ନବନିର୍ବାଚିତ ସଭାପତି ଓ ସଦସ୍ୟଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି । ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ ସଭାପତି ପୂର୍ଣ୍ଣଚନ୍ଦ୍ର ବିଶ୍ୱାଳଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସ ସଭାପତି ସହିତ ଅନ୍ୟ କଂଗ୍ରେସ ନେତାମାନେ ସମ୍ବର୍ଦ୍ଧିତ କରିବା ସହିତ ମିଠା ଖୁଆଇ ଅଭିନନ୍ଦନ ଜଣାଇଥିଲେ । ସଭାପତି ଭାବେ ଜ୍ୟୋତି ପ୍ରକାଶ ରଥ, ଯୁଗ୍ମ ସମ୍ପାଦକ ସ୍ୱରପ କୁମାର ମିଶ୍ର ଓ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସୁଶ୍ରୀ ସୁସ୍ମିତା ଘୋସାଲଙ୍କୁ କଂଗ୍ରେସ କର୍ମୀ ଅଭିନନ୍ଦନ ଜଣାଇଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଏସଟି ସେଲ ରାଜ୍ୟ ଉପସଭାପତି ଚୈତନ୍ୟ ହାଁସଦା, ମୀନକେତନ ବେହେରା ଅଶୋକ ଗିରି, ଅଂଶୁମାନ ଦାଶ, ସମର ରଞ୍ଜନ ଦାଶ, ଚନ୍ଦନ କିସ୍କୁ, ରଣା ସତ୍ୟକାମ ସେନାପତି, ଅସିତ ବେହେରା, ରକିମ ଭାଇ, ନଳିନୀ ପଟ୍ଟନାୟକ, ଉତ୍ତମ ବେହେରା, ମହିଳା ନେତ୍ରୀ ମାଧବୀ ସେନାପତି, ଭୁବନେଶ୍ୱରୀ ଜେନା ସହିତ ଶତାଧିକ କଂଗ୍ରେସ ନେତା ଓ ନେତ୍ରୀ ଉପସ୍ଥିତ ଥିଲେ ।



## ପଦ୍ମଶ୍ରୀ ଚରଣ ହେମ୍ବ୍ରମଙ୍କ ଜୀବନୀ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର

# ସାନ୍ତାଳୀ ସାହିତ୍ୟ ପ୍ରତି ଅସାଧାରଣ ଅବଦାନ ପାଇଁ ମିଳିବ ପଦ୍ମଶ୍ରୀ

ରାଇରଙ୍ଗପୁର, ୧।୪(ସମିସ): ସାନ୍ତାଳୀ ଭାଷା ଓ ସାହିତ୍ୟ ପ୍ରତି ଜୀବନ ବ୍ୟାପି ଅବଦାନ ପାଇଁ ସାନ୍ତାଳୀ ଲେଖକ ଚରଣ ହେମ୍ବ୍ରମଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିବାକୁ ଯାଉଛି । ଏହା ପୂର୍ବରୁ ତାଙ୍କ ଜୀବନୀକୁ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଉଛି । ଦିଲ୍ଲୀରୁ ଆସିଥିବା ଏକ ସ୍ୱତନ୍ତ୍ର ଟିମ ରାଇରଙ୍ଗପୁର ଓ ଅନ୍ୟାନ୍ୟ ସ୍ଥାନରେ ୩ଦିନ ଧରି କ୍ଷୁଦ୍ର ଚଳଚ୍ଚିତ୍ର ସୁଟିଙ୍ଗ କରି ବୁଧବାର ପ୍ରତ୍ୟାବର୍ତ୍ତନ କରିଛନ୍ତି । ପଦ୍ମଶ୍ରୀ ହେମ୍ବ୍ରମ୍ ଜଣେ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଅଟନ୍ତି । ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଅଞ୍ଚଳର ପୁରୁଣାଘାଟିସ୍ଥିତ ନୂଆ ଗାଁ ଗ୍ରାମରେ ୯/୦୨/୧୯୫୨ ମସିହାରେ ସାନ୍ତାଳୀ ସମ୍ପ୍ରଦାୟରେ ସେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ପ୍ରତି ପିଲା ବେଳୁ ତାଙ୍କର ଅନେକ ଇଚ୍ଛା ଶକ୍ତି ରହିଥିଲା । ୧୯୭୧ ମସିହାରେ ମେଟ୍ରିକ ପାସ କରିବା ପରେ ଶିକ୍ଷକତା ନେଇ ତାଲିମ ଗ୍ରହଣ କରିଥିଲେ । ଏହାପରେ ସାନ୍ତାଳୀ ଭାଷାର ପ୍ରଚାର ପ୍ରସାର ନିମନ୍ତେ ତାଙ୍କର କାର୍ଯ୍ୟ ଆରମ୍ଭ କରିଥିଲେ । ବିଭିନ୍ନ ସ୍ଥାନରେ ତାଲିମ ଗ୍ରହଣ କରିବା ପରେ ଆସେକା ସାଂସ୍କୃତିକ ସହ ଜଡ଼ିତ ହୋଇଥିଲେ । ଆଦିବାସୀ ଭାଷା, ସଂସ୍କୃତି ଆଦି ବିକାଶ ନିମନ୍ତେ ନିରବଚ୍ଛିନ୍ନ ପ୍ରୟାସ ଜାରି ରଖିଥିଲେ । ବିଭିନ୍ନ ବିଦ୍ୟାଳୟ, ସଙ୍ଗଠନ ଆଦି ସ୍ଥାନରେ ଅଳଚିକି ଲିପି ବିକାଶ ନିମନ୍ତେ ଶିକ୍ଷା ଦାନ କରୁଥିଲେ । ଏହାକୁ ସୁଦୂର ପ୍ରସାରୀ କରିବା ପାଇଁ ନିୟମିତ ଲେଖନୀ ଚାଳନା ଜାରି ରଖିଛନ୍ତି । ଅଳଚିକି ଲିପିର ବିକାଶ ନିମନ୍ତେ ଅନେକ ପୁସ୍ତକ, ଜର୍ଣ୍ଣାଲ ଆଦି ଲେଖି ଥିବା ବେଳେ ତାହା ପ୍ରକାଶିତ ହୋଇ ବେଶ ପ୍ରଶଂସା ସାଉଁଟିଛି । ଏହାସହିତ ସଙ୍ଗୀତ ପ୍ରତି ମଧ୍ୟ ତାଙ୍କର ରୁଚି ରହିଛି । ଏକଧାରାରେ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ, ଶ୍ରେଷ୍ଠ ଆଦିବାସୀ ଡ୍ରାମା ନିର୍ଦ୍ଦେଶକ, ଶ୍ରେଷ୍ଠ ଆଦିବାସୀ ନୃତ୍ୟ ନିର୍ଦ୍ଦେଶକ ଆଦି ଅନେକ କ୍ଷେତ୍ରରେ ସମ୍ବର୍ଦ୍ଧିତ ହୋଇଛନ୍ତି । ତାଙ୍କର ଅସାଧାରଣ ଅବଦାନକୁ ନେଇ ସେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହେବାକୁ ଯାଉଛନ୍ତି । ଯାହାକି ତାଙ୍କ ସଂଘର୍ଷ, କଷ୍ଟ ଏବଂ ଦୁଃଖଦ ପରିସ୍ଥିତି ସତ୍ତ୍ୱେ ଉଲ୍ଲେଖନୀୟ ଯାତ୍ରାକୁ କ୍ଷୁଦ୍ର ଚଳଚ୍ଚିତ୍ର ଜରିଆରେ ଲୋକ ଲୋଚନକୁ ଆଣିବାକୁ ପ୍ରୟାସ କରାଯାଉଛି । ପଦ୍ମଶ୍ରୀ ପାଇଁ ତାଙ୍କ ନାମ ରାଷ୍ଟ୍ରପତି ଭବନରୁ ଘୋଷଣା ହୋଇଥିବା ବେଳେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସନ୍ତା ମାସରେ ପଦ୍ମଶ୍ରୀ ପ୍ରଦାନ କରିବାର ସମ୍ଭାବନା ରହିଛି । ତାଙ୍କ ଜୀବନୀ ନେଇ କ୍ଷୁଦ୍ର ଚଳଚ୍ଚିତ୍ର ବାବଦରେ ଜାଣିବା ପରେ ସ୍ଥାନୀୟ ଅଞ୍ଚଳରେ ଖୁସିର ମାହୋଲ ଖେଳିଯାଇଛି । ସୁଟିଙ୍ଗ ଟିମ ପ୍ରତିଟି ସ୍ଥଳ, ଘର, ସାରସ୍ୱତ ସାଧନ ସ୍ଥଳ ଆଦିରୁ ଭିଡିଓ ଓ ଲୋକଙ୍କ ମତାମତ ସଂଗ୍ରହ କରିଥିଲେ । ତାଙ୍କ ସଂଘର୍ଷମୟ ଜୀବନ କାହାଣୀ ବାବଦରେ ଉକ୍ତ କ୍ଷୁଦ୍ର ଚଳଚ୍ଚିତ୍ରରେ ସ୍ଥାନିତ କରାଯାଇଛି । ଏକ ଛୋଟ ଆଦିବାସୀ ଗାଁରୁ ପଦ୍ମଶ୍ରୀ ପାଇବା ପର୍ଯ୍ୟନ୍ତ ପ୍ରେରଣାଦାୟକ ଯାତ୍ରା ବାବଦରେ ଚିତ୍ରଣ କରିବ । ଯାହାକି ଅନ୍ୟମାନଙ୍କ ନିମନ୍ତେ ଉଦାହରଣ ସାଜିବ ।



ସକାଳ
THE SAKALA



# ଜିଲ୍ଲା ବିଦ୍ୟାଳୟ ଲାଇବ୍ରେରି ବହିକିଣାରେ ଦୁର୍ନୀତି!

ବାଲେଶ୍ୱର,୧।୪ (ସମିସ)




ବାଲେଶ୍ୱର ଜିଲ୍ଲାର ବିଦ୍ୟାଳୟ ଲାଇବ୍ରେରିଗୁଡ଼ିକର ବହିକିଣାରେ ବ୍ୟାପକ ଦୁର୍ନୀତି ତଥା ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଜିଲ୍ଲାର ପ୍ରାଥମିକ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ପାଠାଗାର ଉପଯୋଗୀ ପୁସ୍ତକ କ୍ରୟ କ୍ଷେତ୍ରରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ବାଲେଶ୍ୱରର ବିଦ୍ୟାଭାରତୀ ପ୍ରକାଶନୀ ସଂସ୍ଥା ପକ୍ଷରୁ ଷ୍ଟେସନ୍ ଛକ୍‌ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂସ୍ଥାର ମୁଖ୍ୟ ଅଭୟ ଦାସ ଅଭିଯୋଗ କରିଛନ୍ତି। ବହି କିଣିବା ପାଇଁ ପ୍ରକାଶିତ ଚୂଡ଼ାନ୍ତ ତାଲିକାରେ ଏପାଖସେପାଖ କରି ନିର୍ଦ୍ଦିଷ୍ଟ ସଂସ୍ଥାର ବହି କିଣିବାକୁ ସ୍କୁଲ ଗୁଡ଼ିକୁ ଅଘୋଷିତ ନିର୍ଦ୍ଦେଶ ଦିଆଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ସମେତ ବାଲେଶ୍ୱରର ସମସ୍ତ ବିଧାୟକ, ଜିଲ୍ଲାପାଳ, ଭିଜିଲାନ୍ସ ଏସପିଙ୍କୁ ମଧ୍ୟ ଅଭିଯୋଗପତ୍ର ପଠାଉଛନ୍ତି। ଅଭିଯୋଗ ଅନୁସାରେ, ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ(ଓସେପା) ପକ୍ଷରୁ ୨୦୨୫ ସେପ୍ଟେମ୍ବର ୮ ତାରିଖରେ ରାଜ୍ୟର ପ୍ରାଥମିକ ଠାରୁ ଆରମ୍ଭ କରି ଉଚ୍ଚବିଦ୍ୟାଳୟ ସ୍ତରୀୟ ପାଠାଗାର ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ କମ୍ପୋଜିଟ୍ ଗ୍ରାଣ୍ଟରୁ ଶତକଡା ୧୦ ଭାଗ ଅର୍ଥରେ ବହି କିଣିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ସମଗ୍ର ଶିକ୍ଷାର ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଚିଠି କରାଯାଇଥିଲା। ଏହି କ୍ରମରେ ବାଲେଶ୍ୱର ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ସମଗ୍ର ଶିକ୍ଷା ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ପୁସ୍ତକ ମନୋନୟନ ପ୍ରକ୍ରିୟାରେ ଏନବିଟି (ନେସନାଲ ବୁକ୍ ଟ୍ରଷ୍ଟ) ଏବଂ ଓଡ଼ିଶାର ବହୁ ପ୍ରକାଶକଙ୍କ ଅନେକ ବହି ଯୋଗାଇବାକୁ ବାଲେଶ୍ୱର ପ୍ରକାଶକ ସଂସ୍ଥା "ବିଦ୍ୟାଭାରତୀ' ପକ୍ଷରୁ ତାଲିକା ଦାଖଲ କରିଥିଲା। ସମସ୍ତ ଆବେଦନକାରୀଙ୍କ ମନୋନୟନ ପ୍ରକ୍ରିୟା ଶେଷ ହେବା ପରେ ୨୦୨୫ ନଭେମ୍ବର ୮ ତାରିଖରେ ୧୮ ପୃଷ୍ଠାର ଏକ ମନୋନୀତ ପୁସ୍ତକ ତାଲିକା ପ୍ରକାଶ ପାଇଥିଲା। ଏହି ଚୂଡ଼ାନ୍ତ ମନୋନୀତ ପୁସ୍ତକ ତାଲିକାରେ "ବିଦ୍ୟାଭାରତୀ' ଦ୍ୱାରା ଦାଖଲ କରାଯାଇଥିବା ପୁସ୍ତକର ତାଲିକା ୧୧ ପୃଷ୍ଠାରେ ସ୍ଥାନ ପାଇଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଚକ୍ରାନ୍ତ ପୂର୍ବକ ପୁସ୍ତକ ତାଲିକାର କ୍ରମ ଅଲଗା ଅଲଗା କରାଯାଇ ଆଉ ଏକ ସ୍ୱତନ୍ତ୍ର ତାଲିକାର ନକଲ ସମସ୍ତ ସ୍କୁଲକୁ ପଠାଯାଇଥିବାର ଅଭିଯୋଗ ଆସିଛି। ସମୁଦାୟ ୧୮ ପୃଷ୍ଠା ତାଲିକା ମଧ୍ୟରୁ ମାତ୍ର ୭ ପୃଷ୍ଠାର ତାଲିକା ସମ୍ବଳିତ ପୁସ୍ତକ କିଣିବାକୁ ବ୍ଲକ ଶିକ୍ଷା ଅଧିକାରୀମାନେ ସ୍କୁଲ ଗୁଡ଼ିକୁ ବାଧ୍ୟ କରୁଥିବା, ଅନ୍ୟ ବହି କିଣିଲେ ବିଲ୍ ପାସ୍ କରାନଯିବାର ଧମକ ଦେଇଥିବା ଶ୍ରୀ ଦାସ କହିଛନ୍ତି। ଫଳରେ ବିଦ୍ୟାଭାରତୀ ଦେଇଥିବା ତାଲିକାରୁ ଗୋଟିଏ ବି ବହି କିଣାଯାଇନାହିଁ। ନିର୍ଦ୍ଦିଷ୍ଟ ସଂସ୍ଥା ଠାରୁ ମୋଟା ଅଙ୍କର ଅର୍ଥ ନେଇ ଏଭଳି କରାଯାଇଥିବା ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଏଥିରେ ସଂପୃକ୍ତ ନେଇ ଅଭିଯୋଗ ହୋଇଛି। ଏହି ଅନିୟମିତତା ଓ ଦୁର୍ନୀତି ସମ୍ପର୍କରେ ଅଧିକ ତଦନ୍ତ କରାଗଲେ ବର୍ଷ ବର୍ଷ ଧରି ବାଲେଶ୍ୱର ଜିଲ୍ଲା ସମେତ ଅନ୍ୟାନ୍ୟ ଜିଲ୍ଲାରେ ମଧ୍ୟ ଏହା କେତେ ଜଣ ପ୍ରକାଶକଙ୍କ ନିର୍ଦ୍ଦିଷ୍ଟ କେତୋଟି ବହି ସ୍କୁଲ ମାନଙ୍କୁ ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ସହଯୋଗରେ ଯୋଗାଇ ଦିଆଯାଉଥିବା କୋଟି କୋଟି ଟଙ୍କାର ଅର୍ଥ ହଡପ କରାଯାଉଥିବା ଆଶଙ୍କା କରିଛନ୍ତି ଶ୍ରୀ ଦାସ। ଏହି ଅନିୟମିତତା ବାବଦରେ ଜିଲ୍ଲା ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ସେ କର୍ଣ୍ଣପାତ କରିନଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟାନ୍ୟମାନଙ୍କ ମଧ୍ୟରେ ଧାରଞ୍ଜନ ପଟ୍ଟନାୟକ, ପ୍ରତିମା ପଣ୍ଡା, ଦେବାଶିଷ ପଣ୍ଡା, ବିଦ୍ୟାଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଭୋଗରାଇ,୧।୪ (ସମିସ) : ଭୋଗରାଇ ବ୍ଲକ ସୋହରିଆ ବିଜୟ କୁମାର ଏକାଡେମୀର ପ୍ରଧାନ ଶିକ୍ଷକ ସୁଭାଷ ଚନ୍ଦ୍ର ଦତ୍ତଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ଉତ୍ସବ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ପୌରହିତ୍ୟ କରିଥିଲେ ପୂର୍ବତନ ଡିଆଇ ତଥା ଶିକ୍ଷାବିତ ଈଶ୍ୱରଚନ୍ଦ୍ର ଗିରି। ମୁଖ୍ୟ ଅତିଥିଭାବେ ଓଡିଶା ବନ ନିଗମର ଅଧକ୍ଷ ତଥା କେବିକେ ଜିଲାର ଅତିରିକ୍ତ ପ୍ରଶାସକ ବିଷ୍ଣୁ ପଦ ସେଠୀ, ମୁଖ୍ୟବକ୍ତା ଓଷ୍ଟା ରାଜ୍ୟ ସମ୍ପାଦକ ଅକ୍ଷୟ କୁମାର ମିଶ୍ର, ସମ୍ମାନିତ ଅତିଥି ଶିକ୍ଷାବିତ ସନ୍ତୋଷ କୁମାର ପାତ୍ର, ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିହାର ରଞ୍ଜନ ଦାସ, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଜ୍ୟୋତ୍ସ୍ନା ରାଣୀ ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ଦିଲ୍ଲୀପ ପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଶ୍ରୀକୃଷ୍ଣ ଦାସ, ସରପଞ୍ଚ ଜଗନ୍ନାଥ ସେଠୀ, ଓଷ୍ଟାର ଭୋଗରାଇ ସଭାପତି ମହେଶ୍ୱର ଗିରି ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ସୋର, ୧।୪ (ସମିସ): ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୋଲିଆ ଗ୍ରାମରେ ପୋଖରୀରେ ବୁଡି ଜଣେ ଶିଶୁକନ୍ୟାର ମୃତ୍ୟୁ ହୋଇଯାଇଛି। ଏହି ଗ୍ରାମରେ ଆଜି ଅପରାହ୍ଣରେ ଏକ ବିବାହ ଭୋଜି ଚାଲିଥିଲା। ସେଠାକୁ ବିନି ସିଂଙ୍କ ଏକମାତ୍ର ଶିଶୁ କନ୍ୟା କୁଶୁମାରୀ ସିଂ(୩) ଯାଇଥିବା ବେଳେ ସାଙ୍ଗମାନଙ୍କ ସହ ଖେଳୁଥିବା ବେଳେ ଅସାବଧାନତା ବଶତ ନିକଟରେ ଥିବା ପୋଖରୀରେ ପଡିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ପୋଖରୀରୁ କୁଶୁମାରୀକୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ସୋର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ରଖିବା ସହିତ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ଚୋରା ବାଲି ଟ୍ରାକ୍ଟରକୁ ଧରି ପୁଲିସ ଜିମା

କାଳିପଦା, ୧।୪ (ସମିସ): ଏକ ଚୋରା ବାଲି ଟ୍ରାକ୍ଟର ଦ୍ରୁତ ଗତିରେ ଯାଉ ଥିବା ସମୟରେ ବାଲିଆପାଳ ସରପଞ୍ଚଙ୍କ ପ୍ରତିନିଧି ସମାଜ ସେବୀ ହେମନ୍ତ ଦାସ ଟ୍ରାକ୍ଟରଟିକୁ ଅଟକାଇ ବାଲିଆପାଳ ପୁଲିସକୁ ହସ୍ତାନ୍ତର କରିଛନ୍ତି। ଏହା ପୂର୍ବରୁ ବାଲିଆପାଳ ବ୍ଲକରେ ଜିଲ୍ଲା ପାଳଙ୍କ ଜନ ଶୁଣାଣିରେ ଚୋରା ବାଲି ଚାଲାଣ ରୋକିବା ପାଇଁ ଚୋରା ବାଲି ଚାଲାଣକାରୀଙ୍କ ବିରୁଦ୍ଧରେ ଦରଖାସ୍ତ କରିଥିଲେ ସ୍ଥାନୀୟ ଲୋକ। ପ୍ରସ୍ତାବରେ ପ୍ରଶାସନିକ ସ୍ତରରେ କ୍ୟାମ୍ପ କରି ସୁବର୍ଣ୍ଣରେଖା ନଦୀ ବାଲିର ସୁରକ୍ଷା କରିବା ନହେଲେ ଆଗାମୀ ବନ୍ୟାରେ କିଛି ଗ୍ରାମ ନଦୀରେ ଲୀନ ହୋଇ ଯିବ। କିଛି ଗ୍ରାମର ସୁରକ୍ଷା ସହିତ ଦୁର୍ନୀତି ମୁକ୍ତ ସହିତ ରାଜସ୍ୱ ସୁରକ୍ଷା ଓ ବୃଦ୍ଧି ହେବ।ଏହା ଏକ ଯୁଗାନ୍ତକାରୀ ପ୍ରୟାସ। ଅନ୍ୟପକ୍ଷରେ ବିନା ପରମିଟରେ ଯେଉଁ ବାଲି ଟ୍ରାକ୍ଟର ଡ୍ରାଇଭର ମାନେ ଦ୍ରୁତ ଗତିରେ ଯିବା ସମୟରେ ଦୁର୍ଘଟଣା ହେଉଥିବାରୁ ଧନ ଜୀବନର କ୍ଷତି ହେଉ ଅଛି। ଶ୍ରୀ ଦାସ ପ୍ରଥମରୁ ବିରୋଧ କରି ଆସୁଥିଲେ। ପ୍ରଶାସନ ଓ ବାଲି ମାଫିଆଙ୍କ ମଧ୍ଯ ଚନ୍ଦ୍ରିକା ହେମନ୍ତ ଦାସଙ୍କୁ ଜଣାଥିବାରୁ ଏହା ଏକ ନୂତନ ପ୍ରୟାସ। ସେ ବେକାର ଯୁବକ ଓ ସ୍ୱେଚ୍ଛାସେବୀ ଗୋଷ୍ଠୀଙ୍କୁ ନେଇ କେମ୍ପ କରି ଚୋରା ବାଲି ଟ୍ରାକ୍ଟର ଧାରୀଙ୍କ ପାଇଁ ଏକ ସମସ୍ୟାର ମାଇଲ ଖୁଣ୍ଟ ସଦୃଶ ହୋଇଛନ୍ତି।

## ୯୧ତମ ପୁଲିସ ପ୍ରତିଷ୍ଠା ଦିବସ

ବାଲେଶ୍ୱର,୧।୪(ସମିସ): ଜିଲ୍ଲା ପୁଲିସ ବିଭାଗ ପକ୍ଷରୁ ୯୧ତମ ପୁଲିସ ପ୍ରତିଷ୍ଠା ଦିବସ ସ୍ଥାନୀୟ ରିଜର୍ଭ ପୁଲିସ ପଡ଼ିଆରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ



ସକାଳେ ଆୟୋଜିତ ଉତ୍ସବକୁ ପୂର୍ବାଂଚଳ ଜୋନ ପୁଲିସ ଡିଆଇଜି ପିନାକ ମିଶ୍ର ଉଦଘାଟନ କରିବା ସହ ଆଭ୍ୟନ୍ତରୀଣ ଶୃଙ୍ଖଳା ରକ୍ଷାରେ ପୁଲିସର ଦାୟିତ୍ୱବୋଧତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହିତ ରିଜର୍ଭ ପୁଲିସ ପକ୍ଷରୁ ଆୟୋଜିତ ସାମୂହିକ ପରେଡର ଅଭିବାଦନ ଗ୍ରହଣ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିୱାକର ପୌରୋହିତ୍ୟ କରିବା ସହିତ ପୁଲିସ ପ୍ରତିଷ୍ଠା ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ସୂଚନା ଦେଇଥିଲେ। ଆଇପିଏସ ପ୍ରବେସନର ମନୀଷା ସୌଗୁନ ଓ ମଞ୍ଜୁଷା ଜର୍ଜ କାର୍ଯ୍ୟକ୍ରମରେ ମଞ୍ଚାସୀନ ଥିଲେ। ଆଡିସନାଲ ଏସପି ଦେବଜ୍ୟୋତି ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କାର୍ଯ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବସ୍ତା ଥାନା ଅଧିନ ଅମର୍ଦା ରୋଡ ପୁଲିସ ଫାଣ୍ଡି ଆରକ୍ଷୀ ଉପନିରୀକ୍ଷକ ବିଜୟ ବାରିକ, ସଦର ମହକୁମା ସହକାରୀ ଆରକ୍ଷୀ ଉପ ନିରୀକ୍ଷକ ସଂଗ୍ରାମ କେଶରୀ ବେହେରା, ସଦର ମହକୁମା ଡ୍ରାଇଭର ହାବିଲଦାର ଶିରିଶ ଜେନା, ଚାନ୍ଦିପୁର ଥାନାର ଆରକ୍ଷୀ ମୀନାରାଣୀ ପ୍ରଧାନ, ସଦର ମହକୁମା ଆରକ୍ଷୀ ଯଶୋଦା ଜେନା, ଟ୍ରାଫିକ ଥାନା ଆରକ୍ଷୀ ମନୋଜ ନାୟକଙ୍କୁ ସମ୍ମାନିତ କରାଯାଇଥିଲା। ଆଡିସନାଲ ଏସପି ନିରଞ୍ଜନ ବେହେରା, ଆଲୋକ ରଞ୍ଜନ ରାୟ, ପ୍ରମୋଦ ମଲ୍ଲିକ, ଯୋଗେଶ୍ୱର ଓରାମ ଓ ଗାୟତ୍ରୀ ପ୍ରଧାନ, ଡିଏସପି ନିବେଦିତା ସୋରେନ, ନିର୍ମଳା ଗୋଚ୍ଛାୟତ, ପ୍ରେମପ୍ରଜ୍ଞା ମହାନ୍ତି ଓ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକ ପ୍ରମୁଖଙ୍କ ସମେତ ବିଭିନ୍ନ ଥାନାର ଅଧିକାରୀ ଓ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

କମର୍ଦ୍ଦା,୧।୪ (ସମିସ) : ଖରିଦପିପଳ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖରିଦପିପଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଆଦ୍ୟାମଣୀ ଜେନାଙ୍କ ଅବସର କାଳୀନ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ସମାଜସେବୀ ମୁରଲୀମୋହନ ପଟ୍ଟନାୟକ ଯୋଗଦେବା ସହ ବାରବାଟିଆ ବିଦ୍ୟାଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମାର୍କଣ୍ଡ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ରୋଟାରିଆନ ଡ଼ଃ ଶିବନାରାୟଣ ପାତ୍ର ମଞ୍ଚ ଆହ୍ୱାନ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଆଞ୍ଚଳିକ ସାଧନକେନ୍ଦ୍ରର



ସଂଯୋଜକ ପବନକୁମାର ବେହେରା , ବିଶିଷ୍ଟ ଅତିଥି ଭାବେ ଦହମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ପ୍ରଦୀପ ଟୁଡୁ, ସମ୍ମାନିତ ଅତିଥି ଭାବେ ନାଚିନ୍ଦା ଆଞ୍ଚଳିକ ସାଧନ କେନ୍ଦ୍ରର ସଂଯୋଜକ ହୃଦୟ ରଞ୍ଜନ ଗଙ୍ଗେଇ, ପ୍ରାକ୍ତନ ଜିଲ୍ଲାପରିଷଦ ସଦସ୍ୟ ହେମନ୍ତ ବେହାରା, ପ୍ରାକ୍ତନ ସରପଞ୍ଚ ଦିବ୍ୟେନ୍ଦୁ ବିକାଶ ପାତ୍ର, ଭାସ୍କର ଚନ୍ଦ୍ର ଦାସ, ଅବସରପ୍ରାପ୍ତ ଶିକ୍ଷକ ସୁବଳ ଜେନା, ଖରିଦପିପଳ ଗ୍ରାମ ସଭାପତି ଶ୍ୟାମସୁନ୍ଦର ସିଂ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ଜେନା, ସୂର୍ଯ୍ୟକାନ୍ତ ଜେନା, କାହ୍ନୁ ଚରଣ ଜେନା, ସଞ୍ଜିବ ସିଂ, ସଞ୍ଜିବ ଜେନା, ଚକ୍ରଧର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଫାଣ୍ଡି ଅଧିକାରୀଙ୍କୁ ଜିଲ୍ଲାର ଶ୍ରେଷ୍ଠ ଏସ୍‌ଆଇ ପୁରସ୍କାର



ରାଜଘାଟ, ୧।୪ (ସମିସ): ୯୧ତମ ଓଡିଶା ପୁଲିସ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲା ରିଜର୍ଭ ପଡ଼ିଆରେ ପୁଲିସ ବାହିନୀର ବରିଷ୍ଠ ଅଧିକାରୀଙ୍କୁ ନେଇ ପାଳିତ ହୋଇଯାଇଛି। ଏହି ଅବସରରେ ବସ୍ତା ଥାନା ଅଧୀନ ଅମର୍ଦ୍ଦାରୋଡ ଫାଣ୍ଡି ଅଧିକାରୀ ବିଜୟ କୁମାର ବାରିକଙ୍କୁ ତାଙ୍କର କର୍ତ୍ତବ୍ୟ ପରାୟଣ, ଜନସାଧାରଣଙ୍କ ପ୍ରତି ନିଷ୍ଠାପର ସେବା ମନୋଭାବ ଏବଂ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମାମଲା ପରିସମାପ୍ତି ଆଦି ପାଇଁ ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି।

## କବିତା ପୁସ୍ତକ 'ଜରି ଗୋଟାଇବା ଝିଅର' ଜନ୍ମୋତ୍ସବ



ବାଲେଶ୍ୱର,୧।୪(ସମିସ): କବି ପ୍ରଶାନ୍ତ ଦାସଙ୍କ କବିତା ପୁସ୍ତକ 'ଜରି ଗୋଟାଇବା ଝିଅ'ର୨୮ତମ ଜନ୍ମୋତ୍ସବ ଏକ କବିତାମୟ ପରିବେଶରେ 'ଶ୍ରୀ' ଶିକ୍ଷା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଜନ୍ମୋତ୍ସବକୁ 'ଜରି ଗୋଟାଇବା ଝିଅ'ର ସଂସ୍କୃତ ଅନୁବାଦ 'ଜରି ସଂଗ୍ରାହିକା ବାଲା'ର ଏକ କବିତା 'କାର୍ଯ୍ୟା ଇପସିତା'କୁ ପାଠକରି ଅନୁବାଦକ ଲକ୍ଷ୍ମୀକାନ୍ତ ପାଣିଗ୍ରାହୀ ଉଦଘାଟନ କରିବା ସହ ପୁସ୍ତକ ବିଷୟରେ ନିଜର ଭାବଗର୍ଭକ ବକ୍ତବ୍ୟ ରଖିଥିଲେ। ଅତିଥିଭାବେ ବୈଷ୍ଣି ସ୍ୱାଇଁ 'ଜରି ଗୋଟାଇବା ଝିଅ'ର ହିନ୍ଦୀ ଅନୁବାଦ ପୁସ୍ତକ 'ଜରି ଚୁନନେ ବାଲୀ ଲଡ଼କି'ର ଏକ କବିତା 'କବି ହୁଁ ମୈଁ' ଓ ଇଂରାଜୀ ଅନୁବାଦ 'ପୋଲିସ୍କାର୍ପ ପିକିଂ ଗାର୍ଲ' ପୁସ୍ତକରୁ ଏକ କବିତା 'ଦି ମେଡ ସର୍ଭେଟ'କୁ ରୁବିତା ନାୟକ ପାଠ କରିବା ସହ ନିଜ ନିଜର କଥା ରଖିଥିଲେ। ଅନ୍ୟତମ ବକ୍ତାଭାବେ ଗାୟତ୍ରୀ ଆଚାର୍ଯ୍ୟ ଯୋଗଦାନ କରି 'ଜରି ଗୋଟାଇବା ଝିଅ' ପୁସ୍ତକରୁ ଏକ କବିତା 'ଝିଅର ନାମ ଆଶା' ପାଠ କରିବା ସହ ନିଜ ବକ୍ତବ୍ୟରେ ଲେଖକର ବ୍ୟକ୍ତିଗତ ଜୀବନ ତା'ର ସର୍ଜନାକୁ ପ୍ରଭାବିତ କରିଥାଏ ଓ ଲେଖକଟି ନିଜ ଅନୁଭବର କଥା କବିତାରେ ଲେଖିଦେଇଥାଏ ବୋଲି କହିଥିଲେ। 'ଜରି ଗୋଟାଇବା ଝିଅ' ରୌପ୍ୟ ଜୟନ୍ତୀ ଉତ୍ସବ ପାଳନ କମିଟିର ସମ୍ପାଦକ ରାଜେଶ ଗିରିଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ପ୍ରଥମେ ଲେଖକ କବି ଶ୍ରୀ ଦାସ ନିଜ କବିତା ପଛରେ ଥିବା ବାସ୍ତବତାକୁ ଅବତାରଣା କରିଥିଲେ ଓ ବିପ୍ଳବ ଦାସ ମହାପାତ୍ର ସ୍ୱାଗତ କଥା ରଖିଥିଲେ। ରୌପ୍ୟଜୟନ୍ତୀ ବର୍ଷ ପାଳନ ଅବସରରେ ବିଭିନ୍ନ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ 'ସମାଜ, ସାହିତ୍ୟ ଶ୍ରଦ୍ଧା ଓ ସମ୍ବେଦନଶୀଳତା' ଶୀର୍ଷକ ଆଲୋଚନାଚକ୍ର ୧୫ଟି ଆୟୋଜିତ ହୋଇସାରିଥିବା ବେଳେ ଚଳିତବର୍ଷ ଆଉ୧୦ଟି ଆୟୋଜନ ହେବ ଓ ରୌପ୍ୟ ଜୟନ୍ତୀ ଉତ୍ସବର ସମାପନ ହେବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଉତ୍ସବରେ ଅଂଶଗ୍ରହଣ କରି ପ୍ରେୟସୀ ମହାପାତ୍ର, ନନ୍ଦିତା ନାୟକ, ପ୍ରତିମା ତ୍ରିପାଠୀ, ସରସ୍ୱତୀ ଭୋଇ, ସୁପ୍ରଭା ଦଳେଇ, ଅମରଜିତ ଦାସ, ସୁକୁମାର ଘୋଷ, ରଂଜନା ଘୋଷ, ଅନୁପ ଦାସ ପ୍ରମୁଖ ନିଜ ନିଜର କଥା ରଖିଥିଲେ। ସନ୍ତୋଷ ଦଳେଇ ଧନ୍ୟବାଦ ଦେଇଥିଲେ।

## ଜିଲ୍ଲା ବ୍ରାହ୍ମଣ ସମିତି ବୈଠକ

ବାଲେଶ୍ୱର,୧।୪(ସମିସ): ଦାମୋଦରପୁରସ୍ଥିତ ଜିଲ୍ଲା ବ୍ରାହ୍ମଣ ସମିତି କାର୍ଯ୍ୟାଳୟରେ ସମିତିର ପୂର୍ବତନ ସଭାପତି, ଉପଦେଷ୍ଟା ବେଦପ୍ରଭା ପଣ୍ଡିତ ସ୍ୱର୍ଗତ ମଧୁସୂଦନ ପଣ୍ଡାଶର୍ମାଙ୍କ ଉଦ୍ଦେଶ୍ୟରେ ଜିଲ୍ଲାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଓ ସମିତିର କାର୍ଯ୍ୟକାରୀ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଡାକ୍ତର ଶୀର୍ଷ କୁମାର ଦାଶ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନାରେ ଜିଲ୍ଲା ବ୍ରାହ୍ମଣ ସମିତିର ବର୍ତ୍ତମାନର ପରିଚାଳନା କମିଟିର କାର୍ଯ୍ୟକାଳ ପୂର୍ଣ୍ଣ ହୋଇଯାଇଥିବାରୁ ନୂତନ ପରିଚାଳନା କମିଟି ନିର୍ବାଚନ ପାଇଁ ସାଧାରଣ ସମ୍ପାଦକ ଗୌର ଚନ୍ଦ୍ର ଦାଶ ପ୍ରସ୍ତାବ ଆଗତ କରିଥିଲେ। ଏଥିପାଇଁ ସର୍ବସମ୍ମତି କ୍ରମେ ଏକ ମନୋନୟନ କମିଟି ଗଠନ ହୋଇଛି। ଉକ୍ତ କମିଟି ଆସନ୍ତା ଏପ୍ରିଲ ମାସ ମଧ୍ୟରେ ବିଭିନ୍ନ ବ୍ଲକ କମିଟି କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରି ସମିତିର ସୁପରିଚାଳନା ପାଇଁ ଏକ ପ୍ରସ୍ତାବ ଦେବାପରେ ଆସନ୍ତା ସାଧାରଣ ସଭାର ଅନୁମୋଦନ ପାଇଁ ଏହା ଆଗତ କରାଯିବ ବୋଲି ସଭାପତି ଶ୍ରୀ ଦାଶ କହିଥିଲେ। ରାଧାକୃଷ୍ଣ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ସମାରୋହ

ବାଲିଆପାଳ, ୧।୪ (ସମିସ): ଜାଠିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ସାହୁଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସମାରୋହ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବିଶ୍ୱନାଥ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ବ୍ଲକ ସହ ଗୋଷ୍ଠୀ ଶିକ୍ଷାଧିକାରୀ ନମିତାପ୍ରଭା ସାମଲ, ମୁଖ୍ୟ ବକ୍ତା ଭାବେ ଦେଉଳା ସରପଞ୍ଚ ସରୋଜ କୁମାର ପିଳା, ସମ୍ମାନିତ ଅତିଥି ଭାବେ ଜୟନାରାୟଣ ଦାସ, ଶିକ୍ଷକ ନିତାଇ ଚରଣ ରାଉଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବିଷ୍ଣୁପ୍ରିୟା ଜେନା, ବିଶିଷ୍ଟ ଶିକ୍ଷାବିତ ରବୀନ୍ଦ୍ର ସାମଲ, ଶ୍ରୀହରି ଧଳ, ବିଜୟ ଜେନା, ସିଆରସିସି ରବୀନ୍ଦ୍ର ବିଶ୍ୱାଳ ଯୋଗଦେଇ ଥିଲେ। ଶିକ୍ଷୟିତ୍ରୀ ଅନିବାଳା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୁର୍ଘଟଣାଗ୍ରସ୍ତ ଷଣ୍ଢର ଚିକିତ୍ସା କଲେ ସମାଜସେବୀ

ଜଳେଶ୍ୱର,୧।୪ (ସମିସ): ମଙ୍ଗଳବାର ରାତିରେ ହସ୍ପିଟାଲ ରୋଡ଼ ରେ ଷଣ୍ଢର ଗୋଡ଼ ଉପର ଦେଇ ଏକ ଅଜଣା ଗାଡି ଚାଲି



ଯାଇଥିଲା। ଷଣ୍ଢ ଟି ରାସ୍ତାରେ ପଡି ପଛପଟ ହେଉଥିବା ବେଳେ ସମାଜସେବୀ ରାଜେଶ ଖଟୁଆ, ନରିସାମା କ୍ଲବର ସଦସ୍ୟ ଏବଂ ସ୍ଥାନୀୟ ଭେଟରେନାରୀ କର୍ମଚାରୀ ସାର୍ଥକ ଘୋଷଙ୍କୁ ଡ଼ାକିଥିଲେ। ସମସ୍ତଙ୍କ ସହଯୋଗ ରେ ଦୀର୍ଘ ସମୟ ଧରି ଆହତ ଷଣ୍ଢର ଚିକିତ୍ସା ସହିତ ତାର ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। କ୍ଲବର ସତ୍ୟ ନାରାୟଣ ଦାଶ, ସାଗର ସେନାପତି, ଚନ୍ଦନ ସେନାପତି, ଆଲୋକ ଡଗର, ଖିତିସ ବ୍ରହ୍ମ, ଜ୍ୟୋତି ପ୍ରକାଶ ନାୟକ, ଆକାଶ ପାତ୍ର, ଗୋବିନ୍ଦ ପରିଡ଼ା, ଶୁଭମ୍ ମିଶ୍ର, ସ୍ୱାଧୀନ ଗିରି, ଜଗଦୀଶ ତ୍ରିପାଠୀ, ବିଶ୍ୱଜିତ୍ ନନ୍ଦି, ସାଗର ଦାସ, ଗଜେନ୍ଦ୍ର ଖମାରୀ, ସ୍ୱାଭିମାନ ସେନାପତି ପ୍ରମୁଖ ସେବା ଯୋଗାଇଥିଲେ।

## ଧର୍ମପ୍ରାଣା ଭାମାଙ୍କ ପରଲୋକ

ସୋର,୧।୪(ସମିସ): ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍ ଅଧୀନ ରଘୁନାଥପୁର ଅନ୍ତର୍ଗତ ବାଉଁଶପୋଖରୀ ଗ୍ରାମର ଧର୍ମପ୍ରାଣା ବୃଦ୍ଧା ଭାମା ମଲ୍ଲିକ(୯୦)ଙ୍କ ପରଲୋକ ଘଟିଛି। ସେ ଦୁଇମାସ ହେଲା ଲିଭର ଜଣ୍ଡିସ ରୋଗରେ ଆକ୍ରାନ୍ତହୋଇ ଶଯ୍ୟାଶାୟୀ ଥିଲେ। ମେଡିକାଲରୁ ଡାକ୍ତର ଫେରାଇ ଦେବାପରେ ନିଜ ବାସଭବନରେ ତାଙ୍କର ଚିକିତ୍ସା ଚାଲିଥିଲା। ମଙ୍ଗଳବାର ପୂର୍ବାହ୍ନରେ ତାଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ଜୁଗେନ୍ଦ୍ର, ସାନପୁଅ ଶ୍ରୀଧର, ବୋହୂ ଜୟନ୍ତୀ, ମଝିଆ ବୋହୂ ମମତା, ଝିଅ, ଜ୍ୱାଇଁ ଜଗବନ୍ଧୁ ମଲ୍ଲିକ ଓ ନାତି-ନାତୁଣୀ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ସାନପୁଅ ମୁଖାଗ୍ନି ଦେଇଥିଲେ।

## ସିଂଲା ପତଞ୍ଜଳୀ ଯୋଗକେନ୍ଦ୍ରର ତହସିଲ ସ୍ତରୀୟ କର୍ମକର୍ତ୍ତା ଚୟନ




ରାଜଘାଟ, ୧।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ସିଂଲା ସ୍ଥିତ ଆଚ୍ଛୁଆପଦାଠାରେ ପତଞ୍ଜଳୀ ଯୋଗ କେନ୍ଦ୍ରର ବ୍ଲକ ସ୍ତରୀୟ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିଂଲା ଯୋଗ କେନ୍ଦ୍ରର ମୁଖ୍ୟ ଯୋଗ ଶିକ୍ଷକ ବସନ୍ତ କୁମାର ଦାସ ସଭାପତିତ୍ୱ କରିଥିଲେ। ଭାରତ ସ୍ୱାଭିମାନ ପ୍ରଭାରୀ କରୁଣାକର ଶିଆଳ, ପତଞ୍ଜଳୀ ଜିଲ୍ଲା ମହିଳା ପ୍ରଭାରୀ ଯଶୋମତୀ ଶିୟଳ, ଜିଲ୍ଲା ପତଞ୍ଜଳୀ ଯୋଗସମିତି ପ୍ରଭାରୀ ମନୋଜ ଦେଙ୍କ ଉପସ୍ଥିତିରେ ଏକ ତହସିଲ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରତ୍ୟେକ ଯୋଗ କେନ୍ଦ୍ର ସିଂଲା, ଦରଡା, ବାଲିଆପାଟି, ଜାମୁଶୂଳୀ, ଗୁହାଳିପଦା, ନିଖିରା, ସିତାଡିହା ପ୍ରଭୃତି ଯୋଗ କେନ୍ଦ୍ରର ସମସ୍ତ ସଦସ୍ୟଙ୍କ ଉପସ୍ଥିତିରେ କର୍ମକର୍ତ୍ତା ଚୟନ ହୋଇଥିଲା। ଏଥିରେ କାହ୍ନୁଚରଣ ଗିରି, ଚିରଞ୍ଜୀବ ଦାସ, ତ୍ରିଭୂନ ପ୍ରଧାନ, ଶିତାଂଶୁ ଶେଖର ଜେନା, ଗୌତମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

## ସନ୍ତରାଗଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ପଞ୍ଚଲିଙ୍ଗେଶ୍ୱର, ୧।୪ (ସମିସ): ସନ୍ତରାଗଡିଆ ନୋଡାଲ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ହେମନ୍ତ କୁମାର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ରୂପେ ଦୁଇନମ୍ବର ଜୋନର ଜିଲ୍ଲାପରିଷଦ ସଭ୍ୟା ଉଷାରାଣୀ ରାଉଳ, ମୁଖ୍ୟବକ୍ତା ଅକ୍ଷୟ କୁମାର ପାଣିଗ୍ରାହୀ, ଶ୍ୟାମସୁନ୍ଦର ପୁର ପଂଚାୟତ ସରପଞ୍ଚ ପୁରସ୍ତମ ସେଠି, କାଣ୍ଡଗରଡ଼ି ସରପଞ୍ଚ ରାଜେନ୍ଦ୍ର ରାଉତ, ବରିଷ୍ଠ ଆଇନଜୀବୀ ଅମରେନ୍ଦ୍ର ପଟନାୟକ, ସମ୍ମାନିତ ଅତିଥି ଡାକ୍ତର ଗଜେନ୍ଦ୍ର ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ନରହରି ବିଶ୍ୱାଳ, ପରିଚାଳନା କମିଟି ସଭାପତି ମୁକ୍ତିକାନ୍ତ ବାରିକ, ସାଧନା ସଂଯୋଜକ ମୁରଲୀଧର ନାୟକ,ଅତିଥି ମାନଙ୍କ ପରିଚୟ ଶିକ୍ଷକ ବିଦ୍ୟାଧର ବେହେରା, ଶିକ୍ଷୟିତ୍ରୀ ଗାୟତ୍ରୀ ନାୟକ ପ୍ରଦାନ କରିଥିଲେ ଓ ବାର୍ଷିକ ବିବରଣୀ ପାଠ ଶିକ୍ଷକ ସଞ୍ଜୟ ବାରିକ,ଧନ୍ୟବାଦ ଭାଷଣ ଶିକ୍ଷକ ବସନ୍ତ ମଳିକ ଦେଇଥିଲେ।

## ଅନାଥ ନାବାଳିକାକୁ ଉଦ୍ଧାରକଲା ଚାଇଲ୍ଡ ହେଲ୍ପ ଲାଇନ୍

ଜଳେଶ୍ୱର, ୧।୪ (ସମିସ) : ରାଇବଣିଆ ଥାନା ଦରଖୋଳୀ ଗାଁର ସମବାରୀ ସରେନ ଓ ତାର ସ୍ୱାମୀ ୬ବର୍ଷପୂର୍ବେ ମୃତ୍ୟୁ ପରେ ତାର ଏକମାତ୍ର ୭ବର୍ଷର ଝିଅ ଅନାଥ ହୋଇଯାଇଥିଲା। ଗହିରାବନ୍ଧ ଗାଁର କରୁଣାମୟୀ ମଜେସ୍ ନାମକ ଜନୈକ ବ୍ୟକ୍ତି ଝିଅଟିକୁ ନିକଟରେ ରଖିଥିବା ବେଳେ ଏବେ ବୟସାଧିକ ହେବାରୁ ତାର ଲାଳନପାଳନରେ ଅସମର୍ଥ ହେବାରୁ ୧୦୯୮କୁ ଫୋନ୍ କରି ଘଟଣା ସଂପର୍କରେ କହିଥିଲେ। ଜିଲା ଶିଶୁ ମଙ୍ଗଳ ବିଭାଗର ଅଧିକାରୀ ଖୁସିରାମ ଗହୀରଙ୍କ ନିର୍ଦ୍ଦେଶରେ ଆଜି ଶିଶୁ ହେଲ୍ପଲାଇନ୍‌ର ପ୍ରଶାନ୍ତ ରାଉତ, ଉତ୍ତମ ନାୟକ, ସନ୍ତୋଷ ମହାନ୍ତି, ତପସ୍ୱିନୀ ରାଉତ ପ୍ରମୁଖ ପହଞ୍ଚି ନାବାଳିକାକୁ ଅଂଗନୱାଡି କର୍ମୀଙ୍କ ଉପସ୍ଥିତିରେ ଉଦ୍ଧାର କରି ସିଡବ୍ଲୁସିର ଅନିତା କର, ପ୍ରିୟଦର୍ଶନୀ ମହାନ୍ତି ଶତ୍ରୁଘ୍ନ ମଲ୍ଲିକଙ୍କ ଉପସ୍ଥିତିରେ ଛାଡିଥିବା ଜଣାଯାଇଛି। ସୂଚନାଯୋଗ୍ୟ ନାବାଳିକା ଜଣକ ହାତୀଗଡ ବିଦ୍ୟାଳୟରେ ପଢୁଥିବା ଜଣାଯାଇଛି।

# ଲଙ୍ଗଳେଶ୍ୱର ପୀଠର ବିକାଶ ପାଇଁ ୨୫ କୋଟିର ଅନୁଦାନ ଦାବି

ବାଲେଶ୍ୱର,୧।୪(ସମିସ)

ବସ୍ତା ନିର୍ବାଚନ ମଣ୍ଡଳୀର ପ୍ରସିଦ୍ଧ ଶୈବ ପୀଠ ବାବା ଲଙ୍ଗଳେଶ୍ୱର ମନ୍ଦିରର ସମନ୍ୱିତ ବିକାଶ ତଥା ଏହାକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ବସ୍ତା ବିଧାୟିକା ସୁବାସିନୀ ଜେନା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ସାକ୍ଷାତ୍ କରି ଏକ ଦାବିପତ୍ର ପ୍ରଦାନ କରିବା ସହ ବିସ୍ତୃତ ଆଲୋଚନା କରିଛନ୍ତି। ଏହି ସାକ୍ଷାତକାର ସମୟରେ ବିଧାୟିକା ଜେନା ଲଙ୍ଗଳେଶ୍ୱର ପୀଠର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପୁରାତନ ମନ୍ଦିରର ସୁରକ୍ଷା, ସ୍ଥାୟିତ୍ୱ ଏବଂ ଏହାର ଅଖଣ୍ଡତାକୁ ବଜାୟ ରଖିବା ସହିତ ନୂତନ ଭାବେ ନବୀକରଣ କାର୍ଯ୍ୟ କରିବା ପାଇଁ ସେ ଗୁରୁତ୍ୱାରୋପ କରିଛନ୍ତି। ବିଶେଷ କରି ମନ୍ଦିର ପାର୍ଶ୍ୱବର୍ତ୍ତୀ ପାର୍ବତୀ ନଦୀକୂଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ କରି ସମଗ୍ର ଅଞ୍ଚଳକୁ ପର୍ଯ୍ୟଟକମାନଙ୍କ ପାଇଁ ଆକର୍ଷଣୀୟ କରିବାକୁ ସେ ପ୍ରସ୍ତାବ ଦେଇଛନ୍ତି। ତେଣୁ ମନ୍ଦିରର ସାମଗ୍ରିକ ଉନ୍ନତି ଓ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ପାଇଁ ୨୫ କୋଟି ଟଙ୍କାର ସ୍ୱତନ୍ତ୍ର ଅନୁଦାନ ଘୋଷଣା କରିବାକୁ ସେ ଦାବି କରିଥିଲେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦାବିକୁ ଗୁରୁତ୍ୱର ସହ ଶୁଣିବା ସଙ୍ଗେ ସଙ୍ଗେ ଏହି ପ୍ରାଚୀନ ପୀଠର ଉନ୍ନତି ପାଇଁ ସକାରାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।



ଉପ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଲେ ବସ୍ତା ବିଧାୟିକା

## ଆଜିର ରାଶିଫଳ

**ମେଷ:** ନୂଆ କାମ ପାଇଁ ଯୋଜନା ପ୍ରସ୍ତୁତ କରିବେ। ବିଦ୍ୟାର୍ଥୀ ପଢ଼ାରେ ଧ୍ୟାନ ଦେବେ। ଆୟ ଅନୁସାରେ ବ୍ୟୟ ହେବ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖାଦେଇପାରେ। ଦାନ ଧର୍ମ କରନ୍ତୁ।

**ବୃଷ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିତାମାତାଙ୍କ ଆଶୀର୍ବାଦରୁ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଦୂରସ୍ଥାନକୁ ଯାତ୍ରା ଯୋଗ ରହିଛି। ମହିଳାମାନେ ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ।

**ମିଥୁନ:** ଦୀର୍ଘ ଦିନର ଆଶା ପୂରଣ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**କର୍କଟ:** ସଠିକ୍ ସମୟରେ ନିଷ୍ପତ୍ତି ନେବା ଜରୁରି। ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଯାନବାହନ କିଣି ପାରନ୍ତି। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ନିଜ ଲୋକ ଶତ୍ରୁ ସାଜି ପାରନ୍ତି। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ମାନସମ୍ମାନ ବୃଦ୍ଧି ପାଇବ।

**କନ୍ୟା:** ଯୋଜନା ମୁତାବକ କାମ କରନ୍ତୁ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରଚର୍ଚ୍ଚାଠାରୁ ଦୂରେଇ ରୁହନ୍ତୁ। ଅଫିସ୍‌ରେ ନୂଆ କାମ ମିଳିପାରେ। ଚକ୍ଷୁ ସମସ୍ୟା ହୋଇପାରେ।

**ତୁଳା:** ଆପଣଙ୍କ ପରିଶ୍ରମର ଫଳ ମିଳିବ। ଦୀର୍ଘ ଦିନର ଆଶା ପୂରଣ ହେବ। ପରିବାର ସଦସ୍ୟଙ୍କ ସହିତ ସମୟ ଅତିବାହିତ ହେବ। ଅତ୍ୟଧିକ କାମକୁ ନେଇ ଚିନ୍ତା ବଢ଼ିପାରେ। ଦାନ ଧର୍ମ କରନ୍ତୁ।

**ବିଛା:** ସାମାଜିକ କାର୍ଯ୍ୟକ୍ରମରେ ସାମିଲ ରହିବେ। ଲକ୍ଷ୍ୟ ପୂରା ହେବ। କଣ୍ଠଶିଳ୍ପୀଙ୍କ ପାଇଁ ଆଜି ଦିନଟି ବହୁତ ଭଲ। ପୁରୁଣା ନିବେଶରୁ ଲାଭ ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ଧନୁ:** ଅଟକି ଥିବା ଧନ ଫେରି ପାଇବେ। ବିଦ୍ୟାର୍ଥୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ଅତ୍ୟଧିକ କାମ ଚାପ ଚିନ୍ତା ବଢ଼ାଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମକର:** ଦିନଟି ସୁଖପ୍ରଦାନ କରିବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଆୟ ଅନୁସାରେ ଅଧିକ ଖର୍ଚ୍ଚ ହେବ। ଲୋକସମ୍ପର୍କ ବୃଦ୍ଧି ପାଇବ। ଅଫିସ୍ କାମ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**କୁମ୍ଭ:** ଅଟକି ଥିବା କାମ ପୂରା ହେବ। ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂଆ କାମ ଆରମ୍ଭ କରିବେ। ପିଲାମାନେ ଖେଳକୁଦରେ ସମୟ ଅତିବାହିତ କରିବେ।

**ମୀନ:** ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଘର ପାଇଁ ମୂଲ୍ୟବାନ ସାମଗ୍ରୀ କିଣିବେ। ଅଯଥା ଖର୍ଚ୍ଚ କରିପାରନ୍ତି। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

## ଆଜିର ଐତିହ୍ୟ

- ୧୯୦୨- ଲସ୍‌ଏଞ୍ଜେଲସ୍‌ରେ ପ୍ରଥମ ମୋସନ୍ ପିକଚର୍ ଥିଏଟର୍ ଖୋଲିଲା।
- ୧୯୪୨- କଂଗ୍ରେସ କ୍ରିପସ୍ ମିଶନ୍ ପ୍ରସ୍ତାବକୁ ଖାରଜ କଲା।
- ୨୦୦୧- ନେପାଳରେ ମାଓବାଦୀମାନେ ୩୫ ପୁଲିସ୍ ଅଧିକାରୀଙ୍କୁ ହତ୍ୟା କଲେ।
- ୨୦୦୭- ସୋଲୋମନ୍ ଦ୍ୱୀପରେ ସୁନାମି ଆସିଥିଲା।
- ୨୦୧୧- ଭାରତ ଦ୍ୱିତୀୟ ଥର କ୍ରିକେଟ୍ ବିଶ୍ୱକପ୍ ଜିତିଲା।

# 'ଭୁଲଭୁଲୈୟା' ଠାରୁ ଅଲଗା 'ଭୂତ୍‌ବଙ୍ଗଲା'- ପ୍ରିୟଦର୍ଶନ





ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ଫିଲ୍ମ 'ଭୂତ୍‌ବଙ୍ଗଲା'ର ରିଲିଜ୍‌କୁ ଦର୍ଶକେ ଅପେକ୍ଷା କରି ରହିଛନ୍ତି। ଏହି ଫିଲ୍ମ ମାଧ୍ୟମରେ ପ୍ରିୟଦର୍ଶନ ଓ ଅକ୍ଷୟ, ୧୫ ବର୍ଷ ପରେ ଏକାଠି କାମ କରୁଛନ୍ତି। ପୂର୍ବରୁ ଏହା ଏପ୍ରିଲ୍ ୧୦ ତାରିଖରେ ମୁକ୍ତିଲାଭ କରିବ ବୋଲି ଘୋଷଣା କରାଯାଇଥିଲେ ବି 'ଧୁରନ୍ଧର ୨'ର ବକ୍ସ ଅଫିସ୍ ଦବ୍‌ଦବାକୁ ଦେଖି ଏହାର ରିଲିଜ୍‌କୁ ଘୁଞ୍ଚାଇ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଛି। ନିକଟରେ ଏହାର ଟିଜର୍ ରିଲିଜ୍ ହୋଇଥିଲା। ଟିଜର୍‌ରେ ଅକ୍ଷୟ, ରାଜପାଲ ଯାଦବ ଓ ପରେଶ ରାୱଲଙ୍କୁ ଏକାଠି ଦେଖିବାକୁ ମିଳିଥିଲା। ଏହାପୂର୍ବରୁ ଏହି ତିନି କଳାକାରଙ୍କୁ ୨୦୦୭ରେ ଆସିଥିବା 'ଭୁଲ୍‌ଭୁଲୈୟା' ଫିଲ୍ମରେ ଏକାଠି ଦେଖିବାକୁ ମିଳିଥିଲା। ଟିଜର୍ ଦେଖିବା ପରେ ଦର୍ଶକେ ଏହାକୁ 'ଭୁଲ୍‌ଭୁଲୈୟା' ସହ ତୁଳନା କରିବାକୁ ଲାଗିଛନ୍ତି। ନିକଟରେ ପ୍ରିୟଦର୍ଶନ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଏସମ୍ପର୍କରେ ମୁହଁ ଖୋଲିଛନ୍ତି। ପ୍ରିୟଦର୍ଶନ ଏନେଇ କହିଛନ୍ତି, "ଆପଣ ଦୁଇଟି ଫିଲ୍ମ ଏକାଭଳି କହିପାରିବେ ନାହିଁ। କାରଣ ଦୁଇଟି ଫିଲ୍ମର ଦୃଷ୍ଟିକୋଣ ପୂରାପୂରି ଅଲଗା।" 'ଭୁଲଭୁଲୈୟା' ଏକ ସାଇକୋଲଜିକାଲ ଥ୍ରିଲର୍ ଏବଂ 'ଭୂତ୍‌ବଙ୍ଗଲା' ଏକ ଫାଣ୍ଟାସି ଫିଲ୍ମ। 'ଭୂତ୍‌ବଙ୍ଗଲା' ପୂରାପୂରି ନୂଆ ଫିଲ୍ମ। ଏହା କୌଣସି ଫିଲ୍ମର ରିମେକ୍ ନୁହେଁ। ଏହାର କାହାଣୀ ଏପରି ଲେଖା ହୋଇଛି, ଯାହାକୁ ଦେଖି ଦର୍ଶକେ ଉତ୍ସାହିତ ହୋଇଯିବେ। ଏହାର ୯୦% କାହାଣୀ ପୂର୍ବରୁ ଲେଖା ହୋଇଥିଲା ଏବଂ ୧୦% ସେଟ୍‌ରେ ହିଁ ପ୍ରସ୍ତୁତ କରାଯାଇଛି।"

# ବିଶ୍ୱ ଅଟିଜିମ୍ ସଚେତନତା ଦିବସ



ପ୍ରତିବର୍ଷ ଏପ୍ରିଲ ୨ ତାରିଖରେ ବିଶ୍ୱ ଅଟିଜିମ୍ ସଚେତନତା ଦିବସ ପାଳନ କରାଯାଏ। ୨୦୦୭ରୁ ଆରମ୍ଭ ହୋଇଥିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ଅଟିଜିମ୍ ବିଷୟରେ ସମାଜରେ ସଚେତନତା ସୃଷ୍ଟି କରିବା ଏବଂ ପୀଡ଼ିତ ପିଲାଙ୍କୁ ସମର୍ଥନ ଓ ସାମିଲ କରିବା। ଏହି ଅବସରରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏନେଇ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଅଟିଜିମ୍ ବିକାର ହେଉଛି ଏକ ଜଟିଳ ସ୍ନାୟୁତନ୍ତ୍ର ବିକାଶଜନିତ ଅବସ୍ଥା, ଯାହା ବ୍ୟକ୍ତିମାନଙ୍କ ସାମାଜିକ ଆଚରଣ, ଯୋଗାଯୋଗ ଏବଂ ବ୍ୟବହାରରେ ପ୍ରଭାବ ପକାଇଥାଏ। ଏହି ବିକାର ସାଧାରଣତଃ ଶିଶୁର ଜନ୍ମ ହେବା ପ୍ରଥମ ୨-୩ ବର୍ଷରେ ଦେଖାଯାଏ ଏବଂ ସାରାଜୀବନ ରହିଥାଏ। ଏହି ରୋଗରେ ପିଲାଟି କାହା ସହିତ କଥା ହୁଏ ନାହିଁ। ଆଖିରେ ଆଖି ମିଶାଇ କଥା କହିପାରେ ନାହିଁ। ନିଜେ ଏକା ଏକା ବସି ଖେଳେ। ଗୋଟିଏ କଥାକୁ ବାରମ୍ବାର କହେ ଓ ଗୋଟିଏ କାମକୁ ବାରମ୍ବାର କରିଥାଏ। ବର୍ଷକର ଶିଶୁକୁ ନାଁ ଧରି ଡାକିଲେ ସେ ଜାଣିପାରେ ନାହିଁ। ସେମାନଙ୍କର ଭାଷାର ବିକାଶ ବିଳମ୍ବ ହୋଇପାରେ କିମ୍ବା ଭାଷା ଅସ୍ୱାଭାବିକ ହୋଇପାରେ। କଥାବାର୍ତ୍ତା କଲାବେଳେ ସେମାନେ ବିଭିନ୍ନ ଶବ୍ଦର ଠିକ୍ ଭାବରେ ବ୍ୟବହାର କରିପାରନ୍ତି ନାହିଁ। ଅଟିଜିମ୍ ରୋଗରେ ପିଲାମାନଙ୍କ ଖେଳିବାର ଶୈଳୀରେ ମଧ୍ୟ ଅସ୍ୱାଭାବିକତା ଦେଖାଯାଇଥାଏ। ସେମାନେ ସାଧାରଣ ଭାବରେ ବ୍ୟବହାର ହେଉଥିବା ଖେଳଣା ସହିତ ଖେଳି ନ ଥାନ୍ତି। ତେବେ ଝିଅମାନଙ୍କ ଅପେକ୍ଷା ପୁଅମାନେ ବେଶି ଏହି ରୋଗର ଶିକାର ହୋଇଥାଆନ୍ତି। କେତେକ ଜେନେଟିକ୍ ଏବଂ ପରିବେଶଗତ କାରଣ ଏହି ବ୍ୟାଧି ପାଇଁ ଦାୟୀ ବୋଲି ବିବେଚନା କରାଯାଏ। ଯେଉଁଥିରେ ଗର୍ଭାବସ୍ଥାରେ ହିଁ ଶିଶୁର ମସ୍ତିଷ୍କ ବିକାଶରେ ମଧ୍ୟ ବାଧା ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ')ର ତଥ୍ୟ ମୁତାବକ, ପ୍ରତି ୧୦୦ ଶିଶୁଙ୍କ ମଧ୍ୟରେ ଜଣେ ଅଟିଜିମ୍‌ର ଶିକାର। ଏହାଠୁ ବେଶି ଉଦ୍‌ବେଗର କଥା ହେଲା, କ୍ରମାଗତ ଭାବେ ଏଭଳି ଶିଶୁଙ୍କ ସଂଖ୍ୟା ବଢ଼ି ଚାଲିଛି। ଏହି ରୋଗର ଶିକାର ଶିଶୁମାନଙ୍କର ମସ୍ତିଷ୍କ ବିକାଶ ବିଳମ୍ବ ହୋଇଥାଏ। ଅଟିଜିମ୍ ସମ୍ପୂର୍ଣ୍ଣ ଭାବେ ଠିକ୍ ହେବା ରୋଗ ନୁହଁ, କିନ୍ତୁ ପ୍ରାରମ୍ଭିକ ଚିହ୍ନଟ ଓ ନିୟମିତ ଚିକିତ୍ସା ଦ୍ୱାରା ଶିଶୁମାନେ ସ୍ୱାଧୀନ ଓ ସଫଳ ଜୀବନ ଅତିବାହିତ କରିପାରିବେ। ସ୍ପିଚ୍ ଥେରାପି, ଅକ୍ୟୁପେସନାଲ୍ ଥେରାପି ଓ ସ୍ପେସିଆଲ୍ ଏଜୁକେସନ୍ ଠିକ୍ ସମୟରେ ଆରମ୍ଭ କରିଲେ ଅଟିଜିମ୍ ଥିବା ଶିଶୁମାନଙ୍କ ସକ୍ଷମତା ବୃଦ୍ଧି ପାଇବ। ଅଭିଭାବକମାନେ ଧୈର୍ଯ୍ୟର ସହିତ ପିଲାର ଚିକିତ୍ସା କରାଇଲେ ଧୀରେ ଧୀରେ ପିଲାର ବ୍ୟବହାରରେ ଉନ୍ନତି ଦେଖାଯାଇଥାଏ। ପିଲାର ସାମାଜିକ ଓ ଯୋଗାଯୋଗ ଦକ୍ଷତା ବୃଦ୍ଧି ପାଇଥାଏ। ତା'ର ଭାଷାରେ ମଧ୍ୟ ଧୀରେ ଧୀରେ ବିକାଶ ଘଟିଥାଏ।

# ବର କନିଆଙ୍କ ଏଲ୍‌ଇଡି ପୋଷାକ

ବଲିଉଡ୍ ଅଭିନେତା ମିଥୁନ ଚକ୍ରବର୍ତ୍ତୀଙ୍କ ଆଇକନିକ୍ ଗୀତ 'ଆଇ ଆମ୍ ଏ ଡିସ୍କୋ ଡ୍ୟାନ୍ସର'ରେ ସେ ଏକ ଲାଇଟ୍‌ଯୁକ୍ତ ଜ୍ୟାକେଟ୍ ପିନ୍ଧି ଫେସନ୍ ଜଗତରେ ବେଶ୍ ହଇଚଇ ସୃଷ୍ଟି କରିଥିଲେ। ଏବେ ସାମାଜିକ ଗଣମାଧ୍ୟମରେ ଏଭଳି ଲାଇଟ୍ ଲାଗିଥିବା ପୋଷାକ ପିନ୍ଧି କିଛି ବର କନିଆ ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗୋଟିଏ ଭିଡିଓରେ ଦେଖିବାକୁ ମିଳିଛି ଯେ, ବର ଜଣକ ଯେଉଁଳି ଭାବେ ପୋଷାକ ପିନ୍ଧି ବରଯାତ୍ରୀଙ୍କ ସହ ନଜର ଆସିଛନ୍ତି, ଲାଗୁଛି ସେମାନଙ୍କ ସହିତ ଯେମିତି କୌଣସି ଚଳନ୍ତା ଲାଇଟ୍ ସିଷ୍ଟମ୍ ଅଛି। ତେବେ ସମ୍ପୃକ୍ତ ବର ଜଣକ ସେରୱାନି ଓ ପଗଡ଼ିରେ ଏଲ୍‌ଇଡି ଲାଇଟ୍ ଖଞ୍ଜା ଯାଇଛି। ଏହି ଲାଇଟ୍‌ଗୁଡ଼ିକ ଲଗାତାର ଚିକ୍‌ମିକ୍ କରୁଛି। ବରକୁ ଏଲ୍‌ଇଡି ଲାଇଟ୍ ଲାଗିଥିବା ପୋଷାକ ପିନ୍ଧିବାର ଦେଖି ଲୋକେ ଖୁବ୍ ଥଟ୍ଟା ପରିହାସ ବି କରିଛନ୍ତି। ଏପରିକି ବର ଜଣକ ବିଜୁଳି ବିଭାଗର କର୍ମଚାରୀ ବୋଲି ଲୋକେ ପ୍ରତିକ୍ରିୟା ଦେଇଛନ୍ତି। କେବଳ ସେତିକି ନୁହେଁ, ବାହାଘରରେ ଲାଇଟ୍ କଟିଗଲେ ବରକୁ ଷ୍ଟେଜ୍‌ରେ ଛିଡ଼ା କରିଦେବା କଥା ବୋଲି ଅନେକେ କହିଛନ୍ତି। ଅନ୍ୟପଟେ ଯୁବତୀମାନେ ବି ଏଲ୍‌ଇଡି ଲାଇଟ୍ ସାଜସଜ୍ଜାରୁ ବାଦ୍ ପଡ଼ି ନାହାନ୍ତି। ଅନ୍ୟ ଏକ ଭିଡିଓରେ ଦେଖାଯାଇଛି ଯେ, ଜଣେ କନିଆ ନାଲି ଶାଢ଼ି ପିନ୍ଧି ମୁଣ୍ଡରେ ଓଢ଼ଣା ଦେଇ ବସିଛନ୍ତି। ହେଲେ ସମସ୍ତଙ୍କ ନଜର ତାଙ୍କ ହାତ ଉପରେ ପଡ଼ିଛି। ସେ ପିନ୍ଧିଥିବା ଚୁଡ଼ିଗୁଡ଼ିକରେ ଏଲ୍‌ଇଡି ଲାଇଟ୍ ଲାଗିଛି। ଯାହାକି କିଛି ସେକେଣ୍ଡରେ ରଙ୍ଗ ବଦଳାଉଛି। କେବଳ ଚୁଡ଼ି ନୁହେଁ, ଆଉ ଏକ ଭିଡିଓରେ ଅନ୍ୟ ଜଣେ କନିଆ ଏମିତି ଏକ ଲେହେଙ୍ଗା ପିନ୍ଧିଛନ୍ତି, ଯାହାର ଚାରିପାର୍ଶ୍ୱରେ ରଙ୍ଗବେରଙ୍ଗ ଲାଇଟ୍ ଲାଗିଛି। ଏପରିକି ଏହି କନିଆ ଜଣକ କେଶରେ ବି ଲାଇଟ୍ ଲଗାଇଛନ୍ତି। ତାଙ୍କୁ ଅନ୍ୟ ଜଣେ ମହିଳା ଧରିଛନ୍ତି, ଯେମିତି ଲାଇଟ୍‌ର ତାରଗୁଡ଼ିକ ଏପଟସେପଟ ହୋଇ ନ ଯାଉ। ପରମ୍ପରାରେ ପ୍ରଯୁକ୍ତିର ଏହି ସ୍ପର୍ଶକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି।



# ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ୍

ସାଧାରଣତଃ ମହିଳାମାନେ ହ୍ୟାଣ୍ଡବ୍ୟାଗ୍ ଧରିବାକୁ ପସନ୍ଦ କରନ୍ତି। ଏଥିରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସହ ନିଜର ଅତ୍ୟାବଶ୍ୟକୀୟ ଜିନିଷ ରଖିଥାନ୍ତି। ରଙ୍ଗ, ଡିଜାଇନ୍, ଆକାର ଏବଂ ମୂଲ୍ୟ ଅନୁସାରେ ବିଭିନ୍ନ ଡିଜାଇନର ହ୍ୟାଣ୍ଡବ୍ୟାଗ୍ ରହିଛି। ସେହିପରି କିଛି ମହିଳା ଦାମୀ ପର୍ସ ଧରିବାକୁ ପସନ୍ଦ କରନ୍ତି। ଯାହା ସେମାନଙ୍କ ଆଭିଜାତ୍ୟ ଏବଂ ଷ୍ଟାଇଲ୍‌କୁ ଦର୍ଶାଇଥାଏ। ତେବେ ଏପରି କିଛି ହ୍ୟାଣ୍ଡବ୍ୟାଗ୍ ରହିଛି ଯାହା କିଣିବା ସାଧାରଣ ଲୋକ ପକ୍ଷେ ସମ୍ଭବ ନୁହେଁ। ସେହିଭଳି ପ୍ରସିଦ୍ଧି ଲାଭ କରିଥିବା ଦାମୀ ବ୍ୟାଗ୍‌କୁ ନେଇ ଏହି ଉପସ୍ଥାପନା।

### ବୋରିନି ମିଲାନେସୀ



ବୋରିନି ମିଲାନେସୀ ଦାମୀ ବ୍ୟାଗ୍ ମଧ୍ୟରୁ ଗୋଟିଏ। ଇଟାଲୀ ଲଗ୍‌ଜୁରୀ ବ୍ରାଣ୍ଡ ଦ୍ୱାରା ନିର୍ମିତ ଏହି ବ୍ୟାଗ୍‌ର ମୂଲ୍ୟ ୫୩ କୋଟି ରହିଛି। ନୀଳରଙ୍ଗର ଏହି ବ୍ୟାଗ୍ ରେ ହୀରା ଖଚିତ ହୋଇଛି। ଏଥିରେ ୧୦ଟି ସୁନା ପ୍ରଜାପତି ରହିଛି। ଏହା ବ୍ୟାଗ୍‌ର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣା ବଢ଼ାଇ ଦେଇଥିଲା। ଏହି ବ୍ୟାଗ୍‌କୁ ପ୍ରସ୍ତୁତ କରିବାକୁ ୧୦୦୦ ଘଣ୍ଟା ସମୟ ଲାଗିଥିଲା। ଏହା ସାମୁଦ୍ରିକ ପ୍ରଦୂଷଣ ସମ୍ପର୍କରେସଚେତନତା ସୃଷ୍ଟି କରିବା ସହ ପାଣି ସଂଗ୍ରହ ଉଦ୍ଦେଶ୍ୟରେ ତିଆରି ହୋଇଥିଲା।

### ହର୍ମିସ୍ ସେକ୍ ବିଜୌ ବିର୍କିନ୍ ବ୍ୟାଗ୍



ଏହା ବିଶ୍ୱର ଦାମୀ ହ୍ୟାଣ୍ଡବ୍ୟାଗ୍ ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛି। ୧୮ କ୍ୟାରେଟ୍ ରୋଜ୍ ଗୋଲ୍ଡରେ ନିର୍ମିତ ଏହି ବ୍ୟାଗ୍‌ରେ ୨୭୧୨ଟି ହୀରା ଖଚିତ ହୋଇଛି। ଏହି ବ୍ୟାଗ୍‌କୁ ଜଣେ ଚାହିଁଲେ ବ୍ରେସ୍‌ଲେଟ୍ ଭଳି ପିନ୍ଧି ମଧ୍ୟ ପାରିବେ। ଏଭଳି ମାତ୍ର ତିନୋଟି ବ୍ୟାଗ୍ ତିଆରି କରାଯାଇଛି। ଏହାର ଦାମ୍ ଭାରତୀୟ ମୁଦ୍ରାରେ ୧୬ରୁ ୧୭ କୋଟି ହେବ। ଏହାକୁ ଡିଜାଇନର୍ ପିୟରେ ହାର୍ଡି ନିର୍ମାଣ କରିଥିଲେ।

### ମୌୱାଦ ୧୦୦୧ ନାଇଟ୍‌ସ ଡାଇମଣ୍ଡ ପର୍ସ

ଏହା ବିଶ୍ୱର ସବୁଠୁ ଦାମୀ ଏବଂ ବିଳାସମୟ ବ୍ୟାଗ୍ ତାଲିକାରେ ସର୍ବାଗ୍ରେ ରହିଛି। ଏହାକୁ ମୌୱାଦ ଜୁଏଲର୍ସ ନିର୍ମାଣ କରିଛି। ଏଥିରେ ୪୫୧୭ ହୀରା ଖଚିତ ରହିଛି। ଏହାକୁ ୧୦ ଜଣ କାରିଗର ଏକତ୍ର ହୋଇ ୮,୮୦୦ ଘଣ୍ଟାରେ ପ୍ରସ୍ତୁତ କରିଥିଲେ। ୨୦୧୧ ମସିହାରେ ଏହାର ବିଶ୍ୱର ସବୁଠୁ ଦାମୀ ହ୍ୟାଣ୍ଡବ୍ୟାଗ୍ ଭାବେ ଗିନିଜ୍ ରେକର୍ଡ କରିଥିଲା। ଏହାର ଦାମ୍ ୩୩ କୋଟିରୁ ଅଧିକ।



### କ୍ଲିଓପେଟ୍ରା କ୍ଲଚ୍



ଲାନା ମାର୍କ୍ସ ଦ୍ୱାରା ଡିଜାଇନ୍ କ୍ଲିଓପେଟ୍ରା ବିଳାସମୟ କ୍ଲଚ୍ ମଧ୍ୟରୁ ଗୋଟିଏ। ଏହା ୧୯୬୩ ମସିହାର ଐତିହାସିକ ଫିଲ୍ମ କ୍ଲିଓପେଟ୍ରାରୁ ପ୍ରେରିତ। ଏହାର ପ୍ରତିଟି ଅଂଶକୁ ଖୁବ୍ ନିଖୁଣ ଭାବେ ନିର୍ମିତ। ଏହାର ମୂଲ୍ୟ ୨.୯୮ କୋଟି ରହିଛି। ଏହାକୁ ଆଞ୍ଜେଲିନା ଜୋଲି, ଚାର୍ଲୀଜ୍ ଥେରାନ ଭଳି ପ୍ରସିଦ୍ଧି ଲାଭ କରିଥିବା ଅଭିନେତ୍ରୀମାନେ ଓସ୍କାର ରେଡ୍ କାର୍ପେଟରେ ବ୍ୟବହାର କରିଥିଲେ। ଏହା ଆମେରିକୀୟ କୁମ୍ଭୀର ଚର୍ମରେ ତିଆରି ହୋଇଥିବାବେଳେ ଏଥିରେ ୪୦ କ୍ୟାରେଟ୍‌ର ୧୬୦୦ ହୀରା ଖଚିତ ରହିଛି। ଏହା କେବଳ ଫେଶନ ଆସେସରିଜ୍ ନୁହେଁ, ଶକ୍ତି, ସୌନ୍ଦର୍ଯ୍ୟ ଏବଂ ଅକଳ୍ପନୀୟ ଧନର ପ୍ରତୀକ ଭାବେ ପରିଚିତ।

## ସୁଶ୍ରୀ

# ରେଡିୟମ୍ ପଲିସ୍ ଜୁଏଲାରୀ



**ରେଡିୟମ୍ ପଲିସ୍ ଜୁଏଲାରୀ ଖୁବ୍ ଲୋକପ୍ରିୟ ରହିଛି। ଏହା ଦେଖିବାକୁ ସୁନ୍ଦର ଏବଂ ଆକର୍ଷଣୀୟ ହୋଇଥାଏ। ଏହା ଦୂରରୁ ହୀରା ଭଳି ମନେ ହୋଇଥାଏ। ତେବେ କିଛି ଭିନ୍ନ ଡିଜାଇନର ଅଳଙ୍କାର ପିନ୍ଧିବାକୁ ଚାହୁଁଥିଲେ, ରେଡିୟମ୍ ପଲିସ୍ ଅଳଙ୍କାର ପିନ୍ଧିପାରିବେ। ଏହାର ବିଭିନ୍ନ ଡିଜାଇନ୍ ଉପଲବ୍ଧ ଜାଣିବା ସେ ବିଷୟରେ...**

### ବ୍ରେସ୍‌ଲେଟ୍

ରେଡିୟମ୍ ପଲିସ୍ ବ୍ରେସ୍‌ଲେଟ୍ ଆଖିକୁ ଆକର୍ଷଣୀୟ ଦିଶିଥାଏ। କର୍ମଜୀବୀ ମହିଳାମାନେ, ଗୋଟେ ହାତରେ ଘଣ୍ଟା ଏବଂ ବ୍ରେସ୍‌ଲେଟ୍ ପିନ୍ଧିବାକୁ ଚାହୁଁଥିଲେ ଏହା ପିନ୍ଧିପାରିବେ। ଏହା ବିଭିନ୍ନ ଡିଜାଇନରେ ଉପଲବ୍ଧ। । ଏହା ଅଧିକ ଦିନ ଲାଷ୍ଟିଙ୍ଗ୍ କରିଥାଏ।

### ନେକ୍‌ଲେସ୍

ଅଧିକାଂଶ ଲୋକେ ହୀରା କିଣିବାକୁ ପସନ୍ଦ କରନ୍ତିନି। କାରଣ ଏହାର ରିସେଲ୍ ଭ୍ୟାଲୁ ନ ଥାଏ। ତେଣୁ ହୀରା ଡିଜାଇନର ହାର ପିନ୍ଧିବାକୁ ଚାହୁଁଥିଲେ ଏହି ରେଡିୟମ୍ ଅଳଙ୍କାର ପିନ୍ଧିପାରିବେ। ଏହା ସୁନ୍ଦର ଏବଂ ଷ୍ଟାଇଲିଶ୍ ଦେଖାଯାଏ।

### ମୁଦି ଏବଂ କାନଫୁଲ

ଦିନପିନ୍ଧା ପାଇଁ ରେଡିୟମ୍ କାନଫୁଲ ଏବଂ ମୁଦି ବେଶ୍ ଭଲ ହୋଇଥାଏ। ଏହା ହାଲୁକା ହେବା ସହ ପିନ୍ଧିବାକୁ ଆରାମଦାୟକ ଲାଗିଥାଏ। ସେହିପରି ଏଥିରେ ଶୀଘ୍ର ମଇଳା ମଧ୍ୟ ଜମେ ନାହିଁ। ଏହା ଆଖିକୁ ଖୁବ୍ ଆକର୍ଷଣୀୟ ଦିଶିଥାଏ।

## ମୋ ହାଣ୍ଡିଶାଳରୁ...

# ୱାଟର୍‌ମେଲନ୍ ରାଇସ୍

### ଆବଶ୍ୟକ ସାମଗ୍ରୀ

ବିରିୟାନି ଚାଉଳ – ଏକ କପ୍, ତରଭୂଜ - ଫାଳେ, କଖାରୁ ମଞ୍ଜି – ଏକ ଚାମଚ, ଜିରା ପାଉଡର୍ – ଏକ ଚାମଚ, ଚିଲ୍ଲି ଫ୍ଲେକ୍ସ – ଅଧା ଚାମଚ, ଲଙ୍କାଗୁଣ୍ଡ- ଅଧା ଚାମଚ, ସୋରିଷ – ଅଧା ଚାମଚ, ତେଲ – ଆବଶ୍ୟକତା ଅନୁସାରେ, ଲୁଣ – ସ୍ୱାଦ ଅନୁସାରେ।

### ପ୍ରସ୍ତୁତି ପ୍ରଣାଳୀ



ଏକ ବାଉଲ ପାଣି ଦେଇ ଚାଉଳକୁ ୩୦ ମିନିଟ୍ ବତୁରାଇ ରଖନ୍ତୁ। ଏହାପରେ ତରଭୂଜକୁ କାଟି ମଞ୍ଜି ବାଛନ୍ତୁ। ଏହାକୁ ଜାର୍‌ରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ପରେ ଏହାକୁ ଛାଣି ଏକ ତରଭୁତ ଜୁସ୍‌କୁ ଏକ ପାତ୍ରରେ ରଖନ୍ତୁ। ଗ୍ୟାସ୍‌ରେ କଡ଼େଇ ବସାଇ ଚାଉଳ ଦିଅନ୍ତୁ। ଏହାପରେ ତରଭୂଜ ଜୁସ୍ ଦିଅନ୍ତୁ। ସେଥିରେ ଜୀରା ଗୁଣ୍ଡ, ଚିଲ୍ଲି ଫ୍ଲେକ୍ସ, ଲୁଣ ସମେତ ଲଙ୍କାଗୁଣ୍ଡ ଦେଇ ୨୦ - ୩୦ ମିନିଟ୍ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ। ଭାତ ହୋଇଗଲେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଆଉ ଏକ କଡ଼େଇରେ ସାମାନ୍ୟ ତେଲ, ସୋରିଷ ଏବଂ କଖାରୁ ମଞ୍ଜି ଦେଇ ଛୁଙ୍କ କରନ୍ତୁ। ଏହାପରେ ଭାତକୁ ଥାଳିରେ କାଢ଼ି ଏହା ଉପରେ ସୋରିଷ ଏବଂ କଖାରୁ ମଞ୍ଜି ଛୁଙ୍କ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ସ୍ୱାଦିଷ୍ଟ 'ୱାଟର୍‌ମେଲନ୍ ରାଇସ୍'।

# ତ୍ୱଚା ପାଇଁ କାକୁଡ଼ି

**ଖରାଦିନେ ତ୍ୱଚାରେ ଟ୍ୟାନିଙ୍ଗ୍, ସନ୍‌ବର୍ଣ୍ଣ ସମେତ ଜଳାପୋଡ଼ା ହୋଇଥାଏ। ଏଥିରୁ ମୁକ୍ତି ପାଇବା ପାଇଁ ମହିଳାମାନେ ବିଭିନ୍ନ ଉପାୟ ଆପଣାଇଥାନ୍ତି। ଅନେକେ ଘରୋଇ ଉପଚାର ସମେତ ଦାମୀ ପ୍ରସାଧାନ ଲଗାଇଥାନ୍ତି। ହେଲେ ରସାୟନିକ ପ୍ରସାଧନ ତ୍ୱଚାରେ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଖରାଦିନେ ତ୍ୱଚାର ଚମକ ଆଣିବାକୁ ଚାହୁଁଥିଲେ, କାକୁଡ଼ି ଆଇସ୍ କ୍ୟୁବରେ ତ୍ୱଚାର ଯତ୍ନ ନେଇପାରିବେ।**

### ପ୍ରସ୍ତୁତି

ଏଥିପାଇଁ ପ୍ରଥମେ ସତେଜ କାକୁଡ଼ି ନେଇ ଭଲରେ ଧୋଇ ଛୋଟ ଖଣ୍ଡରେ କାଟନ୍ତୁ। ଏହାକୁ ଜାରରେ ଦେଇ ଗ୍ରାଇଣ୍ଡିଂ କରନ୍ତୁ। ଏହାକୁ ଛାଣି ସାମାନ୍ୟ ଗୋଲାପଜଳ ମିଶାଇ ଆଇସ ଟ୍ରେର ଦେଇ ଫ୍ରିଜରରେ ରଖି ଦିଅନ୍ତୁ।

### ଲଗାଇବା ବିଧି

ଗୋଟିଏ ଆଇସ୍ କ୍ୟୁବ୍ ନେଇ ଏହାକୁ ହାଲୁକା ହାତରେ ମଥା, ନାକ ଏବଂ ଗାଲରେ ମସାଜ୍ କରନ୍ତୁ। ଏହା ତ୍ୱଚାରେ ଥିବା ନାଳିଦାଗକୁ ଦୂର କରିବା ସହ ସତେଜ ଏବଂ ଦାଗମୁକ୍ତ କରିଥାଏ। ଏଥିସହ ଏହା ମୁହଁ ଫୁଲା ମଧ୍ୟ ଦୂର କରେ।



## ଆଇପିଏଲ୍-୧୯ : ଦିଲ୍ଲୀ ବିପକ୍ଷରେ ଲକ୍ଷ୍ନୌର ବ୍ୟାଟିଂ ବିପର୍ଯ୍ୟୟ

# ନଟରାଜ, କୁଲଦୀପ, ଏନ୍‌ଗିଡିଙ୍କ ସଫଳ ବୋଲିଂ

ଲକ୍ଷ୍ନୌ, ୧।୪ (ଏଜେନ୍ସି)

ଚଳିତ ଆଇପିଏଲ୍-୧୯'ର ପଞ୍ଚମ ମ୍ୟାଚରେ ବୁଧବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ସାମ୍ନାସାମ୍ନି ହୋଇଛନ୍ତି। ସ୍ଥାନୀୟ ଏକ୍ନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଅକ୍ଷର ପଟେଲ ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଲକ୍ଷ୍ନୌ ଓପନର ମିଚେଲ ମାର୍ଶ ଓ ମଧ୍ୟକ୍ରମ ବ୍ୟାଟର ଅବଦୁଲ ସମାଦଙ୍କ ଉପଯୋଗୀ ପାଳି ବଳରେ ୧୮.୪ ଓଭରରେ ୧୪୧ ରନ କରି ଅଲ୍ଆଉଟ୍ ହୋଇଛି। ଦଳ ପକ୍ଷରୁ ଅବଦୁଲ ସମାଦ ସର୍ବାଧିକ ୩୬, ଓପନର ମିଚେଲ ମାର୍ଶ ୩୫, ମୁକୁଳ ଚୌଧୁରୀ ୧୪, ଆଇଡେନ ମାର୍କରମ ୧୧, ନିକୋଲସ ପୁରନ ୮, ମହମ୍ମଦ ସାମି ୧ ରନ କରି ଆଉଟ୍ ହୋଇଥିଲେ। ସଫଳ ବୋଲର ଭାବେ ଦିଲ୍ଲୀର ଟି ନଟରାଜନଙ୍କୁ ୩ଟି, ଲୁନଗୀ ଏନଗିଡି ଓ କୁଲଦୀପ ଯାଦବଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା।

ଏହି ମ୍ୟାଚରେ ଲକ୍ଷ୍ନୌ ଓପନିଂରେ ଏକ ବଡ଼ ପରିବର୍ତ୍ତନ କରିଥିଲା। ନିୟମିତ ଓପନର ଆଇଡେନ ମାର୍କରମଙ୍କ ଯୋଡ଼ି ଆଜି ପାଳି ଆରମ୍ଭ କରି ନ ଥିଲେ। ଅନ୍ୟତମ ନିର୍ଭରଯୋଗ୍ୟ ଓପନର୍ ଅଷ୍ଟ୍ରେଲିଆର ମିଚେଲ ମାର୍ଶଙ୍କ ସହ ନିଜେ ଅଧିନାୟକ ଋଷଭ ପନ୍ତ ଇନିଂସ ଓପନ୍ କରିଥିଲେ। ତେବେ ଲକ୍ଷ୍ନୌ ମ୍ୟାନେଜମେଣ୍ଟର ଏହି କୌଶଳ ଫେଲ୍ ମାରିଥିଲା। ପନ୍ତ ୯ଟି ବଲ୍ ସାମ୍ନା କରି ଗୋଟିଏ ଚୌକା ମାଧ୍ୟମରେ ମାତ୍ର ୭ ରନ କରି ରନଆଉଟ୍ ହୋଇଥିଲେ। ଆଇପିଏଲ୍ ଇତିହାସରେ ପନ୍ତ ୬ଷ୍ଠ ଥର ଲାଗି ଓପନ୍ ବ୍ୟାଟିଂ କରିବାକୁ ଆସିଥିଲେ। ଏଥିପୂର୍ବରୁ ସେ ପାଳି ଆରମ୍ଭ କରି ଯଥାକ୍ରମେ ୬୯, ୨, ୩୨, ୧ ଓ ୨୧ ରନ ସଂଗ୍ରହ କରିଥିଲେ। ମାର୍ଶ-ମାର୍କରମ ଓପନିଂ ଯୋଡ଼ି ଯୋଡ଼ିରେ ୪୭.୮୩ ହାରରେ ମୋଟ୍ ୫୭୪ ରନ ସଂଗ୍ରହ କରିଛନ୍ତି। କିନ୍ତୁ ଏହି ଯୋଡ଼ିଙ୍କୁ ବଦଳାଇବା ନିଷ୍ପତ୍ତି ଲକ୍ଷ୍ନୌ ପାଇଁ ସଫଳ ସାବ୍ୟସ୍ତ ହୋଇ ନ ଥିଲା। ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଆଇଡେନ ମାର୍କରମ ମଧ୍ୟ ବିଫଳ ହୋଇଥିଲେ। ସେ ମାତ୍ର ୧୧ ରନ କରି ଅକ୍ଷର ପଟେଲଙ୍କ ବଲରେ ବୋଲ୍ଡ ହୋଇଥିଲେ। ସେହିଭଳି ପରବର୍ତ୍ତୀ ଦୁଇ ବ୍ୟାଟର୍ ଆୟୁଷ ବଦୋନୀ ଖାତା ଖୋଲିପାରି ନ ଥିବାବେଳେ ନିକୋଲସ ପୁରନ ୮ ରନରେ ପାଭିଲିୟନ ଫେରିଥିଲେ। ଓପନିଂରୁ ଧୈର୍ଯ୍ୟର ସହ ଖେଳୁଥିବା ମାର୍ଶ ମଧ୍ୟ ୨୮ ବଲରେ ୩୫ ରନ କରି କୁଲଦୀପ ଯାଦବଙ୍କ ଶିକାର ବନିଥିଲେ। ଫଳରେ ୧୦ ଓଭର ମଧ୍ୟରେ ୭୧ ରନରେ ଅଧା ବ୍ୟାଟରଙ୍କୁ ହରାଇ ସୁପର୍ ଜାଏଣ୍ଟ୍ସ ବ୍ୟାକଫୁଟକୁ ଚାଲିଯାଇଥିଲା। ତେବେ ଅବଦୁଲ ସମାଦ ମଧ୍ୟଭାଗରେ ୩୬ ରନର ଉପଯୋଗୀ ପାଳି ଖେଳିବାରୁ ଦିଲ୍ଲୀ ସ୍କୋର ଦେଢ଼ଶ ରନ୍ ନିକଟତର ହୋଇପାରିଥିଲା।





| ଆଜିର ଆଇପିଏଲ୍ ମ୍ୟାଚ୍ |
|---|
| କୋଲକାତା ବନାମ ହାଇଦରାବାଦ |
| ଭେନ୍ୟୁ-କୋଲକାତା |
| ଖେଳ ଆରମ୍ଭ : ରାତି ୭.୩୦ |
| ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର |

## ପଞ୍ଜାବ କିଙ୍ଗ୍‌ସକୁ ଜିତାଇଲେ କନ୍ନୋଲୀ

ନ୍ୟୁ ଚଣ୍ଡିଗଡ଼, ୧।୪ (ଏଜେନ୍ସି): ଚଳିତ ଆଇପିଏଲ୍-୧୯'ରେ ପଞ୍ଜାବ କିଙ୍ଗ୍‌ସ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଗତକାଲି ରାତିରେ ମୁଲାନପୁରରେ ଅନୁଷ୍ଠିତ ଲିଗ୍‌ର ଚତୁର୍ଥ ମୁକାବିଲାରେ ପଞ୍ଜାବ କିଙ୍ଗ୍‌ସ ୩ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ପରାସ୍ତ କରିଛି। ୧୬୩ ରନର ଲକ୍ଷ୍ୟକୁ ଘରୋଇ ପଞ୍ଜାବ ୧୯.୧ ଓଭରରେ ୭ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଦଳ ପକ୍ଷରୁ ପଦାର୍ପଣକାରୀ ଅଷ୍ଟ୍ରେଲୀୟ ବାମହାତୀ ବ୍ୟାଟର୍ କୁପର କୋନ୍ନୋଲୀ ସର୍ବାଧିକ ୭୨ ରନ କରିଥିଲେ। ୪୪ ବଲ୍‌ର ଏହି ଅପରାଜିତ ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓପନର୍ ପ୍ରଭସିମରନ ସିଂହ ୩୭, ଅଧିନାୟକ ଶ୍ରେୟାସ ଆୟର ୧୮ ରନ କରିଥିଲେ। ବୋଲିଂରେ ଗୁଜରାଟର ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସର୍ବାଧିକ ୩ଟି ୱିକେଟ୍ ମିଳିଥିଲା। ବିଜୟ ସହ ପଞ୍ଜାବ ୨ ପଏଣ୍ଟ ପାଇ ଖାତା ଖୋଲିଛି। ପୂର୍ବରୁ ପଞ୍ଜାବ ଅଧିନାୟକ ଶ୍ରେୟାସ ଆୟର ଟସ୍ ଜିତି ଗୁଜରାଟକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲେ। ଟପ୍ ଅର୍ଡର ବ୍ୟାଟରଙ୍କ ମିଳିତ ବ୍ୟାଟିଂ ସଫଳତା ଯୋଗୁ ଗୁଜରାଟ ୨୦ ଓଭରରେ ୬ ୱିକେଟ ହରାଇ ୧୬୨ ରନ କରିଥିଲା। ଅଧିନାୟକ ଶୁବମାନ ଗିଲ୍ ୨୭ ବଲରେ ୩୯, ଜୋଶ ବଟଲର୍ ୩୩ ବଲରେ ୩୮, ଗ୍ଲେନ ଫିଲିପ୍ସ ୧୭ ବଲରେ ୨୫, ୱାଶିଂଟନ ସୁନ୍ଦର ୧୬ ବଲରେ ୧୮, ସାଇ ସୁଦର୍ଶନ ୧୧ ବଲରେ ୧୩ ରନ କରିଥିଲେ। ବୋଲିଂରେ ବିଜୟକୁମାର ବୈଶକ (୩/୩୪), ଯୁଜବେନ୍ଦ୍ର ଚହଲ (୨/୨୮) ଓ ମାର୍କୋ ଜାନସେନ (୧/୨୮) ମିଳିତ ଭାବେ ୱିକେଟ୍ ବାଣ୍ଟି ନେଇଥିଲେ।

■ ସ୍ଲୋ ଓଭର ବୋଲିଂ

## ଆୟରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା

ମୁଲାନପୁର, ୧।୪ (ଏଜେନ୍ସି): ଚଳିତ ଆଇପିଏଲ୍-୧୯ରେ ଶ୍ରେୟାସ ଆୟରଙ୍କ ନେତୃତ୍ୱାଧୀନ ପଞ୍ଜାବ କିଙ୍ଗ୍‌ସ ବିଜୟରୁ ଅଭିଯାନ ଆରମ୍ଭ କରିଛି। ମଙ୍ଗଳବାର ରାତିରେ ଏଠାରେ ଅନୁଷ୍ଠିତ ମ୍ୟାଚରେ ପଞ୍ଜାବ ୩ ୱିକେଟରେ ଗୁଜରାଟ ଟାଇଟାନ୍ସକୁ ହରାଇଥିଲା। ଅଷ୍ଟ୍ରେଲୀୟ ବ୍ୟାଟର୍ କୁପର କନ୍ନୋଲୀ ୪୪ ବଲରେ ୭୨ ରନର ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ପଞ୍ଜାବକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ପଞ୍ଜାବ ଜିତିଥିଲେ ମଧ୍ୟ ଆୟରଙ୍କ ଉପରେ ଜରିମାନା ଲାଗିଛି। ଧାର୍ଯ୍ୟ ସମୟସୀମା ମଧ୍ୟରେ ପଞ୍ଜାବ ବୋଲିଂ ଶେଷ କରିପାରି ନ ଥିବାରୁ ଅଧିନାୟକ ଭାବେ ଆୟରଙ୍କ ଉପରେ ୧୨ ଲକ୍ଷ ଟଙ୍କ ଜରିମାନା କରାଯାଇଛି। ଆଇପିଏଲ୍ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି 'ଆଇପିଏଲ୍ ଆଚରଣ ସଂହିତାର ଧାରା ୨.୨୨ ଅନୁଯାୟୀ ଏହା ପଞ୍ଜାବ ଦଳର ପ୍ରଥମ ସ୍ଲୋ-ଓଭର ତ୍ରୁଟି ହୋଇଥିବାରୁ ଆୟରଙ୍କୁ ୧୨ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ଯଦି ଟୁର୍ଣ୍ଣାମେଣ୍ଟରେ ପଞ୍ଜାବ ସମାନ ତ୍ରୁଟି ପୁଣି କରେ ତେବେ ଏହି ଜରିମାନା ଦ୍ୱିଗୁଣିତ ହୋଇଯିବ।'



■ ଆଇସିସି ଟି-୨୦ ର୍‍ୟାଙ୍କିଙ୍ଗ୍

## ଶୀର୍ଷ ଦୁଇରେ ଅଭିଷେକ ଓ କିଶାନ ସ୍ଥିର

ଦୁବାଇ, ୧।୪ (ଏଜେନ୍ସି): ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ଟି-୨୦ ର୍‍ୟାଙ୍କିଂରେ ଦୁଇ ଭାରତୀୟ ଖେଳାଳି ଅଭିଷେକ ଶର୍ମା ଓ ଇଶାନ କିଶାନ ଶୀର୍ଷ ୨ଟି ସ୍ଥାନରେ ସୁରକ୍ଷିତ ରହିଛନ୍ତି। ୮୭୫ ରେଟିଂ ପଏଣ୍ଟ ସହ ଅଭିଷେକ ଏକ ନମ୍ବର ସ୍ଥାନ ବଜାୟ ରଖିଛନ୍ତି। ସେହିଭଳି ୮୭୧ ପଏଣ୍ଟ ସହ କିଶାନ ଦ୍ୱିତୀୟ ସ୍ଥାନରେ ସ୍ଥିର ରହିଛନ୍ତି। ବ୍ୟାଟିଂ ତାଲିକାର ଟପ୍-୧୦ରେ ଆଉ ଦୁଇଜଣ ଭାରତୀୟ ଖେଳାଳି ତିଲକ ବର୍ମା ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ସେମାନଙ୍କ ସ୍ଥାନ ମଧ୍ୟ ସୁରକ୍ଷିତ ରଖିଛନ୍ତି। ତିଲକ ୬ଷ୍ଠ ଓ ସୂର୍ଯ୍ୟକୁମାର ୭ମ ସ୍ଥାନ ଲାଭ କରିଛନ୍ତି। ନ୍ୟୁଜିଲାଣ୍ଡର ଟିମ୍ ସେଇଫର୍ଟଙ୍କୁ ହଟାଇ ଭେଟେରାନ ଇଂଲଣ୍ଡ ୱିକେଟ୍‌କିପର ଜୋଶ ବଟଲର ୮ମ ସ୍ଥାନକୁ ଉଠିଛନ୍ତି। ଦକ୍ଷିଣ ଆଫ୍ରିକାର ଯୁବ ବ୍ୟାଟର୍ କନ୍ନୋର ଏଷ୍ଟରହୁଇଜେନ ଏକାଥରକେ ୬୪ଟି ସ୍ଥାନ ଉପରକୁ ଲମ୍ଫ ପ୍ରଦାନ କରିଛନ୍ତି। ସଦ୍ୟ ମାନ୍ୟତାରେ କନ୍ନୋର ୩୯ତମ ସ୍ଥାନରେ ରହିଛନ୍ତି। ନିକଟରେ ଶେଷ ହୋଇଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ କନ୍ନୋର ୨୦୦ ରନ ସଂଗ୍ରହ କରି 'ପ୍ଲେୟର ଅଫ୍ ଦି ସିରିଜ' ବିବେଚିତ ହୋଇଥିଲେ। ଏହି ପ୍ରଦର୍ଶନ ଲାଗି ମାନ୍ୟତାରେ ସେ ବହୁତ ଉପରକୁ ଉଠିଛନ୍ତି। ବୋଲିଂ ତାଲିକାରେ ରଶିଦ ଖାନ, ବରୁଣ ଚକ୍ରବର୍ତ୍ତୀ, ଆବ୍ରାର ଅହମ୍ମଦ, ଆଦିଲ ରଶିଦ ଓ ଭାରତର ଯଶପ୍ରୀତ ବୁମରା ତାଲିକାର ପ୍ରଥମ ୫ଟି ସ୍ଥାନରେ ପୂର୍ବଭଳି ରହିଛନ୍ତି।

## ୪୦ ବର୍ଷ ପରେ ଫିଫା ବିଶ୍ୱକପ୍‌କୁ ଇରାକର ଯୋଗ୍ୟତା

ମେକ୍ସିକୋ ସିଟି, ୧।୪ (ଏଜେନ୍ସି): ଦୀର୍ଘ ୪୦ ବର୍ଷର ବ୍ୟବଧାନ ପରେ ଇରାକ ଫୁଟବଲ ଦଳ ଆଗାମୀ ଫିଫା ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିଛି। ଘରୋଇ ମେକ୍ସିକୋ ବିପକ୍ଷରେ ବୁଧବାର ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ ପ୍ଲେ-ଅଫ୍‌ର ଦ୍ୱିତୀୟ ଫାଇନାଲ ମ୍ୟାଚରେ ଇରାକ ୨-୧ ଗୋଲରେ ବଲ୍‌ଭିଆକୁ ପରାସ୍ତ କରିଥିଲା। ଏହି ବିଜୟ ସହ ଇରାକ ଫିଫା ବିଶ୍ୱକପ୍ ଲାଗି ରହିଥିବା ଶେଷ ତଥା ୪୮ତମ ସ୍ଥାନଟି ପୂରଣ କରିଛି। ଇରାକ ଏଥିପୂର୍ବରୁ ପ୍ରଥମ ଓ ଶେଷଥର ଲାଗି ମେକ୍ସିକୋରେ ଅନୁଷ୍ଠିତ ୧୯୮୬ ବିଶ୍ୱକପ୍ ଖେଳିଥିଲା। ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଭୟଙ୍କର ସ୍ଥିତି ମଧ୍ୟରେ ଇରାକର ଏହି ସଫଳତା ଦେଶବାସୀଙ୍କ ମନରେ ବେଶ୍ ଖୁସି ଆଣିଛି। ଅଷ୍ଟ୍ରେଲିଆର ଗ୍ରାହମ ଆର୍ନୋଲ୍ଡ ବର୍ତ୍ତମାନ ଇରାକ ଦଳର ମୁଖ୍ୟ ପ୍ରଶିକ୍ଷକ ରହିଛନ୍ତି। ଫଳରେ ସେ ପ୍ରଥମ ଅଷ୍ଟ୍ରେଲୀୟ କୋଚ୍ ଭାବେ ଫିଫା ବିଶ୍ୱକପ୍‌ରେ ଏକ ବିଦେଶୀ ଦଳକୁ ପ୍ରତିନିଧିତ୍ୱ କରିବେ।



## ଫିଫା ବିଶ୍ୱକପ୍ : ୪ଥରର ବିଜେତା ଇଟାଲୀ ପୁଣି ନିରାଶ

ଜେନିକା, ୧।୪ (ଏଜେନ୍ସି): ଚାରିଥରର ଚାମ୍ପିଅନ ଇଟାଲୀ ଫୁଟବଲ୍ ଦଳ ଚଳିତ ବର୍ଷ ହେବାକୁ ଥିବା ଫିଫା ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ବୁଧବାର ଅନୁଷ୍ଠିତ ୟୁରୋପିଆନ ଯୋଗ୍ୟତା ପର୍ଯ୍ୟାୟର ଏକ ମ୍ୟାଚରେ ଘରୋଇ ବୋସନିଆ ସୁଟ୍‌ଆଉଟ୍‌ରେ ୪-୧ ଗୋଲ୍ (୧-୧)ରେ ଇଟାଲୀକୁ ପରାସ୍ତ କରିଥିଲା। ଏହି ପରାଜୟ ପରେ ଇଟାଲୀର ଫିଫା ବିଶ୍ୱକପ୍ ଯୋଗ୍ୟତା ଅର୍ଜନ କରିବା ଆଶା ମଉଳିଯାଇଛି। ଇଟାଲୀ ଏଥିସହ କ୍ରମାଗତ ୩ଟି ଫିଫା ବିଶ୍ୱକପ୍‌କୁ ଯୋଗ୍ୟତା ହାସଲ କରିବାରେ ଅସମର୍ଥ ହୋଇଛି। ଏଥିପୂର୍ବରୁ ରୁଷିଆରେ ଅନୁଷ୍ଠିତ ୨୦୧୮ ଓ ୨୦୨୨ କତାର ବିଶ୍ୱକପ୍‌କୁ ମଧ୍ୟ ଇଟାଲୀ ଟିକଟ୍ ହାସଲ କରିପାରି ନ ଥିଲା। ଫିଫା ବିଶ୍ୱକପ୍ ଚାମ୍ପିଅନ ହୋଇଥିବା କୌଣସି ଦଳ କ୍ରମାଗତ ୩ଟି ବିଶ୍ୱକପକୁ ଯୋଗ୍ୟତା ଅର୍ଜନ କରି ନ ପାରିବା ଏହା ପ୍ରଥମ ଘଟଣା। ଅପରପକ୍ଷରେ ସୁଟ୍‌ଆଉଟ୍‌ରେ ବିଜୟୀ ହୋଇ ବୋସନିଆ ଫିଫା ବିଶ୍ୱକପ୍ ଗ୍ରୁପ୍-ବି'ରେ ଅନ୍ତିମ ତଥା ୪ର୍ଥ ଦଳ ଭାବେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ବୋସନିଆ ସହ କାନାଡା, କତାର ଓ ସୁଇଜରଲାଣ୍ଡ ରହିଛି।

**ମହିଳା ଦିନିକିଆ କ୍ରିକେଟ୍‌ରେ ଇତିହାସ**

## ନ୍ୟୁଜିଲାଣ୍ଡକୁ ଐତିହାସିକ ବିଜୟ ଦେଲେ କେର୍

ୱେଲିଂଟନ, ୧।୪ (ଏଜେନ୍ସି): ମହିଳା ଦିନିକିଆ କ୍ରିକେଟ୍‌ରେ ଇତିହାସ ସୃଷ୍ଟି ହୋଇଛି। ନ୍ୟୁଜିଲାଣ୍ଡ ଦଳ ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ରନ ଚେଜ୍ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛି। ବୁଧବାର ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଦକ୍ଷିଣ ଆଫ୍ରିକା ମହିଳା ଦଳ ପକ୍ଷରୁ ଧାର୍ଯ୍ୟ ୩୪୭ ରନର ବିଶାଳ ଲକ୍ଷ୍ୟକୁ ଘରୋଇ ନ୍ୟୁଜିଲାଣ୍ଡ ୪୯.୪ ଓଭରରେ ୮ ୱିକେଟ୍ ହରାଇ ବିଜୟୀ ହୋଇଥିଲା। ଅଧିନାୟିକା ଆମେଲିଆ କେର ୧୭୯ ରନର ଅପରାଜିତ ଶତକୀୟ ପାଳି ଖେଳି ଏହି ବିଜୟରେ ନାୟିକା ସାଜିଥିଲେ। ପୂର୍ବରୁ ମହିଳା ଦିନିକିଆ କ୍ରିକେଟ୍ ଇତିହାସରେ ସର୍ବାଧିକ ରନ ଚେଜ୍ ଭାରତ ନାମରେ ରହିଥିଲା। ଗତ ବର୍ଷ ବିଶ୍ୱକପ୍‌ରେ ନଭି ମୁମ୍ବଇରେ ଅନୁଷ୍ଠିତ ମ୍ୟାଚରେ ଅଷ୍ଟ୍ରେଲିଆ ପକ୍ଷରୁ ଧାର୍ଯ୍ୟ ୩୩୯ ରନର କଷ୍ଟସାଧ୍ୟ ଲକ୍ଷ୍ୟକୁ ଭାରତୀୟ ମହିଳା ଦଳ ୫ ୱିକେଟ୍‌ରେ ହାସଲ କରିନେଇଥିଲା। ବୁଧବାର ବେସନ ରିଜର୍ଭ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ହାଇସ୍କୋରିଂ ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ୫୦ ଓଭରରେ ୬ ୱିକେଟ ହରାଇ ୩୪୬ ରନର ବଡ଼ ସ୍କୋର କରିଥିଲା। ଦଳ ପକ୍ଷରୁ ଆନେକ ବୋଶ୍ଚ ୯୧, ଅଧିନାୟିକା ଲୌରା ୱଲଭାର୍ଡଟ ୬୯, ସୁନେ ଲସ୍ ୪୦ ରନ କରିଥିଲେ। ତେବେ ନିମ୍ନକ୍ରମରେ କ୍ଲୋଏ ଟ୍ରାୟନ ୨୫ ବଲରେ ୫୨ ରନର ଦ୍ରୁତ ପାଳି ଖେଳିବାରୁ ଦକ୍ଷିଣ ଆଫ୍ରିକା ସ୍କୋର ୩୫୦ ନିକଟତର ହୋଇଥିଲା। ଘରୋଇ ନ୍ୟୁଜିଲାଣ୍ଡର ବ୍ରେ ଇଲିଙ୍ଗଙ୍କୁ ୩ଟି ୱିକେଟ ମିଳିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୫ମ ଓଭରରେ ନିର୍ଭରଯୋଗ୍ୟ ଓପନର ସୁଜି ବେଟ୍ସ (୮ ରନ)ଙ୍କ ୱିକେଟ୍ ହରାଇଥିଲା। ତେବେ ଏହାପରେ ବ୍ୟାଟିଂ କରିବାକୁ ଆସିଥିବା ଆମେଲିଆ କେର୍ ଅଧିନାୟିକା ପାଳି ଖେଳିଥିଲେ। ସେ ଶେଷ ପର୍ଯ୍ୟନ୍ତ ୧୭୯ ରନରେ ଅପରାଜିତ ରହି ଦଳକୁ ୨ଟି ବଲ୍ ଓ ୱିକେଟ୍ ବଳକା ଥାଇ ଜିତାଇଥିଲେ। ୧୩୯ ବଲର ଏହି ପାଳିରେ ସେ ୨୩ଟି ଚୌକା ଓ ଗୋଟିଏ ଛକା ମାରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇଜାବେଲ୍ ୬୮ ରନ କରିଥିଲେ। ପୂର୍ବରୁ ପ୍ରଥମ ମ୍ୟାଚକୁ ୨ ୱିକେଟରେ ହାରିଥିବା ନ୍ୟୁଜିଲାଣ୍ଡ ଏଥିସହ ସିରିଜକୁ ୧-୧'ର ସମାନସ୍ତରକୁ ଆଣିଛି। ନିର୍ଣ୍ଣାୟକ ୩ୟ ଦିନିକିଆ ଶନିବାର ଏଠାରେ ଖେଳାଯିବ।



**ଖେଲୋ ଇଣ୍ଡିଆ ଜନଜାତି କ୍ରୀଡ଼ା**

## ରୋଶନ, ଦୟାନିଧି, ଦମୟନ୍ତୀ, ଧନମତୀଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧।୪ (ସମିସ): ଛତିଶଗଡ଼ର ରାୟପୁରରେ ଚାଲିଥିବା ପ୍ରଥମ ଜନଜାତି କ୍ରୀଡ଼ାରେ ଓଡ଼ିଶାର କ୍ରୀଡ଼ାବିତ୍‌ମାନଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରହିଛି। ପ୍ରତିଯୋଗିତାରେ ବୁଧବାର ଓଡ଼ିଶା ୮ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ୪ଟି ସ୍ୱର୍ଣ୍ଣ ଏବଂ ଦୁଇଟି ଲେଖାଏ ରୌପ୍ୟ ଓ କାଂସ୍ୟ ପଦକ ରହିଛି। ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟରୁ ଓଡ଼ିଶା ଏହି ସମସ୍ତ ପଦକ ଜିତିଛି। ପୁରୁଷ ୪୦୦ ମିଟର ରେସରେ ରୋଶନ ଖାଡ଼ିଆ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ସେ ୫୩.୪୧ ସେକେଣ୍ଡରେ ରେସ୍ ଫିନିଶ କରି ପ୍ରଥମ ସ୍ଥାନ ହାସଲ କରିଥିଲେ। ସେହିଭଳି ୮୦୦ ମିଟର ରେସରେ ଦୟାନିଧି ମୁଣ୍ଡାଙ୍କୁ ସ୍ୱର୍ଣ୍ଣିମ ସଫଳତା ମିଳିଛି। ମହିଳା ହାଇଜମ୍ପରେ ଦୀପା କିଶାନ ଓ ଜାଭେଲିନ ଥ୍ରୋ'ରେ ଦମୟନ୍ତୀ ଖେସ୍ ପୋଡିୟମର ପ୍ରଥମ ସ୍ଥାନରେ ରହି ରାଜ୍ୟ ପାଇଁ ସ୍ୱର୍ଣ୍ଣ ପଦକ ସଫଳତା ଆଣିଥିଲେ। ଅପରପକ୍ଷରେ ଓଡ଼ିଶାର ପୂର୍ଣ୍ଣିମା ସାଣ୍ଡିଲ ମହିଳା ୮୦୦ ମିଟର ରେସରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଥିଲେ। ଅନ୍ୟତମ ରୌପ୍ୟ ପଦକ ଆଲିଶ ଏକ୍କା ହାସଲ କରିଥିଲେ। ସେ ମହିଳା ୧୦ ହଜାର ମିଟର ଚାଲିରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ମହିଳା ୪୦୦ ମିଟର ହର୍ଡଲ୍ସରେ ବାସନ୍ତୀ ମାଝୀ ଓ ମହିଳା ହାଇଜମ୍ପରେ କବିତା ତାଡିଙ୍ଗି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ଏଥିସହ ଓଡ଼ିଶାର ମୋଟ୍ ପଦକ ସଂଖ୍ୟା ୪୩ରେ ପହଞ୍ଚିଛି। ଯେଉଁଥିରେ ୧୭ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୧୬ଟି କାଂସ୍ୟ ପଦକ ରହିଛି।


ରୋଶନ ଖାଡ଼ିଆ


ଦୟାନିଧି ମୁଣ୍ଡା


ଦମୟନ୍ତୀ ଖେସ୍

## ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗ୍‌ବୀ ଆରମ୍ଭ

ଭୁବନେଶ୍ୱର, ୧।୪ (ସମିସ): ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରଗବୀ ଚାମ୍ପିଅନସିପ୍ (ପୁରୁଷ ଓ ମହିଳା) ବୁଧବାର ଉଦ୍‌ଘାଟିତ ହୋଇଯାଇଛି। କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଉଦଘାଟିତ ହୋଇଥିବା ଏହି ପ୍ରତିଯୋଗିତାରେ ୬୭ଟି ପୁରୁଷ ଦଳ ଓ ୬୧ଟି ମହିଳା ଦଳ ଅଂଶଗ୍ରହଣ କରିଛନ୍ତି। ଗୁରୁବାରଠାରୁ ପ୍ରତିଯୋଗିତା ଆରମ୍ଭ ହେବାକୁ ଯାଉଥିବାବେଳେ ୨୦୦୦ରୁ ଊର୍ଦ୍ଧ୍ୱ ଖେଳାଳିଙ୍କ କ୍ରୀଡ଼ାକୌଶଳ ଦେଖିବାକୁ ମିଳିବ। ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତା ଏପ୍ରିଲ ୬ ତାରିଖ ପର୍ଯ୍ୟନ୍ତ ଖେଳାଯିବ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ବିଶ୍ୱବିଦ୍ୟାଳୟର ଭାଇସ ଚାନସେଲର ସରଣଜିତ୍ ସିଂହ, କ୍ରୀଡ଼ା ନିର୍ଦ୍ଦେଶକ ଗଗନେନ୍ଦୁ ଦାଶ, ଓଡ଼ିଶା ରଗ୍‌ବୀ ଫୁଟବଲ ୟୁନିୟନର ଉପସଭାପତି ଉପେନ୍ଦ୍ର କୁମାର ମହାନ୍ତି, କିଟ୍‌ର ରେଜିଷ୍ଟାର ଜ୍ଞାନରଞ୍ଜନ ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ। ଉଲ୍ଲେଖଯୋଗ୍ୟ ବିଶ୍ୱ ରଗ୍‌ବୀ ସଂଘର ମାନ୍ୟତାପ୍ରାପ୍ତ ଗ୍ରାଉଣ୍ଡ ରାହୁଲ ବୋଷ ରଗ୍‌ବୀ ଷ୍ଟାଡିୟମରେ ଏହା ପ୍ରଥମ ଟୁର୍ଣ୍ଣାମେଣ୍ଟ ହେବ। ତେଣୁ ବିଧିଅନୁସାରେ ଗ୍ରାଉଣ୍ଡର ପୂଜାପାଠ ଆଦି କରାଯାଇଥିଲା।




## ଏସିଆନ୍ ଟ୍ରାକ୍ ସାଇକ୍ଲିଂ; ସ୍ୱସ୍ତିଙ୍କ ୨ ଜାତୀୟ ରେକର୍ଡ

ଭୁବନେଶ୍ୱର, ୧।୪ (ସମିସ): ଫିଲିପାଇନ୍ସରେ ଶେଷ ହୋଇଥିବା ୪୫ତମ ଏସିଆନ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନସିପ୍‌ରେ ଓଡ଼ିଶାର ସ୍ୱସ୍ତି ସିଂ ଦମ୍‌ଦାର ପ୍ରଦର୍ଶନ କରି ଦୁଇଟି ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସ୍ୱସ୍ତି ୪ କିମି ଟିମ୍ ପୁରସିଟ୍‌ରେ ୪ ମିନିଟ ୩୭.୩୭ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ। ସେହିଭଳି ୪ କିମି ଇଣ୍ଡିଭିଜୁଆଲ୍ ପୁରସିଟ୍ ଇଭେଣ୍ଟରେ ସ୍ୱସ୍ତି ୪ ମିନିଟ୍ ୫୯.୫୯ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ହର୍ଶିତା ଝାକରଙ୍କୁ ସାଥୀ କରି ସ୍ୱସ୍ତି ମାଡିସନ ଇଭେଣ୍ଟରେ ୫ମ ସ୍ଥାନ ହାସଲ କରିଥିଲେ। ଯାହାକି ତାଙ୍କର ଏହି ଇଭେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ ହୋଇଛି।

**ଓସିଏ କ୍ଲବ ଲିଗ୍: ଶିଭମ୍‌ଙ୍କ ଦ୍ୱିଶତକ, ଶୁଭ୍ରାଂଶୁଙ୍କ ଶତକ**

## ୟୁନିୟନ ସ୍ପୋର୍ଟିଂ-ରାଇଜିଂ ଷ୍ଟୁଡେଣ୍ଟ୍ସ ସେମି ଲଢ଼େଇ

ଭୁବନେଶ୍ୱର, ୧।୪ (ସମିସ)

ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା କ୍ଲବ ଲିଗ୍ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଛି। ଗୁରୁବାର ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ପ୍ରଥମ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଓ ୟୁନିୟନ ସ୍ପୋର୍ଟିଂ ସାମ୍ନାସାମ୍ନି ହେବେ। ସେହିଭଳି ବିଶ୍ୱଭାରତୀ କ୍ରିକେଟ୍ କ୍ଲବ ଓ ଜୁଭେନାଇଲ୍ କ୍ଲବ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ରେଭେନସା ଗ୍ରାଉଣ୍ଡ-୧ରେ ଖେଳାଯିବ।

ବୁଧବାର ବାରବାଟୀରେ ଅନୁଷ୍ଠିତ ପ୍ରଥମ କ୍ୱାର୍ଟରରେ ରାଇଜିଂ ଷ୍ଟୁଡେଣ୍ଟ୍ସ ଦଳ ୧୬୪ ରନର ବିଶାଳ ବ୍ୟବଧାନରେ ଜଗତପୁର ଆଥ୍ଲେଟିକ ଆସୋସିଏସନକୁ ପରାସ୍ତ କରିଥିଲା। ଶୁଭ୍ରାଂଶୁ ସେନାପତି (୭୨ ବଲରେ ୧୨୪ ରନ) ଓ ରାଜେଶ ଧୁପର (୧୦୬ ବଲରେ ୧୧୭ ରନ)ଙ୍କ ଶତକ ସହାୟତାରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୫୦ ଓଭରରେ ୯ ୱିକେଟ୍ ହରାଇ ୪୨୫ ରନର ବିଶାଳ ସ୍କୋର କରିଥିଲା। ଚଳିତ ଟୁର୍ଣ୍ଣାମେଣ୍ଟରେ ବାରବାଟୀରେ ଏହା ପ୍ରଥମ ୪୦୦ରୁ ଊର୍ଦ୍ଧ୍ୱ ସ୍କୋର ଥିଲା। ଜବାବରେ ଜଗତପୁର ଦଳ ୪୩.୧ ଓଭରରେ ୨୬୩ ରନରେ ଅଲଆଉଟ୍ ହୋଇଯାଇଥିଲା। ଆଦିତ୍ୟ ଚୌଧୁରୀ ୮୫ ଓ ଦେବାଶିଷ ସାମନ୍ତରାୟ ୬୨ ରନ କରିଥିଲେ। ବିଜୟୀ ଦଳର ସୌମ୍ୟରଞ୍ଜନ ଲେଙ୍କାଙ୍କୁ ୪ଟି ୱିକେଟ୍ ମିଳିଥିଲା। ସେହିଭଳି ସନସାଇନ ଗ୍ରାଉଣ୍ଡରେ ଅନୁଷ୍ଠିତ ୪ର୍ଥ କ୍ୱାର୍ଟରରେ ୟୁନିୟନ ସ୍ପୋର୍ଟିଂ ୯୫ ରନରେ ବାରବାଟୀ କଲଚୁରାଲ ୟୁନିୟନକୁ ହରାଇ ସେମିରେ ପ୍ରବେଶ କରିଛି। ବିଜୟୀ ଦଳର ଶିଭମ ଚୌଧୁରୀ ୧୫୫ ବଲରେ ୨୦୦ ରନର ଅପରାଜିତ ପାଳି ଖେଳିବା ଉଲ୍ଲେଖନୀୟ ପାଳି ଥିଲା। ଡ୍ରିମ୍ସ ଗ୍ରାଉଣ୍ଡରେ ଅନୁଷ୍ଠିତ ୩ୟ କ୍ୱାର୍ଟରରେ ଜୁଭେନାଇଲ କ୍ଲବ ୮ ୱିକେଟରେ ରୟାଲ କ୍ଲବକୁ ମାତ୍ ଦେଇଥିଲା। ଜୁଭେନାଇଲର ଆକାଶ ସେନଗୁପ୍ତା ୨୭ ରନ ବ୍ୟୟରେ ୫ ୱିକେଟ୍ ନେଇ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ରେଭେନସା ଗ୍ରାଉଣ୍ଡରେ ଅନୁଷ୍ଠିତ ୩ୟ କ୍ୱାର୍ଟରରେ ବିଶ୍ୱଭାରତୀ ଦଳ ୪ ୱିକେଟରେ ସନସାଇନ କ୍ଲବକୁ ହରାଇଛି। ଶେଖ ରସିଦଙ୍କ ୧୧୪ ରନ ବଳରେ ସନସାଇନ ୪୯.୫ ଓଭରରେ ୨୬୩ ରନରେ ସୀମିତ ରହିଥିଲା। ପ୍ରତିପକ୍ଷ ବୋଲର ସୁବ୍ରତ ଜେନା ୩ଟି ୱିକେଟ ନେଇଥିଲେ। ଜବାବରେ ହେମନ୍ତ ନାୟକ (୮୨ ରନ), ଜ୍ଞାନ ନାୟକ (୬୯) ଓ ଗୌରବ କୁମାର (୫୦)ଙ୍କ ଅର୍ଦ୍ଧଶତକ ବଳରେ ବିଶ୍ୱଭାରତୀ ୪୫.୨ ଓଭରରେ ୬ ୱିକେଟ ହରାଇ ବିଜୟୀ ହୋଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS